

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଶିକ୍ଷା ହିଁ ବିକାଶର ମୂଳମନ୍ତ୍ର | ୬

ଅଜୟଙ୍କ ପତ୍ନୀ ଭୂମିକାରେ ନଜର ଆସିଲେ ବାଣୀ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨ Vol. 22 No-12 12 APRIL 2025 SATURDAY BHUBANESWAR ଶନିବାର, ୧୨ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କଲେ ନଡ୍ଡା

# ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଆର୍ଥିକ ପ୍ରଗତିର ମୂଳ ଭିତ୍ତି




- **ଓଡ଼ିଶା ବିକାଶ ଇତିହାସରେ ଯୋଡ଼ି ହେଲା ନୂଆ ଅଧ୍ୟାୟ**
- **ଉପକୃତ ହେବେ ୩ କୋଟି ୫୨ଲକ୍ଷ ହିତାଧିକାରୀ**
- **ପୁରୁଷଙ୍କ ପାଇଁ ୫ଲକ୍ଷ, ମହିଳାଙ୍କ ପାଇଁ ୧୦ଲକ୍ଷ ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା**
- **ସମନ୍ୱିତ ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଏକକ କାର୍ଡ**

ଭୁବନେଶ୍ୱର,୧୧।୪(ଭାସ୍କର ନ୍ୟୁଜ): ଓଡିଶା ବିକାଶ ଇତିହାସରେ ଯୋଡିହୋଇଛି ଏକ ନୂଆ ଫର୍ଦ୍ଦ। ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଶୁକ୍ରବାର କଟକର ବାଲିଯାତ୍ରା ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଯୋଜନା ଏକ ଇନସୁରାନ୍ସ ନୁହେଁ, ଏହା ହେଉଛି ଏକ ଆସ୍ୟୁରାନ୍ସ । ଏହା ପୃଥିବୀର ସବୁଠାରୁ ବୃହତ୍ତମ ଯୋଜନା । ବର୍ତ୍ତମାନ ସୁଦ୍ଧା ଏଥିରେ ୮କୋଟି ୯୦ ଲକ୍ଷ ଲୋକ ଉପକୃତ ହୋଇସାରିଛନ୍ତି । ନିର୍ବାଚନ ସମୟରେ ଆମେ ଏହାକୁ ଲାଗୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ ଏବଂ ଏହାକୁ ଆଜି ଲାଗୁ ମଧ୍ୟ କଲୁ । ଓଡିଶା ଲୋକମାନେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇଛନ୍ତି। ତେଣୁ, ଓଡିଶାରେ ଏହି ଯୋଜନା ଲାଗୁ ହୋଇପାରିଲା । ଏହାଦ୍ୱାରା ଲୋକମାନେ ଆର୍ଥିକ ସ୍ତରରେ ଲାଭବାନ ହୋଇପାରିବେ ବୋଲି ସେ କହିଛନ୍ତି । ଓଡିଶାରେ ଶାସନ ଭାର ଗ୍ରହଣ କରିବାର ମାତ୍ର ୧୦ ମାସ ମଧ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିବାରୁ ଶ୍ରୀ ନଡ୍ଡା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଦେବା ସହିତ ଟିବି ନିରାକରଣ ଦିଗରେ ଓଡିଶା ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି କହିଥିଲେ । ଏହି ଅବସରରେ ସେ ଅଧିକରୁ ଅଧିକ ହିତାଧିକାରୀ କିପରି ଏହି ଯୋଜନାରେ ସାମିଲ ହୋଇ ପାରିବେ ଏବଂ କାର୍ଡ ବନାଇବେ ସେଥିନେଇ ସଚେତନ କରିବାକୁ ପ୍ରତି ଘରୁକୁ ଯିବା ପାଇଁ ସେ ବିଧାୟକ ମାନଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ● ପୃଷ୍ଠା ୫ ଦେଖନ୍ତୁ

## ୧୮ ଦିନିଆ ରିମାଣ୍ଡରେ ତହବୁର

# ଘାଣ୍ଟିବ ଏନ୍ଆଇଏ




ନୂଆଦିଲ୍ଲୀ,୧୧।୪: ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତହବୁର ରାଣାକୁ ଏନ୍ଆଇଏ ନିଜ ହେପାଜତକୁ ନେଇଛି। ଗୁରୁବାର ତାକୁ ପାତିଆଲା ହାଉସ୍ କୋର୍ଟରେ ହାଜର କରାଯିବା ପରେ ଏନ୍ଆଇଏ ୨୦ ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିଲା। ତେବେ ଅଦାଲତ ୧୮ ଦିନ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ଏନଆଇଏର ଏକ ୧୨ଜଣିଆ ଟିମ୍ ତାକୁ ଜେରା କରିବାର କାର୍ଯ୍ୟକ୍ରମ ରହିଛି। ଏନଆଇଏ ପକ୍ଷରୁ କୁହାଯାଇଛି ଯେ ପଚରାଉଚୁରା କରାଯିବାପାଇଁ ତହବୁରଙ୍କ ରିମାଣ୍ଡ ଜରୁରି ଥିଲା। ତେବେ ଶୁକ୍ରବାର ତହବୁରକୁ ଅଦାଲତରେ ହାଜର କରାଯିବା ସମୟରେ ଉଭୟ କୋର୍ଟ ବାହାର ଓ ଭିତରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏପରିକି ଅର୍ଦ୍ଧସାମରିକବାହିନୀର ଯବାନଙ୍କୁ ନିୟୋଜିତ କରାଯାଇଥିଲା। ତହବୁରକୁ ଏକ ସ୍ୱତନ୍ତ୍ର ସଶସ୍ତ୍ର ଯାନରେ କୋର୍ଟକୁ ଅଣାଯାଇଥିଲା। ଗୁରୁବାର ତହବୁରକୁ ଆମେରିକାରୁ ଭାରତକୁ ଅଣାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଦୀର୍ଘ ୧୬ ବର୍ଷ ପରେ ତାକୁ ପ୍ରତ୍ୟର୍ପଣ ନିୟମ ଅନୁଯାୟୀ ଭାରତ ଅଣାଯାଇଛି। ଏନଆଇଏ ଭାରତରେ ଆତଙ୍କବାଦୀ ନେଟୱାର୍କ ଏବଂ ୨୬/୧୧ ଆକ୍ରମଣର ଷଡ଼ଯନ୍ତ୍ର ସହ ଜଡ଼ିତ ସମସ୍ତ ଦିଗ ଉପରେ ତହବୁରଠାରୁ ସୂଚନା ପାଇବାକୁ ଆଶା ବାନ୍ଧିଛି। ଏନଆଇଏ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ ୨୦୦୮ ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀକୁ ନ୍ୟାୟିକ ପ୍ରକ୍ରିୟା ପରିସରକୁ ଆଣିବା ପାଇଁ ବର୍ଷ ବର୍ଷ ଧରି ପ୍ରୟାସ ପରେ ଏହି ପ୍ରତ୍ୟର୍ପଣ ସମ୍ଭବ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଚୀନ୍ ଉପରେ ୧୪୫% ଟାରିଫ ଲାଗୁ

ନୂଆଦିଲ୍ଲୀ,୧୧।୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଉପରେ ୧୪୫ ପ୍ରତିଶତ ଟାରିଫ ଲାଗୁ କରିଛନ୍ତି। ପୂର୍ବରୁ ୧୨୫ ପ୍ରତିଶତ ଟାରିଫ କରାଯାଇଥିଲା। ତେବେ ପେଣ୍ଟାନିଲ ଚୋରା ଚାଲାଣ ଅଭିଯୋଗରେ ଚୀନ୍ ଉପରେ ଆଉ ୨୦ ପ୍ରତିଶତ ଅଧିକ ଟାରିଫ ଲଗାଯାଇଛି। ଏ ନେଇ ହ୍ୱାଇଟ୍ ହାଉସ ପକ୍ଷରୁ ସୂଚନା ଦିଆଯାଇଛି।

### ଭିଜିଲାନ୍ସ ଜାଲରେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ

ମାଲକାନଗିରି,୧୧।୪(ଭାସ୍କର ନ୍ୟୁଜ): ଚିତ୍ରକୋଣ୍ଡା ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀ ନିଜ କାର୍‌ରେ ୫ଲକ୍ଷ ଟଙ୍କା ନେଇ ଯାଉଥିବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମାଲକାନଗିରିର ଗୋବିନ୍ଦପାଲିଠାରେ ଭିଜିଲାନ୍ସ ଟିମ ତାଙ୍କୁ ଧରିଥିଲା। ତେବେ ଟଙ୍କା ସଂପର୍କରେ ସଠିକ ସୂଚନା ଦେଇନପାରିବାରୁ ପଚରାଉଚୁରା ପାଇଁ ଭିଜିଲାନ୍ସ ତାଙ୍କୁ ସାଙ୍ଗରେ ନେଇଯାଇଛି।

### ଦେଓମାଳିରେ କଟକଣା

କୋରାପୁଟ,୧୧।୪(ଭାସ୍କର ନ୍ୟୁଜ): କୋରାପୁଟର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଦେଓମାଳିରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ରାତି ୮ଟାରୁ ଭୋର୍ ୫ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଗିତିବିଧି ଉପରେ ନଜର ରଖାଯିବ। ପୂର୍ବରୁ ଯେଉଁ ପର୍ଯ୍ୟଟକମାନେ ବୁକିଂ କରି ଆସିଥିବେ, ସେମାନେ କେବଳ କଟେଜ୍‌ରେ ରହିପାରିବେ। ଏଥିସହ ପର୍ଯ୍ୟଟକମାନେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ସାଙ୍ଗରେ ଆଣିପାରିବେ ନାହିଁ । ଯେଉଁମାନେ ଆଣିବେ ସେମାନଙ୍କ ଉପରେ ଜରିମାନା ଲାଗୁ କରାଯିବ ବୋଲି କୁହାଯାଇଛି।

ସେନ୍‌ସେକ୍ସ: ୭୫,୧୫୭.୨୬
ସର୍ବାଧିକ: ୩୬.୨ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

### ୧୧।୪।୨୦୨୫ ର ମତାମତ

ମାଓବାଦୀଙ୍କ ସର୍ତ୍ତରେ ସରକାର ରାଜିହେବା ଉଚିତ୍ କି ?




### ଆଜିର ପ୍ରସଙ୍ଗ

ଆୟୁଷ୍ମାନ ଭାରତ ଯୋଜନାର ହିତାଧିକାରୀମାନେ ଠିକ୍ ଚିକିତ୍ସା ସୁବିଧା ପାଇପାରିବେ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ୪ ଜିଲ୍ଲାରେ ପ୍ରତିଷ୍ଠା ହେବ ନୂଆ ମେଡ଼ିକାଲ କଲେଜ



ଭୁବନେଶ୍ୱର,୧୧।୪(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ସୁଦୃଢ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଜନସାଧାରଣ ଯେପରି ସହଜ ସୁବିଧାରେ ଚିକିତ୍ସା ସୁବିଧା ପାଇପାରିବେ ସେ ନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆଗାମୀ ଦିନରେ ରାଜ୍ୟରେ ଚିକିତ୍ସା ସେବାକୁ ଆହୁରି ମଜବୁତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିବା ସହ ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ନୂଆ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଶୁକ୍ରବାର କଟକରେ ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ। ସେ କହିଥିଲେ ଯେ ଏହି ୪ଟି ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଚଳିତବର୍ଷ ବଜେଟ୍‌ରେ ବ୍ୟୟବରାଦ କରାଯାଇଛି। ଖୁବ୍‌ଶୀଘ୍ର ନବନିର୍ମିତ ୨ଟି ମେଡ଼ିକାଲ କଲେଜର ମଧ୍ୟ ଶୁଭ ଉଦ୍‌ଘାଟନ ହେବ ବୋଲି ସେ ଘୋଷଣା କରିଥିଲେ। ସେହିପରି ରାଜ୍ୟରେ ଥିବା ହସ୍ପିଟାଲଗୁଡ଼ିକରେ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ୧୦ମାସ ମଧ୍ୟରେ ପର୍ଯ୍ୟାୟକ୍ରମେ ଖାଲି ପଡ଼ିଥିବା ଡାକ୍ତର, ପାରା ମେଡ଼ିକାଲ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆଯାଉଛି। ବିଗତ ଦିନରେ ୩ଟି ପର୍ଯ୍ୟାୟରେ ୪ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ୫ହଜାର ୩୭୪ ଡାକ୍ତର ଓ ଦନ୍ତ ଚିକିତ୍ସକଙ୍କ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏବେ ରାଜ୍ୟରେ ୧୨ଟି ମେଡ଼ିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟକ୍ଷମ ହେଉଛି। ଆଉ କିଛିଦିନ ମଧ୍ୟରେ ଆଉ ୨ଟି ମେଡ଼ିକାଲ କଲେଜର ଶୁଭ ଉଦ୍‌ଘାଟନ ପରେ ଏହି ସଂଖ୍ୟା ୧୪ରେ ପହଞ୍ଚିବ। ରାଜ୍ୟରେ ନୂଆ ସରକାର ଆସିବା ପରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ● ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୨% ବୃଦ୍ଧି

ଭୁବନେଶ୍ୱର,୧୧।୪(ଭାସ୍କର ନ୍ୟୁଜ): ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ବିଷୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜାନୁଆରୀ ପହିଲା ୨୦୨୫ରୁ ପିଚ୍ଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଏପ୍ରିଲ ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇ ରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି । ସେମାନେ ମଧ୍ୟ ଅନୁରୂପ ଭାବେ ଏପ୍ରିଲ ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## ସୁନା ଦରରେ ସର୍ବକାଳୀନ ରେକର୍ଡ

# ଦର ୯୫ ହଜାର ଟପିଲା



ନୂଆଦିଲ୍ଲୀ,୧୧।୪: ୯୫ ହଜାର ଟଙ୍କା ଡେଇଁଲା ସୁନା। ଉପରମୁହାଁ ହେଲା ସୁନା ଦର। ଦିନକୁ ଦିନ ହୁ ହୁ ହୋଇ ବଢି ଚାଲିଛି ଦର। ୩ ଦିନରେ ୫ ହଜାର ଟଙ୍କାରୁ ଅଧିକ ମହଙ୍ଗା ହେଲାଣି। ଶୁକ୍ରବାର ମଧ୍ୟ ସୁନା ଦରରେ ବୃଦ୍ଧି ଘଟିଛି। ୧୦ ଗ୍ରାମ ପିଛା ୯୫ ହଜାର ଡେଇଁଛି। ୨୪ କ୍ୟାରେଟ୍ ସୁନା ଦର ୧୦ଗ୍ରାମ ପିଛା ୨୦୨୦ ଟଙ୍କା ବୃଦ୍ଧି ପାଇ ୯୫ହଜାର ୪ଶହ ଟଙ୍କାରେ ପହଞ୍ଚି ସର୍ବକାଳୀନ ରେକର୍ଡ କରିଛି। ସେହିପରି ୨୨ କ୍ୟାରେଟ୍ ୧୦ଗ୍ରାମ ସୁନାର ମୂଲ୍ୟ ୧୮୫୦ ଟଙ୍କା ବଢି ୮୭ହଜାର ୪୫୦ ଟଙ୍କା ହୋଇଛି। ଗୁରୁବାର ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୧୦ଗ୍ରାମ ପିଛା ୮୫ହଜାର ୬ଶହ ଟଙ୍କା ରହିଥିଲା। ସେହିପରି ୨୪ କ୍ୟାରେଟ ସୁନାଦର ୯୩ହଜାର ୩ଶହ ୮୦ ଟଙ୍କା ରହିଥିଲା। ହେଲେ ଗତ ୩ ଦିନ ହେବ ଲଗାତାର ଦାମ୍ ବଢିବା ସହ ଲକ୍ଷେଟଙ୍କା ମୁହାଁ ହୋଇଛି। ସେହିପରି ରୁପା କିଲୋ ୧ ଲକ୍ଷ ୮ ହଜାର ଟଙ୍କା ରହିଥିବା ସୂଚନା ଦିଆଯାଇଛି। ଗତ ମାର୍ଚ୍ଚ ୧ ରେ ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୭୯ ହଜାର ୪ଶହ ଟଙ୍କା ରହିଥିବାବେଳେ ମାସକ ଭିତରେ ଏହା ୮୭ହଜାର ୪୫୦ ଟଙ୍କାରେ ପହଞ୍ଚିଛି। ଆଗକୁ ବିବାହ ଋତୁ ଥିବାରୁ ସୁନାର ଏହି ବର୍ଦ୍ଧିତ ଦର ସାଧାରଣ ଗ୍ରାହକଙ୍କ ପାଇଁ କାଳ ପାଲଟିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଭାରତ ସୁନା ପାଇଁ ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭର କରିଥାଏ। ଅନ୍ତର୍ଜାତୀୟ ବଜାରରେ ସୁନାଦର ବଢୁଥିବାରୁ ଭାରତରେ ତା'ର ପ୍ରଭାବ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଟ୍ରମ୍ପ ପ୍ରଶାସନର କଟକଣା ନିଷ୍ପତ୍ତି ଷ୍ଟକ ବଜାରକୁ ପ୍ରଭାବିତ କରୁଛି। ତେଣୁ ନିବେଶକମାନେ ଷ୍ଟକମାର୍କେଟ ବଦଳରେ ସୁନାରେ ପୁଞ୍ଜିନିବେଶକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ




କ୍ରିକେଟ ଖେଳର ନିଶାଠାରୁ ଏବେ
ବଡ଼ ତିନିକୋଟି ନିଶା,
ଖେଳ ନ ଦେଖିକି ମୋବାଇଲ୍ ଘଣ୍ଟା
ହେଇ ଯାଇଅଛି ପେଶା ।
'ଡ୍ରିମ୍'ବାଲା ବାଡ଼ିପଶା,
ଏମିତି ସପନ ଦେଖେଇଛନ୍ତି ଯେ
ବିଲରେ ବି ଦେଖେ ଚଷା !

## ରାଜଧାନୀରେ ଜମି ମଧ୍ୟସ୍ଥଙ୍କୁ ହତ୍ୟା

ଭୁବନେଶ୍ୱର,୧୧।୪(ଭାସ୍କର ନ୍ୟୁଜ): ରାଜଧାନୀରେ ଆଇନଶୃଙ୍ଖଳା ସଂପୂର୍ଣ୍ଣରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ହତ୍ୟାକାଣ୍ଡ, ଲୁଟ୍, ରାହାଜାନି,ଦୁଷ୍କର୍ମ ଇତ୍ୟାଦି ପ୍ରତିଦିନ ଘଟିଚାଲିଛି। ଯଦିଓ କମିଶନରେଟ ପୋଲିସ ବହୁ ସମୟରେ ଅପରାଧୀଙ୍କୁ କାବୁ କରିବାରେ ସଫଳ ହେଉଛି, ତଥାପି ଅପରାଧକୁ ଦୂର କରିବାରେ ସମର୍ଥ ହୋଇପାରି ନାହିଁ । ଅନ୍ୟପକ୍ଷରେ ରାଜଧାନୀରେ ଉତ୍କଟ ମାଦକ ଦ୍ରବ୍ୟର ମଧ୍ୟ ଅବାଧ କାରବାର ପୋଲିସ ପାଇଁ ଚାଲେଞ୍ଜ ପାଲଟିଛି। ଏହି କ୍ରମରେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଧୀନସ୍ଥ ସୁନ୍ଦରପଦାରେ ଜଣେ ଜମି ମଧ୍ୟସ୍ଥଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତ ସସ୍ମିତ ବିଶ୍ୱାଳଙ୍କ ପକ୍ଷରୁ ତାଙ୍କର ଭାଇ ଦେବଦତ୍ତ ମହାନ୍ତି ଏୟାରଫିଲ୍ଡ ଥାନାରେ ଏତଲା ରୁଜୁ କରିଛନ୍ତି। ଏତଲା ମିଳିବା ପରେ ପୋଲିସ କେସ୍ ନଂ ୧୦୫, ତାରିଖ: ୧୧.୦୪.୨୦୨୫ରେ ବିଏନ୍ଏସ୍‌ର ଧାରା ୧୦୩(୧), ୧୦୩(୨) ଏବଂ ୬୧(୨)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ ମୃତ ମଧ୍ୟସ୍ଥଙ୍କର ପୂର୍ବରୁ ରହିଥିବା ଜଣେ ଅଂଶୀଦାର ଏହା ଘଟାଇଥିବା ସୂଚନା ଦିଆଯାଇଛି। ଉଭୟଙ୍କ ମଧ୍ୟରେ ଜମିକୁ ନେଇ ବିବାଦ ଲାଗି ● ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# ଆଉ ଦୁଇଦିନ କାଳବୈଶାଖୀ



ଭୁବନେଶ୍ୱର,୧୧।୪(ଭାସ୍କର ନ୍ୟୁଜ): ତାତିରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। କାଳବୈଶାଖୀ ବର୍ଷା ଲୋକଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ପ୍ରଚଣ୍ଡ ଗରମରୁ ତ୍ରାହି ମିଳିଛି। ଗୁରୁବାର ରାଜଧାନୀ ଭୁବନେଶ୍ୱର ସମେତ ବହୁ ସ୍ଥାନରେ କାଳବୈଶାଖୀ ବର୍ଷା ଲାଗି ରହିଥିଲା। ତେବେ ପବନ ଯୋଗୁ ବହୁ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ସୂଚନା ମିଳିଛି। ଏପରିକି ବହୁସମୟ ଧରି ବିଦ୍ୟୁତ ସେବା ମଧ୍ୟ ବ୍ୟାହତ ହୋଇପଡ଼ିଥିଲା। ଖାଲୁଆ ଅଞ୍ଚଳରେ ପାଣି ଭର୍ତ୍ତି ହୋଇଯାଇଥିଲା। ତେବେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି ଯେ ଆଉ ଦୁଇଦିନ କାଳବୈଶାଖୀ ବର୍ଷା ଜାରି ରହିବ। ରାଜ୍ୟର ୨୫ ଜିଲ୍ଲାରେ ଏହି ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷା ସମୟରେ ୪୦ରୁ ୫୦ କିମି ବେଗରେ ପବନ ବୋହିବ ଓ ଘଡ଼ଘଡ଼ି ସହ ବର୍ଷା ହେବ। ସେହିପରି ଦକ୍ଷିଣ ଓଡ଼ିଶାରେ ୩୦ରୁ ୪୦ କିମି ବେଗରେ ପବନ ବୋହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଉପକୂଳ ଓ ଉତ୍ତର ଓଡ଼ିଶାରେ କାଳବୈଶାଖୀର ପ୍ରଚଣ୍ଡ ପ୍ରଭାବ ଦେଖିବାକୁ ମିଳିବ ବୋଲି ବିଭାଗ ସତର୍କ କରାଇ ଦେଇଛି। ବିଜୁଳି, ଘଡ଼ଘଡ଼ି ସହ ଝଡ଼ବର୍ଷାର ସମ୍ଭାବନା ରହିଛି। ତେବେ ୧୩ ତାରିଖଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିବ ଓ ୪ରୁ ୫ ଦିନ ମଧ୍ୟରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରାରେ କୌଣସି ● ପୃଷ୍ଠା ୫ ଦେଖନ୍ତୁ

## ଗୁଳି ମାଡ଼ରେ ନିଶା ମାଫିଆ ଗୁରୁତର

ଭୁବନେଶ୍ୱର, ୧୧।୪ (ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଖଣ୍ଡଗିରି ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଏନକାଉଣ୍ଟରରେ କୁଖ୍ୟାତ ବ୍ରାଉନ ସୁଗାର ମାଫିଆ ଶେଖ୍ ଜାମସେଦ ଆହତ ହୋଇଛି । କମିଶନରେଟ ପୋଲିସର ସ୍ୱେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଶେଖ୍ ଜାମସେଦ ଯିଏକି ଦୀର୍ଘଦିନରୁ ନିଶା ଦ୍ରବ୍ୟ ତସ୍କରୀରେ ସାମିଲ ଥିଲା । ତା ବିରୁଦ୍ଧରେ ଲାଲବାଗ, ବାଲିଅନ୍ତା ଓ ବଡଗଡ ଥାନା ଅଞ୍ଚଳରେ ଅନେକ ମାମଲା ରେକର୍ଡ ହୋଇଛି । ଏହା ପୂର୍ବରୁ ତାକୁ ଅପରାଧ ଶାଖାର ସ୍ୱେଶାଲ ଟାସ୍କ ଫୋର୍ସ ଦ୍ୱାରା ବି ନିଶା ତସ୍କରୀ ଅଭିଯୋଗରେ ଗିରଫ କରାଯାଇଥିଲା । ପୋଲିସ ସୂତ୍ର ଅନୁସାରେ, ଘଟଣା ଦିନ ରାତିରେ ଜାମସେଦ ପୋଖରୀପୁରରୁ ଖଣ୍ଡଗିରି ଯାଉଥିଲା । ଏହି ସମୟରେ ସ୍ୱେଶାଲ କ୍ରାଇମ ୟୁନିଟ୍ ଟିମ୍ ଯିଏକି ପୂର୍ବରୁ ତା ଉପରେ ନଜର ରଖିଥିଲେ, ତାକୁ ଧରିବା ପାଇଁ ଉଦ୍ୟମ କରିଥିଲେ । ଗିରଫ ସମୟରେ ଜାମସେଦ ଏହାର ବିରୋଧ କରିଥିଲା ଏବଂ ପୋଲିସ ଉପରକୁ ଗୁଳି ଚଳାଇଥିଲା । ଜବାବରେ ପୋଲିସ ବି ଗୁଳି ଚଳାଇଥିଲା, ଯାହାକି ଜାମସେଦରେ ଗୋଡରେ ଲାଗିଥିଲା। ଚିକିତ୍ସା ପାଇଁ ତାକୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି, ତାର ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ଜଣାପଡିଛି । ସୂଚନା ଅନୁସାରେ ଜାମସେଦ ଗତ କିଛି ମାସରୁ ପୋଲିସ ନଜରରେ ଥିଲା, ସେ ନିଶା ତସ୍କରୀ ମାମଲାରେ ଲିପ୍ତ ଥିବା ସନ୍ଦେହ କରାଯାଉଥିଲା । ଏନକାଉଣ୍ଟର ସମୟରେ ପୋଲିସ ପ୍ରାୟ ୨୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଓ ପିସ୍ତଲ ଜବତ କରିଛି । ମାମଲାର ତଦନ୍ତ ଜାରି ରହିଛି ।



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଉପଲକ୍ଷେ ଗତକାଲି କେନ୍ଦୁଝର ଜିଲ୍ଲାରେ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ମହା ଆଡମ୍ବର ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକରେ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରଚାର କରିବା ସହିତ ଆଗାମୀ ପିଢ଼ିଙ୍କୁ ଏହା ସହିତ ଯୋଡ଼ିବାର ଲକ୍ଷ୍ୟ ନେଇ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ କହିଥିଲେ କି ଆମ ଲୋକକଳା ହେଉଛି ଆମର ପରିଚୟ ଓ ଗର୍ବର ପ୍ରତୀକ। ଏହାକୁ ଜୀବନ୍ତ ରଖିବା ପାଇଁ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାସଂସ୍କୃତି ଅଧିକାରୀ ରମେଶ ନାୟକ, ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାର ସମସ୍ତ ବ୍ଲକରେ ବରିଷ୍ଠ ଲୋକକଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ବିଶିଷ୍ଟ ଲୋକକଳାକାରଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହା ସହିତ ପ୍ରମୁଖ ଲୋକକଳା ଯଥା ନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ କଳାର ଆକର୍ଷଣୀୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ପିଢ଼ିଙ୍କୁ ଲୋକକଳା ପ୍ରତି ଆଗ୍ରହୀ କରାଇବା ଏବଂ ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ ମଂଚ ପରିଚାଳନା କରିଥିଲେ।



### ।।। ଝୁମ୍ପୁରା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ।।।

# ପୁରୁଣା ଦିନକୁ ମନେପକାଇ ଭାବବିହ୍ୱଳ ହେଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଶୃଙ୍ଖଳା, ସହନଶୀଳତା, ସଂସ୍କୃତିଭିତ୍ତିକ ଶିକ୍ଷା ଦିଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଲ୍ଲେଖନୀୟ କାମ କରୁଛି । ଶିଶୁମନ୍ଦିରର ପାଠପଢା ଶୈଳୀ ଭିନ୍ନ ଏବଂ ସ୍ୱତନ୍ତ୍ର ବୋଲି ଗତକାଲି ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି । ଏକଦା ନିଜେ ଶିକ୍ଷକତା କରିଥିବା ଏହି ଏହି ବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ପୁରୁଣା ଦିନକୁ ମନେ ପକାଇ ଭାବବିହ୍ୱଳ ହୋଇଥିଲେ । ସେ କହିଥିଲେ ମୁଁ ଏହି ବିଦ୍ୟାଳୟରେ କିଛିଦିନ କାମ କରିଥିଲି । ଆଜିର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଁ ଅତ୍ୟନ୍ତ ଆନନ୍ଦିତ । ଦୀର୍ଘ ବର୍ଷଧରି ଏହି ବିଦ୍ୟାଳୟ ଝୁମ୍ପୁରା ଅଞ୍ଚଳରେ ଜ୍ଞାନର ଆଲୋକ ବିତରଣ କରି ଆସୁଛି । ଏହି ବିଦ୍ୟାଳୟରୁ ଅନେକ କୃତୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ ହୋଇଛନ୍ତି । ସେ କହିଥିଲେଯେ, ସରସ୍ୱତୀ ଶିଶୁ ମନ୍ଦିରର ପାଠପଢ଼ା ଶୈଳୀ ସମସ୍ତଙ୍କଠାରୁ ଭିନ୍ନ। ଏଠାରେ ପିଲାଙ୍କ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଏ। ତା ସହିତ ପିତାମାତା, ଗୁରୁ ତଥା ଗୁରୁଜନମାନଙ୍କୁ ସମ୍ମାନ, ସାନମାନଙ୍କୁ ଆଦର ଏବଂ ସାମାଜିକ ସୌହାର୍ଦ୍ଦ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ। ଶିଶୁ ମନ୍ଦିରରେ ପାଠ ପଢ଼ିଥିବା ଛାତ୍ରଛାତ୍ରୀ ପ୍ରାୟତଃ ସମାଜରେ ବିପଥଗାମୀ ହୁଅନ୍ତି ନାହିଁ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିକଟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଆମେ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିକ୍ଷା ବା 'ଶିଶୁ ବାଟିକା' ଆରମ୍ଭ କରିଛୁ। ୨୦୨୫-୨୬ ଶିକ୍ଷା ବର୍ଷରୁ ସବୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏଁ ଶିଶୁ ବାଟିକା ଖୋଲାଯିବ। ଏହି ସବୁ ଶିଶୁବାଟିକା ଗୁଡ଼ିକରେ ପିଲାମାନଙ୍କୁ ମନୋରଞ୍ଜନ ଧର୍ମୀ ଶିକ୍ଷା ପ୍ରଦାନ ଜରିଆରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସେମାନଙ୍କୁ ସୁଦୃଢ଼ କରାଯିବ ବୋଲି ସେ କହିଥିଲେ । ସେ ପୁଣି କହିଥିଲେଯେ, ଚଳିତ ବର୍ଷ ମଧ୍ୟ ଆମେ ଓଡ଼ିଆ ପରମ୍ପରା ଅନୁଯାୟୀ ରାଜ୍ୟବ୍ୟାପୀ ସବୁ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ପାଇଁ 'ଖଡିଛୁଆଁ' କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ମୁଁ ମଧ୍ୟ ଭୁବନେଶ୍ୱରର ଏକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲି । ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ ଓଡ଼ିଶାରେ ମଧ୍ୟ ନିପୁଣ ଓଡ଼ିଶା ମିଶନ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି। ମାତୃଭାଷାଭିତ୍ତିକ ଶିକ୍ଷଣ ଜରିଆରେ ଶିଶୁଙ୍କ ସାମଗ୍ରିକ ବିକାଶ ପାଇଁ ଉଦ୍ୟମ କରାଯାଉଛି। ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ, ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତ ଭାବରେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହେବେ । ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଚିତ୍ତରଞ୍ଜନ ମିଶ୍ର, ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ସୁବଳ ସାହୁ, ସମ୍ପାଦକ ବିନୟ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ଡମ୍ବରୁଧର ମହାନ୍ତଙ୍କ ସମେତ ଜିଲ୍ଲାପାଳ ବିଶାଲ ସିଂ, ଏସପି ନୀତିନ କୁଶଲକର, ବିଜେପି ସଭାପତି ଶୁକଦେବ ମହାନ୍ତ, ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବୈତରଣୀ ନଦୀ ଶଯ୍ୟାରୁ ବାଲିଉଠାଣକୁ ବିରୋଧ, ଖଣିବିଭାଗର ଅନୁଧ୍ୟାନ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ଝୁଟୁଣା ପଞ୍ଚାୟତ ଅନ୍ତର୍ଗତ ବାବଲପୁର, ବନ୍ଧାଲୋ ଗ୍ରାମ ନୂଆପାଟଣା ଓ କାଜିପାଟଣା ବାସିନ୍ଦାମାନେ ବୈତରଣୀ ନଦୀ ଗ୍ରାମ ପରିସୀମା ଶଯ୍ୟାରୁ ଅପରପାର୍ଶ୍ୱ ଦେଇ ବାଲି ଉଠାଣକୁ ବିରୋଧ କରିଥିବା ଜଣାଯାଇଛି। ବାବଲପୁର, ନୂଆପାଟଣା ଓ କାଜିପାଟଣାର ଅପରପାର୍ଶ୍ୱରେ ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅନ୍ତର୍ଗତ ରଣପାଳ ରାଜସ୍ୱ ସର୍କଲ ଅନ୍ତର୍ଗତ ଶାଳବା ବାଲିଘାଟ ଓ ରାଉତପଡା ବାଲିଘାଟ ରହିଛି। ଏହି ବାଲିଘାଟ ଦ୍ୱୟ ବୈତରଣୀ ନଦୀ ଶଯ୍ୟାରେ ଥିଲେ ବି ଭଣ୍ଡାରିପୋଖରୀ ତହସିଲ ପରିସୀମା ଶତକଡା ୬୦ ଭାଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ମାତ୍ର ବାବଲପୁର, ନୂଆପାଟଣା ଓ କାଜିପାଟଣା ନଦୀକୂଳରେ ଅଣ ମୌସୁମୀ ସମୟରେ ଜଳଧାରା ପ୍ରବାହିତ ହେଉଥିଲା ବେଳେ ଅପରପାର୍ଶ୍ୱ ଶୁଷ୍କ ଅଟେ। ଫଳରେ ବାବଲପୁର, ନୂଆପାଟଣା ଓ କାଜିପାଟଣାର ପଟୁ ବାଲି ଉଠାଣ ସମ୍ଭବ ହେଉନାହିଁ। ସେଠାରେ ବିପୁଳ ପରିମାଣର ଉନ୍ନତମାନର ବାଲୁକା ଗଚ୍ଛିତ ଥିବାରୁ ବର୍ଷ ବର୍ଷ ଧରି ଅପରପାର୍ଶ୍ୱ ବାଲିମାଫିଆଙ୍କ ଲୋଲୁପ ଦୃଷ୍ଟି ପଡୁଛି। ଏହାର ସୁଯୋଗ ନେଇ ଅପରପାର୍ଶ୍ୱ ବାଲିମାଫିଆମାନେ ବାବଲପୁର, ନୂଆପାଟଣା ଓ କାଜିପାଟଣାର ପରିସୀମାରେ ଥିବା ବାଲି ଉଠାଇ ନେବାକୁ ସଫଳ ହେଉଛନ୍ତି। ଚିରାଚରିତ ଭାବେ ବାଲିମାଫିଆମାନେ ଗ୍ରାମର ଜଣେ ଦୁଇଜଣ ବ୍ୟକ୍ତିଙ୍କୁ ଅର୍ଥ ଦେଇ କରାୟତ୍ତ କରି ଗ୍ରାମବାସୀଙ୍କୁ ଚୁପ କରିବା ସହ ବିଭିନ୍ନ କମିଟିକୁ କେତେବେଳେ କେମିତି କିଛି ଅର୍ଥ ଦେଇ ବାଲି ଉଠାଇ ନେଉଛନ୍ତି। ଚଳିତ ବର୍ଷ ମଧ୍ୟ ସେହି କୌଶଳ ବାଲିମାଫିଆମାନେ ଆପଣେଇଥିବା ଜଣାଯାଇଛି। ହେଲେ ନୂଆପାଟଣା ଓ କାଜିପାଟଣା ଗ୍ରାମବାସୀମାନେ ବାଲି ଉଠାଣକୁ ବିରୋଧ କରିବାରୁ ପରିସ୍ଥିତି ବିଗିଡିଯାଇଛି। ଅପରପାର୍ଶ୍ୱ ରାଉତପଡାର କିଛି ଯୁବଗୋଷ୍ଠୀଙ୍କୁ ବାଲିମାଫିଆମାନେ ନିୟୋଜିତ କରି ବିରୋଧ କରିବାକୁ ଯାଇଥିବା ନୂଆପାଟଣା ଓ କାଜିପାଟଣା ଗ୍ରାମବାସୀଙ୍କୁ ଗତ ରବିବାର ଘଉଡାଇ ଦେଇଥିବା ଜଣାଯାଇଛି। ସେହିପରି ଶାଳବା ବାଲିଘାଟ ସୀମା ଓ ବାବଲପୁର ଗ୍ରାମ ବାଲି ସୀମା ନିର୍ଦ୍ଧାରଣ ପାଇଁ ଘରୋଇ ଅମିନ ଦ୍ୱାରା ମାପଚୁପ କରାଯାଇ ନାଲି ପତାକା ଲଗାଯାଇଥିବା ଜଣାଯାଇଛି। ବାଲିମାଫିଆଙ୍କ ପତିଆରା ପାଖରେ ଏହି ୩ ଗ୍ରାମବାସୀଙ୍କ ବିରୋଧ ଫିକା ପଡୁଥିବାରୁ ଏହି ଗ୍ରାମବାସୀମାନେ ଭିନ୍ନ ଭାବେ ବାଲିମାଫିଆଙ୍କ ସହ ବୁଝାମଣା କରିବାକୁ ମନ୍ତ୍ରଣା ଚଳାଇଥିବା ଖବର ମିଳିଛି। ବେଆଇନ ଭାବେ ଭଣ୍ଡାରିପୋଖରୀ ତହସିଲ ଅଞ୍ଚଳରୁ ବାଲି ଉଠାଇବାକୁ ମସୁଧା ଚାଲିଥିବା ବେଳେ ତହସିଲ କର୍ତ୍ତୃପକ୍ଷ କିଛି ଜାଣିନଥିବା ପ୍ରକାଶ କରିଛନ୍ତି। ଲଘୁ ଖଣିଜ ଅଧିକାରୀ ଗୁରୁବାର ଘଟଣାସ୍ଥଳ ଅନୁଧ୍ୟାନ କରିଥିବା ଜଣାଯାଇଛି।

# ହାଇକୋର୍ଟଙ୍କ ବାରଣ ସତ୍ତ୍ୱେ ନିର୍ମାଣ ହେଉଛି ତେସିଙ୍ଗା ଜିପିଏଲଏଫ ଭବନ




ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ଜି.ପି.ଏଲ.ଏଫ. ଭବନ ନିର୍ମାଣ ହାଇକୋର୍ଟଙ୍କ ବାରଣ ସତ୍ତ୍ୱେ ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି। ଏହି ଭବନ ନିର୍ମାଣ ପାଇଁ ପୂର୍ବ ଅନୁମୋଦିତ ବଦଳାଇବା ବିରୋଧରେ ରୁଜୁ ହୋଇଥିବା ଡବ୍ଲୁ.ପି.ସି, ନଂ ୭୨୬୩/୨୦୨୫ ଓ ଏହାର ମଧ୍ୟବର୍ତ୍ତିକାଳୀନ ଆଦେଶ ନଂ ୪୧୮୦/୨୦୨୫ର ବିଚାର କରି ନିର୍ମାଣ କାର୍ଯ୍ୟ ଆଉ ନକରିବାକୁ ଗତ ମାର୍ଚ୍ଚ ୧୭ ତାରିଖରେ ଆଦେଶ ଦେଇଥିଲେ। ମାତ୍ର ଏହି ଆଦେଶକୁ ଅମାନ୍ୟ କରି ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ସହାୟତାରେ ଠିକାଦାର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବ୍ଲକର ତେସିଙ୍ଗା ସମେତ ୫ ପଞ୍ଚାୟତ ଜି.ପି.ଏଲ.ଏଫ. ଭବନ ନିର୍ମାଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୩୦ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ମଞ୍ଜୁର ହୋଇଥିଲା। ଭବନ ସ୍ଥାନ ନିରୂପଣ ପାଇଁ ସୁପାରିଶ କରିବାକୁ ତେସିଙ୍ଗା ପଞ୍ଚାୟତ ଓ ତେସିଙ୍ଗା ପଞ୍ଚାୟତସ୍ତରୀୟ ମିଶନଶକ୍ତିକୁ ୨୦୨୩ ଫେବୃୟାରୀ ୨୩ ତାରିଖରେ ବିଡିଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୭୮ ଅନୁଯାୟୀ ଅନୁରୋଧ କରିଥିଲେ। ଛତାବର-ମଞ୍ଜୁରୀରୋଡ ପୂର୍ତ୍ତ ରାସ୍ତାର ବିଶୋଳ ଛକରେ ଥିବା ଖାତା ନଂ ୭୪୪ ଓ ପ୍ଲଟ ନଂ ୩୬୪ ଉପରେ ଏହି ଭବନ ନିର୍ମାଣ ପାଇଁ ପଞ୍ଚାୟତ ଓ ମିଶନଶକ୍ତି ପକ୍ଷରୁ ସୁପାରିଶ କରାଯାଇଥିଲା। ଗ୍ରାମସଭା ଦ୍ୱାରା ଏହି ସ୍ଥାନ ଅନୁମୋଦିତ ହୋଇଥିଲା। ବ୍ଲକ କାର୍ଯ୍ୟାଳୟ ଅନୁରୋଧରେ ତହସିଲଦାର ଏହି ଜମିର ଫିଜିବିଲିଟ ରିପୋର୍ଟ ଦେବା ସହ ଏହି ଜମିରୁ ଜବରଦଖଲ ମଧ୍ୟ ଉଚ୍ଛେଦ କରିଥିଲେ। ଜିଲ୍ଲା ପ୍ରଶାସନରୁ ଅନୁମତି ପରେ ଟେଣ୍ଡର କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଠିକାଦାର ଆଗ୍ରହ ପ୍ରକାଶ ନକରିବାରୁ ଟେଣ୍ଡର ବାତିଲ ହୋଇଯାଇଥିଲା। ଦ୍ୱିତୀୟ ଟେଣ୍ଡର କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିଲା। ଚାପଗ୍ରସ୍ତ ବିଡିଓ ପଞ୍ଚାୟତ, ଗ୍ରାମସଭା ଓ ମିଶନଶକ୍ତିକୁ ଏଡାଇ ଅନୁମୋଦିତ ସ୍ଥାନ ବଦଳାଇ ଦେଇଥିଲେ। ତେସିଙ୍ଗା ଗ୍ରାମର ଖାତା ନଂ ୨୦୩ ଓ ପ୍ଲଟ ନଂ ୪ ରେ ଜିପିଏଲଏଫ ଭବନ ନିର୍ମାଣ ପାଇଁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୨୩୬/୧.୩.୨୦୨୫ରେ ଠିକାଦାରଙ୍କୁ ଜଣାଇ ଦେଇଥିଲେ। ବିଡିଓଙ୍କ ଏହି ପଦକ୍ଷେପକୁ ବେଆଇନ ଦର୍ଶାଇ ଗ୍ରାମର ରୁନୁବାଳା ପାତ୍ର ହାଇକୋର୍ଟରେ ମାମଲା ରଜୁ କରିଥିବା ଜଣାଯାଇଛି। ଏ ସମ୍ବନ୍ଧୀୟ ଗତ ୧୭ ତାରିଖରେ ଆଦେଶରେ ବିଡିଓଙ୍କ ଠାରୁ ଜବାବ ତଲବ କରିଛନ୍ତି। ଅନ୍ୟପକ୍ଷରେ ବଦଳ ସ୍ଥାନରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିବାରୁ ଆବେଦନକାରୀଙ୍କ ସମେତ ପଞ୍ଚାୟତ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ହାଇକୋର୍ଟରେ ମାମଲା ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ଜାଣିନଥିବା ପ୍ରକାଶ କରିଥିବା ବେଳେ ଏ ସମ୍ପର୍କରେ ଅବଗତ ଅଛନ୍ତି ବୋଲି ବିଡିଓ ଦେବଦତ୍ତ ଦାଶ ସୂଚନା ଦେଇଛନ୍ତି।

# ମା' ଧାକୁଲେଇ ବାଣଯାତ୍ରା ଓ ମହୋତ୍ସବ ଆରମ୍ଭ

ଫୁଲନଖରା(ଭାସ୍କର ନ୍ୟୁଜ୍): କଟକସଦର ନିର୍ବାଚନ ମଣ୍ଡଳୀ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର ମା' ଧାକୁଲେଇଙ୍କ ଯାତ୍ରା ମହୋତ୍ସବ ଓ ଆତସବାଦୀ ପ୍ରତିଯୋଗିତା ୧୨ତାରିଖଠାରୁ ଆରମ୍ଭହୋଇ ୧୮ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଅନୁଷ୍ଠିତ ହେବ । ୧୨ ତାରିଖ ରାତ୍ର୯ଟା ସମୟରେ ମା'ବିମାନ ଶୋଭାଯାତ୍ରାରେ ବାହାର ଗାଁ ପରିକ୍ରମା କରି ୧୧ଟା ରାତ୍ରମେଲଣ ପଡିଆରେ ପହଁଚିଲା ପରେ ପରମ୍ପରା ଅନୁଯାୟୀ ୧୦ଗୋଟି ବଛା ବଛା ବାଣୁଆମାନଙ୍କୁ ନେଇ ଆତସବାଦୀ ପ୍ରତିଯୋଗିତା ସକାଳ ପର୍ଯ୍ୟନ୍ତ ଲାଗିରହିବ । ଏହି ମହୋତ୍ସବରେ ୪୮ମଣ୍ଡଳ ସଂକୀର୍ତ୍ତନ , ସାଂସ୍କୃତିକ ଉତ୍ସବ, ପାଲା, ଦାସକାଠିଆ, ଓଡିଶୀ ,ଅଞ୍ଚଳ ମୁରବୀ,ସମାଜସେବୀ ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା କାଯ୍ୟକ୍ରମ ସହ ପ୍ରତ୍ୟକ ସନ୍ଧ୍ୟାରେ ରାଜ୍ୟର ମନ୍ତ୍ରୀ, ସାଂସଦ ,ମେୟର , ବିଧାୟକ ଓ କର୍ପୋରେଟର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ମହୋତ୍ସବରେ ୪ରାତି ଅପେରା ଇନ୍ଦ୍ରଭୁବନ ପଡିବା ସହିତ ୫୦୦ରୁ ଉର୍ଦ୍ଧ୍ୱ ମୀନାବଜାର ଦୋକାନମାନ ପଡିଥିବା ଦେଖିବାକୁ ମିଳିଛି । କଟକ ମହାନଗରନିଗମ ପକ୍ଷରୁ ପରିମଳ ପାନୀୟଜଳ, ଲାଇଟ ବ୍ୟବସ୍ଥା କରାଯାଇଥିବା ବେଳେ ଟ୍ରାଫିକ ପୋଲିସ ଓ ସଦର ଥାନା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ପ୍ରତାପ ନଗରୀ ଗ୍ରାମ୍ୟଉନ୍ନୟନ କମିଟି ପକ୍ଷରୁ ସଭାପତି ପ୍ରମୋଦ ସ୍ୱାଇଁ ଓ ସମ୍ପାଦକ ପ୍ରମୋଦ ବେହେରା ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ ।

# ସରକାରୀ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ



ଛତ୍ରପୁର(ଭାସ୍କର ନ୍ୟୁଜ୍): ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଡ଼. ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାର୍ଷିକ ଉତ୍ସବ ଏକ ଆତ୍ମସମୀକ୍ଷାର ଦିବସ ବୋଲି ବିବେଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଗାର୍ଗୀ ବାନାର୍ଜୀ ଯୋଗଦେଇ ଛାତ୍ର ଶକ୍ତି ରାଷ୍ଟ୍ର ଶକ୍ତି ଭାବେ ଗ୍ରହଣ କରି ରାଷ୍ଟ୍ର ନିର୍ମାଣରେ ଛାତ୍ରଙ୍କ ଅବଦାନ ରହିଥିବା କହିଥିଲେ । ଅନ୍ୟତମ ଅତିଥିଭାବେ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ତାଙ୍କ ବକ୍ତବ୍ୟରେ ମହାବିଦ୍ୟାଳୟର ଉନ୍ନତି ପାଇଁ ଶିକ୍ଷକଙ୍କ କର୍ମ ତତ୍ପରତା ଆବଶ୍ୟକ ବୋଲି କହିଥିଲେ। ଡ଼. ମିଳିମିତା ପାଢ଼ୀ ସ୍ୱାଗତ ସମ୍ଭାଷଣ । ଡ଼. ଲକ୍ଷ୍ମୀ ନାରାୟଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ଡ଼. ବିଷ୍ଣୁ ଚରଣ ବେହେରା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ରୀଛାତ୍ର ଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା

# ଆୟୁଷ୍ମାନ ଯୋଜନାର କାର୍ଡ ବିତରଣ ଶୁଭାରମ୍ଭ



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଭିନ୍ନ ଭିନ୍ନ ପିଏଚସି ଅଧିନସ୍ଥ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ବ୍ଲକ ପ୍ରଶାସନ ପକ୍ଷରୁ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ସ୍ୱାସ୍ଥ୍ୟ କାର୍ଡ ବିତରଣ ଉତ୍ସବ ଶୁକ୍ରବାର ଶୁଭାରମ୍ଭ ହୋଇଅଛି ।ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓଡିଶା ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ସାରା ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଲୋକାର୍ପିତ କରାଯାଇ କାର୍ଡ ବଣ୍ଟନ କରାଯାଇଛି । ଏହି ଜନହିତକର କାର୍ଯ୍ୟକ୍ରମ ବ୍ଲକର ଦଦରାଘାଟି ସ୍ୱାସ୍ଥ୍ୟ କେନ୍ଦ୍ର, କୁମୁସି ସ୍ୱାସ୍ଥ୍ୟ କେନ୍ଦ୍ର, ପାଟରପଦା ସ୍ୱାସ୍ଥ୍ୟ କେନ୍ଦ୍ର, ଲୋଧଣୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମୁକ୍ତାପଶି ସ୍ୱାସ୍ଥ୍ୟ କେନ୍ଦ୍ରର ଦାୟିତ୍ୱରେ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ୨୫ଟି ଲେଖାଏଁ ଶୁଭାରମ୍ଭମୂଳକ ଲୋକାର୍ପିତ ହୋଇ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଛି । ଏହି ପରିପ୍ରେକ୍ଷୀରେ ମୁକ୍ତାପଶି ପିଏଚସିର ସାତଟି ପଞ୍ଚାୟତ ହିତାଧିକାରୀଙ୍କ ପାଇଁ ମୁକ୍ତାପଶି ପଂଚାୟତ କାର୍ଯ୍ୟାଳୟ ଠାରେ ନୋଡାଲ ଅଧିକାରୀ ତଥା ପଂଚାୟତ ଉନ୍ନୟନ ଅଧିକାରୀ, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନି ବିହାରୀ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମିତି ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ,ଡାକ୍ତର ଅଜୟ କୁମାର ନାୟକ, ସୁରଜ ବେହେରା, ସଂସଦଙ୍କ ପ୍ରତିନିଧି ବିଶ୍ୱ ପ୍ରଧାନ,ପ୍ରାକ୍ତନ ସମିତି ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାହୁ, ସରପଞ୍ଚ ସସ୍ମିତା ସାହୁ,ମହିଳା ମୋର୍ଚ୍ଚା ସଭାନେତ୍ରୀ ଦମୟନ୍ତୀ ପାଣି, ସମିତିସଭ୍ୟ ବିନୟ କୁମାର ସାହୁ, ଭୃଗୁ ସାହୁ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଉଦଘାଟନ କରି ସଭାକାର୍ଯ୍ୟ ଆରମ୍ଭ କରି ଆୟୁଷ୍ମାନ କାର୍ଡ ବଣ୍ଟନ ଥିଲେ ।ଏହି କାର୍ଯ୍ୟକ୍ରମମାନଙ୍କରେ ବିଡ଼ିଓ ସୌଭାଗ୍ୟ ବେହେରାଙ୍କ ତତ୍ତ୍ୱାବଧାନରେ ପୃଥକ ପୃଥକ ଜାଗାରେ ନିୟୋଜିତ ବ୍ଲକ କର୍ମଚାରୀ ବୃନ୍ଦ, ସମସ୍ତ ଆଶାକର୍ମୀ, ସିଆରପି,ଏମବିକେ,୭ଟି ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ଓ ସମାଜସେବୀ ମାନେ ସାମିଲ ହୋଇଥିଲେ । ମଞ୍ଚ ସଂଚାଳନ ଦାୟିତ୍ୱ ବିପିନି ବିହାରୀ ସାମଲ ନିର୍ବାହ କରିଥିବା ବେଳେ,ଏଡିଇଓ ଲକ୍ଷ୍ମୀପ୍ରିୟା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସ୍ତରଙ୍ଗରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୂରଣ ହେଲା ବିଜେପିର ଡ୍ରିମ ପ୍ରୋଜେକ୍ଟ। ଓଡିଶା ଇତିହାସରେ ଗୋଟିଏ ଫର୍ଦ୍ଦ ଯୋଡି ହୋଇଯାଇଛି। 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା 'ଓ ଗୋପବନ୍ଧୁ ଜନ ବୟୋ ବନ୍ଦନା ଯୋଜନା 'ଲାଗୁ ହୋଇଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଶୁକ୍ରବାର ଅପରାହ୍ନ ସମୟରେ ଅତିଥି ଙ୍କ ଉପସ୍ଥିତ ରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଅତିଥି ଭାବେ ବ୍ଲକ ଅଧକ୍ଷା ଆରତୀ ନାଏକ, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା, ସିଡିପିଓ ମମତା ନାୟକ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ ଉପସ୍ଥିତ ଥିବା ବେଳେ ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା,ନଈଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ସମିତିସଭ୍ୟ ପ୍ରଦୀପ୍ତ ସାହୁ, ସମାଜସେବୀ ପ୍ରଶାନ୍ତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳୁଥିବା ବେଳେ ନୂଆ ଯୋଜନାରେ ଏବେ ପରିବାରର ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଡ ମିଳିବ। ପ୍ରତ୍ୟେକ ପରିବାର ପିଛା ୫ଲକ୍ଷ ଟଙ୍କା ଏବଂ ମହିଳା ହିତାଧିକାରୀଙ୍କୁ ଅତିରିକ୍ତ ୫ଲକ୍ଷ ଟଙ୍କାର ଚିକିତ୍ସା ପାଇଁ ସହାୟତା ଯୋଗାଇଦେବେ ସରକାର। ଦେଶର ପ୍ରାୟ ୨୯ହଜାର ମେଡିକାଲରେ ଏହି କାର୍ଡ କାମ କରିବ। ଆସନ୍ତା ୩ମାସ ମଧ୍ୟରେ ଏହି କାର୍ଡ ସମସ୍ତଙ୍କ ପାଖରେ ପହଞ୍ଚିବ। ଯିଏ ଯେଉଁଠାରେ ଥିବେ ସେ ଏହି କାର୍ଡରେ ଚିକିତ୍ସା ସୁବିଧା ପାଇପାରିବେ। ଯେଉଁମାନେ ପୂର୍ବରୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ଅଛନ୍ତି, ସେମାନେ ସ୍ୱାଭାବିକ ଭାବେ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହୋଇଯିବେ। ନୂଆ କାର୍ଡ ମିଳିବା ପୂର୍ବରୁ କୌଣସି ଅସୁବିଧା ହେଲେ ଆଧାରକାର୍ଡ ଦେଖାଇ ଚିକିତ୍ସିତ ହୋଇ ପାରିବେ ବୋଲି ଉପସ୍ଥିତ ଅତିଥି ମତ ଦେଇଥିଲେ। ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅତିଥି ମାନେ କୁନି ବିବି, ପ୍ରମିଳା କାଣ୍ଡି, ପ୍ରେମଲତା ମଲ୍ଲିକ, ଉର୍ମିଳା ସ୍ୱାଇଁ ଓ ଅଜୟ ବେହେରା ଙ୍କୁ ମଞ୍ଚ ଉପରେ କାର୍ଡ ବଣ୍ଟନ ହୋଇଥିବା ବେଳେ ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅତିଥି ମାନେ ୫ଜଣ ହିତାଧିକାରୀ ଙ୍କୁ ବଣ୍ଟନ କରିଥିଲେ। ଏହି ଆୟୁଷ୍ମାନ ବଣ୍ଟନ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ପଂଚାୟତ ଆଶା କର୍ମୀ, ଅଙ୍ଗନବାଡି କର୍ମୀଙ୍କ ସହ ବିଭିନ୍ନ ପଂଚାୟତ ଜନପ୍ରତିନିଧି ଓ ଜନସାଧାରଣଙ୍କ ସମାଗମ ହୋଇଥିଲା।

# ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ



ଏରସମା(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତ ସ୍ଥିତ ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର,ମହିଳା ଓ ଶିଶୁ ବିକାଶ ଅଧିକାରୀଣୀ କ୍ରୀଷ୍ଟା ରାଉତ,ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା,ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ,ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ,ବାମଦେଇପୁର ପୂର୍ବତନ ସରପଞ୍ଚ ଗୋପୀନାଥ ସାମନ୍ତରାୟ, ବାମଦେଇପୁର ସମିତି ସଭ୍ୟ ବିକ୍ରମ ମହାପାତ୍ର,ଚଟୁଆର ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ମହାନ୍ତି,ଡ଼ ଗିରିଜା ପ୍ରସନ୍ନ ମହାପାତ୍ର,ଫାର୍ମାସିଷ୍ଟ ପ୍ରସନ୍ନ କୁମାର ସାମନ୍ତରାୟ,ଶିବ ପ୍ରସାଦ ମଲ୍ଲ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ରଶ୍ମୀ ରଞ୍ଜନ ଖୁଣ୍ଟିଆ ।ସେହିପରି ଢ଼ିଙ୍କିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରିଥିଲେ ଏରସମା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଢ଼ିଙ୍କିଆ ସରପଞ୍ଚ ପିଙ୍କି ଦାସ,ନୂଆଗାଁ ସରପଞ୍ଚ ସୁଚିତ୍ରା ମନ୍ତ୍ରୀ,ସମିତି ସଭ୍ୟା ଗୀତାଞ୍ଜଳୀ ଭୋଇ,ଗଡ଼କୁଜଙ୍ଗ ସରପଞ୍ଚ କବିତା ଦାସ,ଡ଼ ଅଭିନାଶ ମଲ୍ଲିକ,ଡ଼ ହରପ୍ରିୟା ବେହେରା,ମହେଶ୍ୱର ବେହେରା,ପୁଷ୍ପଲତା ମଲ୍ଲିକ,ହେମନ୍ତ ଦାସ,ପ୍ରଦୀପ କୁମାର,ସୁରେଶ ଚନ୍ଦ୍ର ସ୍ୱାଇଁ,ବିରଜା ମଲ୍ଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସନ୍ଧି ନୂଆପଲ୍ଲୀରେ ତ୍ରିଦଣ୍ଡ ଅନୁଷ୍ଠିତ

ଆସିକା(ଭାସ୍କର ନ୍ୟୁଜ୍): ଆସିକା ବ୍ଲକ ସନ୍ଧି ନୂଆପଲ୍ଲୀ ଗ୍ରାମରେ ସାହୁ ପରିବାର ପକ୍ଷରୁ ତ୍ରି ଦଣ୍ଡ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦଣ୍ଡଯାତ୍ରା ଉପଲକ୍ଷେ ୧୮ଦଣ୍ଡ ବିଭିନ୍ନ ଦିନ ମାନଙ୍କରେ ଅନୁଷ୍ଠିତ କରିଛନ୍ତି ଏହି ଗ୍ରାମର ସାହୁ ପରିବାର। ଏହି ପରିପ୍ରେକ୍ଷୀରେ ଆଜି ତ୍ରିଦଣ୍ଡ ଅନୁଷ୍ଠିତ ହୋଇଛି। ଗତ ୮ତାରିଖରେ ମହା ଆଡମ୍ବରରେ ଅଷ୍ଟ ଦଣ୍ଡ ଅନୁଷ୍ଠିତ ହୋଇ ସାରିଥିବା ବେଳେ ଆଜି



ଆସିକା, କନିଆରୀ, ଗୋବିନ୍ଦପୁରୁ ଦଣ୍ଡ ଦଳକୁ ନେଇ ତ୍ରିଦଣ୍ଡ ଅନୁଷ୍ଠିତ ହୋଇଛି ।ଦଣ୍ଡଯାତ୍ରାର ସମସ୍ତ ପ୍ରକାର ନୀତି ଓ ନିୟମ ପାଳନ ପୂର୍ବକ ପାଳନ କରାଯାଇଛି ତ୍ରିଦଣ୍ଡ। ଧୂଳିଦଣ୍ଡ, ପାଣିଦଣ୍ଡ, ସନ୍ଧ୍ୟା ଆଳତୀ, ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସାହୁ ପରିବାର ପକ୍ଷରୁ କରାଯାଇଛି। ବରିଷ୍ଠ ସମାଜସେବୀ ଭଗବାନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ମାଆ କାଳୀଙ୍କ ଏହି ପବିତ୍ର ଦଣ୍ଡଯାତ୍ରାରେ ଆଗରୁ ୧୭ଗୋଟି ଦଣ୍ଡ ଉକ୍ତ ଗ୍ରାମରେ ଦଣ୍ଡ ପରିବେଷଣ କରିବାର ବ୍ୟବସ୍ଥା ହୋଇଥିବା ବେଳ ପୁଣି ଏକ ଦଣ୍ଡଦଳ ସାମିଲ ହେବାକୁ ଯାଉଛି। କବିସୂର୍ଯ୍ୟନଗର ଧୋବା ପୁଞ୍ଜୀ ଅ । ସ ନ୍ତ । ୧୨ତାରିଖରେ ସାମିଲ ହେବାକୁ ଯାଉଛି। ଆଜି ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଭକ୍ତିମୟ ଭାବନା ଦେଖିବାକୁ ମିଳିଥିଲା ।ଉକ୍ତ କାର୍ଯ୍ୟକ୍ରମରେ ନାରାୟଣ ଡାକୁଆ, ଶଙ୍କର ସେଠି, ମନୋଜ ଗୌଡ଼, ନନ୍ଦ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, କାଳିଆ ରେଡ୍ଡୀ, ରବୀନ୍ଦ୍ର ବାରିକ, ପ୍ରହଲ୍ଲାଦ ପ୍ରଧାନ, ବୁଲୁ ପ୍ରଧାନ, ଚନ୍ଦ୍ର ଗୌଡ଼, ବିଜୟ ବାରିକ, କାର୍ତ୍ତିକ ଗୌଡ଼, ପିଣ୍ଟୁ ନାହାକ, ଦିଲ୍ଲୀପ ନାହାକ,ସନ୍ତୋଷ କୁମାର ସ୍ୱାଇଁ, ଅଭିମନ୍ୟୁ ନାହାକ ପ୍ରମୁଖ ସହଯୋଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର





କଟକ(ଭାସ୍କର ନ୍ୟୁଜ): ଯେଉଁମାନେ ବିରୋଧୀ ଦଳରେ ଥିବା ବେଳେ ପେଟ୍ରୋଲ ଡିଜେଲ ଓ ରନ୍ଧନ ଗ୍ୟାସ୍ ର ଦର କମେଇବାକୁ ତୁନ୍ଦି ତୋଫାନ କରୁଥିଲେ, ସେହିମାନଙ୍କ ନେତୃତ୍ୱରେ ରାଜ୍ୟରେ ଡବଲ ଇଞ୍ଜିନ ସରକାର୍ ଚାଲି ଥିବାବେଳେ ପେଟ୍ରୋଲରେ ୨ଟଙ୍କା ଏବଂ ରନ୍ଧନ ଗ୍ୟାସ୍‌ରେ ୫୦ଟଙ୍କା ବଢ଼ାଇବା ବିରୋଧରେ ଏକ ପ୍ରତିବାଦ ସଭା କଲେଜ ଛକ ଠାରେ ବରିଷ୍ଠ ନେତା ଗୋପାଳ ରାଉତ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୃଥିବୀରେ ଯୁଦ୍ଧର ଘନଘଟା ଓ ଟ୍ରମ୍ପଙ୍କ ଜନବିରୋଧୀ ତାରିଫ ଯୁଦ୍ଧ ପରିପ୍ରେକ୍ଷୀରେ ପେଟ୍ରୋଲିୟମ୍ ସାମଗ୍ରୀର ଦର ବହୁତ୍ କମ୍ ରହିଥିବା ବେଳେ ଆମ ଦେଶରେ ରାଜସ୍ୱ ନିଅଣ୍ଟ ଭରି କର୍ପୋରେଟ୍ ମିତ୍ରମାନଙ୍କୁ ଟିକସ ବୋଝ ଲାଘବ କରିବା ଉଦ୍ଦେଶ୍ୟରେ କରିଥିବା ଦର ବୃଦ୍ଧିକୁ ସିପିଆଇଏମ୍ ତରଫରୁ ନିନ୍ଦା କରାଯାଇଛି। ବରିଷ୍ଠ ନେତା ରବି ନାରାୟନ ମଲ୍ଲିକ, ରବୀନ୍ଦ୍ର ଧଳ, ଇଂ ମନମୋହନ ପତି, ଆଞ୍ଚଳିକ ସମ୍ପାଦକ ପ୍ରତାପ ମହାପାତ୍ର, ଚୌଦ୍ୱାର ଆଞ୍ଚଳିକ କମିଟି ସମ୍ପାଦକ ରମେଶ ବେହେରା, ଶ୍ରମିକ ନେତା ଚନ୍ଦ୍ରକାନ୍ତ ବେହେରା ଓ ଜିଲ୍ଲା ସମ୍ପାଦକ ବଦ୍ରି ନାରାୟନ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟବାସୀଙ୍କ ସୁରକ୍ଷା ପାଇଁ ଡବଲ ଇଞ୍ଜିନ ସରକାର୍ ଦେଇଥିବା ପ୍ରତିଶୃତି ଏବଂ ପୂର୍ବର ବକ୍ତବ୍ୟକୁ କାର୍ଯକାରୀ କରି ଓଡ଼ିଶାବାସୀଙ୍କୁ ଦରବୃଦ୍ଧିରୁ ରକ୍ଷା କରିବା ପାଇଁ ଦାବି କରାଯାଇଛି।







କଟକ ବାଲିଯାତ୍ରା ପଡ଼ିଆରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ଅବସରରେ...

### ଓୟୁଟିଆରର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ

## ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ବୈଷୟିକ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ବିକଶିତ ଓଡ଼ିଶା ଓ ବିକଶିତ ଭାରତର ଗଠନରେ ବୈଷୟିକ ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ରେଳବାଇ ଅଡିଟୋରିୟମରେ ଅନୁଷ୍ଠିତ ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱ ବିଦ୍ୟାଳୟ (ଓୟୁଟିଆର)ର ଦ୍ୱିତୀୟ ସମାବର୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ସମାବର୍ତ୍ତନ ଉତ୍ସବ କେବଳ ଅନୁଷ୍ଠାନ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ନୁହେଁ ବରଂ ଏହି ମର୍ଯ୍ୟାଦା ସମ୍ପନ୍ନ ବିଶ୍ୱ ବିଦ୍ୟାଳୟ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରୁ ଓୟୁଟିଆର ପରି ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେବା ଅନୁଷ୍ଠାନ ଏବଂ ଓଡିଶାର ବୃହତର ଶିକ୍ଷା ପରିମଣ୍ଡଳ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ । ଏହି ପରିବର୍ତନ କେବଳ ଶିକ୍ଷାଗତ ଉତ୍କର୍ଷତା ନୁହେଁ, ବରଂ ବିକଶିତ ବିଶ୍ୱ ଦୃଶ୍ୟ ପଟ୍ଟରେ ଚାହିଦା ପୂରଣ କରିବା ଦିଗରେ ଶିକ୍ଷାଗତ ମାନଦଣ୍ଡକୁ ଉନ୍ନତ କରିବାର ଆକାଂକ୍ଷାର ପ୍ରତୀକ। ଓୟୁଟିଆର ନିରନ୍ତର ଭାବେ ପ୍ରଯୁକ୍ତି ବିଦ୍ୟା, ନବସୃଜନ, ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି। ଏଆଇ ପାଠ୍ୟକ୍ରମକୁ ଅନ୍ତର୍ଭୂକ୍ତ କରି ବିଶ୍ୱବିଦ୍ୟାଳୟ କେବଳ ନବୀନତମ ପ୍ରଯୁକ୍ତିବିଦ୍ୟା ଧାରା ସହିତ ନିଜକୁ ସମନ୍ୱିତ କରିନାହିଁ, ବରଂ ଡିଜିଟାଲ ଯୁଗରେ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ପାଇଁ ଶିକ୍ଷା ମଡେଲକୁ ଗ୍ରହଣ କରିଛି। ନବସୃଜନ ଏବଂ ବ୍ୟବହାରିକ ଶିକ୍ଷ ସହଯୋଗ ଉପରେ ଗୁରୁତ୍ୱ ଆରୋପ କରି ଏହାର ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତା ମୂଳକ ବିଶ୍ୱ ପରିବେଶରେ ସଫଳ ହେବା ପାଇଁ ଏକ ଦୃଢ଼ ଭିତି ଭୂମି ସୃଷ୍ଟି କରିଛି ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟରେ ବୈଷୟିକ ଶିକ୍ଷାର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଯାହା ଫଳରେ ଓଡ଼ିଶା ଜାତୀୟସ୍ତରରେ ବହୁ ଆଗକୁ ଯାଉଛି। ଯୁବ ବର୍ଗକୁ ସାମାଜିକ ଓ ଆର୍ଥିକଭାବେ ସୁଦୃଢ଼ କରି କୁଶଳୀ ଓ ଦକ୍ଷ କରିବାକୁ ସରକାର ବହୁବଧ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ଏଆଇସିଟିଇର ଚେୟାରମ୍ୟାନ ପ୍ରଫେସର ଟି.ଜି ସିତାରାମ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଓୟୁଟିଆରର ଭାଇସ୍ ଚାନ୍‌ସେଲର ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିବରଣୀ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟ ଡିନ୍ ଏ.ଏନ୍ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରେଜିଷ୍ଟ୍ରର ଆଶିଷ କୁମାର ଜେନା, ପିଜିଏମ୍ ଆଣ୍ଡ ଆର୍ ଡିନ୍ ପ୍ରଫେସର ଅରୁଣା ତ୍ରିପାଠୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଚାନ୍‌ସେଲର ଗୋଲଡ ମେଡାଲ ସମେତ ବିଭିନ୍ନ ବର୍ଗର ମୋଟ ୩୦ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ/ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା ।



### ସିପେଟ୍ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

## ସିପେଟ୍‌ର ଅଧିକ କେନ୍ଦ୍ର ସ୍ଥାପନ କରିବାକୁ ପ୍ରସ୍ତାବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ରସାୟନ ଓ ସାରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ସିପେଟ୍ ପରିଦର୍ଶନରେ ଯାଇ ଓଡ଼ିଶାରେ ଏହି ପ୍ରତିଷ୍ଠାନର ଅଧିକ କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିକଟରେ ପେଟ୍ରୋ କେମିକାଲ୍ କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିବେଶ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି। ପୂର୍ବରୁ ଉତ୍କର୍ଷ ଓଡିଶାରେ ମଧ୍ୟ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଛି । ଏହାଦ୍ୱାରା ପ୍ରାୟ ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପେଟ୍ରୋ କେମିକାଲ୍ ଶିଳ୍ପ କ୍ଷେତ୍ରରେ ଓଡିଶାରେ ବ୍ୟାପକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହୋଇଛି । ଏଥିପାଇଁ ଅଧିକ ଦକ୍ଷ ୱାର୍କଫୋର୍ସର ଆବଶ୍ୟକତା ରହିଛି । ସେଥିପାଇଁ ଓଡିଶାର ବିଭିନ୍ନ ସ୍ଥାନରେ ସିପେଟ୍‌ର ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ରାଜ୍ୟର ବିଭିନ୍ନ ଶିଳ୍ପ କ୍ଲଷ୍ଟର ଯେପରିକି କେନ୍ଦୁଝର, ଝାରସୁଗୁଡା, କଳିଙ୍ଗନଗର, ଗୋପାଳପୁର, ଅନୁଗୁଳ ଏବଂ ରାୟଗଡା ପରି ସ୍ଥାନରେ ଟ୍ରେନିଂ ସେଣ୍ଟର ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିପେଟ୍‌ର ବିଭିନ୍ନ ଲାବ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ ।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଆୟୁଷ୍ମାନ ଯୋଜନା: ମନମୋହନ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଆଜି ଏକ ଐତିହାସିକ ଦିନ। ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କଟକ ବାଲିଯାତ୍ରା ପଡିଆରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡାଙ୍କ କରକମଳରେ ହୋଇଯାଇଛି। ଏହି ଯୋଜନାରେ ଓଡିଶାର ୩ କୋଟି ୫୦ଲକ୍ଷ ଲୋକ ଲାଭାନ୍ୱିତ ହେବେ। ବିଶେଷ କରି ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ଅବା ତଦୁର୍ଦ୍ଧ ବୟୋଜେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ। ଦେଶର ୨୯ହଜାର ହସ୍ପିଟାଲରେ ଓଡିଶାବାସୀଙ୍କୁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ମିଳିପାରିବ। ଏହି ଯୋଜନା ଓଡିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆଣିବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ତତ୍କାଳୀନ ସରକାର ନିଜର ରାଜନୈତିକ ସ୍ୱାର୍ଥ ପୂରଣ କରିବା ପାଇଁ ଏହିଭଳି ଏକ ମହତ୍ୱାକାଂକ୍ଷୀ ଯୋଜନା ଓଡିଶାରେ ଲାଗୁ କରାଇଦେଉନଥିଲେ। ଫଳରେ ଓଡିଶାର ବହୁ ଲୋକ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଥିଲେ। ସେତେବେଳେ କେବଳ ପରିବାର ପିଛା ଗୋଟିଏ ଲେଖାଏଁ ସ୍ୱାସ୍ଥ୍ୟ ସେବା କାର୍ଡ ପ୍ରଦାନ କରାଯାଉଥିବାବେଳେ ଏହି ନୂତନ ଯୋଜନାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋଟିଏ ଲେଖାଏଁ କାର୍ଡ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହି ନୂତନ ଯୋଜନା ରାଜ୍ୟରେ ଲାଗୁ ହେବା ପରେ ରାଜ୍ୟବାସୀ ଦେଶର ପ୍ରାୟ ସବୁ ହସ୍ପିଟାଲରେ ଉନ୍ନତ ମାନର ଚିକିତ୍ସା ସେବା ପାଇପାରିବେ। ରାଜ୍ୟରେ ଏହି ଯୋଜନା ଲାଗୁ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଓ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଓଡ଼ିଶା ଯାତ୍ରୀ ସମୀକ୍ଷା: ଜନତାଙ୍କ ପାଇଁ ଜନପରିବହନ ସେବାକୁ ପ୍ରାଧାନ୍ୟ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ସହରାଂଚଳ ପରିବହନ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ନିକଟରେ ଓଡ଼ିଶା ସରକାରଙ୍କ ଦ୍ୱାରା 'ଓଡ଼ିଶା ଯାତ୍ରୀ' ରାଇଡ୍ ବୁକିଂ ଆପ୍ ସେବାର ଶୁଭାରମ୍ଭ ହୋଇଥିଲା। ଶୁକ୍ରବାର ଏହାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଯାତ୍ରୀ ପ୍ରଗତିର ମୂଲ୍ୟାଙ୍କନ ହୋଇଛି। ଜନସାଧାରଣଙ୍କ ଯାତାୟତ ସମସ୍ୟାର ସମାଧାନ ଦିଗରେ ବିକାଶ ଆଣିବା ପାଇଁ ଏହି ନାଗରିକ କୈନ୍ଦ୍ରିକ ଆପର ଶୁଭାରମ୍ଭ ହୋଇଥିଲା । ଏହି ଆପର ପ୍ରମୁଖ ଆକର୍ଷଣ ହେଉଛି ଏକ ଶୂନ କମିଶନକୁ ପ୍ରାଧାନ୍ୟ ଦେବା ସହିତ ଉଭୟ କ୍ୟାବ୍ ଏବଂ ଅଟୋ ଡ୍ରାଇଭରଙ୍କ ରୋଜଗାରକୁ ସଶକ୍ତ କରିବ। ଡ୍ରାଇଭର ମାନେ ଏହି ଆପ୍ ମାଧ୍ୟମରେ ଓପେନ୍ ନେଟ୍ ୱର୍କ ଡିଜିଟାଲ କମର୍ସ(ଓଏନ୍‌ଡିସି) ପଦ୍ଧତିର ଲାଭ ଉଠାଇ ଡିଜିଟାଲ ମଧ୍ୟମରେ ରୋଜଗାର କରିବାର ସୁଯୋଗ ପାଇଛନ୍ତି । ଏହା ଉଭୟ ଯାତ୍ରୀ ଓ ଚାଳକଙ୍କ ଉତ୍କୃଷ୍ଟ ଯାତ୍ରା ଅଭିଜ୍ଞତା ପ୍ରଦାନ କରିଆସୁଛି। ସମୀକ୍ଷା ବୈଠକରେ ଓଡ଼ିଶା ଯାତ୍ରୀକୁ ଆଗାମୀ ଦିନରେ ଏକ ସୁପର୍ ଆପ୍ ବନାଇବା ଦିଗରେ ଆଲୋଚନା ହୋଇଥିଲା। ଏହି ରାଇଡ୍ ସେବା ଆପ୍ ଆଗାମୀ ଦିନରେ ରାଜ୍ୟବ୍ୟାପି କାର୍ଯ୍ୟକ୍ଷମ ହେବ। ରାଜ୍ୟର ପ୍ରତିଟି ସହରରେ ଏହାର ସୁବିଧା ପାଇପାରିବେ ଜନସାଧାରଣ। ଯାତ୍ରୀଙ୍କ ବିଶ୍ୱାସଭାଜନ ଏବଂ ଓଡ଼ିଶା ଯାତ୍ରୀର ଅନନ୍ୟ ମୂଲ୍ୟବୋଧକୁ ପ୍ରଦର୍ଶିତ କରିବା ନିମନ୍ତେ ଏହା ଉପରେ ଅଧିକ ସଚେତନତାମୂଳକ କାର୍ଯ୍ୟ ଏବଂ ବିଭିନ୍ନ ସହରର ଚାଳକଙ୍କୁ ଏଥିରେ ଯୋଗ ଦେବା ନିମନ୍ତେ ଅଧିକ ଦୃଷ୍ଟି ଦିଆଯିବ । ଖାରବେଳ ଭବନରେ ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏନ୍ ତିରୁମାଲା ନାୟକ, ପରିବହନ ଯୁଗ୍ମ ନିର୍ଦ୍ଦେଶକ ତପନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ତ୍ରିସ୍ତରୀୟ ପଞ୍ଚାୟତ ଉପନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ରାଜ୍ୟର ପଞ୍ଚାୟତ ସ୍ତରରେ ଖାଲି ପଡ଼ିଥିବା ୧୧୩୪ଟି ପଦ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାଥମିକ ପଦକ୍ଷେପ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ଆରମ୍ଭ କରାଯାଇଛି। ସେଥି ମଧ୍ୟରୁ ପାଞ୍ଚଟି ଜିଲ୍ଲା ପରିଷଦ ସଭ୍ୟ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ଟି ସରପଞ୍ଚ, ୨୭୨ଟି ୱାର୍ଡ ମେମ୍ବର ପାଇଁ ଉପନିର୍ବାଚନ ହେଉଥିବାବେଳେ ୭୭୧ଟି ୱାର୍ଡରେ ନୂତନ ଭାବେ ନିର୍ବାଚନ ଅନୁଷ୍ଠିତ ହେବ । ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ୭୭୧ଟି ୱାର୍ଡରେ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନଥିବାରୁ ଉକ୍ତ ୱାର୍ଡ ଗୁଡିକରେ ନିର୍ବାଚନ ବନ୍ଦ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଂପୃକ୍ତ ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ଉକ୍ତ ୱାର୍ଡଗୁଡ଼ିକୁ ଅଣସଂରକ୍ଷିତ କରାଯିବା ପରେ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ସଚିବଙ୍କ ସୂଚନା ଅନୁଯାୟୀ ଉକ୍ତ ୱାର୍ଡଗୁଡ଼ିକ ପାଇଁ ଅପ୍ରେଲ ୧୭ରୁ ୨୨ ତାରିଖ ମଧ୍ୟରେ ନିର୍ବାଚନ ଅଧିକାରୀମାନେ କେନ୍ଦ୍ର ନିର୍ବାଚନ ଆୟୋଗ ଦ୍ୱାରା ପ୍ରକାଶିତ ଭୋଟର ତାଲିକାରୁ ସମ୍ପୃକ୍ତ ୱାର୍ଡ ୱାରୀ ଭୋଟର ତାଲିକା ପ୍ରସ୍ତୁତ କରିବେ । ସେହିଭଳି ଅପ୍ରେଲ ୨୪ ତାରିଖରେ ସଂପୃକ୍ତ ଗ୍ରାମପଂଚାୟତ ମୁଖ୍ୟାଳୟରେ ୱାର୍ଡୱାରୀ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ହେବ ଏବଂ ଅପ୍ରେଲ ୩୦ ତାରିଖ ସୁଦ୍ଧା ଅଭିଯୋଗ ଗ୍ରହଣ କରାଯାଇ ମଇ ୨ରୁ ୫ ତାରିଖ ମଧ୍ୟରେ ସଂପୃକ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ । ସଂଶୋଧିତ ଭୋଟର ତାଲିକାକୁ ନିର୍ବାଚନ ଅଧିକାରୀମାନେ ମଇ ୯ ତାରିଖ ଦିନ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିବେ ।

## ନାବାଳିକା ଅସଦାଚରଣ ମାମଲାରେ ଆସାମୀଙ୍କୁ ୩ ବର୍ଷ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ): ଜଣେ ନାବାଳିକା ଅସଦାଚରଣ ମାମଲାରେ କଟକର ସ୍ୱତନ୍ତ୍ର ପୋସ୍କୋ କୋର୍ଟ ଆସାମୀ ଜଗତପୁର ଥାନା ଅଧିନସ୍ଥ ତାଳବଣିଆ ମୁଣ୍ଡାସାହିର ଶଙ୍କର ଓରଫ ଚନ୍ଦ୍ରଶେଖର ରାଉତ (୨୨)କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଏଥିସହିତ କୋର୍ଟ ଆସାମୀକୁ ୧ ହଜାର ଟଙ୍କାର ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ନ ଦେଇପାରିଲେ ଆସାମୀକୁ ଆଉ ଅଧିକ ୧ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି। ଏଥିସହିତ କୋର୍ଟ ପିଡିତାକୁ ୨ ଲକ୍ଷ ଟଙ୍କାର କ୍ଷତିପୁରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ୨୦୨୨ ମସିହା ଅଗଷ୍ଟ ୨୪ ତାରିଖରେ ଜଗତପୁର ମୁଣ୍ଡାସାହିରେ ଏପରି ଘଟଣା ଘଟିଥିଲା । ଜଣେ ୧୨ ବର୍ଷୀୟା ନାବାଳିକା ଘରେ ଏକୁଟିଆ ଥିବାବେଳେ ଆସାମୀ ତା ସହିତ ଅସଦ୍ ଆଚରଣ କରିଥିଲା । ଏନେଇ ପିଡିତାର ପରିବାର ପକ୍ଷରୁ ଜଗତପୁର ଥାନାରେ ସେହିଦିନ ଏତଲା ରୁଜୁ କରାଯାଇଥିଲା । ଉକ୍ତ ଏତଲା ଆଧାରରେ ଘଟଣାର ତଦନ୍ତ କରି ପୋଲିସ୍ ୨୦୨୨ ଅକ୍ଟୋବର ୨୨ ତାରିଖରେ ଆସାମୀ ବିରୋଧରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା । କୋର୍ଟ ଏହି ମାମଲାରେ ଆସାମୀ ବିରୋଧରେ ୨୦୨୩ ଅକ୍ଟୋବର ୧୨ ତାରିଖରେ ଚାର୍ଜଫ୍ରେମ୍ କରିଥିଲେ । କୋର୍ଟ ୧୭ ଜଣଙ୍କ ସାକ୍ଷ୍ୟପ୍ରଦାନ ଓ ୨୧ଟି ପ୍ରାମାଣିକ ନଥିପତ୍ରକୁ ଆଧାର କରି ଆସାମୀକୁ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି।

## ଚାଷୀଙ୍କୁ ୯୦ ପ୍ରତିଶତ ରିହାତି ମୂଲ୍ୟରେ ବିହନ ଯୋଗାଇବାକୁ କଂଗ୍ରେସର ଦାବି

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ରାଜ୍ୟର ଦୁଇଟି ସରକାରରେ ଦୀର୍ଘ ୨୫ ବର୍ଷ ମଧ୍ୟରେ ବିହନ ଉତ୍ପାଦନ କ୍ଷେତ୍ରରେ ଅନ୍ୟ ରାଜ୍ୟଭଳି ଓଡ଼ିଶା ସ୍ୱାବଲମ୍ବୀ ହୋଇ ପାରିଲାନାହିଁ। ବିହନ ଗ୍ରାମ ଯୋଜନାରେ ଏହି ଦିଗରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ କ'ଣ ପାଇଁ ଓଡ଼ିଶା ବିହନ ଉତ୍ପାଦନରେ ପଛରେ ପଡ଼ିଛି ତାହାର ମଧ୍ୟ ସମୀକ୍ଷା କରାଯାଉନାହିଁ। ଖରିଫ୍ ହେଉ କି ରବି ହେଉ ସମୟ ଆସିଲେ ସରକାରଙ୍କ କ୍ଷଣିକ ତତ୍ପରତା ପ୍ରକାଶ ପାଏ। କୃଷି ବିଭାଗର ମନ୍ତ୍ରୀଙ୍କଠୁ ଆରମ୍ଭକରି ପ୍ରଶାସନିକ ବଡ଼ ଅଧିକାରୀମାନେ ମାଳ ମାଳ କଥା ଘୋଷଣା କରନ୍ତି। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଫଳରେ ଚାଷୀ ଠିକଣା ସମୟରେ ବିହନ ପାଇବା ତ ଦୂରର କଥା ବହୁ ସମୟରେ ନକଲି ବିହନର ସମ୍ମୁଖୀନ ହୁଏ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କଂଗ୍ରେସ ପକ୍ଷରୁ କହିଛନ୍ତି। କାଳ ବିଳମ୍ବ ନକରି ସରକାର ଓ ପ୍ରଶାସନ ଆନ୍ତରିକତାର ସହିତ ସମସ୍ତ ଚାଷୀଙ୍କୁ ଆବଶ୍ୟକ ମୁତାବକ ଉପଯୁକ୍ତ ବିହନ ୯୦ପ୍ରତିଶତ ରିହାତି ମୂଲ୍ୟରେ ଠିକଣା ସମୟରେ ଯୋଗାଇ ଦେବାକୁ ପ୍ରଦେଶ କିଷାନ କଂଗ୍ରେସ ତରଫରୁ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି।

## ପ୍ରତ୍ୟେକ ଓଡିଆଙ୍କୁ ମିଳୁ ଆୟୁଷ୍ମାନ ଭାରତ ଯୋଜନା: ବିଜେଡି



ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ରଥଯାତ୍ରା ପୂର୍ବରୁ ସାଢେ ୪ କୋଟି ଓଡ଼ିଶାବାସୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବା ପାଇଁ ଶୁକ୍ରବାର ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ଼ ଲେଖାଶ୍ରୀ ସାମନ୍ତସିଂହାର । ସେ ଆହୁରି କହିଛନ୍ତି ୧୦ମାସ ଧରି ଚେଷ୍ଟା କରି ମଧ୍ୟ ବିଏସ୍କେୱାଇ ଯୋଜନାରେ କୌଣସି ପରିବର୍ତ୍ତନ କରିପାରିଲେ ନାହିଁ ରାଜ୍ୟ ବିଜେପି ସରକାର । ସାରାଦେଶରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଶ୍ରେଷ୍ଠ ଥିଲା ବୋଲି ପୁଣି ଥରେ ସ୍ୱୀକାର କରିଛନ୍ତି ରାଜ୍ୟ ସରକାର । କେବଳ କାର୍ଡରେ ନାଁ ପରିବର୍ତ୍ତନ କରିବାରେ ସକ୍ଷମ ହୋଇପାରିଛନ୍ତି କିନ୍ତୁ ବିଏସ୍କେୱାଇ ଯୋଜନାରେ କିଛି ବି ଯୋଡି ପାରିନାହାନ୍ତି । ବିଏସ୍କେୱାଇରେ ୩ କୋଟି ୫୬ ଲକ୍ଷ ହିତାଧିକାରୀ ଉପକୃତ ହୋଇଥିଲା ବେଳେ ଆୟୁଷ୍ମାନରେ ମାତ୍ର ୩ କୋଟି ୫୧ ଲକ୍ଷ ହିତାଧିକାରୀ ସାମିଲ ହେବା ଦୁର୍ଭାଗ୍ୟଜନକ । କେଉଁ ଆଧାରରେ ଓ କେଉଁ ହିତାଧିକାରୀଙ୍କୁ ଯୋଜନାରୁ ବଞ୍ଚିତ କରାଗଲା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ଆୟୁଷ୍ମାନ ଭାରତ ଯୋଜନା ବାବଦରେ ବିଜେପି ଡିଣ୍ଡିମ ପିଟୁଥିଲା ବେଳେ ସିଏଜି ରିପୋର୍ଟରେ ବ୍ୟାପକ ଆର୍ଥିକ ଅନିୟମିତତା, ଦୁର୍ନୀତି ଓ ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥା ଥିବା ଉଲ୍ଲେଖ କରିଛନ୍ତି । ସମସ୍ତଙ୍କୁ ବିଏସ୍କେୱାଇରେ ସାମିଲ କରିବା ପାଇଁ ନବୀନ ପଟ୍ଟନାୟକ ଯୋଜନା କରିଥିଲେ। ରାଜ୍ୟର ବିଜେପି ସରକାର ଆଗାମୀ ରଥଯାତ୍ରା ପୂର୍ବରୁ ପ୍ରତ୍ୟେକ ଓଡିଆଙ୍କୁ ଏହି ଯୋଜନାରେ ସାମିଲ ସହ ପୁରୁଷଙ୍କୁ ୧୦ ଲକ୍ଷ ଓ ମହିଳାଙ୍କୁ ୧୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦେଲେ ଡବଲ ଇଞ୍ଜିନ ସରକାର ପ୍ରକୃତରେ ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ କାମ କରୁଥିବା ଜଣାପଡିବ ବୋଲି ଡ଼ ସାମନ୍ତସିଂହାର କହିଛନ୍ତି ।



କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନ୍‌ସିପ୍‌ର ପଞ୍ଚମ ଦିବସ ।

## ଟିପିସିଓଡିଏଲ୍ ପକ୍ଷରୁ ସୁରକ୍ଷା ମାସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏପ୍ରିଲ ମାସର ପ୍ରଥମ ସପ୍ତାହରେ ସୁରକ୍ଷା ମାସ ଅଭିଯାନ ସମାପ୍ତ କରି କାର୍ଯ୍ୟସ୍ଥଳ ଏବଂ ଗୋଷ୍ଠୀ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତା ଦୋହରାଇଛି। ରାଷ୍ଟ୍ରୀୟ ସୁରକ୍ଷା ଦିବସ ଏବଂ ଲାଇନମ୍ୟାନ୍ ଦିବସରେ ଆରମ୍ଭ ହୋଇଥିବା ଏହି ଅଭିଯାନ ରାଷ୍ଟ୍ରୀୟ ସୁରକ୍ଷା ପରିଷଦର ବିଷୟବସ୍ତୁ ନ୍ତସୁରକ୍ଷା ଏବଂ ସ୍ୱାସ୍ଥ୍ୟ: ବିକଶିତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ' ସହ ସମାନ୍ତରାଳ ଭାବେ ଚାଲିଥିଲା । ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାରର ସକ୍ରିୟ ଅଂଶଗ୍ରହଣରେ ସୁରକ୍ଷା ପ୍ରତିବଦ୍ଧତା, ପାରସ୍ପରିକ କାର୍ଯ୍ୟକଳାପ ଏବଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଘର, ସଡକ, ଅଗ୍ନି ଏବଂ ବିଦ୍ୟୁତ ସୁରକ୍ଷାକୁ ଏହି କାର୍ଯ୍ୟକ୍ରମରେ ଅଗ୍ରାଧିକାର ଦିଆଯାଇଥିଲା । ଅଭିଯାନର ଏକ ପ୍ରମୁଖ ଆକର୍ଷଣ ଥିଲା ସୁରକ୍ଷା ବିଜ୍ଞାନ ମେଳା ଯେଉଁଠାରେ ପିଲାମାନେ ଜରୁରୀକାଳୀନ ଯାନବାହନର ସହାୟତା ପାଇଁ ଏକ ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ୍ ଭଳି ଅଭିନବ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବିପଦପୂର୍ଣ୍ଣ ପରିସ୍ଥିତି ପାଇଁ ଭି.ଆର୍-ଆଧାରିତ ସୁରକ୍ଷା ପ୍ରଶିକ୍ଷଣ ମଡ୍ୟୁଲ୍ ଆରମ୍ଭ କରାଯିବା ସହିତ ୨୦୦୦ରୁ ଅଧିକ ଶ୍ରମ ଦିବସର ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୁରକ୍ଷା ପ୍ରଦର୍ଶନ, ବିଜ୍ଞାନ ପ୍ରଦର୍ଶନୀ ଏବଂ କର୍ମଚାରୀଙ୍କ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ଟିପିସିଓଡିଏଲ୍‌ରେ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ । କର୍ମଚାରୀଙ୍କ ପରିବାରକୁ ଏଥିରେ ସାମିଲ କରି ଉଭୟ କାର୍ଯ୍ୟସ୍ଥଳ ଏବଂ ଘରେ ଆମେ ସୁରକ୍ଷାକୁ ପ୍ରାଥମିକତା ଦେବାର ଏକ ସଂସ୍କୃତି ତିଆରି କରିବାକୁ ପ୍ରୟାସ କରୁଛୁ ।

## ଲୋକଙ୍କ ସରକାରରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାର ଗ୍ୟାରେଣ୍ଟି: ବାବୁ ସିଂ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଶୁକ୍ରବାର ଏକ ଐତିହାସିକ ଦିନ। ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ ସହ ସଚେତନତା ସୃଷ୍ଟି ପାଇଁ ଏକାମ୍ର ନିର୍ବାଚନ ମଣ୍ଡଳୀର ବ୍ରହ୍ମେଶ୍ୱର ଯୁପିଏଚସିରେ ପ୍ରଚାର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ଏହି ଅବସରରେ ବିଧାୟକ କହିଛନ୍ତି ଏହି ଯୋଜନା ଓଡିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ତତ୍କାଳୀନ ସରକାର ନିଜର ରାଜନୈତିକ ସ୍ୱାର୍ଥ ପୂରଣ କରିବା ପାଇଁ ଏହିଭଳି ଏକ ମହତ୍ୱାକାଂକ୍ଷୀ ଯୋଜନା ଓଡିଶାରେ ଲାଗୁ କରାଇ ଦେଉନଥିଲେ । ଫଳରେ ଓଡିଶାର ବହୁ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିଲେ । ରାଜ୍ୟରେ ଏହି ଯୋଜନା ଲାଗୁ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଓ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି।

## ଛେନାପୋଡ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଛେନାପୋଡ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସମସ୍ତଙ୍କ ପ୍ରିୟ ଛେନାପୋଡ଼। ଆଜି 'ଛେନାପୋଡ଼ ଦିବସ'ରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା। ଆସନ୍ତୁ ଓଡ଼ିଶାର ଏହି ନିଆରା ସ୍ୱାଦକୁ ବିଶ୍ୱସ୍ତରରେ ପହଞ୍ଚାଇବା।

## ମହାତ୍ମା ଜ୍ୟୋତିବା ଫୁଲେଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ମହାତ୍ମା ଜ୍ୟୋତିବା ଫୁଲେଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମହାନ ସମାଜ ସୁଧାରକ ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜୟନ୍ତୀ ଅବସରରେ ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

## ଓଡିଶା ବୈଦ୍ୟୁତିକ ଯନ୍ତ୍ରୀ ସେବା ସଂଘର ୪୩ତମ ବାର୍ଷିକ ସାଧାରଣ ପରିଷଦ ବୈଠକ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଓଡିଶା ବୈଦ୍ୟୁତିକ ଯନ୍ତ୍ରୀ ସେବା ସଂଘର ୪୩ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବ ନିଯୁକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସଂଘର ସଦସ୍ୟ ଭାବେ ସ୍ୱାଗତ କରାଗଲା । ପ୍ୟାରିମୋହନ ମିଶ୍ର, ସର୍ବୋଚ୍ଚ ଯନ୍ତ୍ରୀ ତଥା ମୁଖ୍ୟ ବିଦ୍ୟୁତ୍ ନୀରିକ୍ଷକ, ଓଡିଶା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟୁତ୍ ସୁରକ୍ଷା, ଶକ୍ତି ସଂରକ୍ଷଣ ଓ ରାଜ୍ୟରେ ବିଦ୍ୟୁତ୍ ଭିତିଭୂମି ସୁଦୃଢ଼ିକରଣରେ ସଂଘର ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଯୁବ ଯନ୍ତ୍ରୀଙ୍କୁ ଜନସେବା ମନବୃତିରେ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥିଲେ । ସଂଘର ସଭାପତି, ସାଧାରଣ ସଂପାଦକ ଓ କୋଷାଧ୍ୟକ୍ଷ ସଂଘର ଭୂମିକା, ଲକ୍ଷ୍ୟ ଓ ବିଗତ ବର୍ଷର କାର୍ଯ୍ୟ ସାରଣୀ ଏବଂ ଆର୍ଥିକ ସ୍ଥିତି ସଂଘକୁ ଅବଗତ କରାଇଲେ । ଏହି ବୈଠକରେ ସଂଘର ସଦସ୍ୟ ମାନେ ସମ୍ମୁଖୀନ କରୁଥିବା ବିଭିନ୍ନ ସମସ୍ୟା ଯଥା କାର୍ଯ୍ୟାଳୟ ଭିତିଭୂମିର ଅଭାବ, ଓଡିଶା ଯନ୍ତ୍ରୀ ସେବା ପୁର୍ନଗଠନର ଆବଶ୍ୟକତା ଏବଂ ସଦସ୍ୟମାନଙ୍କ କଲ୍ୟାଣ ଉପରେ ଆଲୋଚନା କରିଥିଲେ। ଏହା ବ୍ୟତିତ ବିଦ୍ୟୁତ୍ ଦୁର୍ଘଟଣା ହ୍ରାସ ନିମନ୍ତେ ସୁରକ୍ଷା ଭିତିକ ପ୍ରଶିକ୍ଷଣ ବୃଦ୍ଧି କରିବା ଏବଂ ଉପଭୋକ୍ତାମାନଙ୍କୁ ଶକ୍ତି ସଂରକ୍ଷଣ ଏବଂ ବିଦ୍ୟୁତ୍ ସୁରକ୍ଷା ଶିକ୍ଷା ଦେବା ଉପରେ ଚର୍ଚ୍ଚା ହୋଇଥିଲା । ନବ ନିଯୁକ୍ତ ସଭାପତି ସୂର୍ଯ୍ୟମଣି ସାହୁ, ଉପସଭାପତି ହୃଷିକେଶ ମେହେର, ସାଧାରଣ ସଂପାଦକ ରମାକାନ୍ତ ନାୟକ ଓ ଅନ୍ୟ କର୍ମ କର୍ତ୍ତାଙ୍କୁ ସଦସ୍ୟମାନେ ସ୍ୱାଗତ ଜଣାଇଲେ । ସାଧାରଣ ପରିଷଦ ବୈଠକ ପାଇଁ ସ୍ୱତନ୍ତ୍ର ଛୁଟି ମଞ୍ଜୁରୀ ହୋଇଥିବାରୁ ସଂଘ ପକ୍ଷରୁ ଶକ୍ତି ଓ ଗୃହ ବିଭାଗକୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



# ସୁପ୍ରିମକୋର୍ଟଙ୍କ ଯୁଗାନ୍ତକାରୀ ନିଷ୍ପତ୍ତି

## ରାଜ୍ୟପାଳଙ୍କ କ୍ଷମତା ଉପରେ ଅଙ୍କୁଶ

ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟଗୁଡ଼ିକରେ ନିଯୁକ୍ତ ରାଜ୍ୟପାଳମାନେ ସଂପୃକ୍ତ ରାଜ୍ୟରେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ରୂପେ ଦାୟିତ୍ୱ ସମ୍ପାଦନ କରିଥାନ୍ତି । ଅନ୍ୟ ଅର୍ଥରେ ସେମାନଙ୍କୁ କେନ୍ଦ୍ର-ରାଜ୍ୟ ମଧ୍ୟରେ ସଂଯୋଗର ସେତୁ କୁହାଯାଇପାରେ । ରାଜ୍ୟ ସରକାରଗୁଡ଼ିକର ବିଭିନ୍ନ କାର୍ଯ୍ୟାବଳୀ ଓ ପଦକ୍ଷେପ ସମ୍ପର୍କରେ ରାଜ୍ୟପାଳମାନେ କେନ୍ଦ୍ରକୁ ନିୟମିତ ଭାବରେ ଅବଗତ କରାଇଥାନ୍ତି । ତେବେ ସଂଘୀୟ ବିଧିବିଧାନ ଅନୁଯାୟୀ ରାଜ୍ୟର ନିର୍ବାଚିତ ସରକାରଗୁଡ଼ିକ ବିଧାନସଭାରେ ଯେଉଁ ବିଧେୟକ (ବିଲ୍) ପାରିତ କରାଇଥାନ୍ତି, ତାକୁ ଅନୁମୋଦନ ନିମନ୍ତେ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଥାଏ ଏବଂ ରାଜ୍ୟପାଳଙ୍କ ମଞ୍ଜୁରୀ ମିଳିବା ପରେ ହିଁ ତାହା ଆଇନ୍‌ରେ ପରିଣତ ହୁଏ । ମାତ୍ର ଆମ ଦେଶରେ ଏବେ କେତେକ ରାଜ୍ୟରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । କେନ୍ଦ୍ର ଓ ରାଜ୍ୟରେ ଭିନ୍ନ ଭିନ୍ନ ରାଜନୈତିକ ଦଳର ସରକାର କ୍ଷମତାସୀନ ଥିବାରୁ କେନ୍ଦ୍ର ଦ୍ୱାରା ନିଯୁକ୍ତ ରାଜ୍ୟପାଳ ଏବଂ ରାଜ୍ୟ ଶାସନରେ ଥିବା ଅନ୍ୟ ଦଳର ସରକାରଙ୍କ ମଧ୍ୟରେ ସୁସମ୍ପର୍କ ରହୁନାହିଁ । ଏହାର ଫଳ ସ୍ୱରୂପ ରାଜ୍ୟ ବିଧାନସଭାରେ ପାରିତ ଅନେକ ବିଧେୟକକୁ ରାଜ୍ୟପାଳ ଆଦୌ ଅନୁମୋଦନ ନକରି ଅଟକାଇ ରଖୁଛନ୍ତି, ଯଦ୍ୱାରା ରାଜ୍ୟ ଶାସନରେ ଅଚଳାବସ୍ଥା ସୃଷ୍ଟି ହେଉଛି । ଏବେ ଡିଏମ୍‌କେ ଶାସିତ ତାମିଲନାଡୁ ହେଉ ଅବା ଟିଏମ୍‌ସି ଶାସିତ ପଶ୍ଚିମବଙ୍ଗ ବା ସିପିଆଇ(ଏମ୍) ଶାସିତ କେରଳରେ ରାଜ୍ୟପାଳଙ୍କ ସହ ସଂପୃକ୍ତ ରାଜ୍ୟ ସରକାରଗୁଡ଼ିକର ସୁସମ୍ପର୍କ ନଥିବାର ଲକ୍ଷ୍ୟ କରାଯାଉଛି । ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁରେ ଏହି ବିବାଦ ଏତେ ତୀବ୍ର ହୋଇ ଉଠିଛି ଯେ ସେଠାକାର ରାଜ୍ୟପାଳ ଆର୍.ଏନ୍. ରବି ବିଧାନସଭାରେ ଗୃହୀତ ହୋଇଥିବା ଦଶଟି ବିଧେୟକକୁ ମଞ୍ଜୁରୀ ନଦେଇ ପକାଇ ରଖିଛନ୍ତି । ବିଧାନସଭାରେ ପାରିତ ହୋଇ ରାଜ୍ୟପାଳଙ୍କ ଅନୁମୋଦନ ଅପେକ୍ଷାରେ ଥିବା ଏହି ବିଧେୟକଗୁଡ଼ିକ ଅତ୍ୟନ୍ତ ଜରୁରି ଥିବାରୁ ପ୍ରଶାସନିକ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି ହୋଇଛି । ଅନ୍ୟ ଉପାୟ ନପାଇ ରାଜ୍ୟର ଷ୍ଟାଲିନ୍ ସରକାର ଏଥିନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତିନିଦିନ ପୂର୍ବେ ସୁପ୍ରିମକୋର୍ଟଙ୍କ ଏକ ଖଣ୍ଡପୀଠ ଏ ସମ୍ପର୍କରେ ଏଭଳି ଏକ ଐତିହାସିକ ରାୟ ଶୁଣାଇଛନ୍ତି, ଯାହା ରାଜ୍ୟପାଳଙ୍କ କ୍ଷମତା ଓ ଅଧିକାର ଉପରେ ବଡ଼ ପ୍ରଶ୍ନଚିହ୍ନ ଆଙ୍କି ଦେଇଛି । ତାମିଲନାଡୁ ରାଜ୍ୟପାଳ ବିଧାନସଭାରେ ଗୃହୀତ ଦଶଟି ବିଧେୟକ ବା ବିଲ୍‌କୁ ଅଟକାଇ ରଖିବା ଅବୈଧ ବୋଲି ଖଣ୍ଡପୀଠ ମତ ରଖିବା ସଙ୍ଗେ ସଙ୍ଗେ ସଂସଦୀୟ ଗଣତନ୍ତ୍ରର ସିଦ୍ଧାନ୍ତ ଓ ଲୋକଙ୍କ ଇଚ୍ଛାକୁ ସମ୍ମାନ ଜଣାଇବା ଉଚିତ୍ ବୋଲି କହିଛନ୍ତି । ରାଜ୍ୟପାଳ କୌଣସି ରାଜନୈତିକ ଦଳର ଇଚ୍ଛାରେ ନୁହେଁ, ବରଂ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ତାଗିଦ୍ କରିଛନ୍ତି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ ଏହିସବୁ ବିଧେୟକ ରାଜ୍ୟପାଳଙ୍କ ନିକଟରେ ପୁନଃ ଉପସ୍ଥାପିତ ହେବା ତାରିଖରୁ ହିଁ ଏହା ମଞ୍ଜୁରୀପ୍ରାପ୍ତ ହୋଇଥିବା ବିବେଚନା କରାଯିବ । ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ନେବା ଦ୍ୱାରା ତାମିଲନାଡୁ ରାଜ୍ୟପାଳ ଅଟକାଇ ରଖିଥିବା ଦଶଟି ବିଧେୟକକୁ ପାରିତ କରିବା ପାଇଁ ସୁପ୍ରିମକୋର୍ଟ ନିଜର ବିରଳ କ୍ଷମତା ଉପଯୋଗ କରିଛନ୍ତି । ଏ କ୍ଷେତ୍ରରେ ନ୍ୟାୟାଳୟ ଭାରତୀୟ ସମ୍ବିଧାନର ଧାରା ୧୪୨ର ଉପଯୋଗ କରିଛନ୍ତି, ଯାହା କୌଣସି ମାମଲାରେ 'ପୂର୍ଣ୍ଣ ନ୍ୟାୟ' ସୁନିଶ୍ଚିତ କରାଇବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କ୍ଷମତା ପ୍ରଦାନ କରିଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତିକୁ ଐତିହାସିକ ଆଖ୍ୟା ଦେଇଛନ୍ତି । ତାମିଲନାଡୁ ରାଜ୍ୟପାଳଙ୍କୁ ଏଭଳି କଡ଼ା ଭର୍ତ୍ସନା ଆମ ଦେଶର ସଂଘୀୟ ବ୍ୟବସ୍ଥାରେ କେବଳ ଏକ ମାଇଲଖୁଣ୍ଟ ନୁହେଁ, ଅନ୍ୟ ରାଜ୍ୟର ରାଜ୍ୟପାଳମାନଙ୍କ ପାଇଁ ମଧ୍ୟ ଏକ ଚେତାବନୀ କହିଲେ ଭୁଲ୍ ହେବନାହିଁ ।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଋଣ ଭାରାରେ ରାଷ୍ଟ୍ର



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଅର୍ଥନୀତି ହେଉଛି ପ୍ରତ୍ୟେକ ରାଷ୍ଟ୍ରର ସମସ୍ତ ନୀତି ମଧ୍ୟରେ ପ୍ରମୁଖ ନୀତି । ବିନା ଅର୍ଥନୀତିରେ ଶାସନତନ୍ତ୍ରର ଚକ ଇଞ୍ଚେହେଲେ ଗଡିପାରେନି । ମାତ୍ର ଦୁଃଖ ଓ ପରିତାପର ବିଷୟ ଆମ ଦେଶର ଅର୍ଥନୀତି ଆଜି ବିପର୍ଯ୍ୟୟ । ଫଳରେ ରାଷ୍ଟ୍ର ଆଜି ଋଣଜନ୍ତାରେ କବଳିତ । ଆମ ରାଷ୍ଟ୍ର ଭାରତବର୍ଷ ବିଶ୍ୱର ବହୁ 'ଅର୍ଥ ପ୍ରତିଷ୍ଠାନ ଏବଂ ବନ୍ଧୁ ରାଷ୍ଟ୍ରମାନଙ୍କ ପାଖରୁ ଅପର୍ଯ୍ୟାପ୍ତ ପରିମାଣର କୋଟି କୋଟି ଡଲାର ଅର୍ଥ ରାଶି ଋଣ ଆଣି ବିଭିନ୍ନ ପ୍ରକାର ସମାଜ କଲ୍ୟାଣ କାମରେ ବିନିଯୋଗ କରୁଛି । ଆମେ ବିଦେଶକୁ ବହୁ ପରିମାଣରେ ବିବିଧ ପ୍ରକାର ସାମଗ୍ରୀ ଏବଂ ସେବା ପ୍ରେରଣ କରି ଆର୍ଥିକ ଦେଣନେଣ କ୍ଷେତ୍ରରେ ଆମର ଯେଉଁ ଧାରା ବଜାୟ ରଖିପାରିଛେ ତାହା ହିଁ ଆମ ଦେଶବାସୀଙ୍କୁ ଯଥେଷ୍ଟ ଉତ୍ସାହ ଆଣି ଦେଇଥିଲେ ସୁଦ୍ଧା ଆମେ ବାହାସ୍ଫୋଟ ମାରି କହିପାରିବାନି ଯେ ଆମେ ଖୁବ ସ୍ୱଚ୍ଛଳ । ଆମକୁ ମୋଟେ ଅଭାବ ଛୁଇଁ ପାରିନାହିଁ । ସତ କହିବାକୁ ଗଲେ ଆମେ ତଥା ଆମ ଦେଶ ବର୍ତ୍ତମାନ ଋଣ ଭାରାରେ ଉବୁଟୁବୁ । ଆମେ ଏକ ଋଣିରାଷ୍ଟ୍ର ଭାବେ ସାରା ବିଶ୍ୱରେ ପରିଚିତ ହୋଇଛେ । 'ଅର୍ଥାତ ଋଣଂ କୃତ୍ୱା ଘୃତଂ ପିବେତ' ନୀତିକୁ ଆମେ ଆପଣେଇ ନେଇଛେ ।

ଆମ ଋଣ ସମମସ୍ୟାର ଇତିହାସକୁ ତର୍ଜମା କଲେ ଜଣାଯାଏ, ୧୯୯୧ ମସିହାରେ ପ୍ରଥମେ ଯେତେବେଳେ ଆର୍ଥିକ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଥିଲା ଆମେ ସେତେବେଳେ ଦାରିଦ୍ର୍ୟର ଶକ୍ତି ପୀଠ ଉପରେ ଥାଇ ସୁଦ୍ଧା ଆନନ୍ଦରେ ନାଚି ଉଠିଥିଲେ । ମନେ ହେଲା ଯେପରି ଦୈନ୍ୟ ଅନ୍ଧକାର ଏଠାରୁ ଧୀରେ ଧୀରେ ଦୂରେଇ ଯାଉଛି । କାହିଁକିନା ଆମେ ଆମ ଆମଦାନୀ ନୀତିରେ କୋହଳତା ଅବଲମ୍ବନ କରିବା ସହ ଆର୍ଥିକ ପ୍ରଗତିରେ ଇନ୍ଧନ ଯୋଗାଇବା ପାଇଁ ଆମେ ବିଶ୍ୱ ଅର୍ଥଋଣଦାତାଙ୍କ ପାଖରୁ ଅଧିକ ଋଣ ଆଣିବା ପାଇଁ ଧାଇଁଲେ । ୧୯୯୧ ମସିହାରେ ସମୁଦାୟ ମୋଟ ବୈଦେଶିକ ଅର୍ଥ ପ୍ରାପ୍ତି ହିସାବକୁ ଦେଖିଲେ ସେତେବେଳେ ଋଣ ସେବା ହାର ୩୨.୩ ପ୍ରତିଶତ ଥିଲା । ୨୦୦୧ ମସିହା ସେପ୍ଟେମ୍ବର ମାସରେ ଏହା ୧୩ ପ୍ରତିଶତକୁ ହ୍ରାସ ପାଇ ଆସିଲା । ସେତେବେଳେ ଏହାକୁ ଏକ ସ୍ୱଚ୍ଛଅବସ୍ଥା ବୋଲି ମନେକରାହେଲା । ୧୯୯୦-୨୦୦୦ ସେହି ଏକ ଦଶନ୍ଧି ମଧ୍ୟରେ ଆମର ଅର୍ଥନୀତି ଭାରତର ମ୍ୟୁଚୁଆଲ୍ ଫଣ୍ଡ, ବିଶ୍ୱବ୍ୟାଙ୍କ ଏବଂ ଏଗୁଡିକର ଅର୍ଥ ସହାୟତା ଉପରେ ନିର୍ଭର କରୁଥିଲା । ଫଳରେ ୨୦୦୦ ମସିହାରେ ଆମର ସମୁଦାୟ ଋଣର ପରିମାଣ ଆମେରିକୀୟ ଡଲାର ହିସାବରେ ୧୦୦.୪ ବିଲିୟନ ଡଲାରକୁ ଛୁଇଁଥିଲା । ୨୦୦୨-୨୦୦୩ ରେ ଏହାର ପରିମାଣ ସେହି ଆମେରିକୀୟ ଡଲାର ହିସାବରେ ୭୦.୯ ଡଲାର ହେଲା ଯାହାକି ରିହାତି ଋଣର ୪୩.୭ ପ୍ରତିଶତ ଅଟେ । ଏହାର ପରିମାଣରେ ହ୍ରାସ ଘଟିଥିବାରୁ ବିଶ୍ୱବ୍ୟାଙ୍କ ଅବଗଣନାରେ ବିଦେଶୀ ଋଣ କ୍ଷେତ୍ରରେ ଭାରତର ସ୍ଥିତି ବିଶ୍ୱରେ ସ୍ୱଳ୍ପ ଋଣଗ୍ରସ୍ତ ରାଷ୍ଟ୍ରରୂପେ ତାଲିକାଭୁକ୍ତ ହୋଇଥିଲା । ବିଶ୍ୱ ସମୁଦାୟ ଆର୍ଥିକ କାଳର ଋଣଗ୍ରହୀତା ଭାବେ ରାଷ୍ଟ୍ରଗୁଡିକୁ ତିନୋଟି କ୍ଷେତ୍ରରେ ବିଭକ୍ତ କରାଯାଇଛି । ଯାହା ବୈଦେଶିକ ଋଣକୁ ଭିତ୍ତିକରି ଦର୍ଶାଯାଇଛି । ସେଗୁଡିକ ହେଲା ୧-ଉଚ୍ଚ ଋଣଗ୍ରସ୍ତ ରାଷ୍ଟ୍ର, ଦ୍ୱିତୀୟରେ ସାଧାରଣ ଋଣଗ୍ରସ୍ତ ରାଷ୍ଟ୍ର, ତୃତୀୟ ବା ଶେଷ ସ୍ତରରେ ସ୍ୱଳ୍ପ ଋଣଗ୍ରାହୀ ରାଷ୍ଟ୍ର ।

ଚଳିତ ଋଣ ହିସାବ ଖାତାକୁ ଦେଖିଲେ ଅନୁମେୟ ହୁଏ, ୧୯୯୦-୯୧ରେ ଆମର ଋଣ ସେବା ଥିଲା ୩୫.୩ ପ୍ରତିଶତ । ୧୯୯୮-୯୯ରେ ଏହି ପ୍ରତିଶତ ୧୫.୪ ପ୍ରତିଶତକୁ ଖସି ଆସିଥିଲା । ଏହାକୁ ଅର୍ଥନୀତିରେ ସୁସ୍ଥ ସୂଚନା ବୋଲି କହିବାକୁ ପଡିବ । କିନ୍ତୁ ବର୍ତ୍ତମାନ ହିସାବ ଖାତାକୁ ଦେଖିଲେ ଆମ ଦେଶର ଜନସଂଖ୍ୟା ୧୪୦ କୋଟିରେ ପହଞ୍ଚିଲାଣି । ବର୍ତ୍ତମାନ ଜନ୍ମିତ ଶିଶୁ ଠୁ ବୟସ୍କଙ୍କ ମୁଣ୍ଡ ପିଛା ଏକ ଲକ୍ଷରୁ ଅଧିକ ଋଣ । କେନ୍ଦ୍ର ସରକାର ବର୍ତ୍ତମାନ ସଂସଦରେ ନିଷ୍ପତ୍ତି ନେଇଛନ୍ତି ୨୦୨୩-୨୪ବର୍ଷ ପାଇଁ ୧୫.୦୩ ଲକ୍ଷ କୋଟିର ନୂତନ ଋଣ କରିବେ । ସେଥିପାଇଁ ବଜେଟରେ ଏହାର ଅଂଶର ପରିମାଣ ୩୪.୩୨ ପ୍ରତିଶତ ରଖାଯାଇଛି । ଆଗରୁ କେନ୍ଦ୍ର ସରକାର ୧୫୨.୬ ଲକ୍ଷ କୋଟିର ଋଣ ବ୍ୟବହାର କରିଛନ୍ତି । ନରେନ୍ଦ୍ର ମୋଦୀ ସରକାର ୧୦୬ ଲକ୍ଷ କୋଟିର ଋଣ କରିଛନ୍ତି ଯାହାର ସୁଧ ବାବଦକୁ ୧୦.୮ ଲକ୍ଷ କୋଟି ବାର୍ଷିକ ଭରଣା କରିବାକୁ ପଡୁଛି । ଯଦି କେନ୍ଦ୍ର ସରକାରଙ୍କର ଏଭଳି ଋଣ କରିବା ପ୍ରକ୍ରିୟାକୁ ତର୍ଜମା କରାଯାଏ ତେବେ ପ୍ରତି ସେକେଣ୍ଡରେ କେନ୍ଦ୍ର ସରକାର ୪ଲକ୍ଷ ଟଙ୍କାର, ଏବଂ ୨.୪ କୋଟି ପ୍ରତି ମିନିଟରେ, ୧୪୪ କୋଟି ପ୍ରତି ଘଣ୍ଟାରେ, ୩୪୫୬ କୋଟି ପ୍ରତିଦିନ, ୧.୦୩ ଲକ୍ଷ କୋଟି ପ୍ରତି ମାସରେ ଏବଂ ୧୨.୪୭ କୋଟି ପ୍ରତିବର୍ଷ ଏବଂ ୧୦୬ କୋଟି ଋଣ ଆଠ ବର୍ଷରେ କରିଛନ୍ତି । ଦେଶ ସ୍ୱାଧୀନ ହେବାର ୭୦ବର୍ଷ ଭିତରେ ୧୪ଜଣ ପ୍ରଧାନମନ୍ତ୍ରୀ ସେମାନଙ୍କର ଶାସନ କାଳଖଣ୍ଡରେ ୫୫,୮୭,୧୪୭ କୋଟି ଋଣ କରିଥିବା ବେଳେ ମାନ୍ୟବର ପ୍ରଧାନମନ୍ତ୍ରୀ ତାଙ୍କର ଆଠ ବର୍ଷ ଶାସନ କାଳରେ ୧୦୬ ଲକ୍ଷ କୋଟିର ଋଣ କରିଛନ୍ତି । ପ୍ରାକ୍ତନ ପ୍ରଧାନମନ୍ତ୍ରୀ ତାଙ୍କ ସମୟରେ ୮୩,୦୦୦ କୋଟି ବାର୍ଷିକ ଋଣ କରିଥିବା ବେଳେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ୧.୦୩ ଲକ୍ଷ କୋଟି ଋଣ କରୁଛନ୍ତି । ଯଦି ଭାରତର ଜି.ଡି.ପିକୁ ତୁଳନା କରାଯାଏ ତେବେ ୨୦୧୯ରେ ନ୍ୟାସନାଲ ଡେବ୍‌ଟ ଟୁ ଜି.ଡି.ପି ରେସିଓ ଏହିପରି ଥିଲା ୭୫.୪%-- ୨୦୨୦ରେ ୮୫.୫୩%, ୨୦୨୧ରେ ୮୪.୬୮%, ଏବଂ ୨୦୨୨ରେ ୮୩.୧୩% ଥିଲା । ଡିସେମ୍ବର ୨୦୨୨ସୁଦ୍ଧା ଭାରତର ସମୁଦାୟ ଋଣର ପରିମାଣ ଥିଲା ୧, ୬୩୭, ୫୩୪.୬୨୮ ଏବଂ ୨୦୨୨ ସେପ୍ଟେମ୍ବରରେ ଋଣ ଥିଲା ୧,୬୦୮, ୦୪୨.୦ । ସେହିପରି ଆମ ରାଜ୍ୟ ମଧ୍ୟ ଋଣ ଜନ୍ତାରେ ପଡିଛି । ଏହାର ଋଣ ଭାର ୨୨.୦୪୨ (୨୦୨୧-୨୨) ଆର୍ଥିକ ବର୍ଷରେ ଥିବା ବେଳେ ଅତୀତ ୧୨ ବର୍ଷରେ ଏହା ଦ୍ୱିଗୁଣିତ ହୋଇ ୨୨.୮୨୭.୫୪ରେ ଅର୍ଥାତ ବର୍ତ୍ତମାନ ଆର୍ଥିକ ବର୍ଷରେ ପହଞ୍ଚିଛି । (ଓଡ଼ିଶା ପୋଷ୍ଟ) । ୧୯୯୯-୨୦୦୦ରେ ପର କ୍ୟାପିଟା ଋଣ ଭାର ରଜ୍ୟର ଥିଲା ୪,୯୧୮ ଯେତେବେଳେ ପର କ୍ୟାପିଟା ଇନକମ ଥିଲା ୧୩.୦୧୨ । ରାଜ୍ୟର ସମୁଦାୟ ଋଣଭାର ୧.୦୩ ଲକ୍ଷ କୋଟି ଯାହା ବିଭିନ୍ନ ସଂସ୍ଥା ଯାହା ହେଲା ୬୩୪୭ କୋଟି ବିଦେଶୀ ଏଜେନ୍ସିଙ୍କ ଠାରୁ, ୫୩,୩୮୫ କୋଟି ଇଣ୍ଟରନ୍ୟାସନାଲ ସୋର୍ସରୁ ଯଥା ଖ୍ୟାମ୍ପା, ଓଏମବିଏଡଡିସି, ଓ୍ୱାର୍ଲଡ ବ୍ୟାଙ୍କ, ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ , ଇଣ୍ଟର ନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲ୍‌ଚର ଏବଂ ବ୍ରିକ୍ସ ବ୍ୟାଙ୍କ ଓ ନାବାର୍ଡ ପ୍ରଭୃତିରୁ ୧୫,୬୨୩ କୋଟି ଋଣ କରିଛି । ବର୍ତ୍ତମାନ ଆମ ଭାରତ ସରକାରଙ୍କର ଆଉଟ ଷ୍ଟାଣ୍ଡିଙ୍ଗ ଆଭ୍ୟନ୍ତରୀଣ ଓ ବାହ୍ୟିକ ଋଣର ପରିମାଣ ୧୯୬,୭୮,୭୭୨.୬୮ ଅଛି ଯାହା ୨୦୨୪-୨୫ ତୁଳନାରେ ଯଥେଷ୍ଟ ଅଧିକ ଯାହା ଆମ ପାଇଁ ଚିନ୍ତାର କାରଣ ।

ଯଦି ଅନ୍ୟାନ୍ୟ ଦେଶକୁ ତୁଳନା କରାଯାଏ, ହଂକଂ ଏଭଳି ଏକ ଦେଶ ଯାହାକୁ ଋଣମୁକ୍ତ ଦେଶ କୁହାଯାଇପାରେ । ଏବେ ଆମ ଭାରତ ବର୍ଷ ଯଦିଓ ଏକ ଆର୍ଥିକ ଶକ୍ତିରେ ଉଭା ହୋଇଛେ ମାତ୍ର ଆମେ ଆମର ଋଣଜନ୍ତାରୁ ମୁକୁଳି ପାରିନୁ । ଆମେ ଅର୍ଥ ସାହାଯ୍ୟ କରିବାରେ ବାହାରେ ବଦାନ୍ୟତାର ରାଷ୍ଟ୍ରରେ ପହଞ୍ଚିଲେଣି, ତଥାପି ଆମକୁ ଏଭଳି କିଛି ଆଖିଦୃଶିଆ ପଦକ୍ଷେପ ନେଇ ଋଣମୁକ୍ତ ହେବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପଡିବ ।

# ଆମ ବ୍ରହ୍ମାଣ୍ଡ ପ୍ରଣାଳୀ ଓ ତାହାର ବିସ୍ମୟ ସମୟ ରହସ୍ୟ



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୯୯୩୮୯୦୬୦୭୦

ଆମ ବ୍ରହ୍ମାଣ୍ଡ ପ୍ରଣାଳୀରେ ସମୟର ହିସାବ ଏକ ବିଶାଳ ଏବଂ ବିସ୍ମୟକର ଅଟେ । ଅର୍ଥାତ୍ ବ୍ରହ୍ମାଙ୍କର ଗୋଟିଏ ଦିନ ଯାହାକୁ କଳ୍ପ କୁହଯାଏ ତାହା ହଜାର ସଂଖ୍ୟାର ଚର୍ତୁଯୁଗ ତଥା ମହାଯୁଗ ସହିତ ସମାନ ଅଟେ ଏବଂ ତାଙ୍କ ରାତ୍ରିର ଅବଧି ମଧ୍ୟ ସେତିକି ଅଟେ । ଯେଉଁ ବିଜ୍ଞ ବ୍ୟକ୍ତି ଏହା ଜାଣନ୍ତି, ସେ ଦିବା ଓ ରାତିର ବାସ୍ତବିକ ସତ୍ୟତାକୁ ବୁଝିପାରନ୍ତି । ସେହିପରି ଦେବତାମାନଙ୍କର ଯଥା ଇନ୍ଦ୍ର, ବରୁଣ ଆଦିଙ୍କର ଗୋଟିଏ ଦିନ ପୃଥିବୀର ଗୋଟିଏ ବର୍ଷ ସହିତ ସମାନ । ହଜାର ମହାଯୁଗରେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ ଏବଂ ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି । ବ୍ରହ୍ମାଙ୍କର ଆୟୁ ଶହେ ବର୍ଷ ଅଟେ, ଯାହା ପୃଥିବୀର ହିସାବରେ ୩୧୧ ଖର୍ବ ୪୦ ଅର୍ବ ବର୍ଷ । ବୈଦିକ ଗଣନା ଅନୁସାରେ କଳିଯୁଗ - ୪, ୩୨, ୦୦୦ବର୍ଷ, ଦ୍ୱାପର ଯୁଗ - ୮, ୬୪, ୦୦୦ବର୍ଷ, ତ୍ରେତାଯୁଗ - ୧୨, ୯୬, ୦୦୦ ବର୍ଷ, ସତ୍ୟ ଯୁଗ - ୧୭, ୨୮, ୦୦୦ବର୍ଷ । ଏ ସବୁ ଯୁଗର ବର୍ଷ ମିଶି ଅର୍ଥାତ୍ ଏକତ୍ର ହୋଇ ଏକ ମହାଯୁଗ ହୁଏ ଯାହା ୪,୩୨୦, ୦୦୦ ବର୍ଷ ଅଟେ । ୧୦୦୦ ମହାଯୁଗ ବ୍ରହ୍ମାଙ୍କର ଗୋଟିଏ ଦିନ ବା ଏକ କଳ୍ପ ଯାହା ୪, ୩୨, ୦୦, ୦୦୦, ୦୦ ବର୍ଷ ଅଟେ । ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି ମଧ୍ୟ । ବିଶ୍ୱ ବ୍ରହ୍ମାଣ୍ଡର ଅବଧି ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ସହିତ ସମାନ, ଯାହା ୩୧୧ ଖର୍ବ ୪୦ ଅର୍ବ ବର୍ଷ ଅଟେ । ବ୍ରହ୍ମା ମଧ୍ୟ ଜଣେ ଜୀବାତ୍ମା ଅଟନ୍ତି, ଯିଏ ଭଗବାନଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ କରି ଏହି ପଦ ପ୍ରାପ୍ତ କରିଛନ୍ତି । ତେଣୁ ବ୍ରହ୍ମା ମଧ୍ୟ ଜନ୍ମମୃତ୍ୟୁର ଚକ୍ରର ଅନ୍ତର୍ଭୁକ୍ତ । କିନ୍ତୁ ସେ ଅତ୍ୟନ୍ତ ଉଚ୍ଚ ଆତ୍ମା ହୋଇଥିବାରୁ, ତାଙ୍କ ଜୀବନକାଳ ସମାପ୍ତ ହେବା ପୂର୍ବରୁ ସେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କ ଲୋକ ପ୍ରାପ୍ତ କରନ୍ତି । ବେଳେବେଳେ ବ୍ରହ୍ମା ପଦ ପାଇଁ କୌଣସି ଅଧିକାରୀ ଆତ୍ମା ନମିଳିଲେ, ଭଗବାନ ସ୍ୱୟଂ ବ୍ରହ୍ମା ହୋଇଯାଆନ୍ତି ।

ବ୍ରହ୍ମାଙ୍କର ଦିବସ ପ୍ରାରମ୍ଭରେ, ସମସ୍ତ ପ୍ରାଣୀ ଅପ୍ରକଟ ଅବସ୍ଥାରୁ ପ୍ରକଟ ହେବାକୁ ଆରମ୍ଭ କରନ୍ତି ଏବଂ ରାତ୍ରିର ଆଗମନରେ ସମସ୍ତ ଶରୀରଧାରୀ ପ୍ରାଣୀ ପୁନର୍ବାର ସେହି ଅପ୍ରକଟରେ ସମାହିତ ହୋଇଯାଆନ୍ତି । ବ୍ରହ୍ମାଣ୍ଡର ବିସ୍ମୟକର ଜାଗତିକ ଖେଳରେ, ସେଥିରେ ଥିବା ବିଭିନ୍ନ ଲୋକ ଏବଂ ସେମାନଙ୍କର ସୌରମଣ୍ଡଳ ସୃଷ୍ଟି, ସ୍ଥିତି ଓ ପ୍ରଳୟ ଚକ୍ର ମଧ୍ୟ ଦେଇ ବାରମ୍ବାର ଗତି କରିଥାଆନ୍ତି । ବ୍ରହ୍ମାଙ୍କର ଗୋଟିଏ ଦିନର ଶେଷରେ, ଯାହା ୪,୩୨,୦୦,୦୦,୦୦୦ ବର୍ଷର ଗୋଟିଏ କଳ୍ପ ଅଟେ, ମହଃ ଲୋକ ପର୍ଯ୍ୟନ୍ତ ସମସ୍ତ ସୌରମଣ୍ଡଳ ବିଲୋପ ହୋଇଯାଆନ୍ତି । ଏହାକୁ ନୈମିତ୍ତିକ ପ୍ରଳୟ ବା ଆଂଶିକ ପ୍ରଳୟ କୁହାଯାଏ । ଯେମିତି ଗୋଟିଏ ପିଲା ଦିନବେଳେ ଖେଳନାର କେତେ ଆକୃତି ଗଢିଥାଏ ଏବଂ ଶୋଇବା ପୂର୍ବରୁ ତାକୁ ଭାଙ୍ଗି ଦିଏ, ସେହିପରି ବ୍ରହ୍ମା ଜାଗ୍ରତ ହେଲେ ଏହି ବ୍ରହ୍ମାଣ୍ଡ ଓ ସମସ୍ତ ପ୍ରାଣୀ ସମୂହର ସୃଷ୍ଟି କରନ୍ତି ଏବଂ ଶୋଇବା ପୂର୍ବରୁ ସେସବୁକୁ ଲୋପ କରି ଦିଅନ୍ତି । ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ଶେଷରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ବିଲୁପ୍ତି ଘଟିଥାଏ । ଏହି ସମୟରେ ସମସ୍ତ ମାୟିକ ଜଗତର ଅନ୍ତ ହୋଇଯାଏ । ଅର୍ଥାତ୍ ପଞ୍ଚ ମହାଭୂତ ପଞ୍ଚ ତନ୍‌ମାତ୍ରାରେ ଲୀନ ହୋଇଯାଏ, ପଞ୍ଚ ତନ୍ମାତ୍ର ଅହଂକାରରେ ଲୀନ ହୁଏ, ଅହଂକାର ମହାନରେ ଲୀନ ହୁଏ ଏବଂ ମହାନ ପ୍ରକୃତିରେ ଲୀନ ହୁଏ । ପ୍ରକୃତି ମାୟିକ ବା ମାୟା ଶକ୍ତିର ସୂକ୍ଷ୍ମ ରୂପ ଅଟେ । ମାୟା ନିଜର ମୌଳିକ ରୂପରେ, ପରବ୍ରହ୍ମ ମହାବିଷ୍ଣୁଙ୍କ ଶରୀରରେ ଅବସ୍ଥାନ କରେ । ଏହାକୁ ପ୍ରାକୃତ ପ୍ରଳୟ ବା ମହାପ୍ରଳୟ କୁହାଯାଏ । ପୁଣି ମହାବିଷ୍ଣୁ ଯେତେବେଳେ ସୃଷ୍ଟି କରିବାକୁ ଇଚ୍ଛା କରନ୍ତି, ସେ ପ୍ରକୃତି ରୂପରେ ଥିବା ମାୟିକ ଶକ୍ତି ପ୍ରତି ଦୃଷ୍ଟିପାତ କରନ୍ତି ଏବଂ ତାଙ୍କର ଦୃଷ୍ଟି ମାତ୍ରେ ଏହା ପୁଣି ପ୍ରକାଶିତ ହେବାରେ ଲାଗେ । ପ୍ରକୃତିରୁ ମହାନ ଉତ୍ପନ୍ନ ହୁଏ । ମହାନରୁ ଅହଂକାର, ଅହଂକାରରୁ ପଞ୍ଚ ତନ୍ମାତ୍ରା ଏବଂ ପଞ୍ଚ ତନ୍ମାତ୍ରାରୁ ପଞ୍ଚ ମହାଭୂତ ଉତ୍ପନ୍ନ ହୁଅନ୍ତି । ଏହିପରି ଭାବରେ ଅସଂଖ୍ୟ ବିଶ୍ୱର ସୃଷ୍ଟି ହୋଇଥାଏ ।

ଆଧୁନିକ ବୈଜ୍ଞାନିକମାନଙ୍କର ଆକଳନ ଅନୁସାରେ ଆକାଶଗଙ୍ଗାରେ ୧୦୦ ଅର୍ବ ତାରକା ଅଛନ୍ତି । ଆକାଶଗଙ୍ଗା ପରି ପ୍ରାୟ ୧୦୦ ଅର୍ବ ଛାୟାପଥ ସମଗ୍ର ବ୍ରହ୍ମାଣ୍ଡରେ ଅଛନ୍ତି । ବେଦ ଅନୁସାରେ ଆମର ଏହି ବ୍ରହ୍ମାଣ୍ଡ ପରି ବିଭିନ୍ନ ଆକାର ଓ ପ୍ରକାରର ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି । ମହାବିଷ୍ଣୁ ଯେତେବେଳେ ଶ୍ୱାସ ତ୍ୟାଗ କରନ୍ତି ଅସଂଖ୍ୟ ବ୍ରହ୍ମାଣ୍ଡ ତାଙ୍କର ଶରୀରର ପ୍ରତି ଲୋମ କୂପରୁ ନିର୍ଗତ ହୁଅନ୍ତି ଏବଂ ଯେତେବେଳେ ଶ୍ୱାସ ଗ୍ରହଣ କରନ୍ତି, ସମଗ୍ର ବ୍ରହ୍ମାଣ୍ଡ ପୁନର୍ବାର ତାଙ୍କ ମଧ୍ୟରେ ଲୀନ ହୋଇଯାଆନ୍ତି । ଏହିପରି ଭାବରେ ବ୍ରହ୍ମାଙ୍କର ୧୦୦ବର୍ଷ ଭଗବାନଙ୍କର ଗୋଟିଏ ନିଶ୍ୱାସ/ପ୍ରଶ୍ୱାସ ସହିତ ସମାନ । ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଜଣେ ବ୍ରହ୍ମା, ଜଣେ ବିଷ୍ଣୁ ଏବଂ ଜଣେ ଶଙ୍କର ଅଛନ୍ତି । ସୁତରାଂ ଅନନ୍ତ ବ୍ରହ୍ମାଣ୍ଡରେ ଅନନ୍ତ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ଅଛନ୍ତି । ପ୍ରତ୍ୟେକ ବ୍ରହ୍ମାଣ୍ଡର ବିଷ୍ଣୁ ମହାବିଷ୍ଣୁଙ୍କର ସ୍ୱରୂପ ଅଟନ୍ତି ।

# ସ୍ୱଧର୍ମେ ନିଧନ ଶ୍ରେୟଃ...



ମାନସ କୁମାର କର
କୋଟାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଯଦି ତୁମେ ଦୁନିଆ ସୃଷ୍ଟି କରିପାରିବ ନାହିଁ, ତେବେ ଏହି ସୁନ୍ଦର ସୃଷ୍ଟିକୁ ନଷ୍ଟ କରିବାର ତୁମର କି ଅଧିକାର ଅଛି ? ଏହା କେଉଁ ଧାର୍ମିକ ଗ୍ରନ୍ଥରେ ଲେଖାଯାଇଛି ?

ଯଦି ଆମେ ଧର୍ମ ନାମରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ କରି ଗୀତା, ବାଇବେଲ୍ କିମ୍ବା କୋରାନରେ ଧର୍ମକୁ ସୁରକ୍ଷା ଦେଇଛୁ - ତେବେ ଆମର ଭବିଷ୍ୟତ କ'ଣ ହେବ ଥରେ ଚିନ୍ତା କରନ୍ତୁ ତ !

ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନିଜର ସୁରକ୍ଷା ସହିତ ବିଶ୍ୱର ସୁରକ୍ଷା କରିବା ପାଇଁ ସୃଷ୍ଟି କର୍ତ୍ତାଙ୍କ ନିକଟରେ ଶପଥ ନେବା ଉଚିତ । ଯୁଦ୍ଧ ନୁହେଁ ଶାନ୍ତି ହେଉ ସମସ୍ତଙ୍କର ଦିବ୍ୟାସ୍ତ୍ର । ତେବେ ସିନା ଧର୍ମର ବିପର୍ଯ୍ୟୟକୁ ରୋକାଯାଇ ପାରିବ ।

ନୈତିକତାରେ ବିପର୍ଯ୍ୟୟ ଏକ ତାତ୍ତ୍ୱିକ ଶବ୍ଦ ସମ୍ଭାର ନୁହେଁ ଏକ ମାର୍ମିକ ଅଭିବ୍ୟକ୍ତି । କୌଣସି ଏକ ମୂଳ ବସ୍ତୁର ବ୍ୟତିକ୍ରମ ହିଁ ବିପର୍ଯ୍ୟୟ । ଭୂମିରୁ ଭୂମା ପର୍ଯ୍ୟନ୍ତ, ମାନବରୁ ମହାକାଶ ପର୍ଯ୍ୟନ୍ତ, ସମାଜରୁ ସଭ୍ୟତା ପର୍ଯ୍ୟନ୍ତ, ପରିବାରରୁ ପରିବେଶ ପର୍ଯ୍ୟନ୍ତ ସବୁଠାରେ ଏହାର ଅସ୍ତିତ୍ୱ ଅନୁଭୂତ, କିନ୍ତୁ ଏହାର ଆଲୋଚନା ପର୍ଯ୍ୟାଲୋଚନା ହୁଏ ସେତିକିବେଳେ ଯେତେବେଳେ ଏହାର ଭୟଙ୍କାରିତା ଅକଳନୀୟ ହୁଏ । ତେବେ କାହିଁକି ଏ ବିପର୍ଯ୍ୟୟ ? ତା'ର କାରଣ କ'ଣ ? ପୁନଶ୍ଚ ତା'ର ନିରାକରଣ କିପରି କରାଯିବ ? ସେ ବିଷୟରେ ସମ୍ୟକ ସୂଚନା ଏ ନିବନ୍ଧର ଆଭିମୁଖ୍ୟ ।

ପ୍ରାକ ବୈଦିକ ଯୁଗରେ ଯାଯାବର ମଣିଷଟା ବଞ୍ଚିବା ପାଇଁ ସଂଘର୍ଷ କରୁଥିଲା । ଏହି ସଂଘର୍ଷର ପରିସମାପ୍ତି ଘଟିଲା ସେତିକିବେଳେ ଯେତେବେଳେ ସେ ନିଜର ବଞ୍ଚିବାର ଖୋରାକ ଯୋଗାଡ କରିପାରିଲା, ଯେତେବେଳେ ସେ ପରିବାର ନାମକ ଏକ କ୍ଷୁଦ୍ର ସଂସ୍ଥା ଗଢିଲା । ସେଇଠାରୁ ହିଁ ଆରମ୍ଭ ହେଲା ସ୍ନେହ ପ୍ରେମର ମନ୍ଦାକିନୀ । ପରିବାର ହିଁ ହେଲା ତା'ର ନିର୍ଭୟ ଆଶ୍ରୟସ୍ଥଳୀ । ଧୀରେ ଧୀରେ ପରିବାରୁ ସମାଜ, ସମାଜରୁ ରାଷ୍ଟ୍ର ଇତ୍ୟାଦି ସୃଷ୍ଟି ନେଲା । ଏସବୁର ଶୃଙ୍ଖଳିତ ପରିଚାଳନା ନିମନ୍ତେ ସେ କେତକ ନୀତି ନିୟମ ପ୍ରଚଳନ କଲା । କାଳକ୍ରମେ ତାହା ପ୍ରଥା ଓ ପରମ୍ପରାରେ ପରିଣତ ହେଲା ।

ଆମେ ପୁନଶ୍ଚ ଫେରିବା ଏହାର ବିପର୍ଯ୍ୟୟ କଥାକୁ । ଏଠି ଜୀବନ ବି ବିପର୍ଯ୍ୟୟ ଏବଂ ଯୌବନ ବି ବିପର୍ଯ୍ୟୟ । ସମୟ ଥିଲା ଏକାନ୍ତବର୍ତ୍ତୀ ପରିବାର, ସ୍ନେହ ମମତା ଓ ପ୍ରାଚୁର୍ଯ୍ୟର ଗନ୍ତାଘର । ସମୟାନୁକ୍ରମେ ଆଧୁନିକତାର ପରିଛାପରେ, ପାଶ୍ଚାତ ସଂସ୍କୃତିର ପ୍ରଭାବରେ ପ୍ରଭାବିତ ହୋଇ ଆର୍ଯ୍ୟ ସଂସ୍କୃତିର ମେରୁଦଣ୍ଡ ଏହି ଏକାନ୍ତବର୍ତ୍ତୀ ପରିବାର ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଏକକ ପରିବାରରେ ପରିଣତ ହୋଇଛି । ଏପରିକି ପୁଅ ବିବାହ କଳାପରେ ବାପାମାଆ ବି ଏଥିରୁ ବାଦ୍ ପଡୁଛନ୍ତି । ଜୀବନର ଅପରାହ୍ନରେ ପୁଅବୋହୂ ନାତିନାତୁଣୀଙ୍କ ସହିତ ନିଜର ସୁଖଦ ଜୀବନ କଟାଇବାକୁ ଆଶା କରିଥିବା ପିତାମାତା ଆଜି ଅସହାୟ ଏକଲାପଣର ଦୁଃଖରେ ନିଜର ମୃତ୍ୟୁକୁ ଆହ୍ୱାନ କରୁଛନ୍ତି । ସେପଟେ କାମିନୀ କାଞ୍ଚନ ମାୟାରେ ପ୍ରଲୁବ୍ଧ ମଣିଷ ଗ୍ଳାନ୍ତ କ୍ଳାନ୍ତ ଭାବରେ ପ୍ରଧାବିତ ଅର୍ଥର ମୃଗତୃଷ୍ଣା ପଛରେ । ପ୍ରାଚୁର୍ଯ୍ୟର ଗନ୍ତାଘରେ ଥାଇ ବି ସେ ନିଃସ୍ୱ । ଯେଉଁ ଝଡ ସେ ନିଜେ ସୃଷ୍ଟି କରିଥିଲା !ତା ପିତାମାତାଙ୍କ ଜୀବନରେ ଆଜି ସେଇ ଝଡ କରାଳ ଗତିରେ ମାଡି ଆସୁଛି ତା ଆଡକୁ । ବଞ୍ଚିବାର ରାହା ଖୋଜୁ ଖୋଜୁ କେତେବେଳେ ଯେ ସେ ହଜିଯାଉଛି ମୃତ୍ୟୁର କରାଳ ଗର୍ଭରେ ତାର ହିସାବ ପାଉନାହିଁ ।

କାହିଁକି ଏ ବିପର୍ଯ୍ୟୟ ତା ଜୀବନରେ ? ଏଥିପାଇଁ ସେ ହିଁ ନିଜେ ଦାୟୀ, ଏହା ବୁଝିବାକୁ ଆଉ କେତେଦିନ ଲାଗିବ ? ଯେଉଁ ମାନବ ତରୁକୁ ସେ ରୋପିଥିଲା, ଯତ୍ନ ନେଇଥିଲା, ତା'ର ଛାୟାରେ ବସିବାକୁ ସ୍ୱପ୍ନ ଦେଖୁଥିଲା, ଆଜି ସେଠି ମରୁବାଲିର ଉତ୍ତପ୍ତତା । ପ୍ରକୃତି ଓ ତା'ଭିତରେ କିଛି ବି ପ୍ରଭେଦ ନାହିଁ । ଏଥିପାଇଁ ତାକୁ ସତର୍କତାର ସହିତ କାର୍ଯ୍ୟ କରିବାକୁ ପଡିବ । ରୋକ ଲଗାଇବାକୁ ପଡିବ ଉଚ୍ଛୃଙ୍ଖଳ ଯୁବପିଢିଙ୍କ ଗତିପଥରେ, ଯେଉଁ ଗତି ଆଜି ପାଶ୍ଚାତ୍ୟାଭିମୁଖୀ ତାକୁ ପ୍ରାଚ୍ୟାଭିମୁଖୀ କରାଇବାକୁ ପଡିବ । ତାକୁ ବୁଝାଇବାକୁ ପଡିବ ଭାଷା ଠାରୁ ଦିଶା ପର୍ଯ୍ୟନ୍ତ ସବୁ କିଛି ତା'ର ନିଜର ହେବା ଉଚିତ । "ସ୍ୱଧର୍ମେ ନିଧନ ଶ୍ରେୟଃ, ପରଧର୍ମ ଭୟାବହଃ"'- ଏହି ପ୍ରବାଦର ଗୁରୁତ୍ୱ ଅନ୍ୟମାନଙ୍କଠାରୁ କିମ୍ବା ଇତିହାସରୁ ଉଦାହରଣ ଦେଇ ବୁଝାଇବା ଉଚିତ । ଯଦି ତୁମେ ଏହାକୁ ରଙ୍ଗୀନ ବୋତଲରେ ରଖିବ, ତଥାପି ଏହା ତା'ର ଧର୍ମ ଛାଡିବ ନାହିଁ । ସେହିପରି, ଆମେ ଯେଉଁଠାରେ ରହୁ, ଆମେ ଆମର ସଂସ୍କୃତିକୁ ଭୁଲିଯିବା ଉଚିତ୍ ନୁହେଁ ଏବଂ ଅନ୍ୟମାନଙ୍କ ସଂସ୍କୃତିକୁ ମଧ୍ୟ ଗ୍ରହଣ କରିବା ଉଚିତ୍ ।

ବିଡମ୍ବନାର ବିଷୟ ଆଜି ଯୁବପିଢ଼ି ଏତେ ମାତ୍ରାରେ ପ୍ରତାରଣାର ଶିକାର ହେଉଛନ୍ତି । ଯେଉଁ ଯୌବନ ହେଉଛି ମାନବ ଜୀବନର ସର୍ବୋତ୍ତମ ସମୟ । ଯେଉଁ ସମୟରେ ସେ ଏକ ଦ୍ରୁତଗାମୀ ଘୋଡା ପରି ଦୌଡୁଥାଏ ଏବଂ ଆକାଶରୁ ଚନ୍ଦ୍ର ଆଣିବାର ଇଚ୍ଛା ତାଙ୍କ ଭିତରେ ଜାଗ୍ରତ ଥାଏ, ସେ ସମୟକୁ ସେ ନଷ୍ଟ କରି ଚାଲିଛି ସ୍ୱେଚ୍ଛାଚାରିତା ଭାବରେ । ଭାବାବେଗରେ ପ୍ରେମ ସ୍ରୋତରେ ନିଜର ଅସ୍ତିତ୍ୱକୁ ହରାଇ କେତେବେଳେ ପ୍ରଗଳ୍ଭ ସାଜୁଛି ତ କେତେବେଳେ ମୃତ୍ୟୁକୁ ଗଳାରେ ଲଗାଇ ଦେଉଛି । ଏହା କେବଳ ତାଙ୍କ ପାଇଁ କିମ୍ବା ତାଙ୍କ ପରିବାର ପାଇଁ ଏକ ବିପର୍ଯ୍ୟୟ ନୁହେଁ, ବରଂ ସମାଜ ଏବଂ ଅନ୍ୟ ଯୁବପିଢ଼ି ମଧ୍ୟ ତାଙ୍କ ପ୍ରଭାବରେ ପ୍ରଭାବିତ ହେଉଛନ୍ତି । ତଥାପି ଲୋକମାନେ ସଚେତନ ନୁହଁନ୍ତି । ଧନର ଆବଶ୍ୟକତା ଜୀବନରେ ଅଛି, କିନ୍ତୁ ଅତ୍ୟଧିକତାର ପରିଣାମ କେବଳ କୁଫଳ । "ଧନ ବିହୁନେ ସୁଖ ନାଶ, ଧନ ବହୁଳେ ସୁଖ ନାଶ । ଆଜିର ପରିସ୍ଥିତରେ ପ୍ରତ୍ୟେକ ଅଭିଭାବକଙ୍କର ଦାୟିତ୍ୱ ଅତୀବ ଗୁରୁତ୍ୱପୂର୍ଣ୍ଣ । ଏଥିଲାଗି ସାମୂହିକ ପ୍ରଚେଷ୍ଟା ଲୋଡା । ଏଥିପାଇଁ ତୁମକୁ ମାନସିକ ଭାବରେ ଦୃଢ଼ ହେବାକୁ ପଡିବ । ନଚେତ୍, କେବଳ ଯୁବପିଢ଼ି ନୁହେଁ, ବରଂ ସମାଜ, ରାଷ୍ଟ୍ର, ଜାତି, ସଂସ୍କୃତି, ସବୁକିଛି ବିପଦରେ ପଡ଼ିବ ।

ଏହାର ଆଉ ଜଣେ ସୁରକ୍ଷା କର୍ମୀ ହେଉଛି ନାରୀ, ସୃଷ୍ଟିର କାରକ । ପରିବାରର ଗୁରୁ ଦାୟିତ୍ୱ ସେ ବହନ କରେ । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ସତେ ଯେମିତି ସେ ନିଜର କର୍ତ୍ତବ୍ୟ ପ୍ରତି ପରାଂମୁଖ । ତେଣୁ ଏହାର ସମାଧାନ ଏକ ସଚେତନ ମାତୃତ୍ୱ ସୃଷ୍ଟି କରିବା ଯିଏ କି ଜୀବନ ଓ ଯୌବନର ବିପର୍ଯ୍ୟୟକୁ ପ୍ରତିରୋଧ କରିପାରିବ ।

ଆମେ ଏବେ ଫେରିବା ପରିବେଶର ବିପର୍ଯ୍ୟୟକୁ । ଆଜି ପରିବେଶ କେବଳ ପ୍ରଦୂଷିତ ଏଇ ମାନବ ପାଇଁ । ଜନସଂଖ୍ୟା ବୃଦ୍ଧି ଯେତିକି ଦାୟୀ ଅତ୍ୟାଧୁନିକତା ମଧ୍ୟ ସେତିକି ଦାୟୀ । ଆବଶ୍ୟକତା ଠାରୁ ଅଧିକ ପ୍ରୟୋଜନୀୟ ଦ୍ରବ୍ୟ କିଣି ଅନ୍ୟମାନଙ୍କ ନିକଟରେ ବଡିମା ଦେଖାଇବା ଆମମାନଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି । ଏଥିପାଇଁ ଅର୍ଥ ଆଉ ବାଧକ ସାଜୁନି ବରଂ ଅର୍ଥ ରୋଜଗାର କରି ଆମ୍ଭେମାନେ ଏହାର ଅପବ୍ୟବହାର କରୁଛେ । ଗାଡିମଟର ଠାରୁ ଆରମ୍ଭ କରି ସୌଖିନ ଦ୍ରବ୍ୟ ଯାହାକୁ ଯେତେ । ଏହାକୁ ତିଆରି କରିବାରେ କଳକାରଖାନାରୁ ନିର୍ଗତ ଧୂଆଁ ଓ ଅପରିଷ୍କାର ଜଳ ଆମ ବାୟୁମଣ୍ଡଳ ଓ ଜଳକୁ ଏପରି ପ୍ରଦୂଷଣ ଯୁକ୍ତ କରିଦେଇଛି ଯାହାର ପ୍ରଭାବ ଆଜି ଜୀବଜଗତ ଠାରୁ ଆରମ୍ଭ କରି ବୃକ୍ଷଲତାକୁ ଗ୍ରାସ କରିବାରେ ଲାଗିଛି । ସମସ୍ତେ ଆଜି ରୋଗଯୁକ୍ତ ହୋଇ ମୃତ୍ୟୁର ଦ୍ୱାରଦେଶରେ । ପରିବେଶବିତଙ୍କ ସଚେତନ ବାଣୀ କାହାରି କର୍ଣ୍ଣ ଗହ୍ୱର ମଧ୍ୟରେ ପ୍ରବେଶ କରୁନାହିଁ । ଉଦ୍ୟୋଗପତିମାନଙ୍କ ଠାରୁ ଦଲାଲ ପର୍ଯ୍ୟନ୍ତ ସମସ୍ତେ ଗଳାବାଟରେ ଗଳି ଯାଉଛନ୍ତି । ଏଥିଲାଗି କଳାପୋଷାକଧାରୀ ଅର୍ଥ ଲୋଭରେ ସମସ୍ତ ପ୍ରକାର ବାଟ ତିଆରି କରୁଛନ୍ତି । ଏ ଗଳାବାଟକୁ କିଏ ବନ୍ଦ କରିବ ?

ଆଜି ବେଳାଭୂମି ବି ବିପର୍ଯ୍ୟସ୍ତ । ମାଟି, ବାଲ୍ଲି, ଜଙ୍ଗଲ ଧ୍ୱସ୍ତ ବିଧ୍ୱସ୍ତ । ଫଳରେ ବାତ୍ୟାର ପ୍ରକୋପ ସହ୍ୟ କରିବାକୁ ପଡୁଛି ଉପକୂଳବର୍ତ୍ତୀ ଅଞ୍ଚଳର ଅଧିବାସୀଙ୍କୁ । ଏଥିଲାଗି ଦାୟୀ ହିଁ ସେଇମାନେ । ଜନବସତି ବୃଦ୍ଧି ହେତୁ ଏହାର ବିଲୋପ ଘଟିଛି ନିଶ୍ଚୟ । ତଥାପି ମନରେ ଶୋଚନା ନାହିଁ ବରଂ ବାତ୍ୟା ସମୟରେ କିପରି ରିଲିଫ୍ ପାଇବେ ଓ ଟାଉଟରୀ କରି ହଡପ କରିବେ ସେଥିପାଇଁ ଖୁବ ଯତ୍ନଶୀଳ । ଯଦି ଏହିପରି ଚାଲେ ତେବେ ଖୁବ ଶୀଘ୍ର ଦେଶ ଓ ଜାତିର ମେରୁଦଣ୍ଡ ଭାଙ୍ଗି ପଡିବ । ପରିବେଶକୁ ରକ୍ଷା କରିବା ପାଇଁ ବ୍ୟକ୍ତିଗତ ଭାବେ ନୁହେଁ ସାମୂହିକ ଭାବେ ଉଦ୍ୟମ କରିବା ଉଚିତ । ତେବେ ସିନା ଏ ବିପର୍ଯ୍ୟୟକୁ ରୋକାଯାଇପାରିବ ।

ଆଜି ଭୂମି ବି ବିପର୍ଯ୍ୟୟ ଧର୍ମରେ ବି ବିପର୍ଯ୍ୟୟ । ଏଥିପାଇଁ ଦାୟୀ କେବଳ ନ୍ୟସ୍ତ ସ୍ୱାର୍ଥୀ ମାନବମାନେ । ନିଜର ବଡିମା ପାଇଁ ସେମାନେ ଦେଶ ଦେଶ ଭିତରେ ସୃଷ୍ଟି କରିଚାଲିଛନ୍ତି ତିକ୍ତତା । ଧର୍ମକୁ ମୋହରା ବନାଇ ଅଧର୍ମର ହଳାହଳ ବିଷ ସିଞ୍ଚି ଚାଲିଛନ୍ତି ସାରା ବିଶ୍ୱରେ । ଏଥିରେ ବଳି ପଡୁଛନ୍ତି କେତେ ଯେ ନିରୀହ ତା'ର ହିସାବ ନାହିଁ । ଯୁଦ୍ଧର ବିଭୀଷିକା ଥରାଇ ଦେଉଛି ପରିବେଶକୁ । ଯାହାର ପ୍ରଭାବ କେବଳ ମାନବ ସମାଜକୁ ନୁହେଁ ସମଗ୍ର ବିଶ୍ୱକୁ ଧ୍ୱଂସାଭିମୁଖୀ କରାଉଛି ।

ଭାରତ ଏକ ବହୁ ଭାଷାଭାଷୀର ଦେଶ । ନିଜ ଦେଶ ତଥା ମାତୃଭୂମିର ସୁରକ୍ଷା ନିମନ୍ତେ ସମସ୍ତେ ମନକୁ ମନ ମିଶାଇ କାନ୍ଧକୁ କାନ୍ଧ ମିଶାଇ ଦୃଢତାର ସହିତ ଦଣ୍ଡାୟମାନ ହେବା ଆବଶ୍ୟକ । ମାଆ ପୁଅର, ମାଅ ବି ଝିଅର । ପରସ୍ପର ମଧ୍ୟରେ କନ୍ଦଳ କରି ମାଆକୁ ମୃତ୍ୟୁମୁଖକୁ ଠେଲିଦେଲେ ନିଜର ଧ୍ୱଂସ ସୁନିଶ୍ଚିତ । ଏହାଛଡା ତୁମେ ଯଦି ଜୀବନଟିଏ ସୃଷ୍ଟି କରିପାରିବ ନାହିଁ ତେବେ ତୁମର କି ଅଧିକାର ଅଛି ଏ ସୁନ୍ଦର ସୃଷ୍ଟିକୁ ଧ୍ୱଂସ କରିବାକୁ । କେଉଁ ଧର୍ମ ଗ୍ରନ୍ଥରେ ଲେଖାଯାଇଛି ଧର୍ମ ନାମରେ ଧ୍ୱଂସ-, କୋରାନ, ବାଇବେଲ ନା ଗୀତାରେ - ଯଦି ଧର୍ମକୁ ଢାଲ କରିଛେ ବିଶ୍ୱର ସୁରକ୍ଷା କରିବା ପାଇଁ । ତେଣୁ ସମସ୍ତ ଭାରତୀୟ ନାଗରିକମାନେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନିଜର ସୁରକ୍ଷା ସହିତ ବିଶ୍ୱର ସୁରକ୍ଷା କରିବା ପାଇଁ ସୃଷ୍ଟି କର୍ତ୍ତାଙ୍କ ନିକଟରେ ଶପଥ ନେବା ଉଚିତ । ଯୁଦ୍ଧ ନୁହେଁ ଶାନ୍ତି ହେଉ ସମସ୍ତଙ୍କର ପରିଭାଷା । ତେବେ ସିନା ଧର୍ମର ବିପର୍ଯ୍ୟୟକୁ ରୋକାଯାଇପାରିବ ।



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ରାଜ୍ୟସଭା ସାଂସଦ ମମତା ମହନ୍ତ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ସ୍ଥିତ ଅମୃତାଳୟ ଜରାନିବାସ ପରିଦର୍ଶନ କରିଛନ୍ତି । ଜରାନିବାସରେ ଥିବା ଅନ୍ତେବାସୀଙ୍କ ସହିତ ଦୀର୍ଘ ସମୟ ଧରି ଭାବର ଆଦାନପ୍ରଦାନ କରିବା ସହିତ ସେମାନଙ୍କର ଦୁଃଖସୁଖରେ ସାମିଲ ହୋଇଥିଲେ । ପରିବାରର ସ୍ନେହ ଶ୍ରଦ୍ଧା ଏବଂ ଭଲପାଇବା ଏହି ଅମୃତାଳୟରୁ ମିଳୁଥିବାରୁ ଅନ୍ତେବାସୀ ମାନେ ବେଶ ଖୁସିରେ ଥିବା ମତବ୍ୟକ୍ତ କରିଥିଲେ । ବର୍ତ୍ତମାନର ସାମାଜିକ ଓ ପାରିବାରିକ ସ୍ଥିତି ଅନୁଯାୟୀ ଜରାଶ୍ରମର ଆବଶ୍ୟକତା ଅଧିକ ରହିଛି ବୋଲି ସାଂସଦ ପ୍ରକାଶ କରିଥିଲେ । ଏହି ଅବସରରେ ସାଂସଦ ସମସ୍ତଙ୍କୁ ମିଠା ଓ ନୂତନ କପଡା ବଣ୍ଟନ କରିଥିଲେ । ଅନୁଷ୍ଠାନର ଅଧକ୍ଷ ଡ.ଲକ୍ଷ୍ମୀ ନାରାୟଣ ପଣ୍ଡା ଓ ଡ.ଅବନ୍ତିକା କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଅନୁଷ୍ଠାନରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଯୋଗଦେଇ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ । ଏଠାରେ ରହୁଥିବା ଅନ୍ତେବାସୀ ତ୍ରିଲୋଚନ ରାଉତଙ୍କୁ ସମ୍ମାନିତ କରାଯାଇଥିଲା । ଏହି ପରିଦର୍ଶନ ସମୟରେ ସ୍ୱୟଁ ନରାୟଣ ପଣ୍ଡା,ତପନ କୁମାର ବରାଳ,ଗେଲୀ ଦେହୁରୀ,ବିଜୟଲକ୍ଷ୍ମୀ ମୁନୀ ପ୍ରମୁଖ ସହଯୋଗ କରିଥିଲେ । ଡ. ସ୍ୱାତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବଟ ଗୋସେଇଁ ପୀଠରେ ମାଇପି ମେଳା

# ଗୁହାରିଆ ପଡ଼ିଲେ ଶତାଧିକ ମାନସିକଧାରୀ ମହିଳା



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ପ୍ରସିଦ୍ଧ ବଟ ଗୋସେଇଁ ମାଇପି ମେଳା ଅନୁଷ୍ଠିତ ହୋଇଯାଇଛି । ଏଠାରେ କିମ୍ବଦନ୍ତୀ କୁହେ ମହିଳାମାନେ ଅଧିଆ ପଡ଼ିଲେ ମନସ୍କାମନା ପୂର୍ଣ୍ଣ ହୁଏ । ନିଃସନ୍ତାନଙ୍କର ସନ୍ତାନ ପ୍ରାପ୍ତି ହୋଇଥିବା ବେଳେ ଦୁରାରୋଗ୍ୟ ରୋଗୀ ଆରୋଗ୍ୟ ହୁଅନ୍ତି । ଯାହାକୁ ନେଇ ଓଡ଼ିଶାର ପ୍ରସିଦ୍ଧ ମାଇପି ମେଳା ବୋଲି ବିବେଚନା କରାଯାଏ । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଛଣିଜଙ୍ଗ କାନପୁର ନୀଳଗିରି ସାହି ଅଂଶାଲୋ ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଶତାଧିକ ମାନସିକଧାରୀ ମହିଳାମାନେ ମାନସିକ ରଖି ଗୁହାରୀଆ ପଡ଼ିଛନ୍ତି । ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ଶିବ ଓ ବିଷ୍ଣୁଙ୍କ ଦମନକ ଚତୁର୍ଦ୍ଦଶୀ ତିଥିରେ ଏହି ମେଳା ଆୟୋଜିତ ହୋଇଥାଏ । ଏଠାରେ କେଉଁ ଆବାହନ କାଳରୁ ଗୋଟିଏ ବଟ ବୃକ୍ଷ ମୂଳରେ ଦୁଇଟି କଠଉ, ବନ ବିହାରୀ ବୃକ୍ଷକୁ ନିରାକାର ବିଷ୍ଣୁ ଭାବରେ ପୂଜାର୍ଚ୍ଚନା କରାଯାଇ ଆସୁଛି । ଏହି ପୀଠରେ ଥିବା ହୁଙ୍କା ଭିତରକୁ ନାଗସାପ ଯା'ଆସ କରିବାକୁ ଏକ ସୁଡ଼ଙ୍ଗ ରହିଅଛି । ନିମାପଡ଼ା, ଗୋପ, ନିଆଳି ଓ କାକଟପୁର ବ୍ଲକ୍ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ମେଳାକୁ ଆସି ଠାକୁରଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥା'ନ୍ତି । ନିଃସନ୍ତାନ ଓ ଦୂରାରୋଗ୍ୟରୁ ଆରୋଗ୍ୟ ପାଇଁ ଶତାଧିକ ମାନସକଧାରୀ ମହିଳା ଓ ପୁରୁଷମାନେ ଆସି ମେଳାର ପୂର୍ବଦିନ ରାତ୍ରରେ ପୀଠରେ ଠାକୁରଙ୍କ ପାଖରେ ଗୁହାରୀଆ ପଡ଼ିଥା'ନ୍ତି । ପରିଦିନ ମଧାହ୍ନ ୧୨ଟା ସମୟରେ କୋଠଭୋଗ ସରିବା ପରେ ମୁଖ୍ୟ ପୂଜକ ମାନସିକଧାରୀଙ୍କ ନିକଟରେ ପହଂଚି ଠାକୁରଙ୍କ ପୂଜା ପାଦୁକା ଜଳ ଛିଂଚି ଜଳ ପାଦୁକା ଓ ପଣା ପିଇବାକୁ ଦେବା ପରେ ଅଧିଆ ପଡ଼ିଥିବା ମାନସିକଧାରୀ ମହିଳାମାନେ ଉଠିଥା'ନ୍ତି । ଏହି ପୀଠରେ ଗୁହାରୀଆ ପଡ଼ିଲେ ନିଃସନ୍ତାନ ମହିଳାମାନେ ସନ୍ତାନ ପ୍ରାପ୍ତି ହେବା ସହିତ ବିଭିନ୍ନ ଦୁରାରୋଗ୍ୟରୁ ମୁକ୍ତି ମିଳିଥାଏ ବୋଲି ଲୋକଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ରହିଛି । ମୁଖ୍ୟ ପୂଜକ କ୍ଷୀରୋଦ ଚନ୍ଦ୍ର ଦାଶ, ଦୀପକ କୁମାର ଦାଶ, ଅଶୋକ କୁମାର ଦାଶ, ବାଉରୀବନ୍ଧୁ ପଣ୍ଡା, ବାମଦେବ ପଣ୍ଡା, ଅମିନ ପଣ୍ଡା ପ୍ରମୁଖ ଠାକୁରଙ୍କ ନୀତିକାନ୍ତି ସେବା କରିଥା'ନ୍ତି । ପୂଜା ସମୟରେ ସୁଡ଼ଙ୍ଗ ମଧ୍ୟରେ ନାଗସାପ ଦୃଶ୍ୟମାନ ହୋଇଥାଏ ବୋଲି ପୂଜକ କହିଛନ୍ତି । ଶ୍ରୀ ବଟ ଗୋସେଇଁ ମାଇପି ମେଳା ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଏହି ମେଳା ପ୍ରତିବର୍ଷ ଆୟୋଜିତ ହୋଇଥାଏ । ମେଳା ସ୍ଥଳରେ ପୀତବାସ ସାହୁ ମେମୋରିଆଲ୍ ଟ୍ରଷ୍ଟ ଓ ସେଲ୍ଫ ଏମ୍ପାଓରମେଂଟ ଟ୍ରଷ୍ଟ ତରଫରୁ ଭକ୍ତଙ୍କୁ ଖେଚେଡ଼ି ଓ ପାନୀୟ ଜଳ ବଂଟନ କରାଯାଇଥିଲା । ଉକ୍ତ ପୀଠକୁ ଯାତାୟତ ପାଇଁ ଭଲ ରାସ୍ତା ନାହିଁ ଓ ବିଦ୍ୟୁତ ଅବ୍ୟବସ୍ଥା ସାଙ୍ଗକୁ ପିଇବା ପାଣି ନଥିବାରୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଟ୍ରଷ୍ଟର କର୍ମକର୍ତାମାନେ ଦାବୀ କରିଛନ୍ତି । ବଟ ଗୋସେଇଁ ମାଇପି ମେଳା ଟ୍ରଷ୍ଟର ଉପଦେଷ୍ଟା ସମାଜସେବୀ ସୁଧୀର ମହାନ୍ତି, ଉପଦେଷ୍ଟା ସମାଜସେବୀ ରଣଜିତ ସାହୁ, ସଭାପତି ଗୋପବନ୍ଧୁ ଲେଙ୍କା, ସଂପାଦକ ଭାସ୍କର ସ୍ୱାଇଁ, ଟ୍ରଷ୍ଟର ସଦସ୍ୟ ଭରତ ଚନ୍ଦ୍ର ପ୍ରଧାନ, ଛବିନ୍ଦ୍ର ପ୍ରଧାନ, ସମାଜସେବୀ ଭବାନୀ ସ୍ୱାଇଁ, ସୌଦାମିନୀ ଦାଶ, ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହି ମେଳାକୁ ପରିଚାଳନା କରିଥିଲେ । ଅପରାହ୍ନରେ ବିଭିନ୍ନ ଅଂଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି ।

## ଭୁବନରେ ମା' ହିଙ୍ଗୁଳାଙ୍କ ଯାତ୍ରାରମ୍ଭ



ଭୁବନ(ଭାସ୍କର ନ୍ୟୁଜ): ଭୁବନର ପ୍ରସିଦ୍ଧ ଶକ୍ତିପୀଠ ହିଙ୍ଗୁଳା ଠାକୁରାଣୀଙ୍କ ପବିତ୍ର ପୀଠରେ ଆଜି ୧୧ ତାରିଖ ଶୁକ୍ରବାରଠାରୁ ୬୭ ତମ ହିଙ୍ଗୁଳା ଯାତ୍ରା ଆରମ୍ଭ ହୋଇଯାଇଛି । ସୋମବାର ଅପରାହ୍ନରେ ଶତାଧିକ ପୁରୁଷ, ମହିଳା କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ମା' ହିଙ୍ଗୁଳାଙ୍କ ନିକଟରେ ଘଟ ସ୍ଥାପନ କରିଥିଲେ । ୧୨ ତାରିଖ ଶନିବାର ପୂର୍ଣ୍ଣମୀ ଦିନ ଅପରାହ୍ନରେ ମାନସିକ ବ୍ରତଧାରୀ ପାଟୁଆ ମାନସିକ ପୂରଣ ନିମନ୍ତେ ନିଆଁରେ ଚାଲିବାର କାର୍ଯ୍ୟକ୍ରମ ରହିଛି । ଶନିବାରଠାରୁ ୧୪ ତାରିଖ ସୋମବାର ପର୍ଯ୍ୟନ୍ତ ପୂଜାର୍ଚ୍ଚନା,ହୋମ ଯଜ୍ଞ ଓ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହେବ ଏବଂ ୧୫ ତାରିଖ ମଙ୍ଗଳବାର ଦିନ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ । ୨୧ ତାରିଖ ସୋମବାର ରାତ୍ର ୧୦ ଘଟିକା ସମୟରେ ଦେବାଶିଷ ମିଶ୍ରଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାମାଜିକ ନାଟକ ନ୍ତକିଏ ପୋଛିଦେବ ଆଖିର ଲୁହ' ଏବଂ ୨୨ ତାରିଖ ମଙ୍ଗଳବାର ରାତି ମାଷ୍ଟର ସତ୍ୟବାଦୀ ସେନାପତିଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ନ୍ତଦେବଦାସୀ' ଏବଂ ୨୩ ତାରିଖ ବୁଧବାର ରାତି ଗୁରୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶନାରେ ନ୍ତସେଇ ଗୋଟିଏ ଭୁଲ ପାଇଁ' ମଞ୍ଚସ୍ଥ ହେବ । ହିଙ୍ଗୁଳା ଦେବୀ ଠାକୁରାଣୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ଶଶି ଭୂଷଣ ପୃଷ୍ଟି ଙ୍କ ତତ୍ତ୍ୱାବଧାନରେ ସମ୍ପାଦକ କୁଞ୍ଜ ବିହାରୀ ଚିନରା, ମୁଖ୍ୟ ଉପଦେଷ୍ଟା ଦିଲ୍ଲୀପ ଦାସ, ନିରଞ୍ଜନ ଗୁରୁ, ଖଗେଶ୍ୱର ନାୟକ, ଧନେଶ୍ୱର ସାହୁ, ଅମ୍ବୁଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

## ବଙ୍ଗୀୟ ଯୁବତୀଙ୍କୁ ନେଇ ନିମାପଡ଼ାରେ ଚାଲିଛି ସେକ୍ସ ର୍ୟାକେଟ୍, କାର୍ଯ୍ୟାନୁଷ୍ଠାନ କେବେ?

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବଙ୍ଗୀୟ ଯୁବତୀଙ୍କ ଆତଙ୍କ ଦେଖା ଦେଇଥିବା ବେଳେ ଅନୈତିକ କାର୍ଯ୍ୟରେ ବଙ୍ଗୀୟ ଯୁବତୀଙ୍କୁ ନେଇ କେତେଜଣ ବ୍ୟକ୍ତି ସେକ୍ସ ର୍ୟାକେଟ୍ କାରବାର ଚଳାଇଥିବା ଶୁଣିବାକୁ ମିଳିଛି । କୁଶଭଦ୍ରା ତ୍ରିନାଥ ମାର୍ଗ ଠାରୁ ଆରମ୍ଭ କରି ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଯୁବତୀ ମାନଙ୍କର ଯାତାୟତ ହେଉଥିବା ବେଳେ ରୋମିଓ ମାନଙ୍କର ଲମ୍ବା ଲାଇନ୍ ଲାଗୁଛି । ଯାହାଦ୍ୱାରା ନିମାପଡ଼ା ଅଞ୍ଚଳ ଏମାନଙ୍କ ପାଇଁ କଳଙ୍କିତ ହେବାକୁ ଯାଉଥିବା ବେଳେ ତିନୋଟିରୁ ଊର୍ଦ୍ଧ୍ୱ ସ୍ଥାନରେ ଯୁବତୀଙ୍କୁ ନେଇ କେତେଜଣ ବ୍ୟକ୍ତି ସେକ୍ସ ର୍ୟାକେଟ୍ କାରବାର କରି ବ୍ୟାପକ ଅର୍ଥ ରୋଜଗାର କରୁଛନ୍ତି । ଏପରି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଥିବା ବେଳେ ଅନ୍ୟ କେତେକ ବ୍ୟକ୍ତି ଦଣ୍ଡିଆ ସାଜି ହାତ ଚିକ୍କଣ ଉଦ୍ଦେଶ୍ୟରେ ଲମ୍ବା ଲାଇନ ଲଗାଇଛନ୍ତି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ାରେ ବଙ୍ଗୀୟ ଯୁବତୀଙ୍କୁ ନେଇ ସେକ୍ସ ର୍ୟାକେଟ୍ କାରବାର ଚାଲୁଥିବା ବେଳେ ଯୁବତୀମାନେ ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ କପଡ଼ା ଢ଼ାଙ୍କି ହୋଇ ବାଇକ୍‌ରେ ବସି ଯାତାୟାତ କରୁଛନ୍ତି । ଏହି ଯୁବତୀଙ୍କୁ ଅନେକ ସମୟରେ ନିମାପଡ଼ାରେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି । ଯାହାଦ୍ୱାରା ସେକ୍ସ କାରବାରରେ ଯୁବଗୋଷ୍ଠୀ ଲିପ୍ତ ରହି ନିଜ ଭବିଷ୍ୟତକୁ ଅନ୍ଧାର କରୁଛନ୍ତି । ଯୁବକମାନେ ବିପଥଗାମୀ ହୋଇ ସେକ୍ସ ର୍ୟାକେଟ୍ କାରବାର କରି ଅପରାଧୀକ କାର୍ଯ୍ୟ କରିବା ସହ ଟଙ୍କା ରୋଜଗାର କରି ଯୁବତୀଙ୍କୁ ଦେଉଛନ୍ତି । ଦୁଇଦିନ ତଳେ ଦୁଇଜଣ ଯୁବତୀଙ୍କୁ ବାହାରୁ ଆଣି ଜଣେ ଯୁବକ ଏକ ଘରେ ରଖି ସକାଳୁ ଅର୍ଥ ନ ଦେବାରୁ ଦୁଇ ଯୁବତୀ କୁଶଭଦ୍ରା ନଦୀବନ୍ଧ ଉପରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ନଜିର ରହିଛି । ଏପରି ହେବା ଦ୍ୱାରା ନିମାପଡ଼ା କଳଙ୍କିତ ହେବାରେ ଲାଗିଛି । କ'ଣ ପାଇଁ ଦୁଇ ତିନୋଟି ସ୍ଥାନରେ ଚାଲିଥିବା ସେକ୍ସ ର୍ୟାକେଟ୍ ମାନଙ୍କ ଉପରେ ଚଢ଼ଉ କରାଯାଉ ନାହିଁ । ପ୍ରଶାସନ ନୀରବ ସାଜିଥିବାରୁ ବେଳକୁ ବେଳ ଅସନ୍ତୋଷ ବଢ଼ି ଚାଲିଛି । ଏବେ ନିମାପଡ଼ାକୁ ବାହାରର ଯୁବତୀ ଆଗମନ ଶୁଭଙ୍କର ନୁହେଁ ବୋଲି ଅନେକ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଏହି ଘଟଣା ପ୍ରତି ଦୃଷ୍ଟି ଦିଆ ନଗଲେ ସେକ୍ସ ର୍ୟାକେଟ୍ କାରବାର ବେଳକୁ ବେଳ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି ।

## ସ୍ୱର ଓ ସ୍ୱାକ୍ଷରର ନୂତନ କର୍ମକର୍ତ୍ତା

ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର ସର୍ବ ପୁରାତନ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ସ୍ୱର ଓ ସ୍ୱାକ୍ଷର'ର କର୍ମକର୍ତ୍ତା ମନୋନୟନ ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ବିଦାୟୀ ସଭାପତି ଡ଼କ୍ଟର ଶ୍ରୀହରି ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭା କାର୍ଯ୍ୟକ୍ରମରେ ବିଦାୟୀ ସମ୍ପାଦକ ନାରାୟଣ ଚନ୍ଦ୍ର ଦାଶ ବିଗତ ବର୍ଷ ଗୁଡିକରେ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଓ ଆୟ ବ୍ୟୟ ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଭ୍ୟ ଡ଼କ୍ଟର ଉଦୟନାଥ ମାଝି ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇ ମନୋନୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କର୍ମକର୍ତ୍ତା ମନୋନୟନରେ ଅନୁଷ୍ଠାନର ସଭାପତି ଭାବରେ ନାଟ୍ୟକାର ଡାକ୍ତର ରାଜ କିଶୋର ପଣ୍ଡା, ଉପସଭାପତି କବି ଯଯାତି କେଶରୀ ସାହୁ, ସମ୍ପାଦକ କବି ଅଧ୍ୟାପକ ସୁବ୍ରତ ଦାସ, ସହସମ୍ପାଦକ କବି ନାରାୟଣ ଚନ୍ଦ୍ର ମହାଲିକ, ସଂଗଠନ ସମ୍ପାଦକ ଭାବରେ ବ୍ୟଙ୍ଗକବି ଓମ ପଣ୍ଡା ଓ କବି ଜିତେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଭାବରେ ରଞ୍ଜନ କୁମାର ପାଣିଗ୍ରାହୀ, କୋଷାଧକ୍ଷ ଭାବେ ଗାଳ୍ପିକ ରାମଚନ୍ଦ୍ର ଦାଶ ମନୋନୀତ ହୋଇ ଥିଲେ । କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ଅଧାପକ ବିଜୟ ରାୟ, ଅଧାପକ ବିକ୍ରମ ମହାପାତ୍ର, କବି ବିରଜା ବଳ, ନାରାୟଣ ଚନ୍ଦ୍ର ଦାଶ, କାମେଶ୍ୱର ପଣ୍ଡା, ପ୍ରଭାତ କୁମାର ମଲ୍ଲିକ ଓ ସୁବାଷ ଚନ୍ଦ୍ର ମହାପାତ୍ର ମନୋନୀତ ହୋଇଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ଗାଳ୍ପିକ ଅଚ୍ୟୁତାନନ୍ଦ ପତି, ନାଟ୍ୟକାର ରାଧାରମଣ ଦାସ, ଡକ୍ଟର ହରି ଧଳ, କବୟିତ୍ରୀ ବିଦ୍ୟୁତ ଲତା ଦାସ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଡ଼ଃ ବଟକୃଷ୍ଣ ମହାପାତ୍ର ଓ ଅଧ୍ୟାପକ ଅନିଲ କୁମାର ମହାନ୍ତି ରହିଛନ୍ତି ।

## ସୂଚନା ଅଧିକାର ଆଇନ ତୀବ୍ର କ୍ରିୟାଶୀଳ ନେଇ ଗଠନ ହେଲା ଜିଲ୍ଲାସ୍ତରୀୟ କମିଟି



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଓଡ଼ିଶା ସୂଚନା ଅଧିକାର ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ କର୍ମୀ ସମ୍ମିଳନୀରେ ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ସୂଚନା ଅଧିକାର ଆଇନର ବ୍ୟାପକ ସଚେତନତା ଏବଂ ତୀବ୍ର କ୍ରିୟାଶୀଳ ଦିଗରେ ପ୍ରତିକ୍ରିୟା ଦେଇଥିଲେ । ନିମାପଡ଼ା ବ୍ଲକ୍ ସମେତ ପୁରୀ ଜିଲ୍ଲାର ୧୧ ଗୋଟି ବ୍ଲକ୍ ଏବଂ ୪ ଗୋଟି ବିଜ୍ଞାପିତ ଅଂଚଳରେ ସରକାରଙ୍କ ଜନ ମଙ୍ଗଳ ଯୋଜନାର କାର୍ଯ୍ୟକାରୀତା ଏବଂ ଦୁର୍ନୀତିର ମୂଳୋତ୍ପାଟନ କରି ସ୍ୱଚ୍ଛତା ଦିଗରେ ଆରଟିଆଇ ହେଉଛି ଏକମାତ୍ର ଅସ୍ତ୍ର । ଏଥିପାଇଁ ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ସୂଚନା ଅଧିକାର କର୍ମୀ ଗଠନ ଏବଂ ବହୁଳ ସଚେତନତା ସୃଷ୍ଟି ପାଇଁ ଏକ କମିଟି ଗଠନ କରାଯାଇଥିଲା । ପୁରୀ ଜିଲ୍ଲା ସୂଚନା ଅଧିକାର ଅଭିଯାନର ଆବାହକ ଭାବେ ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି, ଜିଲ୍ଲା ସଂପାଦକ ଭାବେ ଦିବାକର ନାୟକଙ୍କୁ ମନୋନୀତ କରାଯାଇଥିବା ବେଳେ ୧୧ ଗୋଟି ବ୍ଲକ୍‌ର ଆବାହକ ମନୋନୀତ ହୋଇଥିଲେ । ନିମାପଡ଼ା ବ୍ଲକ୍‌ର ଆବାହକ ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ, ଗୋପ ବ୍ଲକ୍ ଆବାହକ ପ୍ରଦୀପ ସ୍ୱାଇଁ, ସତ୍ୟବାଦୀ ବ୍ଲକ୍ ଆବାହକ ସୁଶୀଲ କୁମାର ସାହୁ, ଅସ୍ତରଙ୍ଗ ବ୍ଲକ୍ ଆବାହକ ସୁବୋଧ ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତା ଚୟନ କରାଯାଇଥିଲା । ସରକାରଙ୍କ ତରଫରୁ ସୂଚନା ଅଧିକାର ଆଇନର ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲାର ସୂଚନା ଲୋକ ସଂପର୍କ ବିଭାଗ ଖାମ ଖିଆଲ୍ ଏବଂ ଅବହେଳା କରି ଏହି ବଳିଷ୍ଠ ଆଇନକୁ ଦୁର୍ବଳ କରୁ ଥିବାରୁ ବିଷୟ ଉପରେ ଉପସ୍ଥିତ ଶତାଧିକ କର୍ମୀ ମତାମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ଚନ୍ଦନପୁରସ୍ଥିତ ଶିରୁଳୀ ମହାବୀରଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା ।

## ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୪୫୦ ଗୁଆ ବସ୍ତା ଜବତ



ପାରାଦୀପ(ଭାସ୍କର ନ୍ୟୁଜ): ଗତ ଅପ୍ରେଲ ୧୦ତାରିଖ ସକାଳେ ବଙ୍ଗୋପ ସଗାର ସମୁଦ୍ରରେ ଏକ ଭାରତୀୟ ମାଛଧରା ଟ୍ରଲରର ଗତିବିଧି ଉପରେ ସନ୍ଦେହ ହେବାରୁ ଭାରତୀୟ ତଟରକ୍ଷୀ ବାହିନୀର ଭରଦ ଅନ୍ତର୍ଜାତିୟ ସାମୁଦ୍ରିକ ସୀମା ରେଖାରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଏହାକୁ ଅଟକାଇ ଯାଞ୍ଚ କରିଥିଲା । ଏହି ବୋଟ ଟି ବାଂଲାଦେଶ ରୁ ୪୫୦ ବସ୍ତା ଚୋରା ଗୁଆ ବସ୍ତା ଯାହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା ହେବ ନେଇ ଆସୁଥିବା ବେଳେ ତଟ ରକ୍ଷୀ ବାହିନୀ ଏହାକୁ ଧରିଥିଲା । ଏହି ବୋଟର ନାମ ହେଉଛି ମା' ବାସନ୍ତୀ ଏବଂ ଏହା କାକଦ୍ୱୀପ ମାଛଧରା ବନ୍ଦରର ପଞ୍ଜିକୃତ ହୋଇଥିବା ବେଳେ ଏଥିରେ କୌଣସି ବୈଧ ପଞ୍ଜିକୃତ କାଗଜପତ୍ର ନଥିବା ଯାଞ୍ଚ ବେଳେ ଜଣା ପଡିଥିଲା । ଏହି ବୋଟ ଏବଂ ନାବିକମାନଙ୍କୁ ଅଧିକ ଯାଞ୍ଚ କରିବା ପାଇଁ ପାରାଦୀପ ବନ୍ଦରକୁ ଅଣାଯାଇଛି ।

## ପାରାଦୀପରେ ହିତାଧିକାରୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ



ପାରାଦୀପ(ଭାସ୍କର ନ୍ୟୁଜ): କଟକର ବାଲିଯାତ୍ରା ପଡିଆରେ ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଉଚ୍ଚ ଅଧିକାରୀମାନଙ୍କ ଉପସ୍ଥିତିରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ସ୍ୱାସ୍ଥ୍ୟ ଯୋଜନାକୁ ଲୋକାର୍ପଣ କରି ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ । ଏହି ଅବସରରେ ପାରାଦୀପ ଜୟଦେବ ସଦନ ପରିସରରେ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଉପସ୍ଥିତ ସମସ୍ତ ମହିଳା ଦେଖିଥିଲେ । କାର୍ଯ୍ୟକ୍ରମ ପ୍ରସାରଣ ଶେଷରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀ, କମ୍ୟୁନିଟି ପ୍ରୋସେସ ଅଧିକାରିଣୀ, ପୌର ଉପାଧକ୍ଷା ଏବଂ ପାରିଷଦଙ୍କ ଉପସ୍ଥିତିରେ ୧୦ ଜଣ ହିତାଧିକାରୀଙ୍କୁ ଏହି ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିବା ବେଳେ ଅଙ୍ଗନବାଡ଼ି କର୍ମୀ ଓ ଏସଏଚଜି ସହାୟିକା ମାନଙ୍କ ଦ୍ୱାରା ଅନ୍ୟ ହିତାଧିକାରୀମାନଙ୍କୁ ଘର ବୁଲି ଏହି ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯିବ । ତେବେ ସଧାରଣରେ ଏଥିପ୍ରତି ସଚେତନତା ପାଇଁ ଏକ ସଚେତନତା ରଥକୁ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ଉଦଘାଟନ କରିଥିଲେ । ସୂଚନାଥାଉକି, ଯୋଜନାରେ ରାଜ୍ୟର ୧.୦୩ ଲକ୍ଷ ପରିବାର ସମେତ ୩.୪୬ କୋଟି ଲୋକ ଉପକୃତ ହେବେ । ଏତଦବ୍ୟତୀତ ଯୋଜନାରେ ଓଡିଶା ବ୍ୟତୀତ ସମଗ୍ର ଦେଶର ୨୯ ହଜାର ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସା ସୁବିଧା ମିଳିପାରିବ ।

### ତରିକୁନ୍ଦ ଆୟୁଷ୍ମାନ ଯୋଜନା କାର୍ଯ୍ୟକ୍ରମରେ ଉଡିଲା ଚେୟାର

## ବ୍ଲକ୍ ପ୍ରଶାସନର ମନମାନିକୁ ବିଜେପି କର୍ମୀଙ୍କ ବିରୋଧ, ଅଧାରୁ କାର୍ଯ୍ୟକ୍ରମ ବନ୍ଦ



ରଘୁନାଥପୁର(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କରାଯିବା ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର ତରିକୁନ୍ଦ ଓ ଜଇପୁରରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନର ମନମାନିକୁ ନେଇ ତରିକୁନ୍ଦରେ ହେଉଥିବା କାର୍ଯ୍ୟକ୍ରମକୁ ବିଜେପିର ପୁରୁଷମହିଳା କର୍ମୀ ବିରୋଧ କରି କାର୍ଯ୍ୟକ୍ରମ ସ୍ଥଳରେ ପଡିଥିବା ଚେୟାରଗୁଡିକୁ ଫିଙ୍ଗାଫୋପଡା କରିଥିଲେ ଏବଂ କାର୍ଯ୍ୟକ୍ରମକୁ ବନ୍ଦ କରିଥିଲେ । ଭୟରେ ଏହି ଦାୟିତ୍ୱରେ ଥିବା କର୍ମଚାରୀମାନେ ଲୁଚି ପଳାଇଥିବା ଦେଖିବାକୁ ମିଳିଥିଲା । ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକ ଓ ଓବିସିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାରଣାଙ୍କ କହିବାନୁଯାୟୀ ଏହି ପୋଗ୍ରାମ ପାଇଁ ସରକାର ରଘୁନାଥପୁର ବ୍ଲକ୍‌କୁ ଦୁଇଟି ସ୍ଥାନ ପାଇଁ ୫ଲକ୍ଷ ଟଙ୍କା ଦେଇଛନ୍ତି । ହେଲେ ପ୍ରଶାସନ ଏହାର ପ୍ରଚାର ପ୍ରସାର ନକରିବା ଫଳରେ ସାଧାରଣ ଲୋକେ ସରକାରଙ୍କ ଯୋଜନାକୁ ଜାଣିପାରୁ ନାହାଁନ୍ତି । ଏଠାରେ ୧ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା ଥିବାବେଳେ ମାତ୍ର ୩/୪ଶହ ଲୋକଙ୍କ ପାଇଁ ଆୟୋଜନ କରାଯାଇ ବ୍ଲକ ପ୍ରଶାସନ ଟଙ୍କାକୁ ଆତ୍ମସାତ୍ କରିଛି । ବିଡିଓ କୌଣସି ବିଜେପି କର୍ମୀଙ୍କ ସହ ଆଲୋଚନା ମଧ୍ୟ କରିନାହାନ୍ତି । ପୂର୍ବରୁ ହେଇଥିବା ସୁଭଦ୍ରା ଯୋଜନା ଓ ଅନ୍ତୋଦ୍ୟ ଗୃହଯୋଜନା କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ଏହିଭଳି ଅବ୍ୟବସ୍ଥା କୁ ନେଇ ରଘୁନାଥପୁର ବିଜେପିରେ ଅସନ୍ତୋଷ କୁହୁଳିଥିଲା । ଆଜି ଏହାର ପ୍ରତିବାଦ କରାଗଲା । ଏଥିରେ ଜିଲ୍ଲା କୃଷକ ମୋର୍ଚ୍ଚାର ସୁକାନ୍ତ ସ୍ୱାଇଁ, ନବ ମଲ୍ଲିକ, ଅଜିତ ମହାରଣା, ସୌମ୍ୟରଂଜନ ଭୂୟାଁ, ନିହାର ରଞ୍ଜନ ଦାସ, ଜ୍ଞାନେଶ୍ୱର ଶାମଲ, ହିମାଂଶୁ ପ୍ରଧାନ, ବାପି ସିଂହ, ବିଭୁପ୍ରସାଦ ବେହେରା, ନିଶିକାନ୍ତ ଜେନାଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ । ସେହିପରି ଏହି ବ୍ଲକ ଅଧିନ ଜଇପୁରରେ ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଥିବା କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଯୋଗ ଦେଇ ଥିବାବେଳେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ରଘୁନାଥପୁର ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରଟେଣ୍ଟ ଡାକ୍ତର ସୁକାନ୍ତ ଦଳାଇ, ଜଇପୁର ମେଡିକାଲର ଡାକ୍ତର ଅସିମ ଅନୁପମ ସ୍ୱାଇଁ, ସରପଞ୍ଚ ଅମିତା ଖୁଣ୍ଟିଆ, ସମିତି ସଭ୍ୟ ରଂଜନ କୁମାର ସ୍ୱାଇଁ ଯୋଗଦେଇ ୧୦ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟକରିଥିଲେ । ଏଥିରେ ମଞ୍ଚ ପରିଚାଳନା କରିଥିଲେ ରଘୁନାଥପୁର ମେଡିକାଲର ତୃପ୍ତିମୟୀ ମହାପାତ୍ର, ସୁପରଭାଇଜର ଅଫିସର ଭାବେ ଜିପିଓ ସ୍ମାରକ ରଂଜନ ମହାନ୍ତି ଉପସ୍ଥିତଥିଲେ ।

## ଜିଲ୍ଲାପାଳଙ୍କ ନୋ-ଏଣ୍ଟ୍ରି ଆଦେଶ ମୂଲ୍ୟହୀନ



ଭୁବନ(ଭାସ୍କର ନ୍ୟୁଜ): ଭୁବନ କାଳୀ ବଜାରଠାରୁ ଢ଼େଙ୍କାନାଳ ବାଜି ଚୌକ (୪୫ କି ମି ) ପୂର୍ତ୍ତ ବିଭାଗ ରାସ୍ତାରେ ଅପ୍ରେଲ ମାସ ୧ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ସକାଳ ୯ ଘଟିକାଠାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରାଯାଇଛି । ଜିଲ୍ଲାପାଳ ଚିଠି ନଂ-୯୬୮ ତା ୦୨.୦୪.୨୦୨୫ରେ ଏହି ଆଦେଶକୁ ପାଳନ କରିବା ପାଇଁ ଢ଼େଙ୍କାନାଳ ସଦର ଥାନା,ଟାଉନ ଥାନା,ଗଁଦିଆ ଓ ଭୁବନ ଥାନା କୁ ନିର୍ଦ୍ଦେଶ ଦେଇଛନ୍ତି । ଇତି ମଧ୍ୟରେ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ୬ ଚକିଆ ( ମାଙ୍କଡ଼ା ପଥର ),୧୦ ଚକିଆ ଟ୍ରକ ଓ ହାଇୱା (ବାଲି)ଗାଡ଼ି ସବୁ ନିର୍ବିଘ୍ନରେ ଚଳାଚଳ କରୁଛି । ଛାତ୍ରଛାତ୍ରୀମାନେ ସ୍କୁଲ ଯିବା ସମୟ ଓ ସ୍କୁଲରୁ ଫେରିବା ସମୟରେ ରାସ୍ତା ଜାମ ହେବା ସହିତ ବହୁ ଅସୁବିଧା ସୃଷ୍ଟି ହେଉଛି । ଜିଲ୍ଲାପାଳ ଙ୍କ ନୋ ଏଣ୍ଟ୍ରି ଆଦେଶ କୁ ଖାତିର ନକରି ଭାରିଯାନ ନିର୍ବିଘ୍ନରେ ଚାଲୁଛି । ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜିଲ୍ଲାପାଳଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ଜନସାଧାରଣରେ ଦାବି ହୋଇଛି । ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ରାସ୍ତାରେ ଜିଲ୍ଲାପାଳ ଫେବୃୟାରୀ ୨୭ରେ ନୋ ଏଣ୍ଟ୍ରି ପାଇଁ ଆଦେଶ ଦେଇଥିଲେ କିନ୍ତୁ ପ୍ରଶାସନର ଅସହଯୋଗ କାରଣରୁ ନିର୍ବୀଘ୍ନ ରେ ଭାରିଯାନ ଚଳାଚଳ କରୁଥିଲା ।

## ୧୫ରୁ ଦକ୍ଷିଣକାଳୀ ପୀଠରେ ବାର୍ଷିକ ପ୍ରବଚନ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ଦକ୍ଷିଣକାଳୀ ପୀଠରେ ୧୪ ତମ ବାର୍ଷିକ ପ୍ରବଚନ ଆସନ୍ତା ୧୫ ମଙ୍ଗଳବାରରୁ ୧୯ ତାରିଖ ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ମାଳିକା ବିଚାରକ ପ୍ରବଚକ ମାନସ ଦାଶଙ୍କ ସମେତ ପ୍ରବଚକ ମନୋଜ ପ୍ରଧାନ, ପୂଜ୍ୟ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ଓ ପ୍ରବଚକ ବିରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତ୍ୟେହ ସନ୍ଧ୍ୟା ୭ ଘଟିକାଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ପ୍ରବଚନ ଦେବେ । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ପ୍ରବଚନ ଶୁଣିବା ସହିତ ମା' ଦକ୍ଷିଣକାଳୀ କୃପାଲାଭ କରିବାକୁ ଆୟୋଜକ କମିଟି ତରଫରୁ ନିବେଦନ କରାଯାଇଛି ।

## ଚର୍ଚ୍ଚାରେ ରୟାଲାୟନ୍ସ କ୍ଲବ, ୧୨ ବର୍ଷ ପୂର୍ତ୍ତି ଅବସରରେ ରାମମନ୍ଦିର ରଙ୍ଗ କାମ ଆରମ୍ଭ

ଭୁବନ(ଭାସ୍କର ନ୍ୟୁଜ): ୨୦୧୨ ମାଟ୍ରିକ ବ୍ୟାଚ ରୟାଲାୟନ୍ସ କ୍ଲବ ଚଳିତ ବର୍ଷ ୧୨ ବର୍ଷ ପୂର୍ତ୍ତି ଅବସରରେ ଭୁବନ ରାମ ମନ୍ଦିରକୁ ରଙ୍ଗ କାମ ଆରମ୍ଭ କରି ପ୍ରଶଂସାର ପାତ୍ର ହୋଇଛି । ରୟାଲାୟନ୍ସ କ୍ଲବ ସଭାପତି ପିଣ୍ଟୁ ଦାସଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ସଭ୍ୟ ଗୁଲସନ୍ କୁମାର ରାଉତ, ସିଲୁ ନାୟକ ଓ ଅନ୍ୟ ସଦସ୍ୟଙ୍କ ସହଯୋଗରେ ରାମମନ୍ଦିର ରଙ୍ଗ କାମ କରାଯାଉଛି । ଶ୍ରୀରାମ ନବମୀ ଅବସରରେ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିବା ବେଳେ ମନ୍ଦିର ରଙ୍ଗ ପ୍ରତି କାହାର ନଜର ପଡିନଥିଲା । ରୟାଲାୟନ୍ସ ସଭାପତି ମନ୍ଦିର ରଙ୍ଗ ଛାଡ଼ିଯାଇଥିବା ଦେଖି ଦୁଃଖ ପ୍ରକାଶ କରି ଏ ସମ୍ପର୍କରେ ଏକ ବୈଠକ ଆହ୍ୱାନ କରି ସର୍ବସମ୍ମତ କ୍ରମେ ଗୁରୁବାରଠାରୁ ମନ୍ଦିର ରଙ୍ଗକାମ ଆରମ୍ଭ କରିଥିଲେ । ଏଭଳି ସେବା ଓ ଧର୍ମ କାର୍ଯ୍ୟ ପାଇଁ ସବୁ ମହଲରେ ଉକ୍ତ କ୍ଲବକୁ ଉଚ୍ଚପ୍ରଶଂସା କରାଯାଉଛି । ଅନ୍ୟ ଯୁବଗୋଷ୍ଠୀଙ୍କ ପାଇଁ ଏହି କ୍ଲବ ଆଦର୍ଶ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରୁଛନ୍ତି । ସୂଚନା ଯୋଗ୍ୟ ଯେ, ଭୁବନରେ ପ୍ରତିବର୍ଷ ମାଟ୍ରିକ ପାସ ଆଉଟ୍ ଛାତ୍ରମାନେ ଏକ କ୍ଲବ ଗଠନ କରି ଗଣେଶ ପୂଜା ପାଳନ କରି ନୂଆ ରେକର୍ଡ ସୃଷ୍ଟି କରୁଛନ୍ତି । ଯେଉଁ କ୍ଲବ ୧୨ ବର୍ଷ ପୂର୍ତ୍ତି ପାଳନ କରୁଛି ସେ ଅତି ଆଡମ୍ବର ସହକାରେ ପୂଜା, ସାଜସଜ୍ଜା ସହିତ ଜନ କଲ୍ୟାଣ କାର୍ଯ୍ୟ କରୁଛନ୍ତି ।

### ଡ୍ରେନେଜ୍ ବିଭାଗରେ ଏସ୍‌ଡିଓ, ଜେଇ ସାଜିଛନ୍ତି ଠିକାଦାର

# ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ଲୁଟ୍



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ରେ ଡ୍ରେନେଜ ବିଭାଗର ଚାଲିଛି କୋଟି କୋଟି ଟଙ୍କାର କାମ । କାମ ପାଖରେ ନା ଅଛନ୍ତି ଠିକାଦାର ନା ବିଭାଗୀୟ ଯନ୍ତ୍ରୀ । ଲେବର ମିସ୍ତ୍ରୀ ନିଜ ମନଇଚ୍ଛା ଭାଗ ମାପରେ କରୁଛନ୍ତି କାମ । ଏଭଳି ଘଟଣା ଦେଖିବାକୁ ମିଳିଛି କଣ୍ଟାପଡା ବ୍ଲକ ବାଇରୋଇ ଗ୍ରାମରେ । ବାଇରୋଇ ଗ୍ରାମରେ ଡ୍ରେନେଜ ବିଭାଗ ଦ୍ୱାରା ନିର୍ମାଣ ହେଉଛି ଏକ ପୋଲ । ସମ୍ପୃକ୍ତ ଠିକାଦାର ଗତବର୍ଷ ଠାରୁ ଆରମ୍ଭ କରିଥିଲେ ବି ଏପର୍ଯ୍ୟନ୍ତ ଶେଷ କରିପାରିନାହାନ୍ତି । ମିସ୍ତ୍ରୀ ଓ ଲେବର ସକାଳ ୭ ଟା ଠାରୁ କଂକ୍ରିଟ କାମ ଆରମ୍ଭ କରୁଥିଲେ ଉକ୍ତ ଜାଗାରେ ତଦାରଖ କରିବାକୁ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁନାହାନ୍ତି । ଏଠାରେ କାମ କରୁଥିବା ଶ୍ରମିକଙ୍କ ଉତ୍ତର, ଠିକାଦାର କିଏ ଆମେ ଜାଣି ନାହୁଁ, ଜେଇ ଗୀତାଞ୍ଜଳି ସମସ୍ତ କଥା ବୁଝୁଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀ ସତ୍ୟଜିତ ନାୟକଙ୍କୁ ପଚାରିବାରୁ ଆମ ପାଖରେ ଅଧିକ ପରିମାଣର ଲୋକନାହାନ୍ତି, ଏଣୁ ସବୁ ଜାଗାରେ ଉପସ୍ଥିତ ରହିବା ସମ୍ଭବ ନୁହେଁ । ଉକ୍ତ କାମଟି ନିମ୍ନମାନର ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ସମାଜସେବୀ ବାସୁଦେବ ବେହେରା ସମ୍ପୃକ୍ତ ଠିକାଦାରଙ୍କ ବିରୁଧରେ ଆଇନର ଆଶ୍ରୟ ନେବା ସହ ଭିଜିଲାନ୍ସ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି । ଏଠାରେ ସୂଚନା ଥାଉ କି ଡ୍ରେନେଜ ବିଭାଗର ଜେଇ ଗୀତାଞ୍ଜଳି ବେହେରା ଦୀର୍ଘବର୍ଷ ହେବ ଗୋଟିଏ ଜାଗାରେ ରହି କୋଟି କୋଟି ଟଙ୍କା ଅସତ ଉପାୟରେ କମାଉଛନ୍ତି । ଏହି ଘଟଣାର ବିଧିବଦ୍ଧ ତଦନ୍ତ ହେଲେ ପ୍ରକୃତ ସତ୍ୟତା ପ୍ରକାଶ ପାଇବ ।

## ଓଡ଼ିଆ ପକ୍ଷର ୧୧ ଦିନରେ ଯୁବ ଲେଖକ ସମ୍ମିଳନୀ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସରେ ସ୍ଥାନୀୟ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ଲେଖକ ସମ୍ମିଳନୀ ଆୟୋଜନ କରାଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ରତ୍ନାକର ଦାସ, ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପଦ୍ମନାଭ ପୁଆଲ ଓ ଅଧାପକ ଡ଼ଃ ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ । ନୂତନ ପିଢ଼ିର ଲେଖକମାନେ ତାଙ୍କର ଭାବନା, ଭାଷା, ଓ ସୃଜନଶୀଳତାକୁ ପ୍ରକାଶ କରିବା ପାଇଁ ଏକ ଅଭିନବ ପ୍ରୟାସ ବୋଲି ଅତିଥି ମତବ୍ୟକ୍ତ କରିଥିଲେ । ସମ୍ମିଳନୀ ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଯୁବକ ଯୁବତୀ ପ୍ରଯତ୍ନ କରିବେ ବୋଲି ମଧ୍ୟ ସମସ୍ତେ ପ୍ରକାଶ କରିଛନ୍ତି । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପ୍ରବନ୍ଧ ଓ ଗଳ୍ପ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର ମହାରଣା, ନିରଞ୍ଜନ ସ୍ୱାଇଁ, ଦିନବନ୍ଧୁ ବେଜ, ପ୍ରମୋଦ କୁମାର ସେନାପତି, ସୁକାନ୍ତ କୁମାର ସାହୁ, ରଞ୍ଜିତା ଦାସ, ଉଜାଳି ହାଜରା ଓ ନିରଞ୍ଜନ ମହାରଣା ବିଚାରକ ଭାବରେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଯୁବକ ଯୁବତୀଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନା କରିବାରେ ଅଧାପକ ମୁରଲୀ ମାଝୀ, ନରେନ୍ଦ୍ର ସୋଡ଼ି, ନିକିତା ସିଂ ଓ ଜୋନ୍ ଖରା ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ମହାନ୍ତି ଓ ଦେବାଶିଷ ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

## ଗାଧୋଇବା ବେଳେ ନାବାଳକକୁ ଟାଣିନେଲା କୁମ୍ଭୀର

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ମୁଚୁରିଗଡ଼ ଗ୍ରାମ ନିକଟ ଗେଙ୍ଗୁଟି ନଦୀରେ ଗାଧୋଉଥିବା ବେଳେ ଶୁକ୍ରବାର ମଧ୍ୟାହ୍ନରେ ଜଣେ ନାବାଳକକୁ କୁମ୍ଭୀର ଟାଣି ନେଇଥିବା ଅଭିଯୋଗ ହୋଇଛି । ଖବର ପାଇ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଂଜନ ବାରିକ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସରପଞ୍ଚ ଚକ୍ରଧର ଦାସ, ଅଧକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ଦାସ, ପୀରହାଟ ପୁଲିସ, ପୂର୍ବତନ ସରପଞ୍ଚ ରାଜାରାମ ମହାକୁଡ଼, ସମାଜସେବୀ ବିପିନ ରାଉତ, ନୀଳମଣି ମାଝୀ ପ୍ରମୁଖ ନଦୀ ପାଖରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ତିହିଡ଼ି ଅଗ୍ନିଶମ ବିଭାଗ ନାବାଳକକୁ ଖୋଜାଖୋଜି କରୁଥିବା ଜଣାପଡ଼ିଛି । ପ୍ରକାଶ ଯେ, ମୁଚୁରିଗଡ଼ ଗ୍ରାମର କାଶିନାଥ ମାଝୀଙ୍କ ପୁଅ ଆକାଶ (୧୭) ସାଙ୍ଗଙ୍କ ସହିତ ଗେଙ୍ଗୁଟି ନଦୀରେ ଗାଧୋଉଥିବା ବେଳେ ଆକାଶ କେଉଁ ଆଡ଼େ ଚାଲି ଯାଇଥିଲେ । ପିଲାମାନେ ଆକାଶକୁ ଖୋଜୁଥିବା ବେଳେ ଗାଧୋଉଥିବା ସ୍ଥାନରୁ କିଛି ଦୂରରେ କୁମ୍ଭୀର ଆକାଶକୁ ଟାଣି ନେଉଥିବା ଦେଖିଥିଲେ ।

### ନୂଆଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'କେବଳ ମାର୍କ ପାଇଁ ନୁହେଁ, ଭଲ ମଣିଷ ହେବା ପାଇଁ ପଢ଼'



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଜୀବନର ବାଟ ଦେଖାଇଥାଏ ଶିକ୍ଷା । ଯେଉଁଠି ଶିକ୍ଷା ନାହିଁ ସେଠାରେ ପରିବର୍ତ୍ତନ ନାହିଁ । ଶିକ୍ଷା ହିଁ ମାନବ ସମାଜକୁ ସଶକ୍ତ କରିଥାଏ ବୋଲି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ମତ ଦେଇଛନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଅନ୍ତର୍ଗତ ନୂଆଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ମୁଦୁଲିଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପସ୍ଥିତ ବରେଣ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ଼ କରାଯିବା ଉଚିତ ବୋଲି କହିଥିଲେ । ଅପରାହ୍ନରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ନୂଆଗଡ ପଞ୍ଚାୟତର ସମିତି ସଭ୍ୟ ରାମଚନ୍ଦ୍ର ନାୟକ ନିଜ ବକ୍ତବ୍ୟରେ ଶିକ୍ଷା କିଭଳି ଭାବେ ଜଣେ ମଣିଷକୁ ସମାଜର ସଠିକ ପଥରେ ବାଟ କଢ଼ାଇ ନିଏ ସେ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ପୂର୍ବତନ ପ୍ରଧାନଶିକ୍ଷକ ଶବର କାନ୍ତି କହିଥିଲେ ପିଲା ମାନେ କେବଳ ବିଦ୍ୟାଳୟରେ ଯେତିକି ପାଠ ପଢୁଛନ୍ତି ସେତିକି ଯଥେଷ୍ଟ ନୁହେଁ, ସେମାନଙ୍କୁ ଶିକ୍ଷା ଦେବାରେ ବାପା 'ମା ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିସହିତ ଗୁଣାତ୍ମକ ଶିକ୍ଷା ଏବଂ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ସୁସ୍ଥ ପରିବେଶ ପରି ଏକ ତ୍ରିଭୁଜ ଆବଶ୍ୟକତା ରହିଛି । ସଂମ୍ମାନିତ ଅତିଥି ପରିଚାଳନା କମିଟି ସଭାପତି ରଂଜିତ ବିଶ୍ୱାଳ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ନେଇ ମାର୍ଗଦର୍ଶନ କରାଇଥିଲେ । ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ନେଇ ଜୀବନକୁ ଗଢିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ମୋ ସ୍କୁଲ ସଭାପତି ରମେଶ ଚନ୍ଦ୍ର ଶୁକ୍ଲା, ପୂର୍ବତନ ଶିକ୍ଷକ ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟରେ କହିଥିଲେ ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରି ଅନୁଷ୍ଠାନକୁ ଆଗକୁ ନେବାରେ ସହାୟକ କରିଥାଏ । ସାଧନ ସଂଯୋଜକ ଗଣେଶ ବେହେରା ଓ ରବୀନ୍ଦ୍ର ପରିଡା ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ ପ୍ରଦାନ କରିଥିଲେ । ବାର୍ଷିକ ଉତ୍ସବରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ର, ଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ, ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ଓ ପରିଚାଳନା କମିଟିର ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ଥିଲେ ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ବାପୁଜୀ ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଧୋବାଡିହାର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବାରିକ ମାର୍ଚ୍ଚ ୩୧ ତାରିଖ ଦିନ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସ୍କୁଲ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସଦର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମାନସ ମିଶ୍ର, ତରଣୀସେନ ମୁଣ୍ଡା, ଜଗଦିଶ ନାୟକ ଯୋଗ ଦେଇ ତାଙ୍କର କର୍ତ୍ତବ୍ୟନିଷ୍ଠା, ବ୍ୟକ୍ତିତ୍ୱ, ସମସ୍ତଙ୍କୁ ଭଲ ପାଇବା, ଉତ୍ତମ ବ୍ୟବହାର, ଶିକ୍ଷାଦାନ ଓ କାର୍ଯ୍ୟ କରିବାର ଶୈଳୀକୁ ପ୍ରଶଂସା କରି ତାଙ୍କର ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ସଦର ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା ନିଜ ବକ୍ତବ୍ୟରେ ଜଣେ କର୍ତ୍ତବ୍ୟନିଷ୍ଠ ଏବଂ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ତାଙ୍କର ସୁନାମ ରହିଥିବା କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, କେନ୍ଦୁଝର ସ୍ଥିତ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ଶରତ ବାରିକ ଯୋଗ ଦେଇଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିବାବେଳେ ସିଆରସିସି ସୁଧାଂଶୁ ରାଉତ, ଶିକ୍ଷକ ପିନାକି ମିଶ୍ର, ପ୍ରଦୀପ ମିଶ୍ର, ରଶ୍ମିତା ଦାସ, ସୁପ୍ରୀତି ସାହୁ, ଶୁଭଶ୍ରୀ ପାଲ, ଜ୍ୟୋସ୍ନାମୟୀ ଚକ୍ର, ପ୍ରମିଳା ବିଶ୍ୱାଳ, ଗୀତାଞ୍ଜଳୀ ମାଝୀ, ବରିଷ୍ଠ କିରାଣୀ ଚିତ୍ତରଞ୍ଜନ ସାହୁ ଭାବବିହ୍ୱଳ ସହକାରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରି ସୁଖମୟ ଅବସର ଜୀବନ କାମନା କରିଥିଲେ ।

# କୁପୋଷଣ ଦୂରୀକରଣ ପାଇଁ ଜନ୍ମର ପ୍ରଥମ ହଜାର ଦିନ ଗୁରୁତ୍ୱପୂର୍ଣ୍ଣ

ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମା ଠାରେ ଥିବା ସମନ୍ୱିତ ଶିଶୁ ସୁରକ୍ଷା ଓ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟରେ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଏଥିପାଇଁ ଆଇସିଡିଏସ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ଉପସ୍ଥିତ ଅଙ୍ଗନବାଡି କର୍ମୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ପୋଷଣ ପକ୍ଷ ପାଳନ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପଡିଆ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ରିନା ରାଣୀ ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିମିଳିବାଞ୍ଝା ପଞ୍ଚାୟତ ସୁପରଭାଇଜର ଆର ମେରୀ ଜନ ଲକ୍ଷ୍ମୀ, ନିଳିଗୁଡା ପଞ୍ଚାୟତ ସୁପରଭାଇଜର ରମ୍ଭା ଖରା, ବ୍ଲକ ପୋଷଣ ସଂଯୋଜକ ଚୀନାମ ଅଲିଲୁୟା ପ୍ରମୂଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଶିଶୁର ଜନ୍ମ ପରେ ପ୍ରଥମ ଏକ ହଜାର ଦିନ ପର୍ଯ୍ୟନ୍ତ ପୋଷଣ ଓ ସ୍ୱଚ୍ଛତାକୁ ଦୃଷ୍ଟି ଦେଲେ ତାହା ଶିଶୁର ସର୍ବାଙ୍ଗୀନ ବିକାଶ ହେବା ନେଇ ମତ ଦିଆଯାଇଛି। ଏଥିସହ ସିମାମ କାର୍ଯ୍ୟକ୍ରମ ସହ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପୋଷଣର ଆବଶ୍ୟକତା ସମ୍ପର୍କରେ ସିଡିପିଓ ଶ୍ରୀମତୀ ରାଉତ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ମଣ୍ଡଳ, ମିଶନ ଶକ୍ତିର ସଂଯୋଜକ ପ୍ରବିଣ ବିଶ୍ୱାସ ଓ ରାଜେଶ ସର୍ଦାର ସମେତ ଶତାଧିକ ଅଙ୍ଗନବାଡି କର୍ମୀ ଓ ହିତାଧୀକାରି ମାନେ ଉପସ୍ଥିତ ଥିଲେ।




ବ୍ଲକସ୍ତରୀୟ ପୋଷଣ ପକ୍ଷ ପାଳିତ

# ବିଦ୍ୟାଳୟ ସ୍ତରରେ ଗୁଣାତ୍ମକ ଶିକ୍ଷା ଜରୁରି : ମୁଖ୍ୟମନ୍ତ୍ରୀ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଶିକ୍ଷାରେ ବୈପ୍ଲବିକ ପରିବର୍ତ୍ତନ ଆସିଛି। ନୂତନ ଶିକ୍ଷାନୀତି ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହି ଶିକ୍ଷାନୀତି ତୃଣମୂଳସ୍ତରରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି। ଏହି ନୂତନ ଶିକ୍ଷାନୀତି ଫଳରେ ବିଦ୍ୟାର୍ଥୀଙ୍କ ସାମଗ୍ରିକ ବିକାଶ ହେବା ସହ ସେମାନେ ଉତ୍ତମ ମଣିଷ ମଧ ହୋଇପାରିବେ ବୋଲି ଗତକାଲି କେନ୍ଦୁଝର ସଦର ବ୍ଲକ ବୀରକିଶୋରପୁରସ୍ଥିତ ମଣ୍ଡଳପାଟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ବିଦ୍ୟାଳୟରୁ ପାସ କରିଥିବା ଅନେକ ଛାତ୍ର-ଛାତ୍ରୀ ଜିଲ୍ଲା, ରାଜ୍ୟ ତଥା ଭାରତ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୈନ୍ୟ ବିଭାଗ ଓ ପ୍ରଶାସନିକ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନେକ ଅବସର ନେଲେଣି। ନିକଟରେ ଦେଶ ମାତୃକାର ସେବାରେ ସହିଦ ହୋଇଥିବା ରାଜକିଶୋର ମୁଣ୍ଡା ଏ ବିଦ୍ୟାଳୟର ଜଣେ ସୁନାମଧନ୍ୟ ଛାତ୍ର ଥିଲେ। ଏ ବିଦ୍ୟାଳୟ ଆଜି ତାଙ୍କ ବଳିଦାନରେ ଗୌରବାନ୍ୱିତ। ସେଭଳି ବୀର ସନ୍ତାନଙ୍କ ପାଇଁ କେବଳ ଏ ବିଦ୍ୟାଳୟ ନୁହଁ, କେନ୍ଦୁଝର ଜିଲ୍ଲା ନୁହଁ ବରଂ ସମଗ୍ର ଓଡିଶା ଗର୍ବିତ। ରାଜ୍ୟରେ ଶିକ୍ଷାର ବିକାଶକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାଜ୍ୟ ସରକାର ବିଦ୍ୟାଳୟ ଶିକ୍ଷା ବଜେଟକୁ ୩୧ ହଜାର କୋଟି ଟଙ୍କାରୁ ଅଧିକ କରିଛନ୍ତି। ଯାହା ପୂର୍ବ ବର୍ଷ ତୁଳନାରେ ୧୮ ପ୍ରତିଶତ ଅଧିକ ଏବଂ ସମସ୍ତ ବିଭାଗ ମଧ୍ୟରେ ସର୍ବାଧିକ ଆବଣ୍ଟନ। ଏହି ଅଧିକ ଖର୍ଚ୍ଚ ରାଜ୍ୟରେ ଶିକ୍ଷା ପାଇଁ ଉତ୍କୃଷ୍ଟ ଭିତ୍ତିଭୂମି ଗଢି ତୋଳିବାରେ ସାହାଯ୍ୟ କରିବ। ଶିକ୍ଷାର ବିକାଶ ପାଇଁ ଅନେକ ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରାଯାଇଛି। ଶିଶୁ ବାଟିକା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପଞ୍ଚଶଖା ଶିକ୍ଷା ସେତୁ ଅଭିଯାନ ଆଦି ଯୋଜନା ଜରିଆରେ ସ୍କୁଲ ଶିକ୍ଷାର ସୁଦୃଢୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପିଲାଙ୍କୁ ମଧ ମଧାହ୍ନ ଭୋଜନ ଯୋଗାଇ ଦିଆଯାଉଛି, ବୋଲି ସେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ, ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସଭାପତି ଜୟରାମ ବାଙ୍କୀରା, ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଝାଡ଼େଶ୍ୱର ମହାନ୍ତ, ଗୋଲକ ବିହାରୀ ଗିରି, ଏବଂ ପ୍ରଧାନ ଶିକ୍ଷକ ଦେବବ୍ରତ ସାମଲ ଉପସ୍ଥିତ ଥିଲେ ।




## ମଡେଲ ପାର୍କ ନିର୍ମାଣ ପାଇଁ ସ୍ଥାନ ନିରୀକ୍ଷଣ

ବେତନଟୀ, (ଭାସ୍କର ନ୍ୟୁଜ୍ ) : ଦୀର୍ଘ ଦିନରୁ ମଡେଲ ପାର୍କ ନିର୍ମାଣ ହେବାର ଆଶା ରଖିଥିବା ବେତନଟୀ ବାସୀଙ୍କ ଆଶା ପୂରଣ ହେବାକୁ ଯାଉଛି। ବଡ଼ସାହି ଲୋକପ୍ରିୟ ବିଧାୟକ ସନାତନ ବିଜୁଳିଙ୍କ ପ୍ରଚେଷ୍ଟାରେ ବେତନଟୀରେ ନିର୍ମାଣ ହେବ ମଡେଲ ପାର୍କ। ଏଥିନେଇ ୧୮ ନମ୍ବର ଜାତୀୟ ରାଜପଥ ବେତନଟୀ ପୋଖରୀ ନିକଟରେ ସ୍ଥାନ ନିରୀକ୍ଷଣ କରିଛନ୍ତି ବଡସାହି ବିଧାୟକ ସନାତନ ବିଜୁଳି, ବାରିପଦା ପିଡି ଧର୍ମାନନ୍ଦ ବେହେରା ଓ ବେତନଟୀ ବିଡିଓ ଶୁଶାନ୍ତ କୁମାର ସୁତାର, ସହକାରୀ ନିର୍ବାହି ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ ପ୍ରମୁଖ ଉପସ୍ଥିତ ରହି ସ୍ଥାନ ନୀରିକ୍ଷଣ କରିଛନ୍ତି। ଫଳରେ ଦୀର୍ଘ ଦିନରୁ ଲଟା ବୁଦାରେ ଭରି ରହିଥିବା ବେତନଟୀ ପୋଖରୀର ଉନ୍ନତିକରଣ ହେବା ସହିତ ଦେଢ ଏକର ପରିମିତ ଜାଗାରେ ନିର୍ମାଣ ହେବ ମଡେଲ ପାର୍କ। ମଡେଲ ପାର୍କ ନିର୍ମାଣ ହେଲା ପରେ ଏହା ମନୋରଞ୍ଜନର ଏକ ମୁଖ୍ୟ ମାଧ୍ୟମ ହୋଇପାରିବ। ଏହି ସ୍ଥାନ ନିରୀକ୍ଷଣ ସମୟରେ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ସମାଜସେବୀ ନିରଞ୍ଜନ ମହାନ୍ତି, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା, ବରିଷ୍ଠ ନେତା ହିମାଂଶୁ କବାଟ, ଯୁବ ନେତା ଶାନ୍ତନୁ ପଣ୍ଡା, ସଂଜୀବ ଜେନା, ମନୋଜ ପଣ୍ଡା, ସୁଧାକର ପଣ୍ଡା, ଭୈରବ ନାଥ, ଗୌରବ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ୨୧ କିଲୋ ଗଞ୍ଜେଇ ଜବତ, ୨ ଗିରଫ




ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଗତକାଲି ୨ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନାନୁଯାୟୀ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରୁ ବ୍ୟାଗ ଯୋଗେ ୨ ଚାଲାଣକାରୀ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ଖବର ପାଇଥିଲେ। ତେବେ ଉଭୟ ଚାଲାଣକାରୀ ଗଞ୍ଜେଇ ଆଣି ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ଚିତ୍ରକୋଣ୍ଡା ଛକ ନିକଟରେ ଜଗି ରହିଥିଲେ। ଥାନାଧିକାରୀ ଶ୍ରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍.ଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏକ ଟିମ ଚିତ୍ରକୋଣ୍ଡା ଛକ ନିକଟକୁ ଯାଇ ଉଭୟ ଚାଲାଣକାରୀଙ୍କ ବ୍ୟାଗ ଯାଞ୍ଚ କରିବା ପରେ ତନ୍ମଧ୍ୟରେ ଗଞ୍ଜେଇ ଥିବା ଦେଖିଥିଲେ। ପରେ ଉଭୟ ଚାଲାଣକାରୀଙ୍କୁ ଓରକେଲ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ଏହି ଗଞ୍ଜେଇ ଉତ୍ତରପ୍ରଦେଶକୁ ଚାଲାଣ କରୁଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ଉଭୟ ଚାଲାଣକାରୀଙ୍କ ମଧ୍ୟରୁ ଜଣଙ୍କ ନାମ ଅରବିନ୍ଦ(୨୪) ଏବଂ ତାଙ୍କ ଘର ଉତ୍ତରପ୍ରଦେଶ ରାଜ୍ୟର ମହୋବା ଅଞ୍ଚଳରେ ଏବଂ ଅନ୍ୟ ଜଣଙ୍କ ନାମ ତୁଫାନ ଗିରି(୩୩) ଏବଂ ତାଙ୍କ ଘର ଉତ୍ତରପ୍ରଦେଶ ରାଜ୍ୟର ବାରଣାସୀ ଅଞ୍ଚଳରେ ବୋଲି ଜଣାପଡିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଆଜି ଉଭୟ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ

ଏରସମା, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତ ସ୍ଥିତ ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ମହିଳା ଓ ଶିଶୁ ବିକାଶ ଅଧିକାରୀଣୀ କ୍ରୀଷ୍ଣା ରାଉତ, ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାମଦେଇପୁର ପୂର୍ବତନ ସରପଞ୍ଚ ଗୋପୀନାଥ ସାମନ୍ତରାୟ, ବାମଦେଇପୁର ସମିତି ସଭ୍ୟ ବିକ୍ରମ ମହାପାତ୍ର, ଚଟୁଆର ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ମହାନ୍ତି, ଡ଼ ଗିରିଜା ପ୍ରସନ୍ନ ମହାପାତ୍ର, ଫାର୍ମାସିଷ୍ଟ ପ୍ରସନ୍ନ କୁମାର ସାମନ୍ତରାୟ, ଶିବ ପ୍ରସାଦ ମଲ୍ଲ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ରଶ୍ମୀ ରଞ୍ଜନ ଖୁଣ୍ଟିଆ। ସେହିପରି ଢ଼ିଙ୍କିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରିଥିଲେ ଏରସମା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଢ଼ିଙ୍କିଆ ସରପଞ୍ଚ ପିଙ୍କି ଦାସ, ନୂଆଗାଁ ସରପଞ୍ଚ ସୁଚିତ୍ରା ମନ୍ତ୍ରୀ, ସମିତି ସଭ୍ୟା ଗୀତାଞ୍ଜଳୀ ଭୋଇ,ଗଡ଼ କୁଜଙ୍ଗ ସରପଞ୍ଚ କବିତା ଦାସ, ଡ଼ ଅଭିନାଶ ମଲ୍ଲିକ, ଡ଼ ହରପ୍ରିୟା ବେହେରା, ମହେଶ୍ୱର ବେହେରା, ପୁଷ୍ପଲତା ମଲ୍ଲିକ, ହେମନ୍ତ ଦାସ, ପ୍ରଦୀପ କୁମାର, ସୁରେଶ ଚନ୍ଦ୍ର ସ୍ୱାଇଁ, ବିରଜା ମଲ୍ଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।




# ଖୁଡଖୁଡି ଖେଳ ଉପରେ ପୋଲିସର ଚଢ଼ାଉ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଏକ ଆଦିବାସୀ ଅଧୁସିତ ବହୁଳ ଜିଲ୍ଲା। ଜିଲ୍ଲାରେ ବିଭିନ୍ନ ପ୍ରକାରର ପର୍ବପର୍ବାଣୀ ପାଳିତ ହେବା ବେଳେ ଅଞ୍ଚଳରେ ହେଉଥିବା ବେଆଇନ ଜୁଆ (ଖୁଡଖୁଡି) ଖେଳ ପୋଲିସ ବିଭାଗ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟି ଯାଇଥିଲା। ଏବେ ଉମରକୋଟ ପୋଲିସ ଆକ୍ସନ ମୋଡକୁ ଆସି ଅଞ୍ଚଳ ଗ୍ରାମରେ ଚାଲିଥିବା ଏକ ଖୁଡଖୁଡି ଖେଳ ଉପରେ ରେଡ କରିଛି। ରେଡ ବେଳେ ୮୧୦୦ ଟଙ୍କା ସହ ଖେଳ ସାମଗ୍ରୀ ଓ ଜଣକୁ ଅଟକ ରଖିଛି ପୋଲିସ। ପୋଲିସକୁ ଦେଖି କିଛି ଫେରାର ହୋଇଯାଇଥିବା ଲୋକଙ୍କୁ ଆଗାମୀ ଦିନରେ ନିଶ୍ଚିତ ଧରାଯିବ ବୋଲି କହିଛି ବିଭାଗ। ଏସ୍ଆଇ ଶିବଜୀ ପଣ୍ଡାଙ୍କ ନେତୃତ୍ୱରେ ଏସ୍ଆଇ ଅକ୍ଷୟ ମିଶ୍ର, ସୌମେନ୍ଦ୍ର ସେଠ, କନେଷ୍ଟବଳ ନରେନ୍ଦ୍ର କୁମାର ନାୟକ, ହୋମଗାର୍ଡ ବିମଳ ସାହା, ପ୍ରଦୀପ କୁମାର ରଥ, ରାଜେଶ କର ଏହି ରେଡକୁ ସଫଳ କରିଥିଲେ।




# ଗାଢ଼ ଭାଲୁ ଆକ୍ରମଣରେ ଦୁଇ ଆହତ, ଜଣେ ଗୁରୁତର

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜଙ୍ଗଲରେ ଗାଢ଼ ଭାଲୁ ରହିଥିବା ପ୍ରମାଣ ମିଳିଛି ରାମଚନ୍ଦ୍ରପୁର ଠାରେ। ଏହି ଜନ୍ତୁ ଆକ୍ରମଣରେ ୨ ଜଣ ଆହତ ହେଲା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଝର ଜଙ୍ଗଲ ମାନଙ୍କରେ ଗାଢ଼ ଭାଲୁ ବହୁ ପରିମାଣରେ ଆଗରୁ ରହୁଥିଲେ ତେବେ କିଛି ବର୍ଷ ହେବ ଆଉ ଦେଖିବାକୁ ମିଳୁନଥିଲେ। ପୂର୍ବେ ମାଆ ମାନେ ଦୁଷ୍ଟ ଛୁଆଙ୍କୁ ଗାଢ଼ ଭାଲୁ ଆସିବ ବୋଲି କହି ଡରାଉ ଥିଲେ। ଲାଜକୁଳା ସ୍ୱଭାବର ଏହି ଛୋଟ ଜୀବଟି ଶକ୍ତି ସାମର୍ଥ୍ୟର ପ୍ରତୀକ ଜଙ୍ଗଲରେ ବାଘ ଭାଲୁଙ୍କୁ ମଧ ଡରି ନଥାଏ। ଛୋଟ ଜୀବ ଚଢ଼େଇ ସାପ ମାରି ଖାଏ। ଭାଲୁ ପରି ନଖ ଥିଲେ ମଧ ଏହା ଏକ ଅଲଗା ପ୍ରାଣୀ ଇଂରାଜୀରେ ଏହାକୁ ହନି ବାଜର କୁହାଯାଏ। ମହୁ ଫେଣା ଭାଙ୍ଗି ଅନାୟସରେ ମହୁ ଖାଇ ଥାଏ। ବଡ଼ ବଡ଼ ସାପକୁ ମାରି ଖାଇପାରେ। ବହୁତ ଚାଲାକ୍ ଓ ସାହସୀ ଏହି ଜୀବ, କ୍ୱଚିତ ମଣିଷକୁ ସାମ୍ନା କରେ. ଗାଢ଼ କରି ବିଶ୍ରାମ ନିଏ ବୋଲି ଏହାକୁ ଗାଢ଼ ଭାଲୁ କୁହାଯାଏ। ତେବେ ଖାଦ୍ୟ ଜଳ ଅଭାବ ଲାଗି ବୋଧେ ଗାଢ଼ ଭାଲୁ ଜଙ୍ଗଲରୁ ବାହାରି ଆସିଥିଲା। ସୂଚନା ମିଳିଛି କି ଆନନ୍ଦପୁର ଉପଖଣ୍ଡର ରାମଚନ୍ଦ୍ରପୁର ନିକଟରେ ଥିବା ନୂଆଗାଁ କାଜୁ ଜଙ୍ଗଲରେ ଦିନ ୧୦ଟା ବେଳେ ହଠାତ୍ ଏକ ଗାଢ଼ ଭାଲୁ ପଶି ଆସି ସେଠାରେ ଜଗିଥିବା ବନମାଳୀ ମହାନ୍ତି ଓ ନିରଂଜନ ମହାନ୍ତିଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଏହା ଦେଖି ସାଇଁକୂଳ ଗ୍ରାମର ଜଳଧର ପ୍ରଧାନ ସେଠାରେ ଆସି ଏହି ଦୁହିଁଙ୍କୁ ଉଦ୍ଧାର ଲାଗି ଚେଷ୍ଟା କଲା ବେଳେ ଗାଢ଼ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଏହି ଖବର ପାଇ ରାମଚନ୍ଦ୍ରପୁର ବନପାଳ ଆସି ଗାଢ଼ ଭାଲୁକୁ କାବୁ କରିଛନ୍ତି। ଆହତ ମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।




# ସରକାରୀ ସହାୟତା ଅପେକ୍ଷାରେ ନିରଞ୍ଜନ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଅଶୀ ପ୍ରତିଶତରୁ ଅଧିକ ଶାରୀରିକ ଅକ୍ଷମ ଲୋକ ମାନଙ୍କ ସମାଜରେ ବଞ୍ଚିବା ପାଇଁ ଏକ ମାତ୍ର ଭରସା ସରକାରୀ ସାହାଯ୍ୟ। ସରକାରଙ୍କ ଭତ୍ତାରେ ଏହି ଅସହାୟ ମାନଙ୍କ ଘରେ ଚୁଲି ଜଳୁଛି। ନଚେତ ଭୋକ ଉପାସରେ ଦିନ କାଟନ୍ତେ ଅଥବା ଅନ୍ୟ ପାଖରେ ହାତ ପତେଇବା ଛଡା ଅନ୍ୟ ଉପାୟ ନାହିଁ। ଭତ୍ତା ଏହି ମାନଙ୍କ ପାଇଁ ବରଦାନ ଭଳି କାମ କରେ। ଏହାକୁ ଦୃଷ୍ଟିରେ ରଖି ମୋହନ ସରକାର ଅଶୀ ପ୍ରତିଶତରୁ ଅଧିକ ଶାରୀରିକ ଅକ୍ଷମ ମାନଙ୍କୁ ପ୍ରତି ମାସରେ ଭତ୍ତା ହଜାରେ ଟଙ୍କା ପରିବର୍ତ୍ତେ ୩୫୦୦/ ଟଙ୍କା ଦେବାକୁ ସ୍ଥିର କରିଥିଲେ। କିଛି ହିତାଧିକାରୀ ଭତ୍ତା ପାଉଛନ୍ତି। ଆଉ କିଛି ଏଥିରୁ ବଞ୍ଚିତ ରହିଯାଇଛନ୍ତି। ସୂଚନା ପ୍ରକାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସୁନାବେଡା ପଞ୍ଚାୟତର ନିରଞ୍ଜନ ଖିଲଙ୍କ ୨୦୧୮ ମସିହାରେ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ନିରଞ୍ଜନ ଅଶି ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ। ସରକାରଙ୍କ ତରଫରୁ ଶତ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ମଧ ପାଇଛନ୍ତି। ସରକାରଙ୍କ ତରଫରୁ ନିରଞ୍ଜନଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ହୁଇଲ ଚେୟାର, ମାସିକ ୩୫ କିଲୋ ଚାଉଳ ଓ ୧୦୦୦/ ଟଙ୍କା ଭତ୍ତା ପାଉଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ୩୫୦୦/- ଟଙ୍କା ଭତ୍ତାରୁ ବଞ୍ଚିତ ଅଛନ୍ତି। ବର୍ଦ୍ଧିତ ୩୫୦୦/- ପାଇଁ ଆବେଦନ କରି ମଧ ପାଉନାହାନ୍ତି। ଏନେଇ ନିରଞ୍ଜନ ୩ ଥର ବ୍ଲକ ଓ ୨ ଥର ପଞ୍ଚାୟତ ଅଫିସ୍ ଯାଇ ନୟାନ୍ତ ହେଲେଣି। କିନ୍ତୁ କୌଣସି ଫଳ ମିଳୁନାହିଁ।ଏହି ସମ୍ପର୍କରେ ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସମସ୍ତ ଯୋଗ୍ୟ ହିତାଧିକାରୀ କିପରି ୩୫୦୦/- ଭତ୍ତା ପାଇବେ ତାହାର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି ଯୋଗ୍ୟ ହିତାଧିକାରୀ ସମସ୍ତେ ୩୫୦୦/- ଟଙ୍କା ଭତ୍ତା କିପରି ପାଇବେ ସେ ତଦନ୍ତ କରିବେ। ତେବେ ସରକାର ଦେଉଥିବା ବେଳେ ଦିବ୍ୟାଙ୍ଗଙ୍କ ପ୍ରତି ପ୍ରଶାସନିକ ସ୍ତରରେ ଏପରି ଅବହେଳା କାହିଁକି ତାହା ଏକ ବିରାଟ ପ୍ରଶ୍ନବାଚୀ ?



## ଇନ୍ସୁରାନ୍ସରେ ସାମିଲ କରିବାକୁ ଦାବି

ଛତ୍ରପୁର, (ଭାସ୍କର ନ୍ୟୁଜ୍ ) : ସରକାରୀ କର୍ମଚାରୀଙ୍କୁ ଇନ୍ସୁରାନ୍ସରେ ସାମିଲ ସହ ପୁରୁଣା ହାରରେ ପେନସନ ପ୍ରଦାନ କରିବାକୁ ଛତ୍ରପୁର ହସ୍ପିଟାଲର ସରକାରୀ କର୍ମଚାରୀ ମାନେ ଦାବି କରିଛନ୍ତି। ଏନେଇ ଶୁକ୍ରବାର ହସ୍ପିଟାଲର ସରକାରୀ କର୍ମଚାରୀ ମାନେ ପ୍ଲାକାର୍ଡ ଧରି ଦାବି ଉପସ୍ଥାପନ କରିଥିଲେ। ଏମାନଙ୍କ କହିବାନୁଯାୟୀ ରାଜ୍ୟ ସରକାର ଆଜି ଐତିହାସିକ ପଦକ୍ଷେପ ନେଇଛନ୍ତି, ଯାହାକି ଓଡ଼ିଶାର ସମସ୍ତ ଲୋକଙ୍କ ପାଇଁ ଆୟୁସ୍ମାନ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡର ଶୁଭାରମ୍ଭ କରିଛନ୍ତି, ଯାହାକି ସ୍ୱାଗତ ଯୋଗ୍ୟ। କିନ୍ତୁ ଏଥିରୁ ସମସ୍ତ ୫ ଲକ୍ଷ ସରକାରୀ କର୍ମଚାରୀ ଏବଂ ୩ ଲକ୍ଷ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ବାଦ ଦିଆଯାଇଛି। ୭୦ ବର୍ଷ ଏବଂ ତା ଠାରୁ ଅଧିକ ବୟସର କର୍ମଚାରୀଙ୍କ କ୍ଷେତ୍ରରେ ସରକାର ଏହା ଲାଗୁ କରିଛନ୍ତି। କିନ୍ତୁ ଏହା ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ କରିବା ପାଇଁ ଜିଲ୍ଲା ତଥା ରାଜ୍ୟର ସମସ୍ତ କର୍ମଚାରୀ ଏକ ଡିଜିଟାଲ କ୍ୟାମ୍ପେନ କରିଥିବା ସୂଚନା ଦେଇଛନ୍ତି।

# ଆୟୁଷ୍ମାନ ଭାରତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ର ସ୍ୱାସ୍ଥ୍ୟ କଲ୍ୟାଣ ମନ୍ତ୍ରୀ ଜେପି ନଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିଡିଓ କନଫ୍ରେସିଂ ଜରିଆରେ ଏଇ ଯୋଜନାର ଲୋକାର୍ପଣ କରିଥିଲେ। ସୁସ୍ଥ ଓଡିଶା ବିକଶିତ ଓଡ଼ିଶା ଆମ ପ୍ରଧାନ ମନ୍ତ୍ରୀଙ୍କ ସ୍ୱପ୍ନ ଥିଲା। ଆଜି ତାହା ସାକାର ହେବାକୁ ଯାଉଛି। ଏହି ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ଆମ ଦେଶର ୨୯ ହଜାର ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଲୋକେ ଦେୟ ମୁକ୍ତ ଚିକିତ୍ସା ପାଇ ପାରିବେ ଓ ବହୁ ସଂଖ୍ୟାରେ ଲୋକ ଉପକୃତ ହେବେ ବୋଲି ନଡା କହିଥିଲେ। ଏଥିରେ ମୁଖ୍ୟ ମନ୍ତ୍ରି ମୋହନ ଚରଣ ମାଝି, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଳିଙ୍ଗ ଉପସ୍ଥିତ ଥିଲେ। ଏଇ କ୍ଷେତ୍ରରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଲୋକେ ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଆରୋଗ୍ୟ ଯୋଜନା ତଥା ଗୋପବନ୍ଧୁ ଆରୋଗ୍ୟ ଯୋଜନାର ଶୁଭ ଉଦ୍‌ଘାଟନ ଭିଡିଓ କନଫ୍ରେସିଂ ଜରିଆରେ ଦେଖିଥିଲେ। ଏନେଇ ବିଡ଼ିଓ ଗୁରେଶ୍ୱର ଭୋଇଙ୍କ ନେତୃତ୍ୱରେ ବ୍ଲକର କୁଟିଙ୍ଗା, କୁଟିଙ୍ଗ ଗୁଡା ଓ ଗୌଡ଼ଗୁଡା ଗ୍ରାମ ଠାରେ ଏକକ କାର୍ଡ ବିତରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା। କୁଟିଙ୍ଗାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା, ଯୋଗ ଦେଇଥିବା ବେଳେ ସରପଞ୍ଚ ସୁଲଚନା ମାଝି, ବୁର୍ଜା ସରପଞ୍ଚ ଜୋଲି ମିଣିଆକା, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, କୁଟିଙ୍ଗା ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଡାକ୍ତର ସାମିନା ବେହେରାଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଭାବତୋଷ ସ୍ୱାଇଁ ପରିଚାଳନା କରିଥିବା ବେଳେ କୁଟିଙ୍ଗା ପିଇଓ ପ୍ରଫୁଲ ସାହୁ, ଓଡିଶା ଜୀବିକା ମିଶନ ବିପିଏମଓ ଟୁନା ଖଟେଇ, କୋଡ଼ିନେଟର ପ୍ରକାଶ ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଂଶୁମାନ ବେହେରା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏଥିସହ ପିପଳପଦର ପଞ୍ଚାୟତ ଅନ୍ତର୍ଗତ କୁଟୀଙ୍ଗଗୁଡା ଅଙ୍ଗନବାଡି କେନ୍ଦ୍ର ଠାରେ ମଧ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୋଗାଣ ଅଧିକାରୀ ଆଦିତ୍ୟ ପ୍ରସାଦ ନାୟକ ପରିଚାଳନା କରିଥିବା ବେଳେ ପିଇଓ ପ୍ରଭାକର କୌଶଲ୍ୟା ଓ ସରପଞ୍ଚ ଚିନ୍ତ ମାଣ୍ଡିଙ୍ଗା ସହଯୋଗ କରିଥିଲେ। ସେହିପରି ଗୌଡ଼ଗୁଡା ପଞ୍ଚାୟତ ସଦରରେ ବି ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇ ଭିଡିଓ କନଫ୍ରେସିଂ ଜରିଆରେ ଏହି ଯୋଜନାର ଶୁଭାରମ୍ଭ ଦେଖିବା ସହ ଯୋଜନା ବିଷୟରେ ଅବଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଆବାସ ଯୋଜନା ଅଧିକାରୀ ଜନାର୍ଦ୍ଦନ ଚୌଧୁରୀ ପରିଚାଳନା କରିଥିବା ବେଳେ ଏଥିରେ ପିଇଓ ଭୁବନ ଜାନି ଓ ସରପଞ୍ଚ ଭଗବତୀ ମୁଦୁଲି ସହଯୋଗ କରିଥିଲେ। ଏହି ଅବସରରେ କିଛି ହିତାଧିକାରୀଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଡ ମଧ ବଣ୍ଟନ କରାଯାଇଥିବା ବେଳେ ଆଗାମୀ ଦିନରେ ସମସ୍ତ ହିତାଧିକାରୀଙ୍କୁ ଘରେ ବଣ୍ଟନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା।





ଜଗତସିଂହପୁର (ଭାସ୍କର ନ୍ୟୁଜ) : ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜଗତସିଂହପୁର ବ୍ଲକ ର ପଳାଶୋଳ ଏବଂ ପିତେଇପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ,ପଳାଶୋଳ ସରପଞ୍ଚ ମେନକା ଦାସ, ପଞ୍ଚାୟତ ସମିତି ସଭ୍ୟ ପ୍ରଦୀମ୍ନ କୁମାର ମଲ୍ଲିକ, ସମଙ୍ଗ ସରପଞ୍ଚ ମିନତୀ ଜେନା , ଅୟର ସରପଞ୍ଚ ମାନସ ବିଶ୍ୱାଳ, ପିତେଇପୁର ସରପଞ୍ଚ ତୋଫାହାର ବେଗମ, ସମିତି ସଭ୍ୟ ହିମାଂଶୁ ଭୂଷଣ ପରିଡା ପ୍ରମୁଖ ଯୋଗଦେଇ ଏକକ କାର୍ଡ ବିତରଣ କାର୍ଯ୍ୟକ୍ରମ ରେ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରିଥିଲେ ।ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିତେନ୍ଦ୍ର କୁମାର ଦାସ,ଦିଲ୍ଲୀପ ଦାସ ସୂର୍ଯ୍ୟକାନ୍ତ ମୁଦୁଲି, ସମୀର ପଟ୍ଟନାୟକ ରାଜୁ ଦାସ, ଡାକ୍ତର ପିନାକୀ ପ୍ରସାଦ ଭୋଳ ପ୍ରମୁଖ ପରିଚାଳନା କରିଥିଲେ ।



# ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂର ଆଧୁନିକୀକରଣ

- ଓମ୍ୱାଡସି ସହାୟତାରେ ବିଭିନ୍ନ ଲାବୋରେଟୋରି ଓ ଲାଇବ୍ରେରୀକୁ ଦିଆଯାଉଛି ନୂଆ ରୂପ
- ଶିକ୍ଷ ଉପଯୋଗୀ ତାଲିମ ନେଇ ଦେଶ ବିଦେଶର ପ୍ରମୁଖ ଶିକ୍ଷ ସଂସ୍ଥା ପାଇଁ ପ୍ରସ୍ତୁତ ହେଉଛନ୍ତି ଯୁବପିଢ଼ି



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ରାଜ୍ୟର ବିଭିନ୍ନ ଆଇଟିଆଇ ଓ ଇଞ୍ଜିନିୟରିଂ କଲେଜ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଉନ୍ନତମାନର ଭିତ୍ତିଭୂମିର ଆବଶ୍ୟକତା ରହିଛି । ଏଥିପାଇଁ ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରେ ଥିବା ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂର (ଓଏସଏମଇ) ବିଭିନ୍ନ ଲାବୋରେଟୋରିକୁ ଆଧୁନିକୀକରଣ କରାଯାଉଛି । ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ୱାଡସି) ପାଣ୍ଠିରୁ ଏହି କାର୍ଯ୍ୟକ୍ରମ ଲାଗି ଆର୍ଥିକ ସହାୟତା ଦିଆଯାଉଛି । କେନ୍ଦୁଝର – ରାଜ୍ୟର ଏକ ଖଣି ସମୃଦ୍ଧ ଜିଲ୍ଲା । ତେଣୁ, ମାଇନିଂ ଇଞ୍ଜିନିୟରିଂ ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ପାଇଁ ୧୯୫୬ ମସିହାରେ ଓଏସଏମଇ ସ୍ଥାପନ କରାଯାଇଥିଲା । ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ଏହି ବୈଷୟିକ ଶିକ୍ଷାନୁଷ୍ଠାନ ‘ମାଇନିଂ ଇଞ୍ଜିନିୟରିଂ’ ବିଷୟରେ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରିବାରେ ପୂର୍ବ ଭାରତରେ ପ୍ରଥମ । ଏବେ ଏହି ଶିକ୍ଷାନୁଷ୍ଠାନରେ ମାଇନିଂ ଇଞ୍ଜିନିୟରିଂ ସହିତ ୮ଟି ଅତ୍ୟାଧୁନିକ ବିଷୟରେ ତାଲିମ ପାଠ୍ୟକ୍ରମ ଦିଆଯାଉଛି । ‘‘ରାଜ୍ୟ ସରକାରଙ୍କ ସ୍କିଲ୍ଡ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ଯୁବପିଢ଼ିଙ୍କ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି । ତା’ ଭିତରେ ଓଏସଏମଇ ଭଳି ବୈଷୟିକ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ସୁଦୃଢ଼ ହୋଇପାରିଛି । ଏଥିରେ ଓମ୍ୱାଡସି ପାଣ୍ଠିର ଯୋଗଦାନ ରହିବା ଫଳରେ ଏହି ଶିକ୍ଷା ଅନୁଷ୍ଠାନ ଆଜି ନୂଆ ରୂପ ପାଇଛି । ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ନୂଆ ଉଚ୍ଚତାକୁ ଯିବା ସହିତ ସେମାନେ ବିଭିନ୍ନ ଶିକ୍ଷ ସଂସ୍ଥାରେ ନିଯୁକ୍ତି ପାଉଛନ୍ତି,’’ କହିଛନ୍ତି ଓଏସଏମଇର ଅଧକ୍ଷ ଇଞ୍ଜିନିୟର କୃଷ୍ଣଚନ୍ଦ୍ର ରାଉତ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆଧୁନିକ ଶିକ୍ଷ ସଂସ୍ଥା ପାଇଁ ଦକ୍ଷ ମାନବସମ୍ବଳର ଚାହିଦା ରହିଛି । ଏଥିଲାଗି ଓଏସଏମଇ କଲେଜର ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ଓମ୍ୱାଡସି ପାଣ୍ଠି ସହାୟତାରେ ବିଭିନ୍ନ ଲାବୋରେଟୋରୀକୁ ଆଧୁନିକ ରୂପ ଦିଆଯିବା ସହିତ ବିଭିନ୍ନ ଉପକରଣ ଦିଆଯାଇଛି । ଫଳରେ ଛାତ୍ରଛାତ୍ରୀମାନେ ଥିଓରି ସହିତ ହ୍ୟାଣ୍ଡ୍ସ-ଅନ୍-ପ୍ରାକ୍ଟିସର ସୁବିଧା ପାଉଛନ୍ତି । ଓମ୍ୱାଡସି ସହାୟତାରେ ମାଇନିଂ ଇଞ୍ଜିନିୟରିଂ, ଡ୍ରିଲ ଇଞ୍ଜିନିୟରିଂ, ମାଇନ ସର୍ଭେ, ମେଟାଲର୍ଜି ଏବଂ ଆଇଟି ଲ୍ୟାବର ଆଧୁନିକୀକରଣ କରାଯାଇଛି । ଅଟୋ କ୍ୟାଡ୍, ମ୍ୟାଟ୍ ଲାବୋରେଟୋରି ଏବଂ ମାଇନିଂ ମ୍ୟୁଜିୟମ ସ୍ଥାପନ କରାଯିବା ସହ ସିଭିଲ, ମେକାନିକାଲ ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ପାଇଁ ଆବଶ୍ୟକ କମ୍ପ୍ୟୁଟର ଏବଂ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି । ସେହିପରି ଓଏସଏମଇ ପରିସରରେ ଥିବା ଲାଇବ୍ରେରୀକୁ ନୂଆ ରୂପ ଦିଆଯାଇଛି । ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଏଠାରେ ବିଭିନ୍ନ ପାଠ୍ୟପୁସ୍ତକ ରଖାଯାଇଛି । ତା’ଛଡ଼ା ଏଠାରେ କମ୍ପ୍ୟୁଟର ଓ ଇଣ୍ଟରନେଟ ବ୍ୟବସ୍ଥା ହେବା ଫଳରେ ଛାତ୍ରଛାତ୍ରୀମାନେ ଦେଶ ବିଦେଶର ପ୍ରମୁଖ କମ୍ପାନିରେ ବ୍ୟବହାର ହେଉଥିବା ନୂତନ ଜ୍ଞାନ କୌଶଳ ବିଷୟରେ ଜାଣିପାରୁଛନ୍ତି । ଛାତ୍ରଛାତ୍ରୀଙ୍କୁ ଶାରୀରିକ ଭାବେ ଫିଟ୍ ରଖିବା ଲାଗି କ୍ରୀଡ଼ା ଓ ବ୍ୟାୟାମର ଆବଶ୍ୟକ ରହିଛି । ଏଥିପାଇଁ ଓଏସଏମଇ ପରିସରରେ ଖେଳପଡ଼ିଆର ଉନ୍ନତିକରଣ ସହିତ ଆଧୁନିକ ଜିମ ସୁବିଧା କରାଯାଇଛି । ତା’ଛଡ଼ା ଛାତ୍ରଛାତ୍ରୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱଚ୍ଛ ଶୌଚାଳୟର ବ୍ୟବସ୍ଥା ହୋଇଛି । ଓମ୍ୱାଡସି ସହାୟତାରେ ଓଏସଏମଇ ଶିକ୍ଷାନୁଷ୍ଠାନରେ ଏହି ଅତ୍ୟାଧୁନିକ ବ୍ୟବସ୍ଥା ହେବା ଫଳରେ ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରୁ ଦକ୍ଷ ଯୁବ ମାନବ ସମ୍ବଳ ସୃଷ୍ଟି ହେଉଛନ୍ତି । ଏଠାରୁ ତାଲିମ ନେଇ ଛାତ୍ରଛାତ୍ରୀମାନେ ବିଭିନ୍ନ ଖଣି ଓ ଶିକ୍ଷ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଉଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ‘କବିତା କାନନ’ ଉନ୍ମୋଚିତ



ଚମ୍ପୁଆ, (ଭାସ୍କର ନ୍ୟୁଜ୍ ) : ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ଆର. ପି ବାଳିକା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ କବୟିତ୍ରୀ ସୁଭଦ୍ରା ମହାନ୍ତଙ୍କ ରଚିତ କବିତା ସଂକଳନ ‘କବିତା କାନନ’ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭ ଉନ୍ମୋଚନ ହୋଇଯାଇଛି । ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଉକ୍ତ କବିତା ପୁସ୍ତକ ଉନ୍ମୋଚିତ କରି କବୟିତ୍ରୀ ସୁଭଦ୍ରାଙ୍କ କବିତା ରଚନା ଓ କବି ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ । ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଓ ବକ୍ତାଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ମିଳନୀ ସାହିତ୍ୟ ସଂସଦର ସମ୍ପାଦକ, କବି ଡ଼କ୍ଟର ଚିତ୍ତରଞ୍ଜନ ମିଶ୍ର, ସରସ୍ୱତୀ ଶିଶୁମନ୍ଦିର ସଭାପତି ସୁବଳ ସାହୁ, ସମ୍ପାଦକ ବିନୟ ସାହୁ, ପ୍ରଧାନ ଆଚାର୍ଯ୍ୟ ଡମ୍ବରୁଧର ମହାନ୍ତ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କବିତା କାନନ ପୁସ୍ତକ ଟି ଅଭିଳାଷ ପ୍ରକାଶନ, ସଂଜୀବନୀ ସାହିତ୍ୟ ସଂସଦ, ଭଣ୍ଡା, କେନ୍ଦୁଝର ଦ୍ୱାରା ପ୍ରକାଶିତ ହୋଇଥିବା ବେଳେ ଏଥିରେ ୪୦ ଗୋଟି ଭକ୍ତିଭାବ, ନୀତିଶିକ୍ଷା ଓ ସଚେତନତା ମୂଳକ କବିତା ସ୍ଥାନ ପାଇଛି । ଛାତ୍ରଛାତ୍ରୀ ତଥା ସବୁ ବର୍ଗର କବିତାପ୍ରେମୀ ପାଠକ ମାନଙ୍କୁ ତାହା ଛୁଇଁ ପାରିବ ବୋଲି ଆଶା ତଥା ଦୃଢ଼ବିଶ୍ୱାସ ।

# ରାଧାବଲ୍ଲଭ ମହାବିଦ୍ୟାଳୟରେ ମତ ମନ୍ତବ୍ୟ କାର୍ଯ୍ୟକ୍ରମ

ଗୋପ, (ଭାସ୍କର ନ୍ୟୁଜ୍ ) : ଗୋପ ବ୍ଲକ ଅନ୍ତର୍ଗତ ଦଳନଈ ଠାରେ ଥିବା ରାଧାବଲ୍ଲବ ମହାବିଦ୍ୟାଳୟରେ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଏକ ମତ ମନ୍ତବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ରାଜ୍ୟ ସଭାପତି ବିଶ୍ୱ ରଂଜନ ଦାଶଙ୍କ ଆହ୍ୱାନ କ୍ରମେ ଡକ୍ଟର ବନମାଳୀ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ତଳୀଗ୍ରାମ ସରପଂଚ ମହେଶ୍ୱର ସ୍ୱାଇଁ ଯୋଗଦେଇ କହିଥିଲେ ଯେ ୧ ଜୁନ ୨୦୦୮ ଠାରୁ ୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସ୍ୱଳ୍ପ ବେତନରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇ ପଡୁଛି । ସଂଘ ପକ୍ଷରୁ ପୂର୍ବ ସରକାରଙ୍କ ନିକଟରେ ଅନୁଦାନ ନିମନ୍ତେ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କୌଣସି ପଦକ୍ଷେପ ନନେବା ପରିତାପର ବିଷୟ ହୋଇଛି । ଏଣୁ ଏହି ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଗ୍ରାଣ୍ଟ-ଇନ-ଏଡ୍ ପରିସରଭୁକ୍ତ କରି ସେମାନଙ୍କ ଦୁଃଖକୁ ଲାଘବ କରିବା ପାଇଁ ନୂତନ ସରକାରଙ୍କ ନିକଟରେ ମୋର ଦାବି ହେଉଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରତାପ କୁମାର ପ୍ରଧାନ, ସଂଜୟ କୁମାର ନାୟକ, ପାର୍ଥସାରଥି ପରିଡା, ଅଶୋକ କୁମାର ସେଠୀ, ପ୍ରସନ୍ନଜିତ୍ ଜେନା, ବିଷ୍ଣୁପ୍ରୟା ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ମହଜୁଦ ଥିବା ମହୁଲଫୁଲ ଜବତ




ବେତନଟୀ, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ମୋବାଇଲ ଟିମ୍ ପକ୍ଷରୁ ବେତନଟୀରେ ଚଢାଉ କରାଯାଇ ବେଆଇନ ଭାବରେ ମହଜୁଦ ଥିବା ମହୁଲଫୁଲ ଜବତ କରିବା ସହିତ ଏନେଇ ଏକ ମାମଲା ରୁଜୁ କରାଯାଇଛି । ମୋବାଇଲ ଟିମ୍ ଇନସ୍ପେକ୍ଟର ଶ୍ରୀଧର ମହାନ୍ତି ସଦଳବଳେ ଗୁରୁବାର ପୂର୍ବାହ୍ନରେ ବେତନଟୀରେ ଚଢାଉ କରିଥିଲେ । ଚଢାଉ ସମୟରେ ସାଢେ ୪କୁଇଣ୍ଟାଲ ଓଜନର ମହୁଲଫୁଲ ଜବତ କରିବା ସହିତ ଏନେଇ ଏକ ମାମଲା ରୁଜୁ କରାଯାଇଛି ।

# ଉପଖଣ୍ଡ ସ୍ତରୀୟ ଦୁଗ୍ଧଚାଷୀଙ୍କ ପୂର୍ବ ପ୍ରେରଣ ପ୍ରଶିକ୍ଷଣ ଶିବିର




କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : ଆଲୁମାଡି ସିମେନ ଷ୍ଟେସନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଗୋକୁଳ ମିଶନ ସହଯୋଗରେ କରଞ୍ଜିଆ କୃଷି ଜିଲ୍ଲା ଅଧିକାରୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ଦୁଗ୍ଧ ଚାଷୀଙ୍କ ଏକଦିନିଆ ପୂର୍ବ ପ୍ରେରଣ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ପାଞ୍ଚପୀଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ନାୟକ, ଉପଖଣ୍ଡ ପ୍ରାଣୀଧନ ଅଧିକାରୀ ବ୍ରଜବନ୍ଧୁ ବେହେରା, ନବୀନ ରାମ, ଓମଫେଡ ଅଧିକାରୀ ମମତା ସାହୁ,ଏନବିବିଡି ଯୋଜନା ସଂଯୋଜକ ପ୍ରକାଶ ଦେବତା ଓ ବ୍ଲକ ସାଂସଦ ପ୍ରତିନିଧି ଦେବେନ୍ଦ୍ର ମହାନ୍ତ ଯୋଗଦାନ କରିଥିଲେ । ଅତିଥି ପରିଚୟ ଓ ସଭା ପରିଚାଳନା ଆଶିଷ ମହାନ୍ତ ଓ ଜ୍ୟୋତ୍ସ୍ନାରାଣୀ ମହାନ୍ତ କରିଥିଲେ । ଏହି ଦୁଗ୍ଧ ଚାଷୀମାନେ କିପରି ଦୁଗ୍ଧ ଉତ୍ପାଦନରେ ବୃଦ୍ଧି କରିପାରିବେ, ସେଗୁଡିକୁ କିପରି ବିକ୍ରି କରି ପାରିବେ,ଗାଈମାନଙ୍କ ସେବା, ସୁରକ୍ଷା, ଯତ୍ନ, ଖାଦ୍ୟ ପଦାର୍ଥ ଓ ଗାଈଛୁଆ ଦେବା ପରେ ମା ଓ ଛୁଆମାନଙ୍କର କ’ଣ କ’ଣ ପ୍ରତିଷେଧକ ବ୍ୟବସ୍ଥା କରିବା ଆବଶ୍ୟକ ପ୍ରଭୃତି ବିଷୟରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଇଥିଲେ । ରାଷ୍ଟ୍ରୀୟ ଗୋକୁଳ ମିଶନ ଜରିଆରେ କିପରି ସମସ୍ତ ସରକାରୀ ସହାୟତା ଚାଷୀମାନେ ପାଇ ଉପକୃତ ହୋଇପାରିବେ ସେ ବିଷୟରେ ମଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପରିଶେଷରେ ଆଞ୍ଚଳିକ ପରିଚାଳକ ଭବାନୀ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫୦ ରୁ ଊର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଅଂଶଗ୍ରହଣ କରିଥିଲେ ।

## ବିଶ୍ୱ ଛେନାପୋଡ଼ ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ): ବିଶ୍ୱ ଛେନାପୋଡ଼ ଦିବସ ଅବସରରେ ଆଜି ଜିଲ୍ଲା ପ୍ରଶାସନ କେନ୍ଦୁଝର ଓ ଓମଫେଡ, କେନ୍ଦୁଝର ଡାଏରୀର ମିଳିତ ଆନୁକୂଲ୍ୟରେ ବିଶ୍ୱ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ କେନ୍ଦୁଝର ଓମଫେଡ ଡାଏରୀର ସୁଶୀଲ କୁମାର କାନୁନଗୋଙ୍କ ଉପସ୍ଥିତିରେ ଛେନାପୋଡ଼ କଟାଯାଇ ଏହି ଦିବସଟିକୁ ପାଳନ କରାଯାଇଥିଲା । ସୂଚନାଯୋଗ୍ୟ ପ୍ରତ୍ୟେକ ବର୍ଷ ଏପ୍ରିଲ ୧୧ ତାରିଖକୁ ବିଶ୍ୱ ଛେନାପୋଡ଼ ଦିବସ ହିସାବରେ ପାଳନ କରାଯାଇ ଆସୁଛି । ଚଳିତ ବର୍ଷ ଓଡ଼ିଆ ଅସ୍ମିତାର ପୁନଃ ଜାଗରଣ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ପାଳିତ ହେଉଥିବା ଓଡ଼ିଆ ପକ୍ଷ ଅବସରରେ ଆମ ଓଡ଼ିଶାର ଲୋକପ୍ରିୟ ମିଠା ଛେନାପୋଡ଼କୁ ବିଶ୍ୱ ବିଦିତ କରିବାରେ ସହାୟକ ହେବ ବୋଲି ଦୃଢ଼ ଆଶା କରାଯାଉଛି ।

# ‘କେହ୍ଳୁଆ’ରୁ ପ୍ରସ୍ତୁତ ଗୁଡ଼ର ରହିଛି ସ୍ୱତନ୍ତ୍ର ଚାହିଦା




ଭଂଜନଗର, (ଭାସ୍କର ନ୍ୟୁଜ୍ ) : ସମୟ ଅନୁସାରେ ବଦଳୁଛି, ଅନେକ ପାରମ୍ପରିକ ପଦ୍ଧତି । ବିଶେଷକରି କୃଷି କ୍ଷେତ୍ରରେ, ଅନେକ ପରିବର୍ତ୍ତନ ହୋଇଛି । କୃଷି କାର୍ଯ୍ୟରେ ଅତ୍ୟାଧୁନିକ ଏବଂ ବୈଜ୍ଞାନିକ ପ୍ରଣାଳୀ, ଉପଯୋଗ ହେଉଛି । ପୁରୁଣା-କାଳିଆ କୃଷି ଶୈଳୀକୁ, ଅନେକ ଭୁଲି ଗଲେଣି । ତଥାପି ଏବେବି ବଞ୍ଚିରହିଛି ଅତୀତର ପାରମ୍ପରିକ କେହ୍ଳୁଆ ପରମ୍ପରା । ଯେଉଁଠି ପାରମ୍ପରିକ ପଦ୍ଧତିରେ ଆଖୁକୁ ପେଡାଇ, ତାହାର ରସରୁ “ଗୁଡ” ପ୍ରସ୍ତୁତ କରାଯାଏ । ଏବେ ଏହି “କେହ୍ଳୁଆ” ପ୍ରଣାଳୀ, ପ୍ରାୟତଃ ଦେଖିବାକୁ ମିଳୁନି । ଚାଷୀମାନେ ଅମଳ ଆଖୁକୁ ଚିନିକଳକୁ, ପଠାଉଛନ୍ତି । ଗଂଜାମ ଜିଲ୍ଲାର ହାତଗଣତି କିଛି ସ୍ଥାନରେ ଏହି “କେହ୍ଳୁଆ” ପ୍ରଣାଳୀ ଦେଖିବାକୁ ମିଳୁଛି । ଏମିତି କିଛି ଦେଖିବାକୁ ମିଳୁଛି, ଭଂଜନଗର ବ୍ଲକ୍ ଅନ୍ତର୍ଗତ ଲାଲସିଂ ପଞ୍ଚାୟତର ରାଜକୁଣ୍ଡ ଗାଁ ନିକଟରେ । ଯେଉଁଠିକି, ଅତୀତରେ ବହୁ ଚାଷୀ “କେହ୍ଳୁଆ ଶାଳ” କରି, ବର୍ଷର ଛଅମାସ “ଗୁଡ଼” ପ୍ରସ୍ତୁତ କରୁଥିଲେ । ଏହାକୁ ବିକ୍ରୀକରି ,ଭଲ ଦି’ପଇସା ରୋଜଗାର କରୁଥିଲେ । ପରବର୍ତ୍ତୀ ସମୟରେ ମାନବସମ୍ବଳ ଏବଂ ପ୍ରୋତ୍ସାହନ ଅଭାବ ଯୋଗୁଁ, ଏହାଠାରୁ ଦୂରେଇ ଗଲେ । ଚିନିକଳକୁ, ଆଖୁ ଯୋଗାଇଲେ । ସେଠାରୁ ମଧ, ଠିକଣା ସମୟରେ ନିଜର ପ୍ରାପ୍ୟ ପାଇଲେ ନାହିଁ । ବାଧହୋଇ, ଆଖୁଚାଷ ବନ୍ଦ କରିଦେଲେ । ତଥାପି ଏବେବି ହାତ ଗଣତି କିଛି ଚାଷୀ ରହିଛନ୍ତି, ଯେଉଁମାନେ ଏହି “କେହ୍ଳୁଆ” ପରମ୍ପରାକୁ ବଞ୍ଚାଇ ରଖିଛନ୍ତି । ବର୍ଷର ଛଅମାସ ଧାନ ଏବଂ ଅନ୍ୟାନ୍ୟ ଫସଲ ଚାଷ କରୁଥିବା ବେଳେ, ବାକି ଛଅମାସ ଆଖୁଚାଷ କରି “କେହ୍ଳୁଆ” ସାହାଯ୍ୟରେ “ଗୁଡ” ପ୍ରସ୍ତୁତ କରନ୍ତି । ପରିବାରର ସମସ୍ତେ ଏଥିରେ ନିୟୋଜିତ ରହୁଛନ୍ତି । ସବୁଠୁ ବଡ଼କଥା ହେଲା, କିଛି ଚାଷୀ ପରିବାରର ଯୁବକ-ଯୁବତୀମାନେ ଏଥିରେ ନିୟୋଜିତ ହୋଇ, ରୋଜଗାର କରିପାରୁଛନ୍ତି । ଉତ୍ପନ୍ନ ଗୁଡ କିଣିବାକୁ, ଲୋକଙ୍କ ଆଗ୍ରହ ବଢୁଛି । କିନ୍ତୁ ଏହି ଚାଷ ପ୍ରତି ପ୍ରୋତ୍ସାହନ ଅଭାବ ଯୋଗୁଁ, ଚାଷୀମାନେ ନିରାଶ ହୋଇ ପଡୁଛନ୍ତି । ଏଭଳି ଚାଷ ପ୍ରତି ଆବଶ୍ୟକ ଅନୁଯାୟୀ, ସରକାରୀ ସ୍ତରରେ ସହଯୋଗ ଯୋଗାଇ ଦେବାର ଆବଶ୍ୟକ ରହିଛି ।

# ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳିତ



ଗୋପ, (ଭାସ୍କର ନ୍ୟୁଜ୍ ) : ଗୁରୁବାର ଥିଲା କଳାକାରମାନଙ୍କ ପାଇଁ ଦିବସଟିଏ । ଗୋପ ବ୍ଲକ ବୈଠକ ଗୃହରେ ଗୋପ ପଂଚାୟତ ସମିତି ପକ୍ଷରୁ ଆୟୋଜିତ ଓଡିଆ ପକ୍ଷ-୨୦୨୫ ପାଳନ ପରିପ୍ରେକ୍ଷୀରେ ଲୋକକଳା ପାଇଁ ଦିନଟିଏ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଗୋପ ମଣ୍ଡଳ ଅଧିକାରିଣୀ ଛବିରାଣୀ ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ । ପରେ ବିଭିନ୍ନ କଳା ଓ ସଂସ୍କୃତି କ୍ଷେତ୍ରରେ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିବା ଗୋପ ବ୍ଲକର ୧୦ ଜଣ ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଦିବସରେ ଅତିଥିଭାବେ ପଂଚାୟତ ସମିତି ଅଧକ୍ଷ ଝୁନୁ ମଲ୍ଲିକ, ଉପାଧକ୍ଷ ବନ ରଂଜନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଏବିଡିଓ ଦୀପକ କୁମାର ଜେନା, ବିଏସଏସଓ ମମତା ଜେନା, ବିପିଏମ ପଙ୍କଜିନୀ ଦାସ, ଜିପିଓ ପ୍ରମୁଖ ଯୋଗଦେଇ ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପାଲାଗାୟକ ଉତ୍କଳ ଶିରୋମଣି (ବ୍ୟାସ) ଲକ୍ଷ୍ମୀଧର ଦାସ, ବନମାଳୀ ଦାସ, ଓଡିଶୀ ସଂକୀର୍ତ୍ତନ ଗାୟକ ଚକ୍ରଧର ସ୍ୱାଇଁ, ଯଦୁମଣି ଗୁରୁ, ଦାମୋଦର ଓଝା, ଦୁଃଖିଶ୍ୟାମ ପ୍ରଧାନ, ନଦିଆ ସଂକୀର୍ତ୍ତନ ଗାୟକ ଭରତ ବେହେରା, ପାରମ୍ପରିକ ଲୋକକଳା କଣ୍ଢଶିଳ୍ପୀ କୈଳାଶ ଚନ୍ଦ୍ର ଭୋଇ, ଘୋଡାନାଚ ଗାୟକ ବସନ୍ତ କୁମାର ଦାସଙ୍କୁ ବ୍ଲକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ କଳକାରମାନଙ୍କ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ରାଶିଫଳ

**ଶନିବାର, ୧୨ ଏପ୍ରିଲ ୨୦୨୫**



**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ । କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ । ଆପଣଙ୍କ ମନରେ କାର୍ଯ୍ୟର ଚାପ ସତ୍ତ୍ୱେ, ଆପଣଙ୍କର ପ୍ରିୟ ଖୁସିର ମୁହୂର୍ତ୍ତ ଆଣିଦେବେ ।



**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ । ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ । ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ । ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ ।



**ମିଥୁନ:** ଧର୍ଯ୍ୟବାନ ହୁଅ, କାରଣ ଆପଣଙ୍କର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ । ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ । କୌଣସି ପ୍ରକାରର ବିନିଯୋଗ କରିବା ପୂର୍ବରୁ ସେହି ବ୍ୟକ୍ତିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରନ୍ତୁ ।



**କର୍କଟ:** ଆପଣ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତାର ଅଭାବ ଆପଣଙ୍କୁ ଚାପ ଦେଇପାରେ । ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ । ତାଙ୍କୁ ଆଶ୍ଚର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ତାଙ୍କ ପାଇଁ ଏକ ସୁନ୍ଦର ଦିନରେ ପରିଣତ କରିବାକୁ ଚିନ୍ତା କରନ୍ତୁ ।



**ସିଂହ:** ଘରର ପରିବେଶ ସୁଖଦ ହେବ । ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ । ଆଜି ଆପଣଙ୍କର ବ୍ୟକ୍ତିତ୍ୱର ଉନ୍ନତି ହୋଇପାରେ । ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି ।



**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ । ଭ୍ରମଣରୁ ଆପଣ ଉପକୃତ ହେବେ । ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ । ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ । ଆପଣ ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହୀ ହେବେ ।



**ତୁଳା:** ଆଜି ଆପଣଙ୍କୁ ଆରାମ ଏବଂ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ । ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ । ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ ।



**ବିଛା:** ଆଜି ଆପଣ ଚାପରୁ ମୁକ୍ତି ପାଇପାରିବେ । ଆପଣ ଆରାମ ଅନୁଭବ କରିବେ । ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ । ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ । ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ । ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ । ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ । ଘରେ ସମନ୍ୱୟ ରକ୍ଷା କରିବା ପାଇଁ ଏକାଠି କାମ କରନ୍ତୁ ।



**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ । ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ । ବୋଧହୁଏ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ । ଅନେକ ଲୋକଙ୍କ ପାଇଁ ଆଜିର ରୋମାଣ୍ଟିକ୍ ସନ୍ଧ୍ୟା ସୁନ୍ଦର ଉପହାର ଏବଂ ଫୁଲରେ ପରିପୂର୍ଣ୍ଣ ହେବ ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ । ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ । ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ । କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ । ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକି ଯାଇପାରେ । ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ । ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ । ଯଦି ଆପଣ ଆଜି ପ୍ରକୃତରେ ଲାଭ ଚାହୁଁଛନ୍ତି ତେବେ ଅନ୍ୟମାନଙ୍କ ମତାମତକୁ ଭଲଭାବେ ଶୁଣନ୍ତୁ ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବରଗଡ(ଭାସ୍କର ନ୍ୟୁଜ): ବରଗଡ଼ ସହରର ପ୍ରାଇଭେଟ ବସ୍ଷ୍ଟାଣ୍ଡ ଯିବା ରାସ୍ତାରେ ବଢୁଛି ଟ୍ରାଫିକ ସମସ୍ୟା । ବରଗଡ଼ ପ୍ରାଇଭେଟ ବସ୍ଷ୍ଟାଣ୍ଡ ତିଆରି ହୋଇଥିବା ବେଳେ ବହୁ ପ୍ରାଇଭେଟ ବସ୍ ବସ୍ଷ୍ଟାଣ୍ଡରେ ନ ରହି ରାସ୍ତା ଉପରେ ରହୁଛି, ଯାହାକୁ ନେଇ ସେହି ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଏନେଇ ବରଗଡ଼ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏନେଇ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟରେ ବରଗଡ଼ବାସୀ ଗୁରୁବାର ଅପରାହ୍ନ ୪ଟା ସମୟରେ ନିଜ ପ୍ରତିକ୍ରିୟା ରଖିଛନ୍ତି । ବରଗଡ଼ ପ୍ରାଇଭେଟ ବସ୍ଷ୍ଟାଣ୍ଡ ବିନା ପ୍ଲାନିଙ୍ଗରେ ତିଆରି ହୋଇଥିବା ବେଳେ ବସ ପାର୍କିଙ୍ଗ, ଯାତ୍ରୀଙ୍କ ପାଇଁ ସୁବିଧା ନ ଥିବା ବେଳେ ଓ ବିଭିନ୍ନ ସମସ୍ୟା ରହିଛି ଏନେଇ ବହୁ ବସ୍ ରାସ୍ତାରେ ପାର୍କିଙ୍ଗ କରୁଥିବା ବେଳେ ଜନସାଧାରଣ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାସହ ବର୍ତ୍ତମାନ ସରକାରୀ ବସ୍ଷ୍ଟାଣ୍ଡ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତରିତ ହେବା ସହ ନୂତନ ତିଆରି ହେବାକୁ ଥିବା ବେଳେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ଲାନିଙ୍ଗ ସହ ନିର୍ମାଣ କରାଯାଉ ବୋଲି ଦାବି କରାଯାଇଛି । ନ ହେଲେ ଆଗାମୀ ଦିନରେ ଟ୍ରାଫିକ ସମସ୍ୟା ସହ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜନସାଧାରଣ ଜଣାଇଛନ୍ତି । ତେବେ ଟ୍ରାଫିକ ସମସ୍ୟାକୁ ନେଇ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବରଗଡ଼ ଆ ?ଟିଓଙ୍କ ସହ କଥା ହୋଇ ସମସ୍ୟାର ସମାଧାନ କରିବେ ବୋଲି ଜଣାଇଛନ୍ତି ।

# ବୁଝାମଣାପତ୍ର ସ୍ୱାକ୍ଷରୀତ, ପୃଷ୍ଟିହୀନତାର ସ୍ତର ଧାର୍ଯ୍ୟ କରିବାକୁ ଲକ୍ଷ୍ୟ

## ବାର୍ଷିକ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବ୍ୟୟ






ରାଉରକେଲା(ଭାସ୍କର ନ୍ୟୁଜ): ସେଲ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆରଏସପି) ବିଶ୍ରା, କୁଆଁରମୁଣ୍ଡା ବ୍ଲକ ଏବଂ ରାଉରକେଲା ମହାନଗର ନିଗମର ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ଅନନ୍ୟ ସିଏସଆର ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ଅଧୀନରେ ପୁଷ୍ଟିକର ପାଶ୍ଚରାଇଜଡ୍ ସୁସ୍ୱାଦୁ ସୁବାସିତ ପ୍ୟାକେଜ୍ କ୍ଷୀର ଯୋଗାଇବା ସନ୍ଦର୍ଭରେ ନ୍ୟାସନାଲ ଡାଇରି ଡେଭେଲପମେଣ୍ଟ ବୋର୍ଡ (ଏନଡ଼ିଡ଼ିବି) ଫର ନ୍ୟୁଟ୍ରିସନ, ଆନନ୍ଦ, ଗୁଜୁରାଟ ଏବଂ ଜିଲ୍ଲା ପ୍ରଶାସନ ସହିତ ବୁଝାମଣାପତ୍ର (ଏମଓୟୁ) ନବୀକୃତ କରିଛି । ଏଥିନିମନ୍ତେ ଏମଓୟୁ ମାର୍ଚ୍ଚ ୨୯ ତାରିଖରେ ସ୍ୱାକ୍ଷରୀତ ହୋଇଥିଲା । ଏଥିରେ ଆରଏସପି ତରଫରୁ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ପିକେ ସ୍ୱାଇଁ, ଏନଡ଼ିଡ଼ିବି ତରଫରୁ ବୈଜ୍ଞାନିକ ଡକ୍ଟର ଲକ୍ଷ୍ମୀ ନାରାୟଣ ମହାପାତ୍ର ଏମଓୟୁରେ ସ୍ୱାକ୍ଷର କରିଥିଲେ । ପୂର୍ବ ଏମଓୟୁ ଅଧୀନରେ ୨୦୨୫ ମାର୍ଚ୍ଚ ୩୧ ତାରିଖରେ ଶେଷ ହେବାକୁ ଯାଉଥିବା ଏହି ଅନନ୍ୟ ସିଏସଆର ପଦକ୍ଷେପ ଜାରି ରଖିବା ଦିଗରେ ନୂତନ ଏମଓୟୁ ମାର୍ଗ ପ୍ରଶସ୍ତ କରିଛି । ଏହି ନୂତନ ଏମଓୟୁ ୨୦୨୫ ଅପ୍ରେଲ ୧ ତାରିଖରୁ ୨୦୨୬ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ରହିବ ଏବଂ ଏଥିନିମନ୍ତେ ଆରଏସପି ଏକ ବର୍ଷ ନିମନ୍ତେ ୪୨.୩୦ ଲକ୍ଷ ଟଙ୍କା ବ୍ୟୟ ବହନ କରିବ । ନୂତନ ଏମଓୟୁରେ କାର୍ଯ୍ୟକ୍ରମର ପରିସୀମା ସମ୍ପ୍ରସାରିତ କରାଯାଇଛି । ଏହି ପ୍ରୟାସ ଅଧୀନରେ କୁଆଁରମୁଣ୍ଡା ବ୍ଲକର ବିଦ୍ୟାଳୟଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ହିତାଧିକାରୀ ଛାତ୍ରଙ୍କ ସଂଖ୍ୟା ମଧ୍ୟ ୧୭୫୦କୁ ବୃଦ୍ଧି କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଅନନ୍ୟ ସିଏସଆର ପ୍ରୟାସର ଅଂଶ ସ୍ୱରୂପ ୨୦୦ ମିଲିଲିଟର ସ୍ୱାଦଯୁକ୍ତ ସୁବାସିତ କ୍ଷୀର ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ପରିସରରେ ପ୍ରତି କାର୍ଯ୍ୟଦିନରେ ପ୍ରଦାନ କରାଯିବ । ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ମଧ୍ୟରେ ପୁଷ୍ଟିହୀନତାର ସ୍ତର ହ୍ରାସ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି ।

# ଭୀମଭୋଇ ଗୋଶାଳାରେ ଅଗ୍ନିକାଣ୍ଡ

- ପୋଡିଗଲା ଗୋଖାଦ୍ୟ ଓ ଘର
- କୌଣସି ଦୁର୍ବୃତ୍ତ ନିଆଁ ଲଗାଇଥିବା ସନ୍ଦେହ



କୁଚିଣ୍ଡା(ଭାସ୍କର ନ୍ୟୁଜ) : ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ସଦରମହକୁମା ଅନ୍ତର୍ଗତ ଏନ୍ଏସି ୱାର୍ଡ ନଂ ୬ ଉତ୍ତରରେ ଭୀମଭୋଇ ମହିମା ମଠ ଅବସ୍ଥିତ । ଏହି ମଠ ଆନୁକୂଲ୍ୟରେ ଶିବ ମନ୍ଦିର ପାଖରେ ଭୀମଭୋଇଙ୍କ ଏକ ଗୋଶାଳା ରହିଛି । ଏବଂ ଏହି ଗୋଶାଳାରେ ୩୦ ଗୋଟି ଗୋରୁ, ଗାଇ ରହନ୍ତି । ଗୋଧନ ସେବାରେ ଏଠାକାର ମଠାଧିଶ ଶେଷଦେବ ବା ବାଓ ମଠର ବାବାଜୀ କରିଥାନ୍ତି । ସକାଳେ ଗୋରୁ ଗାଇଙ୍କୁ ଚରିବାକୁ ଖୋଲିଦେଇ ଦିଆଯାଇଥିଲା । ପ୍ରାୟ ଦିନ ୧ଟା ମଧ୍ୟରେ କୌଣସି ଦୁର୍ବୃତ ଗୋଶାଳାରେ ନିଆଁ ଲଗାଇଦେଇ ଚାଲିଯିବା ପରେ, ଗୋଶାଳାଟି ସଂପୂର୍ଣ୍ଣ ପୋଡିଯାଇଥିଲା ବୋଲି ମଠ ମଠାଧିଶ ଶେଷଦେବ ବାବା କହିଛନ୍ତି ।ସେ କହିଛନ୍ତିଯେ, ଗାଇ, ଗୋରୁଙ୍କ ନଡ଼ା, ଓ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଏଠାରେ ମହଜୁଦ ଥିଲା ।ଏବଂ ମଠ ବାବାଜୀଙ୍କ କଷ୍ଟସାଧ ଉଦ୍ୟମରେ ଗୋଶାଳାଟି ନିର୍ମିତ ସମ୍ଭବ ହୋଇଥିଲା । ଏବେ ‘ଗୋଶାଳା’ଟି ଜଳିଯିବା ପରେ, ଗୋରୁ, ଗାଇଙ୍କ ରହିବା ଓ ଖାଦ୍ୟ ସଂକଟ ଦେଖାଯାଇଛି । ଗୋଶାଳା ନିଆଁଲାଗି ଯିବାଦ୍ୱାରା ମଠ ପରିଧି ଭିତରେ ଥିବା ଔଷଧିୟ ବୃକ୍ଷ ବାଡ଼ାବନ୍ଦି ମଧ୍ୟ ପଡିଯାଇଛି, ନିର୍ଜଳା ଖରା ସମୟ ହେତୁ ବିଳମ୍ବରେ ନିଆଁ ଘଟଣା ଜଣାପଡିଥିଲା । ଜାଣିବାପରେ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଫୋନରେ ଜଣାଇବା ପରେ ଅଗ୍ନିସେବା ସଂସ୍ଥା ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଣୁ ସରକାରୀ ପ୍ରଶାସନ ଅଧିକାରୀ, ତଥା ବୈଦାନ ବ୍ୟକ୍ତିଙ୍କ ଅନୁକମ୍ପାର ହାତ ବଢ଼ାଇଲେ ପୁନଃ ସ୍ଥାପନା ସମ୍ଭବ ହୋଇପାରନ୍ତା ବୋଲି ମଠାଧିଶ ଅନୁରୋଧ କରିଛନ୍ତି ।

# ହୃଦୟକୁ ଛୁଇଁଲା ମାନବିକତାର ମହକ

## ଉଦାହରଣ ସୃଷ୍ଟି କଲା ତିନିସାଙ୍ଗଙ୍କ ରକ୍ତଦାନ



ମାଲକାନଗିରି(ଭାସ୍କର ନ୍ୟୁଜ) : ଜଣେ ସାଙ୍ଗର ଆବଶ୍ୟକତା ଦୂର କରିବା ପାଇଁ ଯାଇ ତିନି ସାଙ୍ଗ ମିଳିତ ଭାବେ ରକ୍ତଦାନ କରି ଦେଖାଇଛନ୍ତି ମାନବିକତାର ଏକ ଅନୁପମ ଉଦାହରଣ । ସାଙ୍ଗ ପ୍ରକାଶର ମା’ଙ୍କୁ ରକ୍ତର ଜରୁରୀ ଖବର ଶୁଣି ଏମଭି-୭୯ର ତିନି ଯୁବକ – ସୁରଜ କୁମାର ବେହେରା, ହିମାଂଶୁ ମଣ୍ଡଳ ଓ ସୌଗତ କୁମାର ଦାସ ୬୦ କିଲୋମିଟର ଦୂରରୁ ମାଲକାନଗିରି ମେଡିକାଲ ରକ୍ତ ଭଣ୍ଡାର କେନ୍ଦ୍ର ପହଞ୍ଚି ନିଜର ରକ୍ତ ଦାନ କରିଛନ୍ତି ।ରକ୍ତ ଦାନ କେନ୍ଦ୍ରରେ ଅନ୍ୟ ଦୁଇ ଜଣଙ୍କୁ ମଧ୍ୟ ରକ୍ତ ଆବଶ୍ୟକ ରହିଥିଲା । ତେଣୁ କେବଳ ପ୍ରକାଶର ମା’ଙ୍କ ପାଇଁ ନୁହେଁ, ଅନ୍ୟ ଦୁଇ ଜଣଙ୍କ ଜୀବନ ବଞ୍ଚାଇବା ପାଇଁ ମଧ୍ୟ ଏହି ତିନି ସାଙ୍ଗ ଆଗେଇ ଆସିଛନ୍ତି । ଏହି ତିନି ଯୁବକଙ୍କ ମଧ୍ୟରେ ସୁରଜ କୁମାର ବେହେରାଙ୍କ କାହାଣୀ ସମସ୍ତଙ୍କ ହୃଦୟକୁ ଛୁଇଁଛି । ସୁରଜ ପ୍ରତି ତିନି ମାସରେ ଥରେ ନିୟମିତ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏତିକିରେ ନ ରହି, ସେ ନିଜର ଅଙ୍ଗଦାନ ପାଇଁ ମଧ୍ୟ ରାଜିନାମା ସ୍ୱାକ୍ଷର କରି ମାନବସେବାର ଏକ ଅନନ୍ୟ ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି । ତାଙ୍କର ଏହି ନିସ୍ୱାର୍ଥ ସେବା ଓ ସାଙ୍ଗପଣିଆ ଦେଖି ସମସ୍ତେ ତାଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି । ହିମାଂଶୁ ଓ ସୋଗତଙ୍କ ସହଯୋଗ ମଧ୍ୟ ଏହି ଘଟଣାକୁ ଆହୁରି ସ୍ମରଣୀୟ କରିଛି । ଏକ ସାଙ୍ଗର ଆବଶ୍ୟକତାରେ ଅନ୍ୟ ଦୁଇ ସାଙ୍ଗ ଏକାଠି ହାତ ମିଳାଇ ଯେଉଁ ମହାନତା ଦେଖାଇଛନ୍ତି, ତାହା ଆଜିର ସମାଜରେ ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି । ଏମାନଙ୍କ ଏହି କାର୍ଯ୍ୟ କେବଳ ରକ୍ତଦାନ ନୁହେଁ, ଏକ ନୂଆ ଜୀବନର ସଞ୍ଚାର ଓ ବନ୍ଧୁତା ର ଉଦାହରଣ ସୃଷ୍ଟି କରିଛି । ଏହି ତିନି ଯୁବକଙ୍କ କାହାଣୀ ଆମକୁ ଶିଖାଇଛି ଯେ ମାନବିକତା ଓ ସାଙ୍ଗପଣିଆର ସାମାନ୍ୟ ପ୍ରୟାସ ମଧ୍ୟ ଅନେକ ଜୀବନକୁ ବଞ୍ଚାଇ ପାରେ । ସୁରଜ, ହିମାଂଶୁ ଓ ଶୌଗତଙ୍କୁ ନେଇ ଆଜି ମାଲକାନଗିରିର ପ୍ରତ୍ୟେକ ବ୍ୟକ୍ତି ଗର୍ବ ଅନୁଭବ କରୁଛନ୍ତି । ଏମାନଙ୍କ ଏହି କାର୍ଯ୍ୟ ଆଗାମୀ ଦିନରେ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେବ, ଏହା ନିଶ୍ଚିତ ।

# ‘ମୋ ସଂସ୍କୃତି ଓ ମୋ ଖେଳନା’ କାର୍ଯ୍ୟକ୍ରମ



ରାୟଗଡ଼ା, (ଭାସ୍କର ନ୍ୟୁଜ) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସରକାରୀ ଉଚ୍ଚ ବିଦ୍ୟାଳୟ ସିକରପାଇ ଠାରେ ମୋ ସଂସ୍କୃତି ଓ ମୋ ଖେଳନା କାର୍ଯ୍ୟକ୍ରମ ମହା ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅତିଥିଙ୍କ ଉପସ୍ଥିତିରେ ଗଣେଶ ଭଗବାନଙ୍କ ମୂର୍ତ୍ତି ଠାରେ ପୂଜାର୍ଚ୍ଚନା କରିବା ପରେ ଛାତ୍ରଛାତ୍ରୀ ପ୍ରସ୍ତୁତ କରିଥିବା ଲେଖନି ଖାତା ଗୁଡ଼ିକୁ ଅତିଥି ବୁଲି ଦେଖିଥିଲେ ସୁସଜ୍ଜିତ କକ୍ଷରେ ବହୁତ୍ ସୁନ୍ଦର୍ ଭାବରେ ଚିତ୍ରଣ ସହ ସବିଶେଷ ବର୍ଣ୍ଣନା ଲେଖାକୁ ଦେଖି ଉଚ୍ଚ ପ୍ରଶଂସା କରିଥିଲେ । ଏହା ପରେ ଖେଳନା ପ୍ରଦର୍ଶନୀ ମଣ୍ଡପକୁ ଅତିଥିଗଣ ରିବନ୍ କାଟି ଏହାର ଶୁଭ ଉଦ୍ଘାଟନ କରିଥିଲେ ପରେ ପରେ ସଂସ୍କୃତିକ ସଭା କାର୍ଯ୍ୟକ୍ରମ ପ୍ରାରମ୍ଭ ହୋଇଥିଲା । ଏଥିରେ ନିମନ୍ତ୍ରିତ ଅତିଥି ନିଜ ନିଜର ଅଭିଭାଷଣ ରଖିଥିଲେ ଏବଂ କୃତିତ୍ୱ ଲାଭ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ କୁମାର ବଛା ଏବଂ ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ସୁନିତା ଲେଙ୍ଗରୀ ମହୋଦୟ । ଓ ତାଙ୍କ ଧର୍ମପତି ପୂର୍ଣ୍ଣଚନ୍ଦ୍ର ପଟେଲ ଉପସ୍ଥିତ ରହିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ କୁମାର ଗିରି ସଭାପତିତ୍ୱ କରିଥିଲେ । ସଭା ମଞ୍ଚ ପରିଚାଳନା ଦାୟିତ୍ୱରେ ବିଦ୍ୟାଳୟର କଳା ଶିକ୍ଷକ ତାପସ କୁମାର ଦଳେଇ ଏବଂ ବସନ୍ତ କୌଶଲ୍ୟା ତୁଲାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟକ୍ରମଟିକୁ ଅତି ଧୂମଧାମରେ ପାଳନ କରାଗଲା । ଲୁକ୍କାୟିତ କଳା ପ୍ରତିଭାକୁ ଲୋକଲୋଚନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଛନ୍ତି

# ବିଶ୍ୱ ହୋମିଓପ୍ୟାଥିକ୍ ଦିବସ ପାଳିତ



ବରଗଡ(ଭାସ୍କର ନ୍ୟୁଜ) : ହୋମିଓପାଥି ଚିକିତ୍ସା ବିଜ୍ଞାନର ଜନକ ଡ଼ା. ସାମୁଏଲ୍ ହ୍ୟାନିମାନଙ୍କ ଜୟନ୍ତୀ ପାଳନ ଅବସରରେ ଜିଲ୍ଲା ହୋମିଓପାଥି ଚିକିତ୍ସା ଅଧିକାରୀ ଙ୍କ କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ କୋହିନୁର ହୋଟେଲ ଠାରେ ବିଶ୍ୱ ହୋମିଓପାଥି ଦିବସ ପାଳନ କରାଯାଇଛି ।ଏହି ଉପଲକ୍ଷେ ବହୁ ବିଶିଷ୍ଟ ହୋମିଓପାଥି ଚିକିତ୍ସକଙ୍କ ଉପସ୍ଥିତି ରେ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ସମ୍ବଲପୁର ହୋମିଓପାଥିକ କଲେଜର ଅଧ୍ୟାପକ ଡ଼ା ଶଙ୍କର୍ଷଣ ସାହୁ, ବରଗଡର ଡ଼ା କପିଳାସ ଭୋଇ, ଡ଼ା ନିଶିଥ ମହାପାତ୍ର, ଡ଼ା ରଞ୍ଜନ କୁମାର ମହାନ୍ତି, ଡ଼ା ରାମକୃଷ୍ଣ ମିଶ୍ର, ଡ଼ା ରାଜାରାମ ସାହୁ, ପ୍ରମୁଖ ମଞ୍ଚାସୀନ ଥିଲେ । ଡ଼ା ମାନସ କୁମାର ପିଙ୍ଗ ହ୍ୟାନିମନ୍ ଙ୍କ ଜୀବନୀ ଓ ଅତିଥି ମାନେ ହୋମିଓପାଥି ଚିକିତ୍ସା ବିଜ୍ଞାନ ଉପରେ ଆଲୋକପାତ କରିବା ସହ ବର୍ତ୍ତମାନ ଏହାର ଉପାଦେୟତା ନେଇ ଲୋକଙ୍କ ଠାରେ ବେଶ ସଚେତନତା ଜାଗୃତ ହେଲାଣି ବୋଲି ମନ୍ତବ୍ୟ ରଖିଥିଲେ । ଡ଼ା ସୁବୋଧ କୁମାର ସାହୁ, ଡ଼ା ସୁଜାତା ପଟେଲ ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ଡ଼ା ସସ୍ମିତା ପାତ୍ର ଓ ଡ଼ା ଫାଲ୍ଗୁନୀ ବଢେଇ ସହଯୋଗ କରିଥିଲେ । ଶେଷ ରେ ଡ଼ା ଆଶୋକ କୁମାର ମହାନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବସୁଧା ଯୋଜନା ଫେଲ୍

## ପାନୀୟଜଳ ପାଇଁ ଗ୍ରାମବାସୀ ହନ୍ତସନ୍ତ



ଉମରକୋଟ(ଭାସ୍କର ନ୍ୟୁଜ): ଟାଇଁ ଟାଇଁ ଖରା ଗ୍ରାମବାସୀଙ୍କୁ ପାନୀୟ ଜଳସଙ୍କଟ ଘାରିଛି । ଏହି ଗ୍ରାମରେ ବସୁଧା ଯୋଜନା ଫେଲ ମାରିଛି । ବ୍ଲକ ପ୍ରଶାସନିକ ଅଧିକାରୀ ଜାଣି ବି ଅଜଣାର ଅଭିନୟ କରୁଛନ୍ତି । ପାନୀୟ ଜଳପାଇଁ ଗ୍ରାମବାସୀ ହନ୍ତସନ୍ତ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉମରକୋଟ ବ୍ଲକ ଅଧିନସ୍ଥ ନେହୁରା ପଞ୍ଚାୟତର ଜାନିଗୁଡା ଗ୍ରାମରେ । ଏହି ଗ୍ରାମରେ ୮୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ୮୦ ପରିବାରକୁ ଗ୍ରାମର ଆରମ୍ଭରେ ଗୋଟିଏ ଗ୍ରାମ ଶେଷ ମୁଣ୍ଡରେ ଗୋଟିଏ ନଳକୂପ ରହିଛି ଏହି ଦୁଇଟି ନଳକୂପ ପ୍ରାୟ ୨କି.ମି ବ୍ୟବଧାନରେ ରହିଛି । ଯେକୌଣସି ଗୋଟିଏ ନଳକୂପ ଖରାପ୍ ହେଲେ ପାନୀୟ ଜଳ ପାଇଁ ୨କି.ମି ଯିବାକୁ ପଡ଼େ । ଗ୍ରାମବାସୀ କହିବା ଅନୁଯାୟୀ ଏହି ବସୁଧା ଯେଉଁ ଦିନ ଶୁଭାରମ୍ଭ ହେଲା କେବଳ ଦୁଇଦିନ ହିଁ ପାନୀୟ ଜଳ ଯୋଗାଣ ଗ୍ରାମକୁ ଦିଆଯାଇଥିଲା ଦୁଇଦିନ ପରେ ଆଉ ଗ୍ରାମବାସୀ ପାଣି ପାଇନାହାନ୍ତି । ପ୍ରାୟ ଏକବର୍ଷ ହେଲା ପାଣି ପାଇଁ ହନ୍ତସନ୍ତ । ବର୍ଷକ ମଧ୍ୟରେ ଉମରକୋଟ ବ୍ଲକ ଅଧିକାରୀ ତିନିଜଣ ଆସିଲେଣି କିନ୍ତୁ କୌଣସି ବ୍ଲକ ପ୍ରଶାସନିକ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି । ଗ୍ରାମବାସୀ ବାରମ୍ବାର ସରପଞ୍ଚ ଉର୍ମିଳା ଭତରାଙ୍କୁ ପାନୀୟ ଜଳସମସ୍ୟାକୁ ନେଇ ଅଭିଯୋଗ କଲେ ମଧ୍ୟ ସରପଞ୍ଚ ଗ୍ରାମବାସୀଙ୍କ ସମସ୍ୟା ବୁଝୁନାହାନ୍ତି । ଆଜିକୁ ୪ଦିନ ହେବ ଏହି ଜାନିଗୁଡାର ପାନୀୟଜଳ ସମସ୍ୟା ଉପରେ ବିଡିଓ ମନୋଜ କୁମାର ମେହେରଙ୍କୁ ଯୋଗାଯୋଗ ନିମନ୍ତେ ଗଲେ ବିଡିଓ କାର୍ଯ୍ୟାଳୟରେ ରହୁନାହାନ୍ତି । ତେବେ ଏହି ଗ୍ରାମବାସୀଙ୍କ ଗୁହାରି ବୁଝିବ କିଏ ?

# ଆକାଶରୁ ଅଗ୍ନି ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

ବୌଦ୍ଧ(ଭାସ୍କର ନ୍ୟୁଜ): ରେକର୍ଡ ଉପରେ ରେକର୍ଡ କରୁଛି ଜିଲ୍ଲାରେ ଗ୍ରୀଷ୍ମପ୍ରବାହ । ଏପ୍ରିଲ ଦ୍ୱତୀୟ ସପ୍ତାହରେ ଏଭଳି ଗ୍ରୀଷ୍ମପ୍ରବାହ ହେଉଛି ଯେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଛି । ବୌଦ୍ଧ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହରେ ମଣିଷ ସହ ବୁଲା ଗାଇଗୋରୁ, କୁକୁର, ବିଭିନ୍ନ ପଶୁପକ୍ଷୀ ଗଭୀର ପ୍ରଭାବିତ ହେଉଛନ୍ତି । ଗୋଟିଏ ପଟରେ ଆକାଶରୁ ଅଗ୍ନିବର୍ଷା ହେଉଥିବା ବେଳେ ଅନ୍ୟପଟରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳର ଉତ୍କଟ ଅଭାବ ଥିବା ଅଭିଯୋଗ ହୋଇଛି । ବୌଦ୍ଧ ଜିଲ୍ଲା ପ୍ରଶାସନ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏଭଳି ପାନୀୟ ଜଳସମସ୍ୟା ଥିବା ଅଞ୍ଚଳରେ ପାନୀୟ ଜଳର ବ୍ୟବସ୍ଥା ପାଇଁ ବ୍ଲକ ଓ ପଞ୍ଚାୟତଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସକାଳୁଆ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେବେ ବୌଦ୍ଧ ଜିଲ୍ଲାର ପୁରୁଣା ଜଗନ୍ନାଥ ସଡ଼କ, ପୁରୁଣାକଟକରୁ ଧଳପୁର ସଡ଼କ, ବଘିଆପଡା ସଡ଼କ, ଲୁଣିବାହାଲରୁ ମଙ୍ଗଳପୁର ସଡ଼କ ଭଳି ବିଭିନ୍ନ ରାସ୍ତାରେ ପଥପ୍ରାନ୍ତ ବନୀକରଣ ଫେଲ ମାରିଥିବାରୁ ପଥଚାରୀମାନେ ଗଛ ଛାଇ ଟିକିଏ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି ।

# ମାଲକାନଗିରିରେ କାଳବୈଶାଖୀର ତାଣ୍ଡବ



ମାଲକାନଗିରି(ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ସଦର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଯୋଗୁଁ ଜିଲ୍ଲା ସଦର ମହକୁମାରୁ କାଲିମେଳା- ମୋଟୁକୁ ସଂଯୋଗ କରୁଥିବା ରାସ୍ତା ସହ ଗୋବିନ୍ଦପାଲି , ଚିତ୍ରକୋଣ୍ଡା ସମେତ ବିଭିନ୍ନ ସ୍ଥାନରେ ବିରାଟକାୟ ଗଛ ଭାଙ୍ଗି ପଡ଼ିଥିବା ବେଳେ ବହୁ ଜାଗାରେ ଘରଗୁଡିକର ଛାତ ଉଡିଯାଇଥିବା ଦେଖିବାକୁ ମିଳିଛି । ଜିଲ୍ଲା ସଦର ମହକୁମାର ବିଭିନ୍ନ ସ୍ଥାନରେ ମଧ୍ୟ ଗଛ ଭାଙ୍ଗି ପଡିଛି । ଫଳରେ ଗତ ସନ୍ଧ୍ୟାରେ ଅନେକ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ଠପ୍ ହୋଇଯାଇଥିଲା । ଏହା ସହ କିଛି ସ୍ଥାନରେ ରାସ୍ତା ଉପରେ ବଡ଼ ଗାଡ଼ି ଗୁଡ଼ିକ ମଧ୍ୟ ଯାତାୟାତ କରିବାରେ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଯଦିଓ ଏହି ବର୍ଷା କିଛିଟା ଆଶ୍ୱସ୍ତି ଦେଇଛି, କିନ୍ତୁ ଅନେକ ଗଛ ଭାଙ୍ଗିବା ସହ ବିଦ୍ୟୁତ ତାର ଗୁଡିକ ଛିଡି ଯାଇଥିବା ଦେଖିବାକୁ ମିଳିଛି । ଏହି ବର୍ଷାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବରୁ ସତର୍କ ସୂଚନା ଜାରି କରାଯାଇଥିଲା । ଗୁରୁବାର ସନ୍ଧ୍ୟା ସମୟରେ ମଧ୍ୟ ବର୍ଷା ହେବାର ପୂର୍ବନୁମାନ କରି ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ ।

# ସୀମାନ୍ତରେ ମାଓବାଦୀ ଲଗାଇଲେ ବ୍ୟାନର



ମାଲକାନଗିରି, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଂକେର ଠାରେ ମାଓ ସଙ୍ଗଠନ ପକ୍ଷରୁ ବ୍ୟାନର ଓ ପୋଷ୍ଟର ଲଗାଯାଇ କୁଖ୍ୟାତ ମହିଳା ମାଓବାଦୀ ସମିତା ଉସେଣ୍ଡିକୁ ପୋଲିସ ଗିରଫ କରିଥିବା ଓ ଏନେଇ କୌଣସି ସୁଚନା ଦେଇନଥିବା ଉଲ୍ଲେଖ କରା ଯାଇଛି । ସୂଚନା ଅନୁଯାୟୀ କାଙ୍କେର ଜିଲ୍ଲାର କୋୟଲାବେଡ଼ା ଥାନା ଅଞ୍ଚଳରେ ମାଓବାଦୀ ଏହି ବ୍ୟନର ଲଗାଇଛନ୍ତି । ଥାନା ଠାରୁ ମାତ୍ର ୮ କିଲୋମିଟର ଦୂରରେ ଏହି ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି । ମାଓ ସଂଗଠନର କମିଟି ମେମ୍ବର ରହିଥିବା ସମିତା ଉସେଣ୍ଡି ନାମକ ମହିଳା ମାଓବାଦୀ ଦୀର୍ଘ ଦିନ ଧରି ଟୁଙ୍ଗା ନାମକ ଗାଁରେ ରହି ଚିକିତ୍ସିତ ହେଉଥିଲେ । ତେବେ ଚିକିତ୍ସା ପରେ ସଂଗଠନରେ ଯୋଗ ଦେବାକୁ ଫେରିବା ବେଳେ ପୋଲିସ ତାଙ୍କୁ ଗତ ୭ ତାରିଖ ଦିନ ଗିରଫ କରି ୪୮ ଘଣ୍ଟାରୁ ଅଧିକ ସମୟ ବିତିଯାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୋର୍ଟରେ ହାଜର କରି ନାହାନ୍ତି କିମ୍ବା ତାଙ୍କ ସମ୍ପର୍କିତଙ୍କୁ କୌଣସି ସୂଚନା ଦେଉ ନଥିବା ଉଲ୍ଲେଖ କରାଯାଇଛି । ସମିତାଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଆଣିବା ସହ ତାଙ୍କୁ କୋର୍ଟରେ ହାଜର କରାଇବା ପାଇଁ ମାଓ ସଂଗଠନ ଏହି ବ୍ୟାନର ଦ୍ୱାରା ଦାବି କରିଛି । ତେବେ ପୋଲିସ ସମିତାଙ୍କୁ ଗିରଫ କରିଥିବା ନେଇ କୌଣସି ସ୍ପଷ୍ଟ ସୂଚନା ଦେଇ ନଥିବା ବେଳେ ବ୍ୟାନର ଲାଗିଥିବା ଅଞ୍ଚଳରେ ତଲାସି ଅଭିଯାନ କରୁଥିବା ଜଣାପଡ଼ିଛି ।

# ଲକ୍ଷ୍ୟ ଗ୍ରୁପ ପକ୍ଷରୁ ଦିବ୍ୟାଙ୍ଗ ଚିହ୍ନଟ

ବ୍ରଜରାଜନଗର(ଭାସ୍କର ନ୍ୟୁଜ) : ବ୍ରଜରାଜନଗର ପୌରପରିଷଦ ୱାର୍ଡ ନମ୍ବର ୬ ରାମପୁର ଠାରେ ଲକ୍ଷ୍ୟ ଗ୍ରୁପ ପକ୍ଷରୁ ପ୍ରତ୍ୟେକ ୱାର୍ଡ ରେ ଦିବ୍ୟାଙ୍ଗ ଚିହ୍ନଟ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ନଗରପାଳ କୃଷ୍ଣ ଗୋପାଳ ସୀତାନି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ ଗ୍ରୁପ ପକ୍ଷରୁ କିରଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଲକ୍ଷ୍ୟ ଗ୍ରୁପ ବ୍ରଜରାଜନଗର ର ପ୍ରତ୍ୟେକ ୱାର୍ଡ ଯାଇ ସେଠାକାର କାଉନ୍ସିଲର ଓ ଅଙ୍ଗନବାଡି କର୍ମୀ ମାନଙ୍କ ସହଯୋଗ ରେ ଏକ ବୈଠକ କରି ପ୍ରତ୍ୟେକ ୱାର୍ଡ ରେ ଥିବା ଦିବ୍ୟାଙ୍ଗ ମାନଙ୍କୁ ଚିହ୍ନଟ କରାଯିବ ବୋଲି ସୂଚନା ଦେଇଥିଲେ । କିଛିଦିନ ପୂର୍ବରୁ ଲକ୍ଷ୍ୟ ଗ୍ରୁପ ର ସଂଯୋଜିକା କିରଣ ଦାସ ପ୍ରତ୍ୟେକ ବସ ରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିଥିଲେ । ଦିବ୍ୟାଙ୍ଗ ଚିହ୍ନଟ ହେବା ପରେ ତାଙ୍କର ଆବେଦନ ପତ୍ର ପୁରଣ କରି ଏହି ଦିବ୍ୟାଙ୍ଗ ମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର, ବସ ପାସ, ଟ୍ରେନ ପାସ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଲକ୍ଷ୍ୟ ଗ୍ରୁପ ସଂଯୋଜିକା କିରଣ ଦାସ ସୂଚନା ଦେଇଛନ୍ତି ।




# ପଳସାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୂଆପଡ଼ା (ଭାସ୍କର ନ୍ୟୁଜ) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପଳସାପଡା ୨୦୨୪/୨୫ର ଶିକ୍ଷାବର୍ଷ ପାଇଁ ‘ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳଣା’ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସିନାପାଲି ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପଣ୍ଡା,ମୁଖ୍ୟ ବକ୍ତା ଭାବରେ ମହଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ବାଗ, ସମ୍ମାନିତ ଅତିଥିଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁପୁଚ୍ଛ ମୌଳି ପାଣିଗ୍ରାହୀ, ଖଳନା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର କୁମାର ସାହୁ, ସିନାପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ମାଝୀ, ଭାବଗ୍ରାହୀ ପଣ୍ଡା, କଲ୍ୟାଣୀ ପୁରୋହିତ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଧନମତି ମାଝୀ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ସହଶିକ୍ଷୟିତ୍ରୀ ରିତାଞ୍ଜଳୀ ଚାନ୍ଦ ସମସ୍ତଙ୍କୁ ସ୍ୱାଗତ କରିବାସହ ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀଗଣ ଅତିଥି ମାନଙ୍କୁ ଫୁଲ ଚନ୍ଦନ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଅତିଥିଗଣ ଦ୍ୱାରା ଦେବ ପୂଜନ ହେଲାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଅତିଥିଗଣ ଉଭୟ ‘ବାର୍ଷିକ ଉତ୍ସବ ଓ ମୋ ସଂସ୍କୃତି ମୋ ଖେଳଣା’ଉତ୍ସବ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ସହପାଠ୍ୟ ତଥା ଅନ୍ତର୍ନିହିତ କଳା ସାହିତ୍ୟ ପରିପ୍ରକାଶ ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶର ମୂଲ୍ୟାଙ୍କନରେ ସହାୟକ ହେବା ସହିତ ଛାତ୍ରଛାତ୍ରୀଙ୍କ ଭିତରେ ପ୍ରତିଯୋଗିତା ମନୋଭାବ ବୃଦ୍ଧି କରିବ ବୋଲି ମତ ପ୍ରକାଶ କରିଥିଲେ । ଉତ୍ସବରେ ବିଦ୍ୟାଳୟର ଅଭିଭାବକ / ଅଭିଭାବିକା ଉପସ୍ଥିତ ରହି ସଂସ୍କୃତି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । ପଳସାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ସଂଯୁକ୍ତା ସା ବାର୍ଷିକ ବିବରଣୀ ପଠନ କରିଥିବାବେଳେ ପ୍ରଧାନଶିକ୍ଷକ ହୃଦାନନ୍ଦ ମେହେର ମଞ୍ଚ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ନୃତ୍ୟ ପରିବେଷଣ କରିଥିଲେ । ପରେ ପୁରସ୍କାର ବିତରଣ ଉତ୍ସବରେ କୃତି ଛାତ୍ର, ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷକ ଆଲୋକ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ରିତାଞ୍ଜଳୀ ଚାନ୍ଦ, ଗୀତିକା ଖମାରି, ସଂଯୁକ୍ତା ସା, ଶିକ୍ଷକ ହୀରାଲାଲ ସାହୁ, ସୁଘୋଷ ଚନ୍ଦ୍ର ପାତ୍ର, ରୁସ୍ତମ ନାଏକ, ସ୍କୁଲ ପରିଚାଳନା କମିଟିର ପ୍ରମୁଖ ସଦସ୍ୟ, ଗ୍ରାମବାସୀ ଗୌରହରୀ ମାଝୀ, ପୁରନ୍ଦର ମାଝୀ, ମହାବୀର ନାଗ, ପ୍ରଦୀପ ସା ଓ ସରୋଜ ନାଏକ ପ୍ରମୁଖ ସହଯୋଗ କରିଥିଲେ ।



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ସ୍ତରୀୟ ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିନ ରେ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।ଭୋଳାନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀ କୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉଦଘାଟନ କରିଥିଲେ ।ପ୍ରତ୍ୟେକ ପିଲା ମାନଙ୍କ ମଧ୍ୟରେ ବିବିଧ ପ୍ରତିଭା ରହିଥାଏ ।ଏହାର ସାଧନା ଓ ନିଷ୍ଠା ତାକୁ ପରିଚୟ ଦେଇଥାଏ ।ସେହିଭଳି ସାରସ୍ୱତ ସାଧନା ମନକୁ ଆନନ୍ଦ ଓ ଶାନ୍ତି ଦେଇଥାଏ ।ଯୁବ ଲେଖକ ମାନେ ସେମାନଙ୍କ ଭାବନା ଓ ଚେତନା କୁ ପରିପ୍ରକାଶ କରିବାର ଏହା ଏକ ସୁନ୍ଦର ଅବସର ବୋଲି କହିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶିକ୍ଷାବିତ କୈଳାସ ଚନ୍ଦ୍ର ଟୀକାୟତରାୟ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ସ୍ୱାଇଁ, ଭୋଳାନାଥ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ପ୍ରବୀଣ ମହାନ୍ତି,ସାହିତ୍ୟିକ ବିରେନ୍ଦ୍ର କୁମାର ମହାନ୍ତି,ବିପିନ ବିହାରୀ ଦଳାଇ, ଅଶୋକ କୁମାର ମହାନ୍ତି,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ , ଅନାମ ଚରଣ ସାହୁ, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଯୋଗ ଦେଇ ଯୁବ ପ୍ରତିଭା ମାନ ଙ୍କୁ ଉତ୍ସାହିତ କରିଥିଲେ ।ସମ୍ମିଳନୀରେ ପ୍ରବନ୍ଧ, କ୍ଷୁଦ୍ର ଗଳ୍ପ, କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଶ୍ରେଷ୍ଠ ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି ଅବସରରେ ଯୁବ କବି ମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।

## ଭବାନୀପାଟଣାରେ ଡିଫାଇନ କଳାହାଣ୍ଡିର ବିଶାଳ ସମାବେଶ

# ମୁଁ ହାତ ଛାଡ଼ିବା ଲୋକ ନୁହେଁ, ସର୍ବଦା ଆପଣଙ୍କ ସାଥିରେ ଅଛି: ମଧୁ ମହାନ୍ତି







ଭବାନୀପାଟଣା,(ଭାସ୍କର ନ୍ୟୁଜ୍): କଳାହାଣ୍ଡିରେ ଅନେକ ସମସ୍ୟା ରହିଛି । ଏସବୁ ଭିତରେ ଦାଦନ ସମସ୍ୟା ପ୍ରମୁଖ ହୋଇଥିବା ବେଳେ ବେରୋଜଗାରୀ, ଯୁବକ-ଯୁବତୀ ପାଠପଢି ବେକାରୀ, ମଦର ପ୍ରାଚୁର୍ଯ୍ୟ ଯୋଗୁଁ ପରିବାର ଉଜୁଡି ଯାଉଛି, ପରିବାରର ମୁଖ୍ୟ ଯାହା ରୋଜଗାର କରୁଛି ତାହା ମଦପିଇ ସାରି ଦେଉଛନ୍ତି, ଜିଲ୍ଲାରେ ଚାଷୀଙ୍କ ସମସ୍ୟା ଲାଗି ରହିଛି, ଅନେକ ଖଣି ଥିବାବେଳେ ବହୁ ରାଷ୍ଟ୍ରୀୟ କମ୍ପାନୀ ଖଣି ଖନନ କରି ମାଲାମାଲ ହେଉଛନ୍ତି, ହେଲେ କଳାହାଣ୍ଡିର ବିକାଶ ଓ ଉନ୍ନତି ହୋଇପାରୁ ନାହିଁ। କଳାହାଣ୍ଡି ଜିଲ୍ଲାରେ ସବୁକିଛି ଥାଇ ଆଜି ମା'ମାନଙ୍କ ଆଖିରେ ମୁଁ ନିରାଶ ହେବାର ଦେଖୁଛି । ଛାତ୍ର ଜୀବନରେ ଯେଉଁ କଳାହାଣ୍ଡିକୁ ଦେଖୁଥିଲି ଆଜି ମଧ ସେମିତି ରହିଛି, କୌଣସି ପରିବର୍ତ୍ତନ ହୋଇନାହିଁ। ଆଜି କଳାହାଣ୍ଡି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ ସବୁ କ୍ଷେତ୍ରରେ ପଛକୁ ରହି ଯାଇଛି । ନାରୀମାନେ ଆଗକୁ ଆସିବାର ସମୟ ଆସିଛି । ନାରୀଶକ୍ତି ଏକ ଏମିତି ଶକ୍ତି ସବୁ କ୍ଷେତ୍ରରେ ପରିବର୍ତ୍ତନ ଆଣି ପାରିବ। ଆଜି କଳାହାଣ୍ଡିରେ ଭଙ୍ଗା ଚାଳଛପର ରହିଛି, ଲୋକଙ୍କ ପରିବର୍ତ୍ତନ ହୋଇପାରୁ ନାହିଁ, କଳାହାଣ୍ଡିକୁ ପରିବର୍ତ୍ତନ କରିବା ପାଇଁ ଆପଣଙ୍କ ସାଥ୍ ଦରକାର ବୋଲି ଶୁକ୍ରବାର ଡିଫାଇନ୍ କଳାହାଣ୍ଡିର ପ୍ରତିଷ୍ଠାତା ମଧୁ ମହାନ୍ତି ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କଳାହାଣ୍ଡି ବଞ୍ଚାଓ ସମାବେଶରେ ଯୋଗଦେଇ ଜଳ, ଜଙ୍ଗଲ ଓ ଜମିକୁ ବଞ୍ଚାଇବା ପାଇଁ ଜୀବନ ଥିବା ଯାଏଁ ସଂଘର୍ଷ ଜାରି ରହିବ ବୋଲି ଦୃଢ ମତ ପ୍ରକାଶ କରିଛନ୍ତି। ସଭା ଆରମ୍ଭ ପୂର୍ବରୁ ସ୍ଥାନୀୟ କଲେଜ ଛକରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ମାଣିକେଶ୍ୱରୀ ଛକ, ଷ୍ଟାଚ୍ୟୁ ଛକ, ମାଣିକେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର, ସତ୍ୟସାଇ ସ୍କୁଲ ଛକ (ଘୋଡ଼ା ଘାଟ ଛକ) ଭାଗିରଥି ଇନ୍ ହୋଟେଲ, ଏମ୍ଏସ୍ଏ ଛକ ଦେଇ ବିଜୁ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ୧୫୦୦ ଉର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିବା ବେଳେ ଅଞ୍ଚଳର ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ଅଞ୍ଚଳରୁ ନୂତନ ସଦସ୍ୟ ଡିଫାଇନ କଳାହାଣ୍ଡି ସଂଗଠନରେ ଯୋଡ଼ି ହୋଇଥିବା ବେଳେ ସଂଗଠନର ମୁଖ୍ୟ ଶ୍ରୀ ମହାନ୍ତି ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଡିଫାଇନ୍ କଳାହାଣ୍ଡିର ଆବାହକ ଜୟନ୍ତ ନାଏକ ସଭା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘାଣ୍ଟିବ ଏନଆଇଏ...

ହୋଇପାରିଛି। ଗତ ଫେବୃଆରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ସମୟରେ ତହବୁରର ପ୍ରତ୍ୟର୍ପଣ ନେଇ ନିଷ୍ପତ୍ତି ନିଆଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଫେବୃଆରୀ ୧୪ ତାରିଖରେ ମୋଦୀଙ୍କ ସହ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଆମେ ଜଣେ କୁଖ୍ୟାତ ଆତଙ୍କୀକୁ ଭାରତ ପଠାଉଛୁ। ଯାହାଦ୍ୱାରା ତାକୁ ଭାରତରେ ନ୍ୟାୟ ଦିଆଯାଇପାରିବ। ରାଣାକୁ ଆମେରିକାର ଲସ୍‌ଏଞ୍ଜେଲ୍ସର ମେଟ୍ରୋ ପଲିଟାନ ଡିଟେନସନ ସେଣ୍ଟରରେ ରଖାଯାଇଥିଲା। ଭାରତ-ଆମେରିକା ପ୍ରତ୍ୟର୍ପଣ ଚୁକ୍ତିନାମା ଅନୁଯାୟୀ ଆରମ୍ଭ ହୋଇଥିବା ପ୍ରକ୍ରିୟା ପରେ ତାକୁ ଆମେରିକାରେ ନ୍ୟାୟିକ ହେପାଜତରେ ରଖାଯାଇଥିଲା।

### ଆଉ ଦୁଇଦିନ...

ପରିବର୍ତ୍ତନ ଘଟିବ ନାହିଁ। ତେବେ ଶୁକ୍ରବାର ବଲାଙ୍ଗୀର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଛି। ୪୦.୮ ଡିଗ୍ରୀ ସହ ବଲାଙ୍ଗୀର ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଥିବାବେଳେ ଟିଟିଲାଗଡ଼ରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ, କେନ୍ଦୁଝର, ମାଲକାନଗିରି, ସୋନପୁର, ରାୟଗଡ଼ା ଓ ରାଉରକେଲାରେ ହାଲୁକା ବର୍ଷାର ରେକର୍ଡ କରାଯାଇଛି।

### ଗୁଣାତ୍ମକ ସ୍ୱାସ୍ଥ୍ୟସେବା...

ସ୍ୱାଗତ କରି କହିଲେ ଯେ ଓଡିଶା ବିକାଶ ଇତିହାସରେ ଆଜି ଆଉ ଏକ ଅଧ୍ୟାୟ ଯୋଡିହୋଇଛି। ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ପ୍ରାୟ ୬ ବର୍ଷ ହେଲା ରାଜନୈତିକ କାରଣରୁ ରାଜ୍ୟବାସୀଙ୍କୁ ବଞ୍ଚିତ କରାଯାଇଥିବା ଏହି ଐତିହାସିକ ଯୋଜନା ଆଜି ଆରମ୍ଭ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସାମାଜିକ ଓ ଆର୍ଥିକ ପ୍ରଗତିର ଏକ ମୂଳଭିତ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ନାଗରିକମାନଙ୍କୁ କାର୍ଯ୍ୟକ୍ଷମ, ଆତ୍ମବିଶ୍ୱାସୀ ଓ ସ୍ୱାଭିମାନୀ କରିବ ଏବଂ ସ୍ୱାଭିମାନୀ ନାଗରିକମାନେ ହିଁ ସମୃଦ୍ଧିର ସ୍ୱପ୍ନକୁ ସାକାର କରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଅର୍ଥ କେବେ ବାଧକ ହେବ ନାହିଁ । ଏହି ଯୋଜନାରେ ଆଜି ରାଜ୍ୟର ପ୍ରାୟ ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୪୬ ଲକ୍ଷ ହିତାଧିକାରୀ ଉପକୃତ ହେବେ। ପ୍ରତି ପରିବାରଙ୍କୁ ସରାଦେଶର ବିଭିନ୍ନ ରାଜ୍ୟରେ ତାଲିକାଭୁକ୍ତ ୨୯ ହଜାର ଘରୋଇ ଏବଂ ସରକାରୀ ହସ୍ପିଟାଲରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ । ପରିବାରର ମହିଳା ସଦସ୍ୟମାନଙ୍କ ପାଇଁ ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ । ଏହାଛଡ଼ା, ୭୦ ବା ତା'ଠୁ ଅଧିକ ବୟସ୍କ ବରିଷ୍ଠ ନାଗରିକମାନଙ୍କୁ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ପରିବାର ପିଛା ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ମିଳିବ । ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ପ୍ରାୟ ୨୩ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ଉପକୃତ ହେବେ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ନୂଆ ସରକାର ଗଠନ ପରେ ବର୍ତ୍ତମାନ ସୁଦ୍ଧା ୩ଟି ପର୍ଯ୍ୟାୟରେ ବିଭିନ୍ନ ବର୍ଗର ୪ ହଜାର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ଆଉ ଅଧିକ ୫ ହଜାର ୩୭୪ ଡାକ୍ତର ଓ ଦନ୍ତ ଚିକିତ୍ସକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ବହୁତ ଶୀଘ୍ର ଆମେ ଏହି ଲକ୍ଷ୍ୟ ହାସଲ କରିବୁ। ସେ କହିଲେ ଯେ, ଓଡ଼ିଶା ବାହାରେ ରହୁଥିବା ହିତାଧିକାରୀମାନେ ସାରା ଭାରତର ବିଭିନ୍ନ ସ୍ଥାନରେ ଥିବା ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ । ଏହି ଅବସରରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଏବଂ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ପ୍ରମୁଖ ଆୟୁଷ୍ମାନ ଭାରତ ଯୋଜନା ଓଡିଶାର ଲୋକମାନଙ୍କ ପାଇଁ କିପରି ଉପାଦେୟ ହୋଇପାରିବ ସେ ସମ୍ପର୍କରେ ନିଜ ନିଜର ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ବିଭିନ୍ନ ବିଧାୟକ ଗଣ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍ ପ୍ରମୁଖ ଯୋଗ ଦେଇଥିଲେ ଏବଂ ଆଭାଷୀ ମାଧ୍ୟମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମନ୍ତ୍ରୀ, ସାଂସଦ ଏବଂ ବିଧାୟକ ମାନେ ଉପସ୍ଥିତ ଥିଲେ ।

### ରାଜଧାନୀରେ...

ରହିଥିଲା। ଦିଆଯାଇଥିବା ଏତଲାରେ ପ୍ରଧାନସାହିର ଟୁଲୁ ମହାନ୍ତିଙ୍କ ସମେତ ଅନ୍ୟ ୭ଜଣ ସାମିଲ ଥିବା ଉଲ୍ଲେଖ କରାଯାଇଛି। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି ଯେ ଘଟଣାର ତଦନ୍ତ ଆରମ୍ଭ ହୋଇଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସବିଶେଷ ତଥ୍ୟ ପ୍ରଦାନ କରାଯିବ।

### ୪ ଜିଲ୍ଲାରେ...

ସୁଧାର ପାଇଁ ବ୍ୟାପକ ବ୍ୟବସ୍ଥା କରୁଛନ୍ତି। ଓଡ଼ିଶାବାସୀ ଯେପରି ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ସେ ନେଇ ସରକାର ସଜାଗ ରହିଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

## ଓପିଜିସିରେ ନିର୍ଦ୍ଦେଶକ (ଅପରେସନ୍ସ) ଭାବେ ଅଞ୍ଜନା ରଞ୍ଜନଙ୍କ ଯୋଗଦାନ



ଇବ୍ ଥର୍ମାଲ,(ଭାସ୍କର ନ୍ୟୁଜ୍): ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ (ଓପିଜିସି)ରେ ଅଞ୍ଜନା ରଞ୍ଜନ ଦାଶ ନିର୍ଦ୍ଦେଶକ (ଅପରେସନ୍ସ) ଭାବରେ ଯୋଗଦାନ କରିଛନ୍ତି । ଶକ୍ତି କ୍ଷେତ୍ରରେ ପ୍ରାୟ ୩୭ ବର୍ଷର ଅଭିଜ୍ଞତା ସହିତ ଶ୍ରୀ ଦାସ ଜଣେ ଅଭିଜ୍ଞ ବୃତ୍ତିଗତ ବହୁ ପରିମାଣର ପରିଚାଳନାଗତ ବିଶେଷଜ୍ଞ ଭାବରେ ପରିଚିତି। ସେ ଏନ୍ଆଇଟି ରାଉରକେଲାରୁ ମେକାନିକାଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ଏବଂ ଏମ୍ଡିଆଇ ଗୁଡ଼ଗାଓଁରୁ ପରିଚାଳନାରେ ସ୍ନାତକୋତ୍ତର ଡିପ୍ଲୋମା ହାସଲ କରିଛନ୍ତି। ସେ ୧୯୮୮ ମସିହାରେ ଘଞ୍ଚଡ ଲିମିଟେଡ୍ ସହିତ ଜଣେ ଇଞ୍ଜିନିୟରିଂ ଏକଜିକ୍ୟୁଟିଭ୍ ଟ୍ରେନି ଭାବରେ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ ଏବଂ ସମ୍ପ୍ରତି ମହାପ୍ରବନ୍ଧକ ଭାବରେ କାର୍ଯ୍ୟ କରିଥିଲେ। ଏନ୍‌ଟିପିସିରେ ତାଙ୍କର ବିଶିଷ୍ଟ କ୍ୟାରିଅର୍ ମଧ୍ୟରେ ଶ୍ରୀ ଦାସ ରାମାଗୁଣ୍ଡମ୍, ତାଳଚେର, ଉଞ୍ଚାହାର, ଉତ୍ତର କରଣପୁରା ଏବଂ ତେଲେଙ୍ଗାନା ସମେତ ଅନେକ ପ୍ରମୁଖ ପାୱାର ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ ଏବଂ ପାଟନାରେ ପୂର୍ବ କ୍ଷେତ୍ର ମୁଖ୍ୟାଳୟ ମଧ୍ୟ ଥିଲା। କମ୍ପାନୀ ଏହାର କାର୍ଯ୍ୟକ୍ଷମ କ୍ଷମତାକୁ ସୁଦୃଢ଼ କରିବା ଏବଂ ବିଦ୍ୟୁତ୍ ଉତ୍ପାଦନରେ ଉତ୍କର୍ଷତା ହାସଲ କରିବା ଜାରି ରଖିଥିବାରୁ ତାଙ୍କର ନିଯୁକ୍ତି ଓପିଜିସି ପାଇଁ ଏକ ରଣନୈତିକ ପଦକ୍ଷେପ।

**AFFIDAVIT**

By virtue of an affidavit sworn before The Executive Magistrate, Mohana, Dist- Gajapati, Odisha, dated: 11.04.2025, I Rameswar Badamajhi, Address: village- Kiramaha, PO- Bamunigaon, PS- Bamunigaon, Dist- Kandhamal, Odisha, PIN- 762021 declare that I have changed my son's name from Sumaraj to Sumaraj Badamajhi. Henceforth he shall be known as Sumaraj Badamajhi for all purposes.

Sd/- Rameswar Badamajhi

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ (୧) ୧୧୪-ଇଏଲସି-ଜି-କେଜିପି-୨୪-୨୫-୪୯ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜେନେରାଲ), ଦକ୍ଷିଣ-ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧, ନିମ୍ନଲିଖିତ କାର୍ଯ୍ୟପାଇଁ ନିର୍ଦ୍ଧାରିତ ତାରିଖର ମଧ୍ୟାହ୍ନ ୧୨ଟା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। କାର୍ଯ୍ୟର ବିବରଣୀ: କେଏ-୩, କେଏ-୯, କେୱାଇ-୧୧,ପିଏଚ୍-୨, ପିଏଚ୍-୮ ଏବଂ ପିଏଚ୍-୧୦ର ଏଲ୍‌ସି ଗେଟ୍‌ଗୁଡ଼ିକର ଇଣ୍ଟରଲକିଂ ସିଷ୍ଟମର ବିଦ୍ୟୁତକରଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୮୨,୫୮,୪୫୯.୯୦/-, ଅମାନତ ଜମା/ ବିଡ୍ ସିକ୍ୟୁରିଟି: ଟ.୧,୬୨,୨୦୦/-, ଖୋଲିବା ତାରିଖ: ୩୦.୦୪.୨୦୨୫, ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ଶୂନ୍ୟ। କାର୍ଯ୍ୟର ଅବଧି: ଚିଠି ପାଇବାର ୬ ମାସ ମଧ୍ୟରେ କ୍ରମିକ ନଂ ୧ ପାଇଁ । ଦାଖଲ ତାରିଖ: ୩୦.୦୪.୨୦୨୫ ମଧ୍ୟାହ୍ନ ୧୨ଟା। ଆଗ୍ରହୀ ଟେଣ୍ଡରର ମାନେ ଆମର ୱେବସାଇଟ୍ www.ireps.gov.in ଦେଖି ସମସ୍ତ ବିବରଣୀ ଏବଂ କାର୍ଯ୍ୟ ସଂପର୍କରେ ସୂଚନା ପାଇପାରିବେ ଏବଂ ଅନଲାଇନରେ ସେମାନଙ୍କ ଟେଣ୍ଡର ଦାଖଲ କରିବେ । ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣୀୟ ହେବ ନାହିଁ । ଦ୍ରଷ୍ଟବ୍ୟ: ଯୋଗ୍ୟ ଠିକାଦାରମାନେ ନିୟମିତ ଆମର ୱେବସାଇଟ୍: www.ireps.gov.in ଦେଖିପାରିବେ ଏବଂ ସମସ୍ତ ଟେଣ୍ଡରରେ ଭାଗ ନେଇପାରିବେ।

(PR-38)

**AFFIDAVIT**

By virtue of an affidavit sworn before The Executive Magistrate, Tangi, Dist- Khordha, dated: 09.04.2025, I Geetanjali Dei, Address: village- Mangalajodi, PO- Mangalajodi, PS- Tangi, Dist- Khordha, Odisha, PIN-752023, declare that I have changed my daughter's name from Kalpana Behera to Kalayani Behera. Henceforth she shall be known as Kalayani Behera. Henceforth, She shall be known as Kalayani Behera for all purposes.

Sd/- Geetanjali Dei

**AFFIDAVIT**

By virtue of an affidavit sworn before The Notary Public, Sunabeda, dated: 10.04.2025, I Pana Khora, Address: At- Khilua, PO- Hikimput, Dist- Koraput, Odisha, PIN-764037, declare that I have changed my son's name from Samir Sisa to Satyajeet Sisa. Henceforth he shall be known as Satyajeet Sisa for all purposes.

Sd/- Pana Khora

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated: 10.04.2025, I Namita Nayak, Address: village- Kajuribaderi, PO- Siangabali, PS- Daringbadi, Dist- Kandhamal, Odisha, PIN-762104, declare that I have changed my son's name from Siyan Parichha to Siyon Kumar Parichha. Henceforth he shall be known as Siyon Kumar Parichha for all purposes.

Sd/- Namita Nayak

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated: 17.12.2024, I Puja Jena, Address: At- Haripur, Po- Godiput Matiapada, PS- Delanga, Dist- Puri, Odisha, PIN-752050, declare that I have changed my son's name from Sipun Jena to Smruti Ranjan Jena. Henceforth he shall be known as Smruti Ranjan Jena for all purposes.

Sd/- Puja Jena

**ପୂର୍ବ ତଟ ରେଳପଥ**

(୧) ଟେଣ୍ଡର ବିଜ୍ଞପ୍ତି ସଂ.ST-OT-ADDL-LOOP-JEN-NGMP-KUR-464, ତା.04.04.2025ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଜେନାପୁର (JEN) ଏବଂ ନୂଆଗଡ଼ ମଧୁପୁର (NGMP) ଷ୍ଟେସନଗୁଡ଼ିକଠାରେ ଅତିରିକ୍ତ ଲୁପ୍ ଲାଇନ୍‌ର ବ୍ୟବସ୍ଥା ।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 3,19,26,344.80, EMD (ଟଙ୍କାରେ) : 3,09,600/-।
ବିଡ୍ ଆରମ୍ଭ ହେବା ତାରିଖ : ତା.14.04.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.04.2025 ରିଖ 1100 ଘଟିକାରେ।
(୨) ଟେଣ୍ଡର ବିଜ୍ଞପ୍ତି ସଂ.ST-OT-CONFERENCE-KUR-463, ତା.04.04.2025ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ନବ ନିର୍ମିତ ସମ୍ମିଳନୀ ହଲ, ମଣ୍ଡଳ ରେଳ ପ୍ରବନ୍ଧକ (DRM)କାର୍ଯ୍ୟାଳୟ ଠାରେ ଅଡ଼ିଓ କନ୍‌ଫରେନ୍ସ ସିଷ୍ଟମ୍ (Audio Conference system)ର ବ୍ୟବସ୍ଥା ।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 24,24,311.50, EMD (ଟଙ୍କାରେ) : 48,500/-।
ବିଡ୍ ଆରମ୍ଭ ହେବା ତାରିଖ : ତା.21.04.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.05.2025 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-24/Q/25-26

ODISHA CONSTRUCTION CORPORATION LTD.
(A Government of Odisha undertaking)
OFFICE OF SENIOR MANAGER (MECH)
KANUPUR GATE ERECTION PROJECT,
BASUDEVPUR,KEONJHAR
Qtr No- D1,Kanupur Irrigation Colony,
Basudevpur,Keonjhar,758047
E-Mail:smmechkanupur@gmail.com
GSTIN- 21AAACO2571K2ZM
CAD-100

Tender Call Notice No.: OCCL/KGEP/03/2025-26 Dated.10.04.2025
Name of work:- 2nd stage concreting of Rest Beam Block out for 5 nos. Intermediate Pier at Kanupur Gate Erection Project, Basudevpur, Keonjhar..
Total No.of work :- 01 (One)
Period of completion:-10 (Ten) Days.

| Tendering Officer | Bid Identification No. | Cost of bid document (including GST) (in Rs) | Availability of tender | Submission of Bid | License |
|---|---|---|---|---|---|
| Senior Manager (Mech.), Kanupur Gate Erection Project,Basudevpur,Keonjhar | OCCL/KGEP/03/2025-26 Dated.10.04.2025 | 4,720/- (Non-refundable) | From 11.04.2025, 10.00 A.M. to 19.04.2025, 3.00 P.M. | Upto 19.04.2025, 3.00 P.M. | M-IV and above grade Job-worker enlisted in OCCL |

Date of opening of the Bid : 19.04.2025 at 4.00 PM
Further details can be seen from the OCCL website www.odishaconstruction.com
Sd/-
Senior Manager (Mech.)
Kanupur Gate Erection Project,
Basudevpur,keonjhar
OIPR 32543/11/0005/2425

GOVERNMENT OF ODISHA
DEPARTMENT OF P.R & D.W
INVITATION FOR BIDS (IFB)
IDENTIFICATION No: - GONDIA BLOCK- 01 / 2025-26
E-mail address: - ori-gandia@nic.in
i-16

| Sl. No | Name of works | Approx. Value of work. (Rs. In lakhs) | Class of contractor | Bid Security (Rs.). | Cost of documents (Non-refundable) | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional classroom (ACR) at Bidharpur UPS | 14.61 | 'C' or 'D' | 14613.00 | 6000.00 | Eight Calendar months |
| 2 | Construction of Additional classroom (ACR) at Nabalinga Harijansahi primary school | 14.64 | 'C' or 'D' | 14645.00 | 6000.00 | Eight Calendar months |
| 3 | Construction of Additional classroom (ACR) at Sahadev Bidyapeetha | 14.61 | 'C' or 'D' | 14613.00 | 6000.00 | Eight Calendar months |
| 4 | Construction of Office building with market complex of GPLF in Nihalprasad GP | 24.11 | 'B' or 'C' | 24111.00 | 6000.00 | Eight Calendar months |
| 5 | Construction of Office building with market complex of GPLF in Joranda GP | 24.53 | B' or 'C' | 24532.00 | 6000.00 | Eight Calendar months |
| 6 | Construction of Office building with market complex of GPLF in Deogan GP | 24.29 | 'B' or 'C' | 24294.00 | 6000.00 | Eight Calendar months |
| 7 | Construction of Office building with market complex of GPLF in Sadangi GP | 24.12 | 'B' or 'C' | 24127.00 | 6000.00 | Eight Calendar months |
| 8 | Construction of Office building with market complex of GPLF in Santhapur GP | 24.67 | 'B' or 'C' | 24677.00 | 6000.00 | Eight Calendar months |

For detailed information, please visit the website https://dhenkanal.odisha.gov.in
Sd/-
Block Development Officer, Gondia
OIPR 19418/11/0004/2425

ପରିପତ୍ର ସଂଖ୍ୟା. 2223 C-92 ତା.୧୦.୦୪.୨୦୨୫ ରିଖ

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉପଭୂକ୍ତିଙ୍କ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟସୀମା (ନିମ୍ନରେ ପ୍ରଦତ୍ତ) ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ। ବିଜ୍ଞାପନ ଅନୁଯାୟୀ ଆବେଦନ ସମୟ ସୀମା ତା.:୧୧.୦୪.୨୦୨୫ ରିଖ ରୁ ତା: ୨୧.୦୪.୨୦୨୫ ରିଖ ସମୟ ଅପରାହ୍ନ ୦୧: ୩୦ ଘଟିକା ପର୍ଯ୍ୟନ୍ତ ରଖାଯାଇ ଅଛି ।ଏଥିନିମନ୍ତେ ଇଚ୍ଛୁକବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ (ALF) ବା ସଂସ୍ଥା ତା: ୧୧.୦୪.୨୦୨୫ ରିଖ ଠାରୁ ତା: ୨୧.୦୪.୨୦୨୫ ରିଖ ମଧ୍ୟରେ ପୌର ପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମକ୍ରୟ କରି ଅପରାହ୍ନ ୦୧: ୩୦ ଘଟିକା ମଧ୍ୟରେ ଟେଣ୍ଡର ଆବେଦନ ଦାଖଲ କରିବେ । ଉପରୋକ୍ତ ଟେଣ୍ଡର ତା. ୨୨.୦୪.୨୦୨୫ ରିଖ ସକାଳ ୧୧:୩୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ

(Can also be Obtained in detail from Govt Website-http://balasore.odisha.gov.in)

OIPR 13154/11/0035/2425

NOTICE INVITING TENDER
No. 892 / Dated. 10.04.2025
C-97

The NAC Gopalpur invites sealed quotations from Area Level Federations (ALFs)/ WSHGs of NAC Gopalpur/ intending organizations/individuals for lease of Beach Parking fee collection of NAC Gopalpur for a period of one year from 01.05.2025 to 30.04.2026. Interested ALFs/WSHGs/organizations/individuals can apply on or before 03:00 PM of 24.04.2025 at the office of the undersigned on official working days and time. Priority will be given to the highest bidder. The details of the Sairat proposed to be leased is listed below.

| Sl. No. | Name of the Sairat | Offset price in Rs. | Security deposit in Rs. (10% of of Offset price) | Tender paper cost in Rs. | Period of lease | Remarks |
|---|---|---|---|---|---|---|
| 1 | Collection of Beach Parking fee | 44,10,000.00 | 4,41,000.00 | 12,000.00 + 18% GST | 01st May 2025 to 30th April 2026 | At parking locations designated by NAC Gopalpur |

TERMS & CONDITIONS:
1. Date of purchase of Tender Documents: From 11:00 AM of 11.04.2025 to 01:00 PM of 24.04.2025 at official hours of working days only.
2. Last date and time for submission of Tender documents: 24.04.2025 till 03.00 PM.
3. Date & time of Opening of Tender documents: 25.04.2025 at 12.00 PM.
4. Tender documents along with all supporting documents as mentioned in the checklist and the security deposit in shape of Demand Draft (DD) in favour of Executive Officer, NAC, Gopalpur should reach **NAC Office, Gopalpur through speed post/registered post only** on or before **24.04.2025 till 03.00 PM.**
5. Any ALF/ WSHG/organization / individual, who has availed any Sairat lease earlier and have failed to abide by any terms & conditions or those who have not paid all dues to the NAC in previous Sairat leases shall not be eligible to participate in this bid competition.
6. The bid submitted by any bidder, who has been declared ineligible or blacklisted by any Govt. Agency or by any Court of Law shall be liable to be rejected without any prior notice.
7. The tender documents will be opened in presence of the bidders or their authorized representatives on the scheduled date & time in the Conference Hall of NAC Gopalpur.
8. The lease will be approved in favour of the highest bidder and he/she/they shall deposit the entire bid amount offered by them within Three (3) days of confurmation of the highest bid, failing which the bid will be cancelled and the security deposit will be forfeited and the same lease will be offered to the second highest bidder and so on.
9. Bidders participating for Beach Parking fee shall submit a Solvency certificate or Bank Guarantee for a value of Rs. 30,000,00/-.
10. The tender papers may be purchased by the intending participants or their representatives from the office of the undersigned during official hours on any of the working days between 11:00 AM of 11.04.2025 to 01:00 PM of 24.04.2025 by depositing the Tender paper cost.
11. The bidders shall submit their documents and Financial bid in two separate sealed envelopes respectively, as detailed in the Tender papers.
12. The Authority reserves the right to reject any or all of the tender documents at any point of time without assigning any reason thereof.

-sd-
Executive Officer
NAC, Gopalpur

OIPR 13186/11/0017/2425



ପାଟନା: ବିହାରର ବିଭିନ୍ନ ଜିଲାରେ ଗତ ୪୮ ଘଣ୍ଟା ମଧ୍ୟରେ ବଜ୍ରପାତ ଏବଂ କୁଆପଥର ବର୍ଷାରେ ଅନ୍ୟୂନ ୬୧ ଜଣଙ୍କ ମୃତ୍ୟୁ ଘଟିଛି। ନାଳନ୍ଦା ଜିଲାରେ ସର୍ବାଧିକ ଲୋକ ପ୍ରାଣ ହରାଇଛନ୍ତି। ଗୁରୁବାର ଏହି ଜିଲାରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହା ବ୍ୟତୀତ ପାଟନା, ଭୋଜପୁର, ସିୱାନ ଏବଂ ଗୟା ଜିଲାରେ ବଜ୍ରପାତରେ ୪ ଜଣ ଲେଖାଏ, ଗୋପାଳଗଞ୍ଜ ଏବଂ ଜାମୁଇରେ ୩ ଜଣ ଲେଖାଏ, ମୁଜାଫରପୁର, ଜେହାନାବାଦ, ସରନ ଏବଂ ଅରୱାଲରେ ୨ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ବେଗୁସରାଇ, ଦରଭଙ୍ଗା, ସହର୍ସା, କଟିହାର, ମୁଙ୍ଗେ?, ମାଧେପୁରା, ଅରାରିଆ ଏବଂ ଭାଗଲପୁରରେ ବଜ୍ରପାତ ଜଣେ ଲେଖାଏ ଲୋକଙ୍କ ଜୀବନ ନେଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ବର୍ଷା ପବନରେ ଗଛ ପଡ଼ି ଅନେକ ରାସ୍ତା ଅବରୋଧ ହୋଇଥିବାବେଳେ ସେଗୁଡ଼ିକୁ ହଟାଇବା କାର୍ଯ୍ୟରେ ପୋଲିସକୁ ନିୟୋଜିତ କରାଯାଇଛି।

## ଆୟୁଷ୍ମାନ୍ ଯୋଜନା ନେଇ ଦିଲ୍ଲୀ ସରକାରଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ୍-ଏବିଏଚ୍‌ଆଇଏମ୍) କାର୍ଯ୍ୟକାରୀ କରିବା ଏବଂ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍-ଜେଏୱାଇ) ଅଧୀନରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ଆରମ୍ଭ କରିବା ପାଇଁ ଦିଲ୍ଲୀ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଏକ୍ସରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଏକ ପୋଷ୍ଟର ଉତ୍ତର ଦେଇ ଶ୍ରୀ ମୋଦୀ କହିଛନ୍ତି ଯେ ଦିଲ୍ଲୀର ସ୍ୱାସ୍ଥ୍ୟ କ୍ଷେତ୍ର ସହିତ ଜଡିତ ଏକ କ୍ରାନ୍ତିକାରୀ ପଦକ୍ଷେପ। ଡବଲ୍ ଇଞ୍ଜିନ ସରକାରଙ୍କର ଏହି ମିଶନ ମୋର ଦିଲ୍ଲୀବାସୀ ଭାଇ-ଭଉଣୀମାନଙ୍କ ପାଇଁ ବହୁତ ଲାଭଦାୟକ ହେବ । ମୁଁ ବହୁତ ଖୁସି ଯେ, ଦିଲ୍ଲୀବାସୀ ମଧ୍ୟ ଏବେ ଆୟୁଷ୍ମାନ ଯୋଜନା ଜରିଆରେ ନିଜର ଚିକିତ୍ସା କରାଇପାରିବେ।

## ଏଆଇଡିଏମ୍‌କେ ସହ ବିଜେପିର ମେଣ୍ଟ




ନୂଆଦିଲ୍ଲୀ: ତାମିଲନାଡୁରେ ଶାସକ ଡିଏମକେକୁ ହରାଇବା ପାଇଁ ବିଜେପି ନୂଆ ଗୋଟି ଚାଳନା କରିଛି। ଆଗାମୀ ୨୦୨୬ ବିଧାନସଭା ନିର୍ବାଚନରେ ଏହି ଜାତୀୟ ଦଳ ତାମିଲନାଡୁର ଆଞ୍ଚଳିକ ଦଳ ଏଆଇଡିଏମକେ (ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନ୍ନେତ୍ର କାଝାଗମ) ସହିତ ମେଣ୍ଟ କରିଛି। ଉଭୟ ଦଳ ପକ୍ଷରୁ ଶୁକ୍ରବାର ଏ ନେଇ ଘୋଷଣା କରାଯାଇଛି। ତାମିଲନାଡୁର ଏମ.କେ. ଷ୍ଟାଲିନ ସରକାର ବିଜେପି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ବିଜେପିକୁ ଘେରିବା ସହ ଅକଳରେ ପକାଉଛନ୍ତି। ସଂସଦୀୟ କ୍ଷେତ୍ର ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ବି ଷ୍ଟାଲିନ ଅଣବିଜେପି ଶାସିତ ରାଜ୍ୟ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଦଳକୁ ଏକାଠି କରି ବିଜେପି ବିରୋଧରେ ବିଦ୍ରୋହ ଚେତାବନୀ ଦେଇଛନ୍ତି। ତେଣୁ ତାମିଲନାଡୁକୁ ଅକ୍ତିଆର କରିବା ଲାଗି ବିଜେପି ଏଆଇଡିଏମକେ ସହିତ ହାତ ମିଳାଇଛି। ଶୁକ୍ରବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଏଆଇଡିଏମକେ ନେତୃବୃନ୍ଦଙ୍କ ପକ୍ଷରୁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମେଣ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ଶାହା କହିଛନ୍ତି, ଏନଡିଏ ଛତା ତଳେ ଦୁଇ ଦଳ କାମ କରିବେ। ଏଆଇଡିଏମକେ, ବିଜେପି ଏଫଂ ସମସ୍ତ ସହଯୋଗୀ ଦଳ ଆଗାମୀ ବିଧାନସଭା ନିର୍ବାଚନ ଏକାଠି ଲଢ଼ିବେ। ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବାକୁ ଥିବାବେଳେ ରାଜ୍ୟ ସ୍ତରରେ ଏଆଇଡିଏମକେ ନେତା ଏଡାପ୍ପାଡି କେ. ପଲାନିସ୍ୱାମୀଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବେ।

## ଭାରତୀୟ ଦୂତାବାସରେ ଭଙ୍ଗାରୁଜା

ମେଲବର୍ଣ୍ଣ: ମେଲବର୍ଣ୍ଣ ସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସରେ ଭଙ୍ଗାରୁଜା କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଭିକ୍ଟୋରିଆ ପୋଲିସ ଦୂତାବାସରେ ହୋଇଥିବା ଭଙ୍ଗାରୁଜା ପୁଷ୍ଟି କରିଛି। ସେ କହିଛନ୍ତି ଯେ ମେଲବର୍ଣ୍ଣର ୩୪୪ ସେଣ୍ଟ କିଲ୍ଡା ରୋଡରେ ଅବସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସରେ ୧୦ ଏପ୍ରିଲ ଦିନ ରାତି ପ୍ରାୟ ୧ଟା ସମୟରେ ଅଜ୍ଞାତ ଦୁର୍ବୃତ୍ତମାନେ ଟାର୍ଗେଟ କରିଥିଲେ।ଏପରି ଘଟଣା ଦୂତାବାସର ସୁରକ୍ଷା ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି। ଏଣୁ ଏହା ପଛରେ ଥିବା ଉଦ୍ଦେଶ୍ୟ ଓ ସଙ୍ଗଠନକୁ ଚିହ୍ନଟ କରିବା ପାଇଁ ତଦନ୍ତ କରାଯିବା ଉଚିତ ବୋଲି କୁହାଯାଇଛି। ଭାରତ ମେଲବର୍ଣ୍ଣରେ ଭାରତୀୟ ବାଣିଜ୍ୟ ଦୂତାବାସ ଉପରେ ଆକ୍ରମଣ ପ୍ରସଙ୍ଗକୁ ନେଇ ଅଷ୍ଟ୍ରେଲିଆ ସାମ୍ନାରେ ଉଠାଇଛି। ଅଷ୍ଟ୍ରେଲିଆ ହାଇ କମିଶନ ମଧ୍ୟ ଏହା ଉପରେ ଏକ ବିବୃତ୍ତି ଜାରି କରିଛି।

## ଆନନ୍ଦପୁର ସମାବେଶରେ ଉଦ୍‌ବୋଧନ ଦେଲେ ପ୍ରଧାନମନ୍ତ୍ରୀ

## 'ବିକାଶ ଓ ଐତିହ୍ୟ'ର ମନ୍ତ୍ର ନେଇ ନୂଆ ଭାରତ ଆଗକୁ ବଢୁଛି'

ନୂଆଦିଲ୍ଲୀ: ଭାରତର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ଆଗକୁ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଆଜି ମଧ୍ୟପ୍ରଦେଶର ଅଶୋକନଗର ଜିଲ୍ଲାର ଇସାଗଡ ତହସିଲର ଆନନ୍ଦପୁର ଧାମ ପରିଦର୍ଶନ କରିଛନ୍ତି । ସେ ଗୁରୁଜୀ ମହାରାଜ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ଆନନ୍ଦପୁର ଧାମସ୍ଥିତ ମନ୍ଦିର ପରିସର ପରିଦର୍ଶନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ସେ ଦିଲ୍ଲୀ, ହରିୟାଣା, ପଞ୍ଜାବ ଏବଂ ସାରା ଦେଶରୁ ଆସିଥିବା ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ଆନନ୍ଦପୁର ଧାମ ପରିଦର୍ଶନ କରି ଗୁରୁଜୀ ମହାରାଜଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବାର ଅନୁଭୂତି ବାଣ୍ଟିବା ପରେ ସେ ଖୁସି ବ୍ୟକ୍ତ କରିଥିଲେ ଯାହା ତାଙ୍କ ହୃଦୟକୁ ଆନନ୍ଦରେ ଭରି ଦେଇଥିଲା। 'ଭାରତ ହେଉଛି ଋଷି, ପଣ୍ଡିତ ଏବଂ ସନ୍ଥମାନଙ୍କର ଦେଶ, ଯେଉଁମାନେ ସବୁବେଳେ ଆହ୍ୱାନପୂର୍ଣ୍ଣ ସମୟରେ ସମାଜକୁ ମାର୍ଗଦର୍ଶନ କରି ଆସିଛନ୍ତିନ୍ତି, ପ୍ରଧାନମନ୍ତ୍ରୀ କହିଥିଲେ ଯେ ପୂଜ୍ୟ ସ୍ୱାମୀ ଅଦ୍ୱୈତ ଆନନ୍ଦ ଜୀ ମହାରାଜଙ୍କ ଜୀବନ ଏହି ପରମ୍ପରାକୁ ପ୍ରତିଫଳିତ କରେ । ଆଦି ଶଙ୍କରାଚାର୍ଯ୍ୟଙ୍କ ଭଳି ଆଚାର୍ଯ୍ୟମାନେ ଅଦ୍ୱୈତ ଦର୍ଶନର ଗଭୀର ଜ୍ଞାନ ବର୍ଣ୍ଣନା କରିଥିବା ଯୁଗକୁ ସେ ମନେ ପକାଇଥିଲେ। ଭୌତିକ ପ୍ରଗତି ମଧ୍ୟରେ ଯୁଦ୍ଧ, ସଂଘର୍ଷ ଏବଂ ମାନବିକ ମୂଲ୍ୟବୋଧର କ୍ଷୟ ଭଳି ବିଶ୍ୱବ୍ୟାପୀ ଉଦ୍‌ବେଗକୁ ସମ୍ବୋଧିତ କରି ଶ୍ରୀ ମୋଦୀ ଏହି ଆହ୍ୱାନର ମୂଳ କାରଣକୁ ବିଭାଜନର ମାନସିକତା ଭାବରେ ଚିହ୍ନଟ କରିଥିଲେ - 'ନିଜ ଏବଂ ଅନ୍ୟ'ର - ଯାହା ମନୁଷ୍ୟକୁ ପରସ୍ପରଠାରୁ ଦୂରେଇ ରଖିଥାଏ । 'ଏହି ସମସ୍ୟାଗୁଡ଼ିକର ସମାଧାନ ଅଦ୍ୱୈତଙ୍କ ଦର୍ଶନରେ ଅଛି, ଯେଉଁଥିରେ କୌଣସି ଦ୍ୱୈତତାର କଳ୍ପନା ନାହିଁ', ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ଅଦ୍ୱୈତ ହେଉଛି ପ୍ରତ୍ୟେକ ଜୀବରେ ଈଶ୍ୱରଙ୍କୁ ଦେଖିବାର ବିଶ୍ୱାସ ଏବଂ ଏହାବ୍ୟତୀତ, ସମଗ୍ର ସୃଷ୍ଟିକୁ ଦିବ୍ୟର ପ୍ରକାଶ ଭାବରେ ଅନୁଭବ କରିବା । ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ରାଜ୍ୟପାଳ ଶ୍ରୀ ମଙ୍ଗୁଭାଇ ପଟେଲ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଯାଦବ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଘରକୁ ଫେରିଲେ ପବନ କଲ୍ୟାଣଙ୍କ ପୁଅ

ହାଇଦ୍ରାବାଦ: ସିଙ୍ଗାପୁରର ଏକ ସ୍କୁଲରେ ନିଆଁ ଲାଗିବାରୁ ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ସାନ ପୁଅ ମାର୍କ ଶଙ୍କର ଆହତ ହୋଇଥିଲେ। ଏବେ ତାଙ୍କର ଚିକିତ୍ସା ଶେଷ ହୋଇଥିବା ବେଳେ ତାଙ୍କୁ ଡିସଚାର୍ଜ ହୋଇଥିବା ନେଇ ଜଣାଇଛନ୍ତି ପବନ କଲ୍ୟାଣଙ୍କ ବଡ଼ ଭାଇ ତଥା ସୁପରଷ୍ଟାର ଚିରଞ୍ଜିବି। ସେ କହିଛନ୍ତି ଯେ, 'ଆମର ପୁଅ ମାର୍କ ଶଙ୍କର ଘରକୁ ଫେରିଛି। କିନ୍ତୁ ତାକୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଏବେ ବି ସମୟ ଦରକାର। ଆମର କୁଳ ଦେବତା ଅଞ୍ଜନେୟ ସ୍ୱାମୀଙ୍କ କୃପା ଏବଂ ଦୟାରୁ, ସେ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବ।

## ଶିକ୍ଷା ହିଁ ବିକାଶର ମୂଳମନ୍ତ୍ର : ବିଷ୍ଣୁଦେବ



ରାୟପୁର: ଶିକ୍ଷା ବିକାଶର ମୂଳମନ୍ତ୍ର। ଶିକ୍ଷା ବିନା ଜୀବନ ଅଧୁରା। ଜଣେ ପାଠ ପଢ଼ା ବ୍ୟକ୍ତି ଏବଂ ଜଣେ ମୁର୍ଖଙ୍କ ଭିତରେ ଆକାଶପାତାଳ ପରଖ। ସ୍କୁଲ ପିଲାମାନଙ୍କୁ ପାଠ୍ୟପୁସ୍ତକ ଉପଲବ୍ଧ କରାଇବାରେ ପାଠ୍ୟପୁସ୍ତକ ନିଗମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶୁକ୍ରବାର ଛତିଶଗଡ ରାଜଧାନୀ ରାୟପୁରର ଶହୀଦ ସ୍ମାରକଭବନରେ ଆୟୋଜିତ ଛତିଶଗଡ ପାଠ୍ୟପୁସ୍ତକ ନିଗମର ନବନିଯୁକ୍ତ ଅଧ୍ୟକ୍ଷ ରାଜା ପାଣ୍ଡେୟଙ୍କ ପଦଭାର ଗ୍ରହଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏହା କହିଛନ୍ତି। ଏହି ଅବସରରେ ଶ୍ରୀ ସାଏ ଶ୍ରୀ ପାଣ୍ଡେୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍କୁଲ ପିଲାଙ୍କ ବିକାଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ପାଠ୍ୟପୁସ୍ତକ ନିଗମର ଦାୟିତ୍ୱ ହେଉଛି ଠିକ୍ ସମୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଯୋଗାଇଦେବା। ମୋର ପୁରା ଆଶା ଓ ବିଶ୍ୱାସ ଶ୍ରୀ ପାଣ୍ଡେୟ ପାଠ୍ୟପୁସ୍ତକ ନିଗମର ଅଧ୍ୟକ୍ଷଭାବେ ଶ୍ରୀ ପାଣ୍ଡେୟ ଏହି ଦାୟିତ୍ୱ ସୁଚାରରୂପେ ତୁଲାଇବେ। ବିକଶିତ ଛତିଶଗଡ ଗଠନ ପାଇଁ ଶିକ୍ଷାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନୂଆ ଶିକ୍ଷାନୀତି ଲାଗୁ କରାଯାଇଛି। ଛତିଶଗଡରେ ମଧ୍ୟ ଏହା ଲାଗୁ ହୋଇଛି। ନୂଆ ଶିକ୍ଷାନୀତିରେ ଶିକ୍ଷା ସହ ରୋଜଗାର ଉପରେ ଫୋକସ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଉମର ଅଗ୍ରୱାଲ, ଗୋମତୀ ସାଏ, ମୋତିଲାଲ ସାହୁ, ସୁଶାନ୍ତ ଶୁକ୍ଲା, ପ୍ରବୋଧ ମିନ୍, ଭୁଲନସିଂ ମୁରାବୀ, ପୂର୍ବତନ ମନ୍ତ୍ରୀ ରାମସେବ ପେଙ୍କରା, ପୂର୍ବତନ ବିଧାୟକ ଶିବରତନ ଶର୍ମା, ଦେବଜୀ ଭାଇ ପଟେଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶୁଳ୍କ ବୃଦ୍ଧିକୁ ନେଇ ମୁହଁ ଖୋଲିଲେ ଜିନ୍‌ପିଙ୍ଗ



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ ଉପରେ ପାରସ୍ପରିକ ଶୁଳ୍କ ୧୪୫%କୁ ବୃଦ୍ଧି କରିବା ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ଘନେଇବାରେ ଲାଗିଛି। ଚୀନ ଆମେରିକା ଉତ୍ପାଦ ଉପରେ ୧୨୫% ଶୁଳ୍କ ଲାଗୁ କରିବା ପରେ ଟ୍ରମ୍ପ ଏହି ପଦକ୍ଷେପ ନେଇଛନ୍ତି। ତେବେ ଟ୍ରମ୍ପଙ୍କ ଏପରି ଆଚରଣକୁ ନେଇ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ପ୍ରଥମ ଥର ଲାଗି ମୁହଁ ଖୋଲିଛନ୍ତି। ଜିନପିଙ୍ଗ କହିଛନ୍ତି, ଆମେରିକାର ଏହି ପଦକ୍ଷେପରେ ଚୀନ ଭୟଭୀତ ହେଉନାହିଁ। ଅନ୍ୟପଟେ ବେଜିଂ ପକ୍ଷରୁ ଏହି ପ୍ରସଙ୍ଗ ନେଇ ୟୁରୋପୀୟ ସଂଘର ଦୃଷ୍ଟି ଆକର୍ଷଣ କରାଯାଇଛି। ଟ୍ରମ୍ପଙ୍କ ଏପରି ଏକପାଖିଆ ନିଷ୍ପତ୍ତି ବିରୋଧରେ ଏକାଠି ହେବାକୁ ଚୀନ ଆହ୍ୱାନ କରିଛି। ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନଚେଜଙ୍କ ସହିତ ବେଜିଂଠାରେ ଏକ ବୈଠକରେ ଜିନପିଙ୍ଗ ୟୁରୋପୀୟ ସଂଘଙ୍କୁ ଟ୍ରମ୍ପଙ୍କ ପଦକ୍ଷେପ ବିଷୟରେ ଚେତାଇଦେବା ସହିତ ଚୀନକୁ ସହଯୋଗ କରିବାକୁ କହିଛନ୍ତି। ଯାହାଫଳରେ ୟୁରୋପୀୟ ସଂଘ ଏବଂ ଚୀନ ମିଶି ଆମେରିକା ସହିତ ଟ୍ରେଡ ୱାର ବା ବାଣିଜ୍ୟିକ ଯୁଦ୍ଧର ମୁକାବିଲ କରିହେବ। ଚୀନ ଏବଂ ୟୁରୋପୀୟ ସଂଘ ସେମାନଙ୍କ ଅନ୍ତର୍ଜାତୀୟ ଦାୟିତ୍ୱ ନିର୍ବାହ କରିବା ଉଚିତ ଏବଂ ମିଳିତ ଭାବେ ଆମେରିକାର ଏପରି ଗୁଣ୍ଡାଗର୍ଦ୍ଦିକୁ ବିରୋଧ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଭାରତରେ ନିର୍ମାଣ ହେବ ଏଚ୍-୧୩୦ ହେଲିକପ୍ଟର ଫ୍ୟୁଏଲଏଜ୍



ନୂଆଦିଲ୍ଲୀ: ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମାଣ ହେବ ଏଚ-୧୩୦ ଲାଇଟ୍ ସିଙ୍ଗଲ୍ ଇଞ୍ଜିନ ହେଲିକପ୍ଟର ଫ୍ୟୁଏଲଏଜ୍ । ଏୟାରବସ୍ ଏନେଇ ମହିନ୍ଦ୍ରା ଏୟାରଷ୍ଟ୍ରକ୍‌ଚର୍ସ ଚୟନ କରିଛି । ମେକ୍ ଇନ ଇଣ୍ଡିଆ ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଉପଲବ୍ଧି ହେବ ବୋଲି ଆଶା କରାଯାଉଛି । ମାର୍ଚ୍ଚ ୨୦୨୭ ସୁଦ୍ଧା ୟୁରୋପରୁ ଏୟାରବସ୍ ହେଲିକପ୍ଟରର ଆସେମ୍ବିଲ୍ ପାଇଁ ଡେଲିଭରି ଆରମ୍ଭ ହେବ । ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ଆର୍ ନାଇଡୁ, ବେସାମରିକ ବିମାନ ଚଳାଚଳ ସଚିବ ଭୁମ୍ଲୁନ୍ନାଙ୍ଗ ଭୁଲନମ, ଭାରତ ଓ ଦକ୍ଷିଣ ଏସିଆର ଏୟାରବସ୍ ଅଧ୍ୟକ୍ଷ ଏବଂ ପ୍ରବନ୍ଧ ନିର୍ଦ୍ଦେଶକ ରେମି ମେଲାର୍ଡଙ୍କ ସହିତ ମହିନ୍ଦ୍ରା ସମୂହର ଗ୍ରୁପ ସିଇଓ ଏବଂ ଏମଡି ଡ. ଅନିଶ ଶାହଙ୍କ ଭିତରେ ଚୁକ୍ତି ହୋଇଛି । ୮ ସିଟ୍ ବିଶିଷ୍ଟ ଏଚ-୧୩୦ ଏକ ଲୋକପ୍ରିୟ ହେଲିକପ୍ଟର । ପରିବହନ, ପର୍ଯ୍ୟଟନ, ଚିକିତ୍ସା, ନିରୀକ୍ଷଣ ଓ ଘରୋଇ ବିମାନ ଗତିବିଧିରେ ଏହାକୁ ବ୍ୟବହାର କରାଯାଇଥାଏ। ମହିନ୍ଦ୍ରା ସମୂହର ସହାୟକ କମ୍ପାନି ମହିନ୍ଦ୍ରା ଏୟାରଷ୍ଟ୍ରକ୍‌ଚର୍ସ ପ୍ରାଇଭେଟ୍ ଲିମିଟେଡକୁ ଏୟାରବସ୍ ହେଲିକପ୍ଟର୍ସ ଦ୍ୱାରା ଏଚ-୧୩୦ ଲାଇଟ୍ ସିଙ୍ଗଲ୍ ଇଞ୍ଜିନ ହେଲିକପ୍ଟର ଫ୍ୟୁଏଲଏଜ୍ ନିର୍ମାଣ ଓ ଆସେମ୍ବିଲ୍ ପାଇଁ ଅନୁମତି ପ୍ରଦାନ କରାଯାଇଛି । ଏହି ଚୁକ୍ତିନାମା ପରେ ବୈଶ୍ୱିକ ଏୟରୋସ୍ପେସ ସପ୍ଲାଏ ଶୃଙ୍ଖଳାରେ ମହିନ୍ଦ୍ରା ବିଶ୍ୱସନୀୟ ଭାଗିଦାରୀ ଭାବେ ନିଜ ସ୍ଥିତିକୁ ଆହୁରି ମଜଭୁତ କରିଛି । ତେବେ ଏୟାରବସ୍ ଏଚ-୧୩୦ ହେଲିକପ୍ଟର ନିର୍ମାଣ ଓ ଆସେମ୍ବିଲ୍ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ।

# ବାଣିଜ୍ୟ

ନୂଆଦିଲ୍ଲୀ: ଜେଟାଇ ପ୍ରାଇଭେଟ ଲିମିଟେଡ ଘୋଷଣା କରିଛି ଯେ ଏହାର ପ୍ରସ୍ତାବିତ ଆରେମେଂଟ ସ୍କିମକୁ ସଦ୍ୟ ସମାପ୍ତ ଭୋଟିଂ ପ୍ରକ୍ରିୟାରେ କ୍ରେଡିଟର୍ ମାନଙ୍କଠାରୁ ବିପୁଳ ସମର୍ଥନ ମିଳିଛି। ୱାଜିରଏକ୍ସ ପ୍ଲାଟଫର୍ମରେ କ୍ରିପ୍ଟୋ ବାଲାନ୍ସ ଥିବା ସମସ୍ତ କ୍ରେଡିଟର୍ ସିଙ୍ଗାପୁର ହାଇକୋର୍ଟରେ ଦାଖଲ ହୋଇଥିବା ପ୍ରସ୍ତାବିତ ପୁନର୍ଗଠନ ପାଇଁ ଭୋଟ ଦେବାକୁ ଯୋଗ୍ୟ ଥିଲେ । ଭୋଟିଂ ପ୍ରକ୍ରିୟା କ୍ରୋଲ୍ ଇସ୍ୟୁୟର୍ ସର୍ଭିସେସ୍ ପ୍ଲାଟଫର୍ମରେ ମାର୍ଚ୍ଚ ୧୯ ରୁ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ପରିଚାଳିତ ହୋଇଥିଲା। ମୋଟ, ଅନୁମୋଦିତ କ୍ଲେମରେ ୧୯୫,୬୫୦,୫୨୯.୦୩ ଆମେରିକିୟ ଡଲାର ପ୍ରତିନିଧିତ୍ୱ କରୁଥିବା ୧୪୧,୪୭୬ ସ୍କିମ୍ କ୍ରେଡିଟର ଭୋଟ୍ ଦେଇଥିଲେ। ଭୋଟ୍ ଦେଇଥିବା ସ୍କିମ୍ କ୍ରେଡିଟରମାନଙ୍କ ମଧ୍ୟରୁ, ଅନୁମୋଦିତ କ୍ଲେମରେ ୧୮୪,୯୯୭,୧୫୬.୩୧ ଆମେରିକିୟ ଡଲାର ପ୍ରତିନିଧିତ୍ୱ କରୁଥିବା ୧୩୧,୬୫୯ ସ୍କିମ୍ କ୍ରେଡିଟର୍ ସ୍କିମ୍ ପାଇଁ ସ୍କିମ୍ 'ସପକ୍ଷ'ରେ ଭୋଟ୍ ଦେଇଥିଲେ। ଏହା ସ୍କିମ୍ ସପକ୍ଷରେ ସ୍କିମ୍ କ୍ରେଡିଟରମାନଙ୍କ ଗଣନା ୯୩.୧% ଏବଂ ଭୋଟ ମୂଲ୍ୟ ଅନୁସାରେ ୯୪.୬% ପ୍ରତିନିଧିତ୍ୱ କରୁଛି। ସମସ୍ତ କ୍ରେଡିଟରଙ୍କ କ୍ଷେତ୍ରରେ ଅନୁମୋଦନ ହାର ୯୨% ଏବଂ ୯୫% ମଧ୍ୟରେ ଉଲ୍ଲେଖନୀୟ ଭାବରେ ସ୍ଥିର ରହିଥିଲା । ଆମେ ଦୃଢ଼ ବିଶ୍ୱାସ ଭୋଟ୍ ପାଇଁ କୃତଜ୍ଞ, ବୋଲି ୱାଜିରଏକ୍ସର ପ୍ରତିଷ୍ଠାତା ନିଶ୍ଚଳ ଶେଟ୍ଟୀ କହିଛନ୍ତି।

## ଜେଏସଡବ୍ଲ୍ୟୁ ପେଣ୍ଟସ ପକ୍ଷରୁ 'ରଙ୍ଗୋ କା ଖେଲ ୨.୦' ଉନ୍ମୋଚିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଜେଏସଡବ୍ଲ୍ୟୁ ପେଣ୍ଟସ୍ ଆଇପିଏଲ୍ ୨୦୨୫ ପାଇଁ ଏକ ନୂଆ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ପୂର୍ବ ଅଭିଯାନର ସଫଳତାକୁ ଆଧାର କରି ନୂତନ ସଂସ୍କରଣରେ ରଙ୍ଗ, ସାମୂହିକ ଭାବନା ଏବଂ ଚର୍ଚ୍ଚିତ ଚେହେରାର ମିଶ୍ରଣ ସହିତ ସିନେମା ଏବଂ ଉତ୍ସବର ଅନୁଭୂତିକୁ ଉନ୍ନତ କରାଯାଇଛି। କିଛି ପିଲାଙ୍କ ମଧ୍ୟରେ ଗଲି କ୍ରିକେଟ ମ୍ୟାଚକୁ ନେଇ ଫିଲ୍ମଟି ଏକ ପରିଚିତ ଢଙ୍ଗରେ ଆରମ୍ଭ ହୋଇଛି। କ୍ରିକେଟ୍ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଓ ମିତାଲି ରାଜଙ୍କ ଅପ୍ରତ୍ୟାଶିତ ଆଗମନ ସହ ମ୍ୟାଚ୍ ରୋମାଞ୍ଚକର ମୋଡ଼ ନେଉଛି। ଏହା ପରେ ପରିବର୍ତ୍ତନର ଏକ ଦୃଶ୍ୟ ଦେଖିବାକୁ ମିଳୁଛି। 'ରଙ୍ଗୋ କା ଖେଲ' ସଙ୍ଗୀତକୁ ନେଇ ନିର୍ମିତ ଏହି ସିନେମାରେ ପିଲା, ବୟସ୍କ ଓ କ୍ରିକେଟ୍ କିମ୍ବଦନ୍ତୀ ଏକାଠି ହୋଇ ବିଭିନ୍ନ ଆଇପିଏଲ୍ ଓ ଡବ୍ଲ୍ୟୁପିଏଲ୍ ଦଳର ପ୍ରତିନିଧିତ୍ୱ କରୁଥିବା ରଙ୍ଗ ଦେଖିବାକୁ ମିଳିଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଏବଂ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଜେଏସଡବ୍ଲ୍ୟୁ ପେଣ୍ଟସ୍ ୮ଟି ଦଳ ସହ ସହଯୋଗିତା କରିଛି। ଜେଏସଡବ୍ଲ୍ୟୁ ପେଣ୍ଟସର ଏହା ଏକ ବୃହତମ ବ୍ରାଣ୍ଡ ସହଯୋଗିତା ଯେଉଁଥିରେ ଜେଏସଡବ୍ଲୁ ଗ୍ରୁପର ସହ-ମାଲିକାନାରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ (ଡିସି), କୋଲକାତା ନାଇଟ୍ ରାଇଡର୍ସ (କେକେଆର), ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ), ରାଜସ୍ଥାନ ରୟାଲ୍ସ (ଆରଆର) ଏବଂ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ସମେତ ତିନୋଟି ଡବ୍ଲୁପିଏଲ୍ ଦଳ, ଗୁଜରାଟ ଜାଏଣ୍ଟସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ୟୁପି ୱାରିଅର୍ସ ସମେତ ୮ଟି ଦଳ ସହ ସହଯୋଗିତା ରହିଛି। ଜେଏସଡବ୍ଲୁ ପେଣ୍ଟସର ଯୁଗ୍ମ ଏମଡି ତଥା ସିଇଓ ସୁନ୍ଦରେସନ ଏଏସ କହିଛନ୍ତି ଯେ, 'କ୍ରିକେଟ ଆଜି ରଙ୍ଗ ଓ ଭାବନାର ଏକ ଶକ୍ତିଶାଳୀ ପର୍ବ। 'ରଙ୍ଗୋ କା ଖେଲ ୨.୦' ଜରିଆରେ ଆମେ ଲକ୍ଷ ଲକ୍ଷ କ୍ରିକେଟ୍ ପ୍ରଶଂସକଙ୍କ ସହ ଆମର ସମ୍ପର୍କକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛୁ। ଜେଏସଡବ୍ଲୁ ପେଣ୍ଟସର ମୁଖ୍ୟ ବ୍ୟବସାୟ ଅଧିକାରୀ ଆଶିଷ ରାୟ କହିଛନ୍ତି ଯେ, 'ଜେଏସଡବ୍ଲୁ ପେଣ୍ଟସରେ ଆମେ ବିଶ୍ୱାସ କରୁ ଯେ କ୍ରିକେଟରେ ଲୋକଙ୍କୁ ପ୍ରେରଣା ଓ ଏକାଠି କରିବାର ଶକ୍ତି ରହିଛି। ଟିବିଡବ୍ଲ୍ୟୁଏ/ଇଣ୍ଡିଆର ସିସିଓ ରସେଲ ବ୍ୟାରେଟ୍ କହିଛନ୍ତି ଯେ, 'ଆମ ଅଭିଯାନ ଆଇପିଏଲର ଶକ୍ତି, କ୍ରିକେଟ ପ୍ରଶଂସକଙ୍କ ଉତ୍ସାହ ଏବଂ ଖେଳର ଏକତା ଭାବନାକୁ ଏକାଠି କରିଛି। ରଙ୍ଗୋ କା ଖେଲ ୨.୦' ହେଉଛି କ୍ରିକେଟ୍ ଆଣିଥିବା ଉତ୍ସାହ ଏବଂ ଏକତାକୁ ନେଇ ଆମର ଉତ୍ସବର ଏକ ଉନ୍ନତି ଏବଂ ଆଇପିଏଲ୍ ୨୦୨୫ରେ ଆହୁରି ବଡ଼ ଉପସ୍ଥିତି ସହିତ ଏହି ଯାତ୍ରାକୁ ଆଗକୁ ବଢ଼ାଇବାପାଇଁ ଆମେ ଆନନ୍ଦିତ।'

## ଏଲିଟ୍ ପ୍ଲସ ସଂଚୟ ଖାତାର ଶୁଭାରମ୍ଭ




ନୂଆଦିଲ୍ଲୀ: ସମଗ୍ର ଭାରତୀୟ ସାର୍ବଜନୀନ ବ୍ୟାଙ୍କ ବନ୍ଧନ ବ୍ୟାଙ୍କ ପକ୍ଷରୁ ଏଲିଟ୍ ପ୍ଲସ୍ ସଂଚୟ ଖାତା (ସେଭିଂ ଆକାଉଂଟ)ର ଶୁଭାରମ୍ଭ କରିଛି। ଏଲିଟ୍ ପ୍ଲସ୍ ସଂଚୟ ଖାତାରେ ପ୍ରିମିୟମ ଏଲିଟ୍ ପ୍ଲସ୍ ଡେବିଟ୍ କାର୍ଡ ଏବଂ ସ୍ୱତନ୍ତ୍ର ଜୀବନଶୈଳୀ ସୁବିଧା ସମେତ ଆକର୍ଷଣୀୟ ନୂଆ ସୁବିଧା ଉପଲବ୍ଧ କରାଯାଇଛି। ବ୍ୟାଙ୍କର ଇଡି ଏବଂ ସିବିଓ ରାଜେନ୍ଦ୍ର କୁମାର ବବର ଏବଂ ଇଡି ଆଣ୍ଡ ସିଓଓ ରତନ କୁମାର କେଶଙ୍କ ଉପସ୍ଥିତିରେ ବନ୍ଧନ ବ୍ୟାଙ୍କର ଏମଡି ଏବଂ ସିଇଓ ପାର୍ଥ ପ୍ରତିମ ସେନଗୁପ୍ତା ଏହି ଉତ୍ପାଦକୁ ଉନ୍ମୋଚନ କରିଛନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଏଲିଟ୍ ପ୍ଲସ୍ ସଂଚୟ ଖାତାର ପ୍ରଥମ ଗ୍ରାହକ ହୋଇଛନ୍ତି। ଏଲିଟ୍ ପ୍ଲସ୍ ଜରିଆରେ ଗ୍ରାହକମାନେ ପ୍ରତି ମାସରେ ଅସୀମିତ ମାଗଣା ନଗଦ ଜମା ସହ ଆରଟିଜିଏସ, ଏନଇଏଫଟି ଏବଂ ଆଇଏମପିଏସ ପାଇଁ ମାଗଣା କାରବାରର ମଜା ନେଇପାରିବେ। ଏହି ଉନ୍ମୋଚନ ଅବସରରେ ବନ୍ଧନ ବ୍ୟାଙ୍କର ଏମଡି ତଥା ସିଇଓ ପାର୍ଥ ପ୍ରତିମ ସେନଗୁପ୍ତା କହିଛନ୍ତି ଯେ, 'ଆମେ ବିଶ୍ୱାସ କରୁଛୁ ଯେ ଏହି ନୂତନ ଉତ୍ପାଦ ଆମ ପ୍ରିମିୟମ୍ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବ ଏବଂ ସେମାନଙ୍କୁ ଅତୁଳନୀୟ ସୁବିଧା, ରିୱାର୍ଡ ଏବଂ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବ। ବିଳାସପୂର୍ଣ୍ଣ ଯାତ୍ରା ସୁବିଧାଠାରୁ ଆରମ୍ଭ କରି ସ୍ୱତନ୍ତ୍ର ବୀମା ସୁରକ୍ଷା ପର୍ଯ୍ୟ' ଏଲିଟ୍ ପ୍ଲସ୍ ସଂଚୟ ଖାତା ଗ୍ରାହକମାନଙ୍କୁ ଉନ୍ନତ ଅନୁଭୂତି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି। ଏହାବ୍ୟତୀତ, ବ୍ୟାଙ୍କ ଏଚଏନଆଇ (ଅତି ଧନୀ) ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଅତିରିକ୍ତ ବୈଶିଷ୍ଟ୍ୟ ସହିତ ବନ୍ଧନ ଏଲିଟ୍ ସଂଚୟ ଖାତାକୁ ପୁନଃ ପ୍ରଚଳନ କରିଛି ଯାହା ଏଲିଟ୍ ପ୍ଲସ୍ ସଂଚୟ ଖାତା ଶୁଭାରମ୍ଭ କରିବା ସହିତ ଗ୍ରାହକମାନଙ୍କୁ ଆହୁରି ଅଧିକ ସୁବିଧା ପ୍ରଦାନ କରିବ।

## 'ଅଞ୍ଜି ଖାଡ୍' ସେତୁ ଭାରତର ଦ୍ୱିତୀୟ ଉଚ୍ଚତମ ସେତୁ



ନୂଆଦିଲ୍ଲୀ : ଅଞ୍ଜି ଖାଡ୍ ସେତୁ ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ। କଟରା ଏବଂ ରିଆସି ମଧ୍ୟରେ ସଂଯୋଗୀକରଣକୁ ଏକ ନୂତନ ପରିମାଣ ଦେଉଥିବା ଏହି ଆଶ୍ଚର୍ଯ୍ୟଜନକ ଗଠନ, ଭାରତୀୟ ଇଞ୍ଜିନିୟରିଂର ଆତ୍ମବିଶ୍ୱାସ ଏବଂ ଦକ୍ଷତାର ଏକ ଉଦାହରଣ। ଏହି ସେତୁ ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କ୍ (USBRL) ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା କଟରା-ବାନିହାଲ ରେଳ ସେକ୍ସନରେ ନିର୍ମିତ। କଷ୍ଟକର ରାସ୍ତା ଏବଂ କଷ୍ଟକର ଭୌଗୋଳିକ ପରିସ୍ଥିତି ଭଳି ସମସ୍ତ ସୀମାକୁ ଅତିକ୍ରମ କରି, ଏହି ସେତୁ ଉପତ୍ୟକାକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ଅଧିକ ଦୃଢ଼ ଭାବରେ ସଂଯୋଗ କରୁଛି। ଏହି ଆକର୍ଷଣୀୟ ଡିଜାଇନ୍ ସେତୁର ନିର୍ମାଣ କାର୍ଯ୍ୟ ମାତ୍ର ୧୧ ମାସ ମଧ୍ୟରେ ସମାପ୍ତ ହୋଇଛି। ଏହା ସମୁଦ୍ର ପତ୍ତନଠାରୁ ୩୩୧ ମିଟର ଉଚ୍ଚତାରେ ଅବସ୍ଥିତ ଏବଂ ଏହା ମୂଳଦୁଆଠାରୁ ୧୯୩ ମିଟର ଉପରେ ଏକ ଦୃଢ଼ କେନ୍ଦ୍ରୀୟ ତୋରଣ ଦ୍ୱାରା ସମର୍ଥିତ, ଯାହା ଏହାର ସମ୍ପୂର୍ଣ୍ଣ ଗଠନକୁ ସନ୍ତୁଳିତ ରଖେ। ଚେନାବ ସେତୁ ପରେ ଅଞ୍ଜି ଖାଡ୍ ସେତୁ ଭାରତର ଦ୍ୱିତୀୟ ଉଚ୍ଚତମ ରେଳ ସେତୁ। ଏହି ସେତୁଟି ୯୬ ଟି କେବୁଲ ବ୍ୟବହାର କରି ନିର୍ମିତ ହୋଇଛି ଯାହାର ଓଜନ ୮୪୯ ମେଟ୍ରିକ୍ ଟନ୍ ଏବଂ ଏହାର ମୋଟ ଲମ୍ବ ୬୫୩ କିଲୋମିଟର। ଏହି ୭୨୫ ମିଟର ଲମ୍ବା ସେତୁର ଗଠନରେ ୮,୨୧୫ ମେଟ୍ରିକ୍ ଟନ୍ ଇସ୍ପାତ ବ୍ୟବହାର କରାଯାଇଛି । ବର୍ତ୍ତମାନର ଆବଶ୍ୟକତାକୁ ଧ୍ୟାନରେ ରଖି ନିର୍ମିତ ଏହି ସେତୁ ସହିତ ଜାମ୍ମୁ ଏବଂ କାଶ୍ମୀରର ବିକାଶ ଜଡିତ। ଏହି ସେତୁ ଉପତ୍ୟକାର ଦୁର୍ଗମ ଅଞ୍ଚଳର ଗ୍ରାମ ଏବଂ ସହରଗୁଡ଼ିକୁ ବଡ଼ ସହର ସହିତ ସିଧାସଳଖ ସଂଯୋଗ ସ୍ଥାପନ କରେ, ଯାହା ବିକାଶଶୀଳ ସ୍ଥାନଗୁଡ଼ିକରେ ଚିକିତ୍ସା, ଶିକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧତାକୁ ସହଜ କରିବ। ଉନ୍ନତ ସଂଯୋଗୀକରଣ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଉପତ୍ୟକାରେ ବ୍ୟବସାୟ ଏବଂ ପର୍ଯ୍ୟଟନକୁ ମଧ୍ୟ ଏକ ବଡ଼ ପ୍ରୋତ୍ସାହନ ଦେବ।

## ବିଓବି ପକ୍ଷରୁ 'ବିଓବି ସ୍କୋୟାର ଡ୍ରାଇଭ୍ ଜମା ସ୍କିମ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ -ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏକ ନୂତନ ରିଟେଲ ମିଆଦୀ ଜମା ସ୍କିମ୍ 'ବିଓବି ସ୍କୋୟାର ଡ୍ରାଇଭ୍ ଡିପୋଜିଟ୍ ସ୍କିମ୍'ର ଶୁଭାରମ୍ଭ କରାଯାଇଛି ଯାହା ସାଧାରଣ ଲୋକଙ୍କ ପାଇଁ ବାର୍ଷିକ ୭.୧୫% ସୁଧ ହାର, ବରିଷ୍ଠ ନାଗରିକମାନଙ୍କ ପାଇଁ ୭.୬୫%, ସୁପର ସିନିୟର ନାଗରିକ (୮୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ୍କ) ପାଇଁ ୭.୭୫% ଏବଂ ନନ-କଲେବଲ୍ ଜମା ଉପରେ ୭.୮୦% ପର୍ଯ୍ୟନ୍ତ ସୁଧ ପ୍ରଦାନ କରୁଛି। ଏହି ଯୋଜନା ୨୦୨୫ ଏପ୍ରିଲ ୭ରୁ ଆରମ୍ଭ ହେବ ଏବଂ ଏହା ୩ କୋଟି ଟଙ୍କାରୁ କମ୍ ଖୁଚୁରା ମିଆଦୀ ଜମା ଉପରେ ଲାଗୁ ହେବ। ବ୍ୟାଙ୍କ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ବିଣା ୱାହିଦ କହିଛନ୍ତି ଯେ, 'ସୁଧ ହାର ହ୍ରାସ ପାଉଥିବା ସମୟରେ 'ବିଓବି ସ୍କୋୟାର ଡ୍ରାଇଭ୍ ଡିପୋଜିଟ୍ ସ୍କିମ୍' ଜମାକାରୀଙ୍କୁ ଅଧିକ ସୁଧ ହାରରେ ଲକ୍ କରିବା ଏବଂ ସେମାନଙ୍କ ସଂଚୟ ଉପରେ ସ୍ଥିର ଏବଂ ନିଶ୍ଚିତ ରିଟର୍ଣ୍ଣ ପାଇବା ପାଇଁ ଏକ ଆକର୍ଷଣୀୟ ବିକଳ୍ପ ପ୍ରଦାନ କରୁଛି। ବ୍ୟାଙ୍କ ଅଫ୍ ବରୋଦା ଏହାର ଜମା ଅଫର ଉପରେ ନୂତନତା ଜାରି ରଖିଛି ଯାହା ଆମର ଗ୍ରାହକମାନଙ୍କ ବିକଶିତ ଏବଂ ବିବିଧ ଆର୍ଥିକ ଲକ୍ଷ୍ୟ ପୂରଣ କରୁଥିବା ସମାଧାନ ପ୍ରଦାନ କରିବ। ଗ୍ରାହକମାନେ ବ୍ୟାଙ୍କର ଡିଜିଟାଲ୍ ଚ୍ୟାନେଲ୍ ଯଥା ବିଓବି ୱାର୍ଲ୍ଡ ଆପ୍ ଏବଂ ବ୍ୟାଙ୍କର ଇଂଟରନେଟ୍ ବ୍ୟାଙ୍କିଙ୍ଗ୍ ପ୍ଲାଟଫର୍ମ ତଥା ଯେକୌଣସି ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ଏହି ମିଆଦୀ ଜମା ଖୋଲିପାରିବେ। ଏହାବ୍ୟତୀତ, ନୂଆ ବ୍ୟାଙ୍କ ଗ୍ରାହକମାନେ ଭିଡିଓ କେୱାଇସି ମାଧ୍ୟମରେ ବ୍ୟାଙ୍କ ଅଫ୍ ବରୋଦା ୱେବସାଇଟରୁ ବ୍ୟାଙ୍କରେ ଏଫଡି ଖୋଲିପାରିବେ ଯେଉଁଥିରେ ସଂଚୟ ଖାତା ଖୋଲିବାର ଆବଶ୍ୟକତା ନାହିଁ।

## ସୋନି ପକ୍ଷରୁ ଲିଙ୍କବଡ୍‌ସ ଫିଟ୍‌ର ଶୁଭାରମ୍ଭ



ନୂଆଦିଲ୍ଲୀ : ସୋନି ଇଣ୍ଡିଆ ପକ୍ଷରୁ ଲିଙ୍କବଡ୍‌ସ ଫିଟ୍ ଇୟରବଡ୍‌ସର ଉନ୍ମୋଚନ କରାଯାଇଛି ଯାହା ଆରାମଦାୟକ ଫିଟ୍, ପ୍ରିମିୟମ୍ ସାଉଣ୍ଡ ଓ ବୁଦ୍ଧିମାନ ନଏଜ୍ କଂଟ୍ରୋଲ୍ ସହିତ ବ୍ୟକ୍ତିଗତ ଅଡିଓ ବର୍ଗରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିବ। ଏୟାର ଫିଟିଂ ସପୋର୍ଟର ଓ କୋମଳ ଇୟରବଡ୍ ଟିପ୍‌ସ ସହିତ ଆସିଥିବା ଏହି ଇୟରବଡ୍‌ସ ହାଲୁକା ହୋଇଥିବାରୁ ତାହାକୁ ସାରା ଦିନ ପିନ୍ଧିହେବ। କାନର ଆକୃତିକୁ ନେଇ ଦୀର୍ଘଦିନରୁ ସଂଗ୍ରହ କରାଯାଇଥିବା ତଥ୍ୟ ଆଧାରରେ ଲିଙ୍କବଡ୍‌ସ ଫିଟ୍ ପାଇଁ ସୋନି ପକ୍ଷରୁ ଏକ ନୂଆ ଏୟାର ଫିଟିଂ ସପୋର୍ଟର ବିକାଶ କରାଯାଇଛି। ଦିନତମାମ ବ୍ୟବହାର ଉପଯୋଗୀ ଭଳି ତାହାକୁ ବିକାଶ କରାଯାଇଛି, ଯେଉଁଥିରେ ଏୟାର ଫିଟିଂ ସପୋର୍ଟର ଓ ହାଲୁକା ଇୟରବଡ୍ ଟିପ୍‌ସ ରହିଛି ଯାହା ଆରାମଦାୟକ ଅନୁଭବ ପ୍ରଦାନ କରିବ। ଏହାର ଓଜନ ହେଉଛି ୪.୯ ଗ୍ରାମ୍ ଏବଂ ଏତେ ହାଲୁକା ଯେ ଆପଣ ତାହାକୁ ପିନ୍ଧିଛନ୍ତି ବୋଲି ବେଳେ ବେଳେ ଭୁଲିଯିବେ। ଏହାର ଅଡିଓ କୋଡିଂ ପ୍ରଯୁକ୍ତି ଏଲଡିଏସି ପାଇଁ ଏହା ହାଇ ରିଜଲ୍ୟୁସନ୍ ଅଡିଓ ୱାୟାରଲେସକୁ ସମର୍ଥନ କରୁଛି। ପାରମ୍ପରିକ ବ୍ଲୁ ଟୁଥ୍ ଅଡିଓ ତୁଳନାରେ ଏଲଡିଏସି ତିନି ଗୁଣା ଅଧିକ ଡାଟା ପ୍ରସାରଣ କରିବ। ଏହାର ଡାଇନାମିକ୍ ଡ୍ରାଇଭର୍ ଏକ୍ସ ଜରିଆରେ ଶବ୍ଦକୁ ନିଖୁଣ ଭାବେ ଶୁଣିହେବ। ଏଆଇର ଶକ୍ତି ଥିବା ଅଲଟ୍ରା କ୍ଲିୟର୍ କଲ୍ ପ୍ରଯୁକ୍ତି ପାଇଁ ଆପଣମାନେ ଅତି ସ୍ୱଷ୍ଟ ସାଉଣ୍ଡ ପାଇପାରିବେ। ୱାଇଡ୍ ଏରିଆ ଟ୍ୟାପ୍ ଜରିଆରେ ମ୍ୟୁଜିକ୍ ନିୟନ୍ତ୍ରଣ କରିହେବ। ଏଥିରେ ମଲ୍ଟି କନେକ୍ସନ୍ ସୁବିଧା ରହିଛି। ଏହାର ବ୍ୟାଟେରି ଜରିଆରେ ୨୧ ଘଂଟା ପ୍ଲେବ୍ୟାକ୍ ସୁବିଧା ମିଳିପାରିବ। ଏହାକୁ ୫ ମିନିଟ୍ ଚାର୍ଜ କଲେ ଘଂଟାଏ ବ୍ୟବହାର କରିହେବ। ଏହି ଇୟରବଡ୍‌ସକୁ ଆଇପିଏକ୍ସ୪ ୱାଟର ରେଜିଷ୍ଟାନ୍ସ ରେଟିଂ ମିଳିଛି। ସୋନି ଇଣ୍ଡିଆ ପକ୍ଷରୁ ଲିଙ୍କବଡ୍‌ସ ଫିଟ୍ ପାଇଁ ଏକ ଶୁଭାରମ୍ଭ ଅଫର ଘୋଷଣା କରାଯାଇଛି। ଏହି ଅଫରରେ ଗ୍ରାହକମାନେ ୧୮,୯୯୦ ଟଙ୍କାର ସ୍ୱତନ୍ତ୍ର ମୂଲ୍ୟରେ ଏହାକୁ କିଣିପାରିବେ ଏବଂ ଏକ ୫୯୯୦ ଟଙ୍କାର ଏସ୍ଆର୍‌ଏସ୍-ଏକ୍ସବି୧୦୦ ପୋର୍ଟେବଲ୍ ସ୍ପିକର୍ ମାଗଣାରେ ପାଇପାରିବେ। ଏହି ଅଫର ଚଳିତ ୨୦୨୫ ଏପ୍ରିଲ୍ ୭ରୁ ଆରମ୍ଭ ହୋଇ ସୀମିତ ଅବଧି ପର୍ଯ୍ୟନ୍ତ ରହିବ। ଏହା କଳା, ଧଳା ଓ ସବୁଜ ରଙ୍ଗରେ ମିଳିବ।

## ହିଣ୍ଡାଲ୍‌କୋ ତରଫରୁ ଆମ୍ବୁଲାନ୍ସ ପ୍ରଦାନ

ନୂଆଦିଲ୍ଲୀ: ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏବଂ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ମିଳିତ ପ୍ରୟାସରେ ଶିମିଳିପାଳ ଜଙ୍ଗଲର ଅଭ୍ୟନ୍ତର ଜନବସତିଗୁଡ଼ିକରେ ରୋଗୀ ପରିବହନ ନିମନ୍ତେ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ କରାଯାଇଛି। ଏହି ଆମ୍ବୁଲାନ୍ସ ସେବା ଯଶୀପୁର ବ୍ଲକର ଗୁଡୁଗୁଡିଆ, ବରେହିପାଣି ଏବଂ ଅଷ୍ଟକୁଅଁର ଆଦି ତିନିଟି ପଞ୍ଚାୟତର ଆଦିବାସୀ ଜନସାଧାରଣଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବ। ସମ୍ମାନନୀୟ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ.ଗଣେଶ ରାମ ସିଂଖୁଣ୍ଟିଆ ବରେହିପାଣିରେ ଆୟୋଜିତ ଏକ ଉତ୍ସବରେ ପତାକା ଦେଖାଇ ଏହି ଆମ୍ବୁଲାନ୍ସଗୁଡ଼ିକର ଶୁଭାରମ୍ଭ କରିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ବରିଷ୍ଠ ଅଧିକାରୀଗଣ, ଆରସିସିଏଫ ବାରିପଦା, ଏସଟିସିଏଫ, ସ୍ଥାନୀୟ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟବିଭାଗର ଅଧିକାରୀବୃନ୍ଦ ଏବଂ ହିମାଂଶ ସାହୁ, ଏଭିପି, କର୍ପୋରେଟ ଆଫେୟାର୍ସ, ଆଦିତ୍ୟ ବିର୍ଲା ଗ୍ରୁପ ଏହି ଉତ୍ସବରେ ଉପସ୍ଥିତ ଥିଲେ। କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ କାର୍ଯ୍ୟକ୍ରମର ଅଂଶଭାବରେ ହିଣ୍ଡାଲ୍‌କୋ, ଉପରୋକ୍ତ ତିନିଟି ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଗ୍ରାମ ଓ ପଡାଗ୍ରାମଗୁଡ଼ିକରୁ ରୋଗୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବହନ କରିବା ନିମନ୍ତେ ଆବଶ୍ୟକ ଡାକ୍ତରୀ ଉପକରଣ ଖଞ୍ଜାଯାଇଥିବା ଦୁଇଟି ଆମ୍ବୁଲାନ୍ସ ଦାନ କରିଛି। ଆମ୍ବୁଲାନ୍ସସେବାର କାର୍ଯ୍ୟକାରିତା ଓ ପରିଚାଳନା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନ ଦ୍ୱାରା କରାଯିବ।



ବେଙ୍ଗାଲୁର: ଚଳିତ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ୫ଟି ମ୍ୟାଚରୁ ୨ଟି ମୁକାବିଲାରେ ପରାଜିତ ହୋଇଛି। ଏହି ଦୁଇ ମ୍ୟାଚ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିଲା। ଘରୋଇ ପିଚରେ କ୍ରମାଗତ ପରାଜୟକୁ ଆରସିବି ଟିମ ମ୍ୟାନେଜମେଂଟ ସହଜରେ ଗ୍ରହଣ କରିପାରି ନାହିଁ। ଓଭରାଲ ଦେଖିବାକୁ ଗଲେ ଆରସିସି ଘରୋଇ ପିଚରେ ୯୩ ମ୍ୟାଚ ଖେଳିଛି । ଏଥିରେ ୪୩ରେ ବିଜୟ ହୋଇଥିବା ବେଳେ ୪୫ରେ ପରାଜିତ ହୋଇଛି । ଆରସିବି ମେଂଟର ଦୀନେଶ କାର୍ତିକ ଏବେ ଘରୋଇ ପିଚକୁ ସମାଲୋଚନା କରିଛନ୍ତି । ବ୍ୟାଟ୍ସମ୍ୟାନଙ୍କୁ ସୁହାଉଥିବା ପିଚ କରିବା ପାଇଁ କୁହାଯାଇଥିଲେ ମଧ୍ୟ ଏହାକୁ ଗ୍ରହଣ କରାଯାଇ ନାହିଁ । ପୂର୍ବରୁ କେକେଆରର ଅଜିଙ୍କ୍ୟ ରାହାନେ ମଧ୍ୟ ସମାନ ଅଭିଯୋଗ ଇଡେନଗାର୍ଡେନକୁ ନେଇ ଆଣିଥିଲା । ଇଡେନର ପିଚ କ୍ୟୁରେଟର କିନ୍ତୁ ତାଙ୍କୁ ସମାଲୋଚନା କରିଥିଲେ। କାର୍ତିକଙ୍କ କହିବା ଅନୁସାରେ ଟି୨୦ରେ ଯଦି ବ୍ୟାଟ୍ସମ୍ୟାନ ରନ କରିବାକୁ ସଂଘର୍ଷ କରିବ ତେବେ ଏହା ଦର୍ଶକଙ୍କୁ ମଧ୍ୟ ପସନ୍ଦ ଆସିବନି । ଏଠାରେ ତ ସିଙ୍ଗଲ୍ସ ନେବା ମଧ୍ୟ କଷ୍ଟକର ହୋଇ ପଡିଥିଲା। ଅପରପକ୍ଷରେ ସମୀକ୍ଷକଙ୍କ ମତରେ ଏଠାକାର ପିଚ ସ୍ପିନରଙ୍କୁ ସୁହାଇଥିଲା। ତେବେ କେଏଲ ରାହୁଲଙ୍କ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଆରସିବି ପରାଜିତ ହୋଇଥିଲା। ଯଦି ଏହି ମ୍ୟାଚରେ ଦଳ ବିଜୟୀ ହୋଇଥାନ୍ତା ତେବେ କଣ ଏ ଭଳି ପ୍ରଶ୍ନ ଉଠାଇଥାନ୍ତା କି । ଆରସିବି ୫ ଟି ମ୍ୟାଚରେ ୩ଟି ବିଜୟ ଓ ୨ଟି ପରାଜୟବରଣ କରିଛି।



୨୫ତମ ମ୍ୟାଚ୍ | ଚେନ୍ନାଇ ସୁପର କିଙ୍ଗ୍ସ ବନାମ କୋଲକାତା ନାଇଟ୍ ରାଇଡର୍ସ

# କେକେଆର୍ ୮ ୱିକେଟ୍‌ରେ ବିଜୟୀ



ଚେନ୍ନାଇ : ଚେନ୍ନାଇର ଏମ.ଏ. ଚିଦାମ୍ବରମ୍ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୨୫ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗସକୁ ୮ ୱିକେଟରେ ପରାସ୍ତ କରିଛି କୋଲକାତା ନାଇଟରାଇଡର୍ସ । କୋଲକାତା ଆଗରେ ବିଜୟ ପାଇଁ ୧୦୪ ରନର ଏକ ମାମୁଲି ବିଜୟ ଲକ୍ଷ୍ୟ ଥିଲା, ଯାହାକୁ ଦଳ ୧୦.୨ ଓଭରରେ ୨ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ସୁନୀଲ ନାରାୟଣ ୪୪ ରନ କରିଥିବାବେଳେ କ୍ୱିଣ୍ଟନ ଡିକକ୍ ୨୩ ରନ କରିଥିଲେ । ସେହିପରି ଅଜିଙ୍କ୍ୟ ରାହାଣେ ୨୦ ରନ ଓ ରିଙ୍କୁ ସିଂ ୧୫ ରନ କରିଥିଲେ। ଏହି ମ୍ୟାଚରେ କୋଲକାତା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ପକ୍ଷରୁ ଡେଭନ କନୱେ ଓ ରାଚିନ ରବୀନ୍ଦ୍ର ବ୍ୟାଟିଂ ଓପନ କରିଥିଲେ । କିନ୍ତୁ ରାଚିନ ମାତ୍ର ୪ ରନ କରିଆଉଟ ହୋଇଥିଲେ। କନୱେ ମଧ୍ୟ ୧୪ ରନ କରି ଆଉଟ ହୋଇଥିଲେ । ଏହାପରେ ଦଳର ବ୍ୟାଟିଂରେ ଆଉ ସୁଧାର ଦେଖିବାକୁ ମିଳିନଥିଲା । ତେବେ ଶୁଭମ ଦୁବେ ଓ ବିଜୟ ଶଙ୍କର କିଛି ସମୟ କୋଲକାତା ବୋଲରଙ୍କ ମୁକାବିଲା କରିଥିଲେ । ଦୁବେ ୩୧ ରନ ଓ ଶଙ୍କର ୨୯ ରନ କରିଥିଲେ। କିନ୍ତୁ ଦଳର ଅନ୍ୟ ବ୍ୟାଟ୍ସମ୍ୟାନମାନେ ଶୋଚନୀୟ ଭାବେ ବିଫଳ ହୋଇଥିଲେ । କୋଲକାତା ପକ୍ଷରୁ ସୁନୀଲ ନାରାୟଣ ୩ଟି ୱିକେଟ ନେଇଥିବାବେଳେ ବରୁଣ ଚକ୍ରବର୍ତ୍ତି ଓ ହର୍ଷିତ ରାଣା ୨ଟି ଲେଖାଏଁ ୱିକେଟ ନେଇଥିଲେ ।

# ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍: ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବିଜୟୀ



ବୌଦ୍ଧ (ଭାସ୍କର ନ୍ୟୁଜ) : ଜିଲ୍ଲା ଷ୍ଟାଡିଅମ ବୌଦ୍ଧ ଠାରେ ଚାଲିଥିବା ୧୫ ବର୍ଷରୁ କମ୍ ଇଣ୍ଟର ଡିଷ୍ଟ୍ରିକ୍ଟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପଂଚମ ଦିନର ମ୍ୟାଚ ଜେଡି ହାଇସ୍କୁଲ ବୌଦ୍ଧ ଓ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଟିମ୍ ୩-୧ ଗୋଲ୍‌ରେ ବିଜୟୀ ହୋଇଛି । ଆଜି ସକାଳେ ଅନୁଷ୍ଠିତ ହୋଇଥିବା ଫୁଟବଲ୍ ମ୍ୟାଚରେ ଅତିଥିଭାବେ ଡେପୁଟି କଲେକ୍ଟର ଲିପ୍ସା ଭାରତୀ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରଞ୍ଜିତ କୁମାର ରାଉତ ଯୋଗଦେଇ ଖେଳାଳୀ ମାନଙ୍କ ସହିତ ପରିଚିତ ହେବାସହ ଉତ୍ସାହିତ କରିଥିଲେ। ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ଅମିତ ନାଏକ ପରିଚାଳନା କରିଥିବାବେଳେ ଲାଇନରେ ବଳରାମ ବେହେରା ଓ ପ୍ରମୋଦ ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସୂର୍ଯ୍ୟକାନ୍ତ ବେହେରା ମ୍ୟାଚ ପରିଚାଳନା କରିଥିଲେ। ସେହିପରି ଅପରାହ୍ନରେ ଦ୍ୱିତୀୟ ମ୍ୟାଚ ବିଏସ୍‌ଏସ୍‌ଏ ବୌଦ୍ଧ ଓ ବିଏସ୍‌ଏସ୍‌ଏ ହରଭଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିବାବେଳେ ଖେଳ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ୍ ଦେଇପାରିନଥିଲେ। ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ଦିଆଯାଇଥିଲା। ଆଜିର ଦ୍ୱିତୀୟ ମ୍ୟାଚରେ ଅତିଥିଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଭେଟେରାନ ଫୁଟବଲ ଖେଳାଳୀ ଗୌତମ ସରକାର, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ କୁମାର ସ୍ୱାଇଁ, ଫୁଟବଲ ସଙ୍ଘ ସମ୍ପାଦକ ଯୁଗଳ କିଶୋର ସାମଲ, ମ୍ୟାଚ କମିଶନର ଲମ୍ବୋଦର ପୁରୋହିତ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚକୁ ମୁଖ୍ୟରେଫରୀ ଭାବେ ଚନ୍ଦନ ମହାରଣା ପରିଚାଳନା କରିଥିବାବେଳେ ଲାଇନରେ ସୂର୍ଯ୍ୟକାନ୍ତ ବେହେରା ଓ ବଳରାମ ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ଅମିତ ନାଏକ ଦାୟିତ୍ୱ ତୁଲାଇଥିଲେ । ଆସନ୍ତାକାଲି ଫ୍ରେଣ୍ଡ କ୍ଲବ ଓ ଏମଏମଓ୍ୱାଇସି ମାଉଳିସିଙ୍ଗା ଏବଂ ଭିଏସଏସ କ୍ଲବ ମନୁପାଲି ଓ ଜିଏମ୍ କ୍ଲବ ନୂଆସାହି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

ଜାତୀୟ ହ୍ୟାଣ୍ଡବଲ୍ ଚାମ୍ପିଅନ୍‌ସିପ୍‌ର ଚତୁର୍ଥ ଦିବସ

# ପ୍ରଥମ ଥର ପାଇଁ ଓଡ଼ିଶା ସେମିରେ



କେନ୍ଦୁଝର (ଭାସ୍କର ନ୍ୟୁଜ) : କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ୩୯ତମ ଜାତୀୟସ୍ତରୀୟ ଚମ୍ପିଆନସିପ୍‌ର ଶୁକ୍ରବାର ଥିଲା ଚତୁର୍ଥ ଦିବସ। ଆଜିସୁଧା ଲିଗ୍ ସହ ପ୍ରି କ୍ୱାଟର ଓ କ୍ୱାଟର ଫାଇନାଲର ୪୦ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ଘରୋଇ ଓଡ଼ିଶା ହ୍ୟାଣ୍ଡବଲ ଇତିହାସରେ ଓଡ଼ିଶା ପ୍ରଥମ ଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ପ୍ରି କ୍ୱାଟର ଫାଇନାଲ ମ୍ୟାଚରେ ଓଡ଼ିଶା - ଦିଲ୍ଲୀକୁ ୧୪-୪ ଗୋଲରେ, ରାଜସ୍ଥାନ-କର୍ଣ୍ଣାଟକକୁ ୪୭-୨୭ ଗୋଲରେ, ମଧ୍ୟ ପ୍ରଦେଶ-ମୁମ୍ବାଇ ହେଣ୍ଡବଲ ଏକାଡେମିକୁ ୨୩ -୧୦ ଗୋଲରେ, ହରିୟାନା-ଆର୍ଯ୍ୟବ୍ରତକୁ ୨୦-୧୩ ଗୋଲରେ, ଗୁଜୁରାଟ ଝାଡ଼ଖଣ୍ଡକୁ ୨୨-୧୭ ଗୋଲରେ, ମଣିପୁର ଆସାମକୁ ୩୪-୨୨ ଗୋଲରେ, ବୈଷ୍ଣବି ନର୍ଶରୀ-ତାମିଲନାଡୁକୁ ୨୩-୨୧ ଗୋଲରେ ଓ ଉତ୍ତର ପ୍ରଦେଶ-ଛତିସଗଡ଼କୁ ୨୧-୬ ଗୋଲରେ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାଟର ଫାଇନାଲରେ ଓଡ଼ିଶା-ମଣିପୁରକୁ ୨୪-୨୧ ଗୋଲରେ, ରାଜସ୍ଥାନ-ମଧ୍ୟ ପ୍ରଦେଶକୁ ୨୭-୯ ଗୋଲରେ, ହରିୟାନା-ଗୁଜୁରାଟକୁ ୩୩-୨୯ ଗୋଲରେ, ଉତ୍ତର ପ୍ରଦେଶ-ବୈଷ୍ଣବି ନର୍ଶରୀକୁ ୨୪-୧୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଏହି ଖେଳକୁ ଭାରତୀୟ ହ୍ୟାଣ୍ଡବଲ ସଂଘର ପୁରୁଖା ରେଫରିମାନେ ପରିଚାଳିତ କରିଥିଲେ। ସେମାନେ ହେଲେ ସନ୍ଦିପ ବଲୋଦା, ଅମିତ ପାଣ୍ଡେ, ରାହୁଲ, ସନ୍ଦିପ, ନିତେଶ ଡାଗର, ମୋହିତ, ଜିତେନ୍ଦ୍ର, ଧୂରେନ୍ଦ୍ର ଡାଗର, ଭଗବାନ ସିଂ, ଇମତେୟାଜ, ସମିମ, ବର୍ଷା ସେଠୀ ଓ ଜୋତି ପାତ୍ର। ଏମାନଙ୍କୁ ସହଯୋଗ କରିଥିଲେ ସସ୍ମିତା ବିଶ୍ୱାଳ ଓ ମମତା ନାଏକ। ସେହିପରି ମହାରାଷ୍ଟ୍ର - ପଶ୍ଚିମବଙ୍ଗକୁ ୩୨ - ୧୦ ଗୋଲରେ, ଆନ୍ଧ୍ର ପ୍ରଦେଶ-ମଧ୍ୟ ପ୍ରଦେଶକୁ ୨୩-୧୧ ଗୋଲ, ଉତ୍ତର ପ୍ରଦେଶ-ତେଲେଙ୍ଗାନାକୁ ୩୦-୧୪ ଗୋଲ, ରାଜସ୍ଥାନ-ଛତିଶଗଡ଼କୁ ୩୩-୯ ଗୋଲରେ, ଦିଲ୍ଲୀ-ଝାଡ଼ଖଣ୍ଡକୁ ୨୭-୭ ଗୋଲରେ, ବିହାର-ଆର୍ଯ୍ୟବ୍ରତ ଏକାଡେମି ୨୦-୨୦ ଗୋଲରେ, ହରିୟାନା-କେରଳକୁ ୩୦-୧୪ ଗୋଲରେ, ତାମିଲନାଡୁ-ଆନ୍ଧ୍ର ପ୍ରଦେଶକୁ ୨୨-୧୮ ଗୋଲରେ ଓ ୟସସିୟୁ ଏକାଡେମି ମୁମ୍ବାଇ ଏକାଡେମିକୁ ୨୮-୧୯ ଗୋଲରେ ପରାସ୍ତ କରିଛି।

## ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍‌ର ଚତୁର୍ଥ ଦିନ



ନୂଆପଡ଼ା (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲା ସଦର ମହକୁମା ଠାରେ ପୋଲିସ ପଡ଼ିଆରେ ଜିଲ୍ଲା କ୍ରୀଡ଼ା ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ଟ୍ରଫି ପାଇଁ ଅଣ୍ଡର ୧୫ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଥିବାବେଳେ ଶୁକ୍ରବାର ଚତୁର୍ଥ ଦିନରେ ମାରାଗୁଡ଼ା ଏଫ୍‌ସି ଓ କୋମନା ଏଫ୍‌ସି ମଧ୍ୟରେ ଷଷ୍ଠ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ କୋମନା ଏଫ୍‌ସି ୧-୦ ଗୋଲରେ ବିଜୟୀ ହୋଇଛି। ସେହିପରି ସପ୍ତମ ମ୍ୟାଚ୍‌ରେ ନୂଆପଡା ଏଫ୍‌ସି ଖରୀଆର ଏଫ୍‌ସିକୁ ୨/୦ ଗୋଲ୍‌ରେ ପରାସ୍ତ କରିଛି। ଆଜିକାର ଖେଳରେ ମୁଖ୍ୟ ଅତିଥି ରୂପେ ବିଦେଶ ଘୋଷ ପ୍ରୋଗ୍ରାମ ମ୍ୟାନେଜର ଗ୍ରାମୀଣ ଆବାସ ଜିଲ୍ଲା ପରିଷଦ ନୂଆପଡ଼ା ଏବଂ ଅମ୍ରିତ୍ ପ୍ରଧାନ, ବିତ୍ତ ପରିଚାଳକ, ଜିଲ୍ଲା ପରିଷଦ ନୂଆପଡ଼ା ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ରାଜେନ୍ଦ୍ର ପ୍ରସାଦ ବଢାଇ ଡିଏସ ଓ ନୂଆପଡ଼ା, ମ୍ୟାଚ୍ କମିଶନର ପ୍ରକାଶ କୁମାର ସାହୁ, ଦେବେନ୍ଦ୍ର ପ୍ରଧାନ, ସ୍ପୋର୍ଟସ ଅର୍ଗାନାଇଯର ମହତାବ ଆଡ ଯୁଆଡ ଏବଂ ମୋହନ କୁମାର ମହନ୍ତ, ହରିହର ସାହୁ, ତାପସ ପତି, ଅମୂଲ୍ୟ ବାରିକ, ପୁରନ୍ଦର କରୁଆଁ ପ୍ରମୁଖ ଯୋଗଦାନ କରିଥିଲେ। ସମସ୍ତ ଦଳକୁ ଅତିଥିଗଣ ଆନ୍ତରିକ ଶୁଭେଚ୍ଛା ଜଣାଇ ସେମାନଙ୍କ କ୍ରୀଡ଼ା ପ୍ରତି ରହୁଥିବା ଶୃଙ୍ଖଳା ଓ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ।

## ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିଅନ୍‌ସିପ୍: ପାରାଦୀପ ପୋର୍ଟ ବିଜୟୀ



ଜଗତସିଂହପୁର (ଭାସ୍କର ନ୍ୟୁଜ): ରିଜର୍ଭ ପୋଲିସ ଗ୍ରାଉଣ୍ଡ, ପୁନଙ୍ଗ ଠାରେ ଚାଲିଥିବା ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ଚତୁର୍ଥ ଦିବସକୁ ଶୁକ୍ରବାର ରିଜର୍ଭ ଇନିସପେକ୍ଟର ଉମାକାନ୍ତ ବେହେରା ଉଦଘାଟନ କରି ଖେଳାଳୀମାନଙ୍କୁ ଉତ୍ସାହିତ କରିଛନ୍ତି। ଆଜି ପାରାଦୀପ ପୋର୍ଟ କ୍ଲବ ଓ ରାଧା ଗୋବିନ୍ଦ କ୍ଲବ ମଧ୍ୟରେ ହୋଇଥିବା ମ୍ୟାଚ୍‌ଟି ୩-୦ ଗୋଲରେ ସମାପ୍ତ ହୋଇଛି। ଏହି ମ୍ୟାଚରେ ପାରାଦୀପ ପୋର୍ଟ ବିଜୟ ହାସଲ କରିଛି। ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଦୋଳ ଗୋବିନ୍ଦ ଦାସ ଆଜି ସମାରୋହରେ ଉପସ୍ଥିତ ଥିଲେ।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**

ई– अल्पकालीन निविदा सूचना संख्या – RDD/SD/BOKARO/04/2025-26

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत पेटरवार प्रखण्ड के चाँपी पंचायत अंतर्गत कोरियाबेड़ा चेकडैम में 1500 फीट गार्डवाल का निर्माण। | 12341800.00 | 247000.00 | 10000.00 | 06 माह |
| 2 | बोकारो जिला के चंदनकियारी प्रखण्ड अंतर्गत अमलाबाद के भीगुराम शेखर के घर से जीवन बाउरी के घर तक पी0सी0सी0 पथ निर्माण। | 8488820.00 | 170000.00 | 10000.00 | 06 माह |
| 3 | बोकारो जिला के चंदनकियारी प्रखण्ड अंतर्गत पंचायत अमलाबाद के सुरेश बाउरी के दुकान से हिरक रोड तक पी0सी0सी0 पथ निर्माण। | 9993470.00 | 200000.00 | 10000.00 | 06 माह |
| 4 | बोकारो जिला के बेरमो प्रखण्ड अंतर्गत कारीपानी बस्ती से कारीपानी मेन रोड के बीच जोरिया में पुल का निर्माण। | 9085600.00 | 182000.00 | 10000.00 | 06 माह |

2. वेबसाइट में निविदा प्रकाशन की तिथि – 19.04.2025
3. ई–निविदा प्राप्ति की तिथि एवं समय – दिनांक 19.04.2025 से दिनांक 26.04.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 28.04.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो

PR 350202 Rural Development(25-26)#D

**GOVT. OF JHARKHAND**
**CABINET SECRETARIAT & VIGILANCE DEPARTMENT**
**(CIVIL AVIATION DIVISION)**
STATE HANGAR, AIRPORT ROAD, HINOO, RANCHI- 834002.
email:- civilaviation.jhr@gmail.com; govtflyops@gmail.com
Telefax:- 0651-2250319, 2251090

Ref. No.-233, Date:- 11/04/2025

**Short e-Tender Notice**

E-tenders under **TWO BID SYSTEM** are hereby invited by Govt. of Jharkhand for hiring one **Air Ambulance (convertible to normal seating configuration when required)** on Wet lease, to be used by Govt. of Jharkhand primarily for medical emergency purpose as per the following schedule of events :-

| | |
|---|---|
| Tender reference number :- | CADsec1/01-PLAN-18/2022/Cabinet/232, Dated-11/04/2025 |
| Name of Work :- | Hiring of one air ambulance on wet Lease for Government of Jharkhand. |
| Earnest Money Deposit(EMD) (in INR) :- | Rs.7,00,000/- (Seven Lakh Only) |
| Tender fee (in INR) :- | Rs. 5,000/- (Rupees Five Thousand Only) |
| Publish of Tender on website | 11/04/2025; 10:00 AM |
| Start of Downloading Tender Documents | 12/04/2025; 10:00 AM |
| Pre-bid meeting | 21/04/2025; 04:00 PM |
| Start of Submission of e-bids | 28/04/2025; 10:00 AM |
| Closing of Submission of e-bids | 05/05/2025; 11:30 AM |
| Opening of Technical Bids | 07/05/2025; 12:30 PM |
| Opening of Financial Bid :- | To be notified later |
| Submission of EMD and Tender Fee:- | Online Mode through jharkhandtenders.gov.in |
| Address for Communication:- | Capt. S. P. Sinha , Director (Ops.), Civil Aviation Division, State Hangar, Airport Road, Hinoo, Ranchi, Jharkhand. Pin :- 834002 |

For further details and application please visit www.jharkhandtenders.gov.in

Sd/-
(Capt. S. P. Sinha) Director (Ops.) Civil Aviation Division

PR 350137 Civil Aviation(25-26)D

## ମହିଳା ହକି ସିରିଜ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଖେଳିବ ୫ ମ୍ୟାଚ୍

ନୂଆଦିଲ୍ଲୀ: ଭାରତୀୟ ମହିଳା ହକି ଦଳ ୨୬ ଏପ୍ରିଲରୁ ୪ ମଇ ୨୦୨୫ ପର୍ଯ୍ୟନ୍ତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ଅଷ୍ଟ୍ରେଲିଆର ଗସ୍ତ କରିବ । ଭାରତୀୟ ଦଳ ଅଷ୍ଟ୍ରେଲିଆର ଦୁଇଟି ମହିଳା ଦଳ ବିପକ୍ଷରେ ପାଞ୍ଚଟି ମ୍ୟାଚ ଖେଳିବ । ଭାରତ ଅଷ୍ଟ୍ରେଲିଆ -ଏ ବିପକ୍ଷରେ ଦୁଇଟି ମ୍ୟାଚ୍ ସହିତ ସିରିଜ ଆରମ୍ଭ କରିବ, ତା'ପରେ ବରିଷ୍ଠ ଅଷ୍ଟ୍ରେଲିଆ ଦଳ ବିପକ୍ଷରେ ତିନୋଟି ମୁକାବିଲା କରିବ। ଏପ୍ରିଲ ୨୬ ଓ ୨୭ରେ ଅଷ୍ଟ୍ରେଲିଆ-ଏ ମହିଳା ହକି ଦଳ ବିପକ୍ଷରେ ଖେଳିବ ଭାରତ। ସେହିପରି ମେ ୧, ୩ ଓ ୪ମେରେ ବରିଷ୍ଠ ମହିଳା ହକି ଦଳ ସହ ମୁକାବିଲା କରିବ ଟିମ୍ ଇଣ୍ଡିଆ । ସମସ୍ତ ମ୍ୟାଚ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବା ନେଇ ଭାରତୀୟ ମହିଳା ହକି ଦଳର ଗସ୍ତ ସମ୍ବନ୍ଧରେ ହକି ଇଣ୍ଡିଆ ଗତ ଗୁରୁବାର ଦିନ ଟ୍ୱିଟ କରି ସୂଚନା ଦେଇଛି।

**JAPIT**
Jharkhand Agency for Promotion of Information Technology
(An Autonomous body under Department of Information Technology, Govt. of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044/2401067, E-mail- japit_doit@rediffmail.com

**CORRIGENDUM-II**

Purchase, Installation, Configuration & Integration of two Server System (Live & Backup) & Other Equipment with 05 Years Comprehensive Warranty along with 24x7 Technical Manpower at Data Center of Hon'ble Jharkhand High Court, Ranchi

eTender Ref No. JAPIT/HIGHCOURT-DMS/01/2025

With reference to the above tender, please be informed that corrigendum-II has been uploaded in Jharkahnd Tenders.

For further details please visit https://jharkhandtenders .gov.in.

PR Ref No. 349383, 350029

Sd/-
(OSD, JAP-IT)

PR 350190 Information Technology(25-26)#D

**JAPIT**
Jharkhand Agency for Promotion of Information Technology
(An Autonomous body under Department of Information Technology, Govt. of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044/2401067, E-mail- japit_doit@rediffmail.com

**NOTICE INVITING TENDER**
**e-Tender Ref No.: JAP-IT/ECOURTS/02/2025**

Invitation of online bid through eProcurement portal i.e. https://jharkhandtenders.gov.in/ for **Procurement of items/equipment's under Phase-III of eCourts Project for Hon'ble High Court, Ranchi, Jharkhand.**
The invitation of bid is open to all SI/SP who fulfilling the eligibility criteria as mentioned in this Request of Proposal (RFP) document and the bidder must also agree to terms and conditions mentioned under the RFP. Bidders are advised to study the RFP document and Terms & Conditions carefully and completely.

**Tender Schedule**

| SN | Item | Description |
|---|---|---|
| 1 | eTender Ref. No. | JAP-IT/ECOURTS/02/2025 |
| 2 | Name of the Work | Procurement of items/equipment's under Phase -III of eCourts Project for Hon'ble High Court, Ranchi, Jharkhand |
| 3 | Name & address of the issuer of this tender and Address of Communication / Place of bid Submission / Opening of Bids / Contact / Address | The CEO, Jharkhand Agency for Promotion of Information Technology (JAP-IT) Ground Floor, Engineers hostel 1, Near Golchakkar, Dhurwa, Ranchi -834004. Tel: 0651 - 2401044/67 Email: ceo.japit@jharkhandmail.gov.in , japit_doit@rediffmail.com |
| 4 | Date of issue of tender Document | 11/04/2025 (03:00 pm) |
| 5 | Start Date for online Bid Submission | 12/04/2025 (03:00 pm) |
| 6 | Last Date for online Submission of Bids | 21/04/2025 (03:00 pm) |
| 7 | Date of Opening of Technical Bids (online) | 22/04/2025 (03:30 pm) |
| 8 | Date of Commercial Bid Open ing | To be informed later |
| 9 | Cost of Tender Document (non -refundable) | **Rs. 10,000.00** (Rs. Ten thousand only) through online Mode (Net Banking/RTGS) |
| 10 | Earnest Money Deposit (EMD) | **Rs. 20,00,000.00** (Rs. Twenty Lakhs only) through online Mode (Net Banking/RTGS ) |
| 11 | RFP can be downloaded from | Downloaded from https://jharkhandtenders.g ov.in, https://jharkhand.gov.in & https://japit.jharkhand.gov.in However, in this case, the bidders are required to submit the tender cost online (Net Banking/RTGS) along with the Proposal. The entire Bid process will be through e - tendering. |
| 12 | Validity of Proposal | Proposals must remain valid 180 days after the Submission date. |
| 13 | Method of Selection | CBS method (L1 based). |
| 14 | Bid Submission | Bidders must submit Tender through onlin e mode only. |

- The online generated receipt of the Tender cost and EMD must be submitted with online bid documents.
- EMD amount will be refunded to bidder through on-line mode in the same bank account through which on-line EMD payment have been made during the tendering process.
- Bids shall be submitted online through eProcurement portal i.e. https://jharkhandtenders.gov.in
- JAP-IT will not be responsible for delay in online submission due to any reason. For this, bidder is requested to upload the complete bid well advance in time so as to avoid last hour technical issues like slow speed; choking of web site due to heavy load or any other unforeseen problems/technical glitch.
- The Authority reserves the right to accept/reject any or all the tender(s) received without assigning any reason thereof.

Sd/-
Officer on Special Duty,
JAP-IT, Ranchi

PR 350191 (Information Technology) 25-26 (D)

**SECTION 1 – INVITATION FOR BID (IFB)**
**Directorate of Sports & Youth Affairs,**
**Gate No. 28, Birsa Munda Football Stadium,**
**Morabadi, Ranchi - 834008, Jharkhand.**
**Email: directorsportsjharkhand@gmail.com**

NIT N O. _11_/2025-26 Date: 11-04-2025

The Directorate of Sports & Youth Affairs, Jharkhand, Ranchi hereby invites Tender for the SAAF Senior Athletics Championship 2025 for the following work in two parts Part-I (Technical Bid) and Part-II (Financial Bid). Only eligible and reputed bidders, possessing substantial experience in similar works and demonstrating sound financial stability, are invited to submit their bids.

| Name of the Work: SAAF Athletics Championship 2025 | |
|---|---|
| Earnest money to be deposited in | Rs.8,00,000 /- |
| Availability of tender documents on website of this Directorate sports.jharkhand.gov.in | From 11th April 2025 |
| Last date of submission of queries from bidders | From 21st April 2025 |
| Pre bid query meeting | 12:00 PM on 15th April 2025 |
| Last date and time for physical submission of Tender, original Demand Draft towards cost of bid document, Earnest Money | Up to 11:00 PM on 21st April 2025 |
| Mode of submission | Hard copy submission |
| Date and time for opening of Tender | At 12:00 PM on 21st April 2025 |
| Date and time for opening of tender Price Bid | Immediately after finalizing the technical part of tender |
| Tendering Officer and address for communication | Director, Directorate of Sports & Youth Affairs, Birsa Munda Football Stadium, Morhabadi, Ranchi |
| Contact/E-mail Id | directorsportsjharkhand@gmail.com |

1. The detailed tender document can be downloaded from the website of this Directorate -sports.jharkhand.gov.in.
2. Cost of tender fee, Earnest Money deposit (EMD) shall be deposited as per the above schedule in the office of Director, Directorate of Sports & Youth Affairs, Birsa Munda Football Stadium, Morhabadi, Ranchi. Only those tenders will be entertained whose Earnest money deposit is received till 11:00 PM on 21st April 2025.
3. Any corrigendum regarding this short tender will be published in the newspapers & will be available in the website of this Directorate - sports.jharkhand.gov.in.
4. The Director, Directorate of Sports & Youth Affairs reserves the right to cancel the whole tender process or any part of it without assigning any reason thereof.

Sd/-
Director,
Directorate of Sports & Youth Affairs, Jharkhand, Ranchi.

PR 350219 Art Culture Sports and Youth Affairs(25-26).D

**E-Procurement cell Office of the Executive Officer**
**Nagar Panchayat Mahagama , Jharkhand**
**Urban Development & Housing Department**

7th Call **e-procurement Notice, Very short E-Tender notice**
**NIT No. – UDD/NPM/05/2024-25, Date:-08-04-2025**

| Sl. No | E-TENDER REF NO. | NAME OF WORK | TENDER VALUE | TIME OF COMPLETION | EARNEST MONEY DEPOSIT | BID DOCUMENT FEES |
|---|---|---|---|---|---|---|
| 1 | UDD/NPM/05./2024-25 | Construction & Commissioning of Faecal Sludge Treatment Plant of Capacity 4 KLD at Mahagama town (Jharkhand) followed by Operation and Maintenance including desludging operations for 5 years | Construction Cost: ₹ 1,95,75,938.00; Operation & Maintenance Cost: ₹ 85,75,397.00; Total: ₹ 2,81,51,335.00 | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP s | ₹ 2,81,500 | ₹ 10,000/. (Rupees Ten Thousand Only); non - refundable |
| 2 | Date of Publication of tender on website | | | 11-04-2025 | | |
| 3 | Closing date and time for receipt of tender on website | | | 21-04-2025 Up to 03:00 PM | | |
| 4 | Opening date and time of opening of technical bid | | | 22-04-2025 Up to Up to 05:00 PM | | |
| 5 | Name and address of office inviting tender | | | Office of Executive Officer, Nagar Panchayat Mahagama. | | |
| 6 | Helpline number of e-procurement cell | | | +91 8210988835 | | |

NOTE: AUTHORITY RESERVES THE RIGHT TO CANCEL TENDER WITHOUT ASSIGNING ANY REASON THEREOF. FURTHER DETAILS CAN BE SEEN ON WEBSITE http://jharkhandtenders.gov.in

Executive Officer
Nagar Panchayat Mahagama

PR 350086 Urban Development and Housing(25-26)#D



ସୁସ୍ଥ ରହିବା ପାଇଁ ଲୋକେ ଗଜା ମୁଗ ସେବନ କରନ୍ତି। ଏହି ଖାଦ୍ୟ ଶରୀରରେ ପୋଷକ ତତ୍ତ୍ୱର ଅଭାବକୁ ଦୂର କରିଥାଏ। ଯଦି ଆପଣ ମୁଗ ଡାଲିକୁ ଭିଜାଇ ସକାଳୁ ସକାଳୁ ଖାଲି ପେଟରେ ଖାଆନ୍ତି ତେବେ ଏଥିରେ କେବଳ ଓଜନ କମିବନି ବରଂ ଅନେକ ରୋଗ ଦୂର ହେବ। ସକାଳ ସମୟରେ ପ୍ରତିଦିନ ଗୋଟିଏ ଗିନା ଏହାର ସେବନ କରିବା ଦ୍ୱାରା ଆପଣଙ୍କ ଶରୀର ନିରୋଗ ରହିବ। ଆସନ୍ତୁ ଜାଣିବା ଭିଜାଯାଇଥିବା ମୁଗ ଡାଲିର ସେବନ କରିବାରେ ଆପଣଙ୍କୁ କ'ଣ କ'ଣ ଲାଭ ମିଳିବ ? ଏହା ଓଜନ ହ୍ରାସ କରେ। ଯଦି ଆପଣ ବଢିଯାଇଥିବା ଓଜନକୁ କମାଇବାକୁ ଚାହୁଁଛନ୍ତି ତେବେ ଭିଜାଯାଇଥିବା ମୁଗ ଡାଲି ପ୍ରତିଦିନ ଖାଦ୍ୟରେ ସାମିଲ କରନ୍ତୁ। ଏଥିରେ ଥିବା ପ୍ରୋଟିନ ଏବଂ ଫାଇବର ମେଟାବଲିଜିମକୁ ଫାଷ୍ଟ କରିଥାଏ, ଯାହା ଭୋକ ଲାଗିବାକୁ ଦେଇନଥାଏ। ଏହି କମ୍ କ୍ୟାଲୋରୀ ଯୁକ୍ତ ଖାଦ୍ୟ ଓଜନକୁ ହ୍ରାସ କରିଥାଏ। ପାଚନରେ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। ଭିଜାଯାଇଥିବା ମୁଗ ଫାଇବରରେ ଭରପୁର ହୋଇଥାଏ, ତେବେ ଯଦି ଆପଣ ଖାଦ୍ୟକୁ ଖୁବଶୀଘ୍ର ହଜମ କରିପାରୁନାହାନ୍ତି ଏବଂ ଲଗାତାର କୋଷ୍ଠକାଠିନ୍ୟ ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଗଜା ମୁଗ ଡାଲି ଖାଆନ୍ତୁ। ଏହି ଡାଲି ଆପଣଙ୍କ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିବ।

## କପିଲ୍‌ଙ୍କ ନୂଆ ଲୁକ୍ ଦେଖି ଉଡିଗଲା ଫ୍ୟାନ୍ସଙ୍କ ହୋସ୍



କମେଡି କିଙ୍ଗ୍ କପିଲ ଶର୍ମାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି ଯେଉଁମାନେ ସର୍ବଦା ତାଙ୍କ କଠିନ ପରିଶ୍ରମ ଏବଂ ହାସ୍ୟରସ ଭାବନାକୁ ପ୍ରଶଂସା କରନ୍ତି। କିନ୍ତୁ ନିକଟରେ କପିଲ ଏପରି କିଛି କରିଛନ୍ତି ଯାହା ସାରା ଇଣ୍ଟରନେଟରେ ଖବରର ଶିରୋନାମା ପାଲଟିଛି। ପ୍ରକୃତରେ, କପିଲଙ୍କୁ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା ଯେଉଁଠାରେ ସମସ୍ତେ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ସମସ୍ତେ। କପିଲ ବହୁତ ପତଳା ଏବଂ ଫିଟ୍ ଦେଖାଯାଉଥିଲେ। କିଛି ଲୋକ ତାଙ୍କ ନୂତନ ଲୁକ୍‌କୁ ପ୍ରଶଂସା କରିଥିଲେ ଏବଂ କିଛି ଲୋକ ତାଙ୍କର ଓଜନ ହ୍ରାସ ଉପରେ ପ୍ରଶ୍ନ ଉଠାଇଥିଲେ। କପିଲ ଶର୍ମାଙ୍କ ଭିଡିଓ ଭାଇରାଲ ହେବା ମାତ୍ରେ ଲୋକମାନେ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ଲୋକମାନେ ପଚାରିଥିଲେ ଯେ ସେ ଓଜନ ହ୍ରାସ କରିବା ପାଇଁ କେଉଁ ପଦ୍ଧତି ବ୍ୟବହାର କରିଥିଲେ। କିଛି ୟୁଜର୍ସ ଏମିତି ମଧ୍ୟ କହିଥିଲେ ଯେ ହୁଏତ କପିଲଙ୍କ ଦେହ ଭଲନାହିଁ, ସେ ଅସୁସ୍ଥ ଦେଖାଯାଉଛନ୍ତି। ତେବେ କପିଲ ଓଜେମ୍ପିକ ( ଇ ଞ୍ଜେ କ୍ସ ନ ବ୍ୟବହାର)କରି ଓଜନ ହ୍ରାସ କରିଛନ୍ତି ନା ବ୍ୟାୟାମ କରି ଏ ନେଇ ପ୍ରଶ୍ନ ଉଠାଇଛନ୍ତି ଫ୍ୟାନ୍ସ। ଏହି ହାସ୍ୟ ଅଭିନେତା କିଛି ସମୟ ପାଇଁ ସୋସିଆଲ ମିଡିଆରୁ ଦୂରରେ ଥିଲେ ଏବଂ ଏବେ ତାଙ୍କ ଶାରୀରିକ ପରିବର୍ତ୍ତନ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଓଜେମ୍ପିକ ହେଉଛି ଓଜନ ହ୍ରାସର ଏକ କୃତ୍ରିମ ପଦ୍ଧତି। ପ୍ରକୃତରେ, ଏହା ଏକ ଔଷଧ ଯାହା ଟାଇପ୍-୨ ମଧୁମେହ ରୋଗୀଙ୍କୁ ରକ୍ତ ଶର୍କରା ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦିଆଯାଏ। କିନ୍ତୁ ଆଜିକାଲି ଓଜନ ହ୍ରାସ କରିବା ପାଇଁ ବ୍ୟବହୃତ ହେଉଛି ଏହି ଇଞ୍ଜେକ୍ସନ। କପିଲ ଶର୍ମାଙ୍କୁ ଦେଖି ଅନେକ ଲୋକ ଅନୁମାନ କରୁଛନ୍ତି ଯେ କପିଲ ଓଜନ ହ୍ରାସ କରିବା ପାଇଁ ଓଜେମ୍ପିକ୍ସ ବ୍ୟବହାର କରିଥାଇପାରନ୍ତି। କିନ୍ତୁ ରିପୋର୍ଟ ଅନୁସାରେ, କପିଲ ସ୍ୱାଭାବିକ ଭାବରେ ତାଙ୍କ ଓଜନ ହ୍ରାସ କରିଛନ୍ତି। ଲକଡାଉନ୍ ପରଠାରୁ ସେ ନିଜ ଫିଟନେସ୍ ଉପରେ କାମ କରୁଛନ୍ତି। ସେ ତାଙ୍କ ଶୋ'ରେ ଅନେକ ଥର ଉଲ୍ଲେଖ କରିଛନ୍ତି ଯେ ସେ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ସେ ଏକ କଠୋର ବ୍ୟାୟାମ ଫଲୋ କରନ୍ତି, ସେ ଅତି କମ୍‌ରେ ୨-୩ ଘଣ୍ଟା ଜିମ୍‌ରେ ବିତାଇଥାନ୍ତି। ତେବେ ଏ ସମ୍ପର୍କରେ କପିଲ ଶର୍ମାଙ୍କ ପକ୍ଷରୁ କୌଣସି ବୟାନ ଆସିନାହିଁ।





ହୃଦ୍‌ଘାତରେ ରୋଗୀମାନେ କ'ଣ ଖାଇବା ଆବଶ୍ୟକ । କ'ଣ ଖାଇଲେ ହୃଦୟ ସୁସ୍ଥ ରହିବ । ଆଉ କେଉଁ ଜିନିଷକୁ ଖାଇବାରୁ ଆପଣ ନିବୃତ ରହିବେ । ସୁସ୍ଥ ହୃଦୟ ପାଇଁ କ'ଣ ଖାଇବେ ? ସେ ନେଇ ଆସନ୍ତୁ ମନେ ରଖିବା କେତେକ ଟିପ୍ସ। ଅଧିକ ତେଲ ଥିବା ଖାଦ୍ୟ ଖାଆନ୍ତୁ ନାହିଁ। ଅଧିକ ଆମିଷ ନଖାଇଲେ ସ୍ୱାସ୍ଥ୍ୟ ପ୍ରତି ଭଲ। ମଟନ, ଚିଙ୍ଗୁଡି ଓ କଙ୍କଡ଼ା ଆଦୌ ଖାଆନ୍ତୁ ନାହିଁ। ତଟକା ପନିପରିବା ଓ ଫଳ ଉପରେ ଅଧିକ ନିର୍ଭର କରନ୍ତୁ। ପ୍ରତ୍ୟେକ ଦିନ ପନିପରିବା ସହ ଗୋଟିଏ ଫଳ ଖାଇବା ଆବଶ୍ୟକ। ଶରୀରରେ ଅଧିକ ଚର୍ବି ରହିବା ହୃଦ୍‌ରୋଗର ମୁଖ୍ୟ କାରଣ। ତେଲ ଜାତୀୟ ଖାଦ୍ୟ ଶରୀରରେ ଅଧିକ ଚର୍ବି ବଢାଇଥାଏ। ମିଠା ଜାତୀୟ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ ନାହିଁ। କମ୍ ଲୁଣ ଥିବା ଖାଦ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ ।

## ହୃଦ୍‌ରୋଗୀ ସୁସ୍ଥ ରହିବା ପାଇଁ କ'ଣ ଖାଇବେ?

## 'ରେଡ୍-୨'ରୁ କଟିଲେ ଇଲିଆନା

## ଅଜୟଙ୍କ ପତ୍ନୀ ଭୂମିକାରେ ନଜର ଆସିଲେ ବାଣୀ



ଫିଲ୍ମ 'ରେଡ୍-୨'ରେ ପୁଣି ଥରେ ସଚ୍ଚୋଟ ଆୟକର ଅଧିକାରୀ ଅମୟ ପଟ୍ଟନାୟକ ଭାବେ ବଡ଼ ପରଦାକୁ ଫେରୁଛନ୍ତି ଅଜୟ ଦେବଗନ। ଗତ ମଙ୍ଗଳବାର ଫିଲ୍ମର ଟ୍ରେଲର୍ ରିଲିଜ୍ ହୋଇଥିଲା। ଟ୍ରେଲର୍ ଦେଖିବା ପରେ ଫ୍ୟାନ୍‌ଙ୍କର ଗୋଟିଏ ପ୍ରଶ୍ନ ଥିଲା, ଅଜୟଙ୍କ ପତ୍ନୀଙ୍କ ଭୂମିକାରେ ଏଥର ଇଲିଆନା କାହିଁକି ନାହାନ୍ତି ? ତାଙ୍କ ସ୍ଥାନରେ ବାଣୀ କପୁର କାହିଁକି ? ଏହି ପ୍ରଶ୍ନର ଉତ୍ତର ନିଜେ ଅଜୟ ଓ ବାଣୀ ଟ୍ରେଲର୍ ଲଞ୍ଚ୍ କାର୍ଯ୍ୟକ୍ରମରେ ଦେଇଥିଲେ। ଅଜୟ କହିଲେ, ହଲିଉଡ୍ ଫିଲ୍ମରେ ବି ଆପଣ ଏହା ଦେଖିଛନ୍ତି । ଶନ୍ କନରୀଙ୍କ ପରେ ମଧ୍ୟ ଅନେକ ଲୋକ ଜେମ୍ସ ବଣ୍ଡ୍ ହୋଇଛନ୍ତି। ପ୍ରକୃତରେ ଲୋକେ ଚରିତ୍ରକୁ ଦେଖନ୍ତି। ସେଥିରେ ନୂଆ ଲୋକ ଆସିବା ସାଧାରଣ କଥା। ଏ ବିଷୟରେ ବାଣୀ କହିଲେ, ଇଲିଆନା ଓ ତାଙ୍କ ମଧ୍ୟରେ କୌଣସି ସମସ୍ୟା ନାହିଁ। ପରଦା ପଛରେ ଉଭୟଙ୍କ ସମ୍ପର୍କ ବହୁତ ଭଲ। ଜଣେ କଳାକାର ଭାବେ କେବଳ ନିଜ ଚରିତ୍ରକୁ ସଚ୍ଚୋଟତାର ସହ ନିର୍ବାହ କରିବାକୁ ପଡ଼େ, ଯେମିତି ନିର୍ଦ୍ଦେଶକ ଓ ଲେଖକ କହନ୍ତି। ସେ ଆହୁରି ମଧ୍ୟ କହିଲେ, 'ରେଡ୍-୨'ରେ ତାଙ୍କୁ ଅଲଗା ଅନ୍ଦାଜ୍ ଦେଖାଇବାର ସୁଯୋଗ ମିଳିଲା। ତାହା ତାଙ୍କ ପାଇଁ ଏକ ତାଜା ଅନୁଭବ ଥିଲା। 'ରେଡ୍-୨' ୨୦୧୮ ମସିହାର ହିଟ୍ ଫିଲ୍ମ 'ରେଡ୍'ର ସିକ୍ୱେଲ। ଏହାର ନିର୍ଦ୍ଦେଶକ ରାଜ କୁମାର ଗୁପ୍ତା। ଅଜୟ ଦେବଗନ ଓ ସୌରଭ ଶୁକ୍ଳା ପୁଣି ଥରେ ପୂର୍ବ ଭୂମିକାରେ ନଜର ଆସିବେ। ବାଣୀ ଓ ରିତେଶ ଦେଶମୁଖ ଏଥର ନୂଆ ଚେହେରା ଭାବେ ଫିଲ୍ମରେ ସାମିଲ ହୋଇଛନ୍ତି। ଆସନ୍ତା ମେ' ୧ ତାରିଖରେ ଫିଲ୍ମଟି ରିଲିଜ ହେବ।

## ସାଉଥ୍ ସୁପରଷ୍ଟାରଙ୍କ ସହ ନଜରରେ ଆସିବେ ତବୁ



ବଲିଉଡ୍ ଅଭିନେତ୍ରୀଙ୍କ ମଧ୍ୟରୁ ବହୁ ଚର୍ଚ୍ଚାରେ ରହିଥାନ୍ତି 'ତବୁ' । ସେ ଉଭୟ ହଲିଉଡ୍ ଏବଂ ବଲିଉଡ୍‌ରେ ନିଜର ଅଭିନୟ ଦକ୍ଷତା ଦେଖାଇଛନ୍ତି। ବଲିଉଡରେ ଅନେକ ଫିଲ୍ମରେ କାମ କରିଥିବା ଅଭିନେତ୍ରୀ ତବୁ ଖୁବ୍‌ଶୀଘ୍ର ଏକ ସାଉଥ୍ ଫିଲ୍ମରେ ନଜର ଆସିବେ। ଗତକାଲି ଅର୍ଥାତ୍ ଫିଲ୍ମର ନିର୍ମାତାମାନେ ଗୁରୁବାର ଦିନ ଏହା ଘୋଷଣା କରିଛନ୍ତି। ଗୁରୁବାର ଏପ୍ରିଲ୍ ୧୦ ତାରିଖରେ, ନିର୍ମାତାମାନେ ଫିଲ୍ମର ଷ୍ଟାରକାଷ୍ଟଙ୍କ ଫଟୋ ସେୟାର କରିଛନ୍ତି। ଦୁଇ ଷ୍ଟାରଙ୍କ ସହ ସାକ୍ଷାତର ଫଟୋ ସହିତ ଫିଲ୍ମଟି ମଧ୍ୟ ଘୋଷଣା କରାଯାଇଛି। ମୁହଁରେ ହସ ଫୁଟାଇ ତବୁ ପୁରୀ ଜଗନ୍ନାଥ ମନ୍ଦିର ଏବଂ ଚାର୍ମି କୋର୍ ସହିତ ପୋଜ୍ କରିଥିଲେ। ଫିଲ୍ମ ନିର୍ମାତା



ସୋସିଆଲ ମିଡିଆରେ ହୃଦୟକୁ ଛୁଇଁଲା ପରି ପରିଚୟ ସହିତ ଅଭିନେତାଙ୍କୁ ସ୍ୱାଗତ କରିଥିଲେ। ଏଥିସହ ଫ୍ୟାନ୍ସମାନେ କମେଣ୍ଟ ସେକ୍ସନରେ ନିଜର ମନ୍ତବ୍ୟ ପ୍ରକାଶ ମଧ୍ୟ କରିଛନ୍ତି । ଜଣେ ଫ୍ୟାନ୍ ଲେଖିଛନ୍ତି, 'ଆମ ବିଶ୍ୱର ସବୁଠାରୁ ସୁନ୍ଦର ଅଭିନେତ୍ରୀ ତବୁଙ୍କ ସହିତ ସବୁଠାରୁ ଆଶ୍ଚର୍ଯ୍ୟଜନକ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତ'। ଆଉ ଜଣେ କହିଛନ୍ତି 'ଭଲ କାଷ୍ଟିଂ'। ତେବେ ମାର୍ଚ୍ଚ ୩୦ରେ ଉଗାଡି ଅବସରରେ ପୁରୀ ଜଗନ୍ନାଥ ବିଜୟ ସେଥୁପାଠୀଙ୍କ ସହ ଏକ ଫଟୋ ସେୟାର କରି ତାଙ୍କର ନୂତନ ଫିଲ୍ମ ଘୋଷଣା କରିଥିଲେ। ସେ କହିଥିଲେ ଯେ ସୁଟିଂ ଜୁନ୍ ମାସରେ ଆରମ୍ଭ ହେବ। ସୂଚନାଯୋଗ୍ୟ, ପୂର୍ବରୁ ତବୁ ଏକ ହଲିଉଡ୍ ସିରିଜରେ ତାଙ୍କର ଅଭିନୟ ଦକ୍ଷତା ଦେଖାଇଥିଲେ। ତବୁ ଆମେରିକାର ବଡ଼ ପ୍ରଡକ୍ସନ ହାଉସ୍ 'ଏଚ୍‌ବିଓ'ର ସିରିଜ୍ 'ଡ୍ୟୁନ୍ ପ୍ରୋଫେସି'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଏହି ଭୂମିକା ପାଇଁ ତବୁଙ୍କୁ ମଧ୍ୟ ବହୁତ ପ୍ରଶଂସା ମିଳିଥିଲା। ତବୁ ଅନେକ ହଲିଉଡ୍ ତାରକାଙ୍କ ସହ ବନ୍ଧୁତା ମଧ୍ୟ କରିଥିଲେ। ଏହି ସିରିଜକୁ ଭାରତରେ ମଧ୍ୟ ବହୁତ ପସନ୍ଦ କରାଯାଇଥିଲା। ହଲିଉଡ୍ ପରେ ଏବେ ତବୁ ଏକ ସାଉଥ୍ ଫିଲ୍ମରେ ନଜର ଆସିବାକୁ ଯାଉଛନ୍ତି।

## ସବୁଠାରୁ ମହଙ୍ଗା ଆଇସ୍‌କ୍ରିମ୍

## ଦାମ୍ ଜାଣିଲେ ଉଡିଯିବ ହୋସ୍

ଦୁନିଆରେ ଏଭଳି କିଛି ଖାଦ୍ୟ ଜିନିଷ ରହିଛି, ଯାହାର ଦାମ୍ ସୁନା ଠାରୁ ମଧ୍ୟ ଅଧିକ। ତେବେ କେବେ ଚିନ୍ତା କରିଛନ୍ତି କି ଦେଶର ସବୁଠାରୁ ମହଙ୍ଗା ଆଇସକ୍ରିମ୍ କିଭଳି ଦେଖାଯାଏ। ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହେଉଛି, ଯାହାକୁ ଦେଶର ସବୁଠାରୁ ମହଙ୍ଗା ଆଇସକ୍ରିମ୍ ବୋଲି ଦାବି କରାଯାଉଛି। ଯାହା ହାଇଦ୍ରାବାଦ୍‌ର ଏକ ରେଷ୍ଟୋରାଁରେ ମିଳୁଛି । ଭିଡିଓରେ ଜଣେ ରୋଷେୟା ଆଇସକ୍ରିମ୍ କୋନ୍‌କୁ ଧରି ଏଥିରେ ଚକୋଲେଟ୍ ଖଣ୍ଡ, ତରଳ ଚକୋଲେଟ୍, ବାଦାମ ଆଦିର ବ୍ୟବହାର କରି ଏହାକୁ ପ୍ରସ୍ତୁତ କରୁଛନ୍ତି। ଏହାପରେ ଆଇସକ୍ରିମ୍‌ରେ କ୍ରିମ୍‌ର ଏକ ଆସ୍ତରଣ ଦେଉଛନ୍ତି। ଏହାପରେ ଆଇସକ୍ରିମ୍ ଆକର୍ଷଣୀୟ ଦେଖାଯାଉଛି। ସବୁଠାରୁ ଖାସ୍ କଥା ହେଉଛି, ଆଇସକ୍ରିମ୍ ଉପରେ ଅସଲି ସୁନାର ଆସ୍ତରଣ ବ୍ୟବହାର କରାଯାଉଛି। ଯାହା ଏହାକୁ ଏକ ରାଜକୀୟ ଲୁକ୍ ଦେଉଛି। ପରେ ଏଥିରେ ବିଭିନ୍ନ ପ୍ରକାର ଜିନିଷ ଦେଇ ସୁନ୍ଦର ଭାବେ ସଜାଯାଉଛି। ଏହି ଆଇସକ୍ରିମ୍‌ର ଦାମ୍ ୧,୨୦୦ ଟଙ୍କା ବୋଲି କୁହାଯାଉଛି। ଲୋକେ ଏହି ଭିଡିଓକୁ ଦେଖି ଭିନ୍ନ ଭିନ୍ନ ମତ ଦେଉଛନ୍ତି।





Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବେତନଟୀ(ଭାସ୍କର ନ୍ୟୁଜ): ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟ ବନ୍ଦନ ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ବେତନଟୀ ବ୍ଲକ ଅଫିସ ସମ୍ମୁଖରେ ଚାରିଗୋଟି ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କଲେ ଲୋକପ୍ରିୟ ବିଧାୟକ ସନାତନ ବିଜୁଳି । ବିଡ଼ିଓ ସୁଶାନ୍ତ କୁମାର ସୁତାରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରରେ ବ୍ଲକଅଧ୍ୟକ୍ଷା କୌଶଲ୍ୟା ମାଝୀ, ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସିପୁନ ପଣ୍ଡା, ବିପିଓ ସସ୍ମିତା ଦାସ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମଞ୍ଜୁଶ୍ରୀ ଦାସ, ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆୟୁଷ୍ମାନ ଭାରତର ବିଭିନ୍ନ ଯୋଜନା ଗୁଡିକୁ ଓଡିଶାରେ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବାର ଶୁଭାରମ୍ଭ ହୋଇଛି । ଏହି ସଚେତନତା ରଥ ଗୁଡିକ ବେତନଟୀ ବ୍ଲକ ଅଧୀନ ୨୪ଗୋଟି ପଞ୍ଚାୟତ ପରିକ୍ରମା କରି ଆୟୁଷ୍ମାନ ଭାରତ ସମ୍ପର୍କୀତ ବିଭିନ୍ନ ଯୋଜନା ବାବଦରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି ।

## ଉପାଧ୍ୟକ୍ଷ ଉପ ନିର୍ବାଚନ, ବିଜେପି ପ୍ରାର୍ଥୀଙ୍କୁ ପରାସ୍ତ କରି ନୃସିଂହ ବିଜୟୀ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନିର୍ବାଚନରେ ବିଜେପି ସମର୍ଥୀତ ପ୍ରାର୍ଥୀଙ୍କୁ ୮ଖଣ୍ଡ ଭୋଟରେ ପରାସ୍ତ କରି ସ୍ୱାଧିନ ପ୍ରାର୍ଥୀ ନୃସିଂହ ଚରଣ ମିଶ୍ର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କର ବିଜୟ ପରେ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ଚାପରେ ପଡି ନିକଟରେ ଉପାଧ୍ୟକ୍ଷ ସର୍ବୋପରି ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ଫଳରେ ଉପାଧ୍ୟକ୍ଷ ନିମନ୍ତେ ଉପନିର୍ବାଚନର ଆବଶ୍ୟକତା ପଡିଥିଲା। ବିଜେପି ତରଫରୁ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମହମ୍ମଦପୁର ଗ୍ରାମପଞ୍ଚାୟତର ସମିତି ସଭ୍ୟ ରଞ୍ଜନ କୁମାର ପାତ୍ରଙ୍କୁ ବିଜେପି ସମର୍ଥୀତ ଉପାଧ୍ୟକ୍ଷ ପଦବୀ ନିମନ୍ତେ ପ୍ରାର୍ଥୀ କରାଇଥିଲେ। ଅପରପକ୍ଷରେ ମାହାଙ୍ଗାରେ ସ୍ୱାଧିନ ବିଧାୟକ ସାରଦା ପ୍ରଧାନଙ୍କ ସମର୍ଥନରେ ଫଗୋଲ ଗ୍ରାମପଂଚାୟତର ସମିତି ସଭ୍ୟ ନୃସିଂହ ଚରଣ ମିଶ୍ର ଆଜି ବ୍ଲକରେ ପହଂଚି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ବିଜେଡି ଦଳ ତରଫରୁ କୌଣସି ପ୍ରାର୍ଥୀ ଦେଇନଥିଲେ। ସେହିପରି ଭାବେ କଂଗ୍ରେସ ଦଳ ତରଫରୁ ମଧ କୌଣସି ପ୍ରାର୍ଥୀ ଦିଆଯାଇନଥିଲା। ଫଳରେ ବିଜେପି ପ୍ରାର୍ଥୀ ରଞ୍ଜନ କୁମାର ପାତ୍ର ଓ ଶ୍ରୀ ମିଶ୍ରଙ୍କ ମଧ୍ୟରେ ଉପାଧ୍ୟକ୍ଷ ନିମନ୍ତେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଂଚାୟତ କୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ଗଠିତ। ଏହି ଉପନିର୍ବାଚନରେ ବ୍ଲକର ୪୧ଜଣ ସମିତି ସଭ୍ୟ ସଭ୍ୟା ମତଦାନରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ବାବୁଜଙ୍ଗ ଗ୍ରାମପଂଚାୟତର ସମିତି ସଭ୍ୟ



ଅଭୟ କୁମାର ଲେଙ୍କା କୌଣସି କାରଣରୁ ମତଦାନ ନିମନ୍ତେ ଅନୁପସ୍ଥିତ ଥିଲେ। ଫଳରେ ୪୦ଜଣ ସମିତି ସଭ୍ୟ ସଭ୍ୟା ମତଦାନ ସାବ୍ୟସ୍ତ କରିଥିଲେ। ତେବେ ଭୋଟ ଗଣତି ବେଳେ ମାହାଙ୍ଗା ବିଧାୟକଙ୍କ ସମର୍ଥୀତ ନୃସିଂହ ଚରଣ ମିଶ୍ର ୨୪ଟି ଭୋଟ ପାଇଥିଲା ବେଳେ କଟକ ସଦର ବିଧାୟକଙ୍କ ସମର୍ଥୀତ ପ୍ରାର୍ଥୀ ୧୬ଟି ଭୋଟ ପାଇଥିଲେ। ଫଳରେ ମାହାଙ୍ଗା ବିଧାୟକଙ୍କ ସମର୍ଥୀତ ପ୍ରାର୍ଥୀ ୮ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ଘୋଷିତ ହୋଇଥିଲେ। ତେବେ ଏହି ମତଦାନ ବେଳେ କ୍ରସ ଭୋଟିଂ ହୋଇଥିବା ଜଣାଯାଇଛି। କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ୧୪ଟି ପରିବର୍ତ୍ତେ ଅଧିକ ୨ଟି ଭୋଟ ପାଇଥିବା ଜଣାଯାଇଛି। ତେବେ ବିଜୟୀ ଘୋଷିତ ହେବା ପରେ ନବ ନିର୍ବାଚିତ ଉପାଧ୍ୟକ୍ଷ ଶ୍ରୀ ମିଶ୍ରଙ୍କୁ ଏକ ବିରାଟ ପଟୁଆରାରେ ନିଆଯାଇଥିଲା। ତେବେ ଶ୍ରୀ ମିଶ୍ରଙ୍କ ବିଜୟ ରଥରେ ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ସାରଥି ସାଜିଥିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ରାଜନୈତିକ ବ୍ୟକ୍ତିମାନେ କିପରି ନିଜର ରଙ୍ଗ ପରିବର୍ତ୍ତନ କରିଥାନ୍ତି ତାହା ମଧ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଚାଲିଥିଲା ବେଳେ କଟକ ସଦର ବିଜେପି ବିଧାୟକ ଓ ମାହାଙ୍ଗା ବିଜେପି ନେତା ସୁମନ୍ତ ଘଡେଇଙ୍କ ଯୋଜନା ଏଠାରେ ଫଳପ୍ରଦ ହୋଇପାରିନଥିଲା ବେଳେ ମାହାଙ୍ଗା ସ୍ୱାଧିନ ବିଧାୟକ ସାରଦା ପ୍ରଧାନଙ୍କ ସଫଳ ଗୋଟି ଚାଳନା ଯୋଗୁ ଶ୍ରୀ ମିଶ୍ର ବିଜୟୀ ଘୋଷିତ ହେଲେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ପରାଜୟ ବିଜେପି ପ୍ରତି ଶକ୍ତ ଆଘାତ ପହଂଚାଇଥିବା ସାଧାରଣରେ କୁହାଯାଉଛି।

## ମଣ୍ଡେଇକୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ, ୧୪୪ ଧାରା ଜାରି



ରାଇଘର(ଭାସ୍କର ନ୍ୟୁଜ): ୨୦୨୧ ମସିହାର ପୁରୁଣା ଗଣ୍ଡଗୋଳକୁ ନେଇ ବର୍ତ୍ତମାନ ୨୦୨୫ରେ ହେଉଥିବା ଗ୍ରାମରେ ମଣ୍ଡେଇରେ ବିବାଦ । ଦୁଇ ଗୋଷ୍ଠୀ ଜିଦରେ ଅଟଳ, ଗୋଟେ ଗୋଷ୍ଠୀ ମୂର୍ତ୍ତି ଫେରେଇବା ଜିଦରେ ଥିବାବେଳେ ଆଉ ଗୋଟାଏ ଗୋଷ୍ଠୀ ଖୁଡ଼ୁଖୁଡ଼ି ଖେଳ ବନ୍ଦକରିବା ଜିଦରେ ଅଟଳ ରହିଥିଲେ । ଯାହା ଫଳରେ ଉକ୍ତ ଘଟଣା ପହଞ୍ଚିଥିଲା କୁନ୍ଦେଇ ଥାନାରେ। କୁନ୍ଦେଇ ଥାନା ଅଧିକାରୀ ଉଭୟ ପକ୍ଷଙ୍କୁ ଥାନାରେ ଡାକି ସମାଧାନ ବାଟ କାଢ଼ିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସମାଧାନ ହେଇ ପାରିଲା ନାହି । ଫଳରେ ପ୍ରଶାସନ ବାଧ୍ୟ ହେଲା ୧୪୪ ଧାରା ଜାରି କରିବା ପାଇଁ । ବର୍ତ୍ତମାନ ସୁଦ୍ଧା ତୁରୁଡି ଆଦିବାସୀ ଗ୍ରାମରେ ୧୪୪ ଧାରା ଜାରି ରହିଛି । ଘଟଣାସ୍ଥଳରେ ଉମରକୋଟ, କୁନ୍ଦେଇ ଥାନା ଅଧିକାରୀଙ୍କ ସହ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।

## ତିହିଡ଼ି ବ୍ଲକ୍‌ରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ

ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକର ୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। ରାଜ୍ୟରେ କଟକ ଠାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ବଟମ୍ ଟିପି ଏହି ଯୋଜାନାର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷିତରେ ବ୍ଲକର ବୋଡ଼କ, ବିଲଣା, ଗୁଆମାଳ, ଅଲୀନଗର, ବାହାବଳପୁର, ବାମନବିନ୍ଧା, ହରସିଂହପୁର, ବାରସର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଅଲୀନଗର ଦୋଳସାହି ଭଗବତୀ ବାଳିକା ହାଇସ୍କୁଲ ପଡ଼ିଆରେ ଯୋଜନାର ଶୁଭାରମ୍ଭ ଅବସରରେ ବିଡିଓ ନିରଂଜନ ବାରିକ ପୌରୋହିତ୍ୟ କରିଥିଲେ। ଏଥିରେ ଅଲୀନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶିବାନୀ, ସରପଞ୍ଚ ନିହାରିକା ବିଶ୍ୱାଳ, ଯଶୋଦା ମଲ୍ଲିକ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ ଓ ସୁଶାନ୍ତ ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର ଓ ତନୁଜା ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଆୟୁଷ୍ମାନ ଭାରତ ଯୋଜନା ଉପରେ ଆଲୋକପାତ କରିଥିଲେ। ଶୁଭାରମ୍ଭ ଅବସରରେ ସ୍ଥାନୀୟ ୧୪ଜଣ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରାଯାଇଥିଲା। ଏହି ଶୁଭାରମ୍ଭରେ ଦୋଳସାହି, ନୂଆନନ୍ଦ, ପାଳିଆବିନ୍ଧା, ଅଚକ, ମହରମପୁର, ଭାଟପଡ଼ା, କାଁପଡ଼ା, ମୁକୁନ୍ଦପୁର ପଞ୍ଚାୟତର ହିତାଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଭବାନୀଶଙ୍କର ଜେନା, ପ୍ରଭାତ ସେଠୀ, ବିନୋଦ ନାୟକ, ରଘୁନାଥ ଭଂଜ, ବୃନ୍ଦାବନ ନାଥ, ସୁକାନ୍ତ ନାୟକ, ଚନ୍ଦ୍ରକାନ୍ତ ସାହୁ, ଗଙ୍ଗାଧର ବେହେରା, ରାଧାକାନ୍ତ ବେହେରାଙ୍କ ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କମ୍ୟଚାରୀ, ଆଶାକର୍ମୀମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଅନ୍ୟ ୬ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ମଧ୍ୟ ବ୍ଲକର ଅଧିକାରୀମାନେ ଉପସ୍ଥିତ ରହି ଯୋଜନାର ଶୁଭାରମ୍ଭ କରି ହିତାଧିକାରୀମାନଙ୍କୁ କାର୍ଡ଼ ବଣ୍ଟନ କରିଥିଲେ।

## ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ ପାଳିତ

ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଫାସୀଓଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁସୁପଲ୍ଲୀ ଗ୍ରାମର ସମସ୍ତ ଗ୍ରାମବାସୀ ଓ ଶ୍ରୀ ଶ୍ରୀ ତ୍ରିନାଥ ଦେବ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟମାନଙ୍କ ମିଳିତ ସହଯୋଗରେ ୨୧ତମ ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ ମାହାଆଡ଼ମ୍ବର ସହକାରେ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ବାର୍ଷିକ



ଉତ୍ସବରେ ବରିଷ୍ଠ ପୂଜକ ଜୟ କୃଷ୍ଣ ହୋତା ଯୋଗ ଦେଇ ଅଙ୍କୁରାରୋପଣ, କଳସ ସ୍ଥାପନ, ବିଗ୍ରହ ପ୍ରତିଷ୍ଠା, ଗୋ ପୂଜା, ସୂର୍ଯ୍ୟ ପୂଜା, ସମସ୍ତ ଦେବଦେବୀ ପୂଜା, ହୋମ ଯଂଜ୍ଞ କାର୍ଯ୍ୟ ସମାପନ କରିଥିଲେ । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଓ ସମ୍ମାନିତ ଅତିଥିଭାବେ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ସରପଞ୍ଚ ପୁଷ୍ପଲତା ଭଞ୍ଜ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବାନାମ୍ବର ମାଝୀ, ପୂର୍ବତନ ସମିତି ସଭ୍ୟ ନବଘନ ମଳିକ ପ୍ରମୁଖ ଯୋଗଦେଇ ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କୁ ଦର୍ଶନ କରି କୃପା ଭିକ୍ଷା ଲାଭ କରିଥିଲେ । ହୋମ ଯଂଜ୍ଞରେ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇ ନିଜ ପରିବାରର ମଙ୍ଗଳ କାମନା କରି ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ କ୍ଷ ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ମନ୍ଦିରକୁ ପରିଚାଳନା କମିଟିର ସଭାପତି କାହ୍ନୁଚରଣ ଭୋଳଙ୍କ ସମେତ ସମସ୍ତ ସଦସ୍ୟମାନେ ମିଳିତ ଭାବେ ରଙ୍ଗ ବେରଙ୍ଗର ଆଲୋକରେ ସଜ୍ଜିତ କରାଇ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ରାମ ନାଟକ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବୁଲୁ ମନ୍ତ୍ରୀ, ସଞ୍ଜୟ ବଳିୟାର ସିଂହ, ନାରାୟଣ ରାଉତ, ବାମନ ରାଉତ, ବାପୁଜୀ ସାମନ୍ତରାୟ, ପ୍ରଭାକର ରାଉତ ରବୀନ୍ଦ୍ର ରାଉତରାୟ ଓ ସାରଙ୍ଗଧର ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ ।

## ଚିଙ୍ଗୁଡ଼ିପୁର ହେଲା ନୂତନ ରାଜସ୍ୱ ଗ୍ରାମ, ପଟ୍ଟା ବାଣ୍ଟିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ତହସିଲ ଅଧିନ ନବଗଠିତ ଚିଙ୍ଗୁଡ଼ିପୁର ରାଜସ୍ୱ ଗ୍ରାମର ଜମିପଟ୍ଟା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବିତରଣ କରିଛନ୍ତି। ବାରିକପୁର ରାଜସ୍ୱ ସର୍କଲ ବିଷ୍ଣୁପୁର ରାଜସ୍ୱ ଗ୍ରାମ ଓ ମୀରହସନପୁର ରାଜସ୍ୱ ଗ୍ରାମର ବିଭିନ୍ନ ସାହିର ସମିଶ୍ରଣରେ ଚିଙ୍ଗୁଡ଼ିପୁର ରାଜସ୍ୱ ଗ୍ରାମ ନୂତନ ଭାବେ ଗଠନ କରାଯାଇଛି। ସ୍ଥାନୀୟ କଲ୍ୟାଣମଣ୍ଡପରେ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଓଡିଆ ଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି, ସଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ଜିଲ୍ଲା ମୁଖ୍ୟ



ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ଉପଜିଲ୍ଲାପାଳ ବିକ୍ରମ ଚକ୍ରବର୍ତ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ତହସିଲଦାର ରୋଜାଲିନ ବେହେରା, ବିଡିଓ ଦେବଦତ୍ତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ରାଜସ୍ୱ ଗ୍ରାମର ପ୍ରାୟ ୩ଶହ ପ୍ରଜାମାନଙ୍କୁ ଜମିପଟ୍ଟା ବିତରଣ କରିଥିଲେ। ରାଜ୍ୟର ଊଣା ଅଧିକେ ସମସ୍ତ ପଡା ଗ୍ରାମକୁ ପର୍ଯ୍ୟାୟ କ୍ରମେ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ନୂତନ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି ବୋଲି ମନ୍ତ୍ରୀ ସୂରଜ ପ୍ରକାଶ କରିଥିଲେ। ତହସିଲ କର୍ମଚାରୀ ତେଜସ୍ୱିନୀ ସ୍ୱାଇଁ ଅତିଥି ପରିଚୟ ଓ ତହସିଲଦାର ସୁଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ।

## ମା' ଅମ୍ବିକା ବାଡି ଲଉଡି ସଂଘ ପକ୍ଷରୁ ଲଉଡି ପ୍ରତିଯୋଗିତା



ନିଆଳି(ଭାସ୍କର ନ୍ୟୁଜ): ଗତ ରବିବାର ସନ୍ଧ୍ୟା ୭ଟାରେ ବାବଜା ସ୍ଥିତ ଅମ୍ବିକା ପୀଠ ଠାରେ, ମା' ଅମ୍ବିକା ଲଉଡି ସଂଘ ଦ୍ୱାରା ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲଉଡି ଭାଇମାନଙ୍କ ଦ୍ୱାରା ଲଉଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ବାଡିଆ ଲଉଡି ସଂଘ ଦ୍ୱିତୀୟ ସ୍ଥାନ ବୋତାଖାଲ ଲଉଡି ସଂଘ ତୃତୀୟ ସ୍ଥାନ ଫିର ଫିରା ଲଉଡି ସଂଘ ଆୟୋଜନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଉତ୍ସବରେ ମୂଖ୍ୟ ଅତିଥି ଭାବେ ସୁଭାଷଚନ୍ଦ୍ର ବେହେରା, କାର୍ଯ୍ୟକାରି ସଭାପତି ଉତ୍କଳ ଯାଦବ ମହାସଭା, ମୁଖ୍ୟ ବ୍ୟକ୍ତା ଭାବେ ଯାଦବ ନେତା ଅଜୟ ମହାପାତ୍ର, କଟକ ଜିଲ୍ଲା ଯାଦବ ମହାସଂଘ ସମ୍ପାଦକ ଶତ୍ରୁଘ୍ନ ବେହେରା, ରାଜେନ୍ଦ୍ର ଖିଲାର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବାବାଜୀ ରତ୍ନାକର ମହାରାଜ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ମୋହନ କାନୁନଗୋ, ପ୍ରଦ୍ୟୁମ୍ନ ବେହେରା, ଧର୍ମାନନ୍ଦ ବେହେରା, ସୁଖଦେବ ବେହେରା, ସଞ୍ଜୀବ କୁମାର ବେହେରା, ଅମିୟ ବେହେରା, ଧରଣୀଧର ବେହେରା, ଅଭିମନ୍ୟୁ ବେହେରା, ଅଜୟ ବେହେରା । ଶେଷରେ ନିଆଳି ବ୍ଲକ୍ ଯାଦବ ମହାସଭାର ସମ୍ପାଦକ ରମେଶଚନ୍ଦ୍ର ଦାସ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମ ସମାପନ



ମୁରିବାହାଲ (ଭାସ୍କର ନ୍ୟୁଜ) ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଗତ ୧ ତାରିଖ ଠାରୁ ଚାଲି ଥିବା ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ମହାବିଦ୍ୟାଳୟ ଠାରେ ସମାପନ ହୋଇଯାଇଛି । ଏହି ଅବସର ରେ ବିଭିନ୍ନ ଅଞ୍ଚଳରୁ ଯୁବ ଲେଖକ ମାନଙ୍କୁ ନେଇ ଏକ ସମ୍ମିଳନୀ ମଧ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରେ ପ୍ରଥମ ପର୍ଯ୍ୟାୟରେ ମହାବିଦ୍ୟାଳୟର ଅଦ୍ଧକ୍ଷ ସରୋଜ କୁମାର ନାୟକଙ୍କ ସଭାପତିତ୍ୱ ଉଦ୍‌ଯାପନି ଦିବସରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଓଡ଼ିଆ ଅସ୍ମିତା, ମାତୃଭାଷା, ନିଜର ପରମ୍ପରା, ଲେଖନୀ ଦ୍ୱାରା ନିଜର ବିକାଶ ହେବା ଉପରେ ନିଜର ମତ ବ୍ୟକ୍ତ କରିଥିଲେ । ସମ୍ମାନିୟ ଅତିଥି ଭାବରେ ଡିଏଭି ମହାବିଦ୍ୟାଳୟ ଓ ଅଧାପକ ବନ୍ଦନା କର, ବେଲପଡା ମହାବିଦ୍ୟାଳୟର ଅଦ୍ଧାପକ ବ୍ରଜମୋହନ ମେହେର, ବିଶିଷ୍ଟ କବି ଓ ଲେଖକ ଯଶୋବନ୍ତ ସାହୁ, ଲିଲୁମୋହନ ପଧାନ ପ୍ରମୁଖ ଉପସ୍ଥିତ ରହି ଗତ ୧ରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ଆସ ବହିଟିଏ କିଣିବା, ତଥା ଓଡିଶା ଭାଷା ଓଡ଼ିଆର ପରିଚୟ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଗତ ୧ରୁ ୧୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମର ସଂନଯୋକ ଓଡ଼ିଆ ଅଦ୍ଧାପକ ଦିଲୀପ କୁମାର ପଶାୟତଙ୍କ ନେତୃତ୍ୱନେଇ ଥିବା ବେଳେ, ଅଦ୍ଧାପକ ଭୀଙ୍ଗ ରାଜ ରଣା ପରିଚାଳନା କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ଯୁବ ଲେଖକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୬ ଜଣ ଲେଖକ ଉପସ୍ଥିତ ରହି ନିଜ ଦ୍ୱାରା ଲେଖାଯାଇଥିବା କବିତା, ଗଳ୍ପ, ଓ ପ୍ରବନ୍ଧକମାନ ପ୍ରକାଶ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଗୁଣସାଗର ମେହେର, ପୂର୍ଣ୍ଣ ପଧାନ, ଘନଶ୍ୟାମ ଖମାରି, ଅଭୟା ନନ୍ଦ ଦାସ, ମୀରାବାଈ ଗଡ଼ତୀୟା, ସରିତା ରଣା ଫଲ୍ଗୁନୀ ଦାସ, ସୋମେଶ ଦ୍ୱତ ହୋତା ପ୍ରମୋଦ ତାଣ୍ଡି, ଶୈଳିକା ନାୟକ, ଜୋଶ୍ନାସ୍ମିତା ବେହେରା, ପ୍ରମୁଖ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଛତ୍ରପୁରର ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ କାର୍ଡ ବଣ୍ଟନ

## ସାମିଲ ହେଲେ ବିଧାୟକ କୃଷ୍ଣଚନ୍ଦ୍ର



ଛତ୍ରପୁର(ଭାସ୍କର ନ୍ୟୁଜ): ରାଜ୍ୟସ୍ତରରେ କଟକସ୍ଥିତ ବାଲିଯାତ୍ରକ୍ଷ ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ଼ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଛତ୍ରପୁର ବ୍ଲକ ନରେନ୍ଦ୍ରପୁର, ସୁନ୍ଦରପୁର ଓ ନୋଳିଆନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉକ୍ତ ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଭିଡିଓ କନଫ୍ରେସିଂ ଜରିଆରେ ଲୋକେ ଯୋଡି ହୋଇଥିଲେ । ପରେ ଉକ୍ତ ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ସରୋଜିନୀ ଦେବୀ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥ, ବ୍ଲକ ଅଧ୍ୟକ୍ଷା କିରଣି ଦାସ, ଉପାଧାକ୍ଷା ଏସ. ସାରଦା ରେଡ୍ଡୀ, ଛତ୍ରପୁର ବିଡ଼ିଓ ଅଚ୍ୟୁତ ଯାନୀ ପ୍ରମୁଖ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଛତ୍ରପୁର ବ୍ଲକ ପାଇଁ ୧୩୫୦ ସ୍ୱାସ୍ଥ୍ୟ କାର୍ଡ ଆସିଛି । ଶୁକ୍ରବାର ପ୍ରତି ପଂଚାୟତର ୧୦ ଜଣଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଥିଲା, ଅନ୍ୟ ହିତାଧିକାରୀମାନଙ୍କୁ ଉକ୍ତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି । ଏଥିସହ ଏସମ୍ପର୍କୀୟ ସଚେତନତା ରଥ କୁ ପତାକା ଦେଖାଇ ବିଧାୟକ ଶୁଭାରରମ୍ଭ କରିଥିଲେ । ଏହା ୧୮ ତାରିଖ ପର୍ଯ୍ୟନ୍ତ ପ୍ରତି ଗାଁ ଗାଁ ବୁଲି ଲୋକଙ୍କୁ ଏହି ଯୋଜନା ସମ୍ପର୍କରେ ସଚେତନ କରିବ ବୋଲି ସୁପରିଡେଣ୍ଟ ଡାକ୍ତର ସ୍ୱାଧୀନ ରଥ ସୂଚନା ଦେଇଛନ୍ତି ।

## କୁବେରା ଶ୍ରୀଜଗନ୍ନାଥ ନୂତନ ମନ୍ଦିରର ସ୍ୱର୍ଣ୍ଣମୁଦ ପ୍ରତିଷ୍ଠା ଉତ୍ସବ

ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ସ୍ଥିତ ଜଗନ୍ନାଥ ନୂତନ ମନ୍ଦିରର ସ୍ୱର୍ଣ୍ଣମୁଦ ପ୍ରତିଷ୍ଠା ଉତ୍ସବ ଶୁକବ୍ରାର ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମରେ ୧୮୬୮ ମସିହାରୁ ଠାରୁ ୧୫୭ବର୍ଷ ଧରି ପ୍ରତି ବର୍ଷ ସପ୍ତା ପୂଜା ହୋଇ ଆସୁଥିଲା। ପରବର୍ତ୍ତୀ ସମୟରେ ଏଠାରେ ଜଗନ୍ନାଥଙ୍କର ନୂତନ ମନ୍ଦିର ନିର୍ମାଣ କରାଯାଇ ସ୍ୱର୍ଣ୍ଣମୁଦ ପ୍ରତିଷ୍ଠା କରାଯାଇଛି। ଏହି ଉପଲକ୍ଷେ ସକାଳେ ଶୁଭାଧିବାସ, ନାମ ସଂକୀର୍ତ୍ତନ ପରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ ପରେ ଅପରାହ୍ନରେ ସ୍ୱର୍ଣ୍ଣମୁଦ ପ୍ରତିଷ୍ଠା କରାଯାଇଥିଲା। ପରେ ଗୀତା ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବେ ଯତୀନ୍ଦ୍ର ରାଉତ, ବାସନ୍ତୀଲତା ରାଉତ, ଭରତ ଚନ୍ଦ୍ର ବାରିକ, ଜାନକୀ ବାରିକ ଏବଂ ପୁରୋହିତ ଭାବେ ଚତୁର୍ଭୁଜ ଆଚାର୍ଯ୍ୟ, ଜୟିରାମ ଆଚାର୍ଯ୍ୟ, ମଦନ ମୋହନ ବହଳି, ଦିଲୀପ ଉଦ୍‌ଗାତା ପୂଜା କାର୍ଯ୍ୟ ତୁଲାଇଥିଲେ। ଶ୍ରୀ ଜଗନ୍ନାଥ ପୂଜା କମିଟିର ସଭାପତି କମଳାକାନ୍ତ ବାରିକଙ୍କ ସମେତ ନରହରି ସାହୁ, ବାଇଧର ନାୟକ, ଯତୀନ୍ଦ୍ର



ରାଉଳ, ଯଜ୍ଞନାରାୟଣ କର, କାଳନ୍ଦୀ ବେହେରା, ଦୀନବନ୍ଧୁ ସାହୁ, ଅଭୟ ନାୟକ, ସାଇଶରଣ ବେହେରା, ଶଶିକାନ୍ତ ରାଉଳ, ଗୋପବନ୍ଧୁ ପାଣିଗ୍ରାହୀ, ଅକ୍ଷୟ ରାଉତ, ରମେଶ ବେହେରା, ବିଜୟ ପାଣିଗ୍ରାହୀ, ଦେବେନ୍ଦ୍ର ବାରିକ, ମାୟାଧର ରାଉଳ, ଜଗବନ୍ଧୁ ମାଝୀ, ବୀରକେଶର କର, ତ୍ରୈଲୋକ୍ୟ ବାରିକ, ଯତୀନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

## ରାଇଘର ବ୍ଲକ୍‌ରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ

ରାଇଘର(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ଆଜିଠାରୁ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ମଧ୍ୟ ଆରମ୍ଭ ହୋଇଯାଇଛି ଏହି ଯୋଜନାର ଶୁଭାରମ୍ଭ । ଏହି ପରିପେକ୍ଷୀରେ ସାଂସଦ ପ୍ରତିନିଧି ପ୍ରୀତି ସ୍ନିଧା ମହାପାତ୍ର ମନୋହର ଦଣ୍ଡସେନା ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀ, ହାଟଭରଣ୍ଡି, ଗୋଷ୍ଠି ସ୍ୱାସ୍ଥ୍ୟ ବିଭାଗର ସଭମକ୍ଷବକ୍ସଶର ଉକ୍ସ ଦଶରଥ ନାଗ, ଯକ୍ସ ତପନ ମଣ୍ଡଳ, ଜିଲ୍ଲାପରିଷଦ ସଦସ୍ୟ ଯତୀନ୍ଦ୍ର ଗଣ୍ଡ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ତଥା ଦଳୀୟ



କର୍ମୀ ଉପସ୍ଥିତ ଥିଲେ। ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନାରେ ପୁରୁଷ ଲୋକଙ୍କୁ ପାଞ୍ଚ ଲକ୍ଷ ଓ ମହିଳାଙ୍କୁ ଦଶ ଲକ୍ଷ୍ୟ ଟଙ୍କାର ସ୍ୱାସ୍ଥ୍ୟ ବିମା ମିଳିବ ବୋଲି ଜଣାପଡିଛି। ସେହିପାରି ବାୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ବା ତତୁର୍ଦ୍ଧ୍ ବ୍ୟକ୍ତିଙ୍କୁ ସମାନ ସୁବିଧା ମିଳିବ। ଏହା ପର୍ଯ୍ୟାୟ କର୍ମେ କାର୍ଡ ବଣ୍ଟନ କରାଯିବ। ଏହି ଅବସରରେ ରାଇଘର ବ୍ଲକର ତୁରୁଡ଼ି, କୁରା ବେଡ଼ା, ଡୁମର ମୁଣ୍ଡା, କୁମୁଳୀ ଗନା, ଯୋଡ଼ିଙ୍ଗା ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥରେ ଶୁଭାରମ୍ଭ ହୋଇଥିବା ଦେଖିବାକୁ ମିଳିଥିଲା।

## ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭାରତ ଉତ୍ସବ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବିରୋଳି, ରହଣିଆ, ମଞ୍ଜୁରୀରୋଡ, ବାରିକପୁର, ଜଗନ୍ନାଥପ୍ରସାଦ ଓ ମଞ୍ଜୁରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଏକକ କାର୍ଡ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକକ କାର୍ଡ ମଧ୍ୟରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଅନ୍ତର୍ଭୁକ୍ତ। ବିରୋଳିରେ ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଏଥିନେଇ ଅନୁଷ୍ଠିତ ଉତ୍ସବରେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁ, ଡାକ୍ତର ତପନ କୁମାର ବେହୁରିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ସରପଞ୍ଚ ପରମାନନ୍ଦ ନାୟକ, ସମିତି ସଭ୍ୟା ମାମିଲତା ଜେନା, ମାଳଦା ପାକ୍ସ ସଭାପତି ମୁକୁନ୍ଦ ମଲ୍ଲିକ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସମାଜସେବୀ ଗିରିଶ ସାମଲ, ନିରଞ୍ଜନ ପୁହାଣ, ସ୍ୱାସ୍ଥ୍ୟ ସୁପରଭାଇଜର ମନୋରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରହଣିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡାକ୍ତର ଦେବଦତ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ଫାର୍ମାଶିଷ୍ଟ ଶୁଭ୍ରକାନ୍ତ ପଣ୍ଡା, ସମିତି ସଭ୍ୟା ସୁପ୍ରିୟା ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି



ବାରିକପୁରରେ ସରପଞ୍ଚ କାଞ୍ଚନବାଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡାକ୍ତର ଦେବଦତ୍ତ ବିଶ୍ୱାଳ, ଡାକ୍ତର ରଶ୍ମିରଞ୍ଜନ ସେନାପତି ଅତିଥି ଭାବେ ଯୋଗଦେଇଥିବା ବେଳେ ମଞ୍ଜୁରୀରୋଡରେ ବ୍ଲକ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡାକ୍ତର ରଶ୍ମିରଞ୍ଜନ ସାହୁ ଓ ଡାକ୍ତର ଦେବାଶିଷ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଡ ବିତରଣ କରିଥିଲେ। ସମସ୍ତ ଉତ୍ସବରେ ଆଶା, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇଥିଲେ। ଏଥିପାଇଁ ଆଜି ମେଡିକାଲ ପରିସରରୁ ଆୟୁଷ୍ମାନ ସଚେତନତା ରଥ ପରିକ୍ରମା ଅଧିକ୍ଷକ ଡାକ୍ତର ସ୍ୱାଇଁ ଶୁଭାରମ୍ଭ କରିଥିଲେ।

## ଦାନପୁରରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପଂଚାୟତ ସଭାକକ୍ଷରେ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ପକ୍ଷରୁ ଚଳିତ ଏପ୍ରିଲ ମାସ ୧ ତାରିଖ ଠାରୁ ଓଡ଼ିଆ ନବବର୍ଷ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉିଛି । ଆଜି ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ଲୋକକଳା ଗ୍ରାମ ଭାବେ ପରିଚିତ ଦାନପୁର ପଂଚାୟତ ନରସିଂହପୁର ଗ୍ରାମ ତରଫରୁ ପଂଚାୟତ କାର୍ଯ୍ୟାଳୟ ପରିସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ଦାନପୁରର ପୂର୍ବତନ ସରପଂଚ ଉମେଶ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଡେରାବିଶର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରା, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ମନୋରଞ୍ଜନ ନାୟକ, ମନିଷା ପଣ୍ଡା ଓ



ସରୋଜ ପଣ୍ଡା ପ୍ରମଖ ଯୋଗଦେଇ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟକୁ ବଂଚାଇ ରଖିବାକୁ ହେଲେ ଲୋକକଳା ଯଥା ପାଲା, ଘୋଡ଼ାନାଚ, କଣ୍ଢେଇ ନାଚ, ସଙ୍ଗୀତ, ନୃତ୍ୟ, ନୃତ୍ୟନାଟିକା, ଗିତିନାଟ୍ୟ, ସଂକୀର୍ତ୍ତନ ଆଦିକୁ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରିବାର ଆବଶ୍ୟକତା ରହିଛି । ପୁରା କାଳରେ ଏହା କେବଳ ମନୋରଞ୍ଜନ ପାଇଁ ଉଦ୍ଧିଷ୍ଟ ନଥିଲା ଅଧିକନ୍ତୁ ସମାଜରେ ସଂସ୍କାର ଆଣିବାରେ ଅନେକ ସାହାଯ୍ୟ କରିଥିଲା । ପ୍ରାରମ୍ଭରେ ବରିଷ୍ଠ କଳାକାର ସାନ୍ତନୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡେରାବିଶ ବ୍ଲକ କଳାକାର ସଂଘର ଉପସଭାପତି ନିରାକାର ମହାରଣା ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ଅଂଚଳରୁ ନିମନ୍ତ୍ରିତ ବରିଷ୍ଠ କଳାକାର ତଥା ଚିତ୍ରଶିଳ୍ପୀ ଅଜୟ କୁମାର ପଣ୍ଡା, ରମାକାନ୍ତ ନାୟକ, ଧବଳେଶ୍ୱର ପଣ୍ଡା, ନଳିନୀକାନ୍ତ ପଣ୍ଡା, ସଚିଦାନନ୍ଦ ରାଉଳ, ଶରତ ଜେନା, ମାନସ କୁମାର ଘଡ଼େଇ, ମନୋରଞ୍ଜନ ତ୍ରିପାଠୀ ଓ ନାରାୟଣ ଯେନାଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ କଳାକାରଙ୍କୁ ଅତିଥିମାନେ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଉପସ୍ଥିତ କଳାକାରମନଙ୍କ କଳାପ୍ରଦର୍ଶନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଶେଷରେ ଯଶୋବନ୍ତ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶନ୍ନଜିତ ନାୟକ, ରବିନ୍ଦ୍ର ମହାରଣା, ସମିତିସଭ୍ୟା ପ୍ରିୟତମା ଦାଶ, ନାଏବ ସରପଂଚ ଯଦୁନାଥ ଯେନା, ପ୍ରକାଶ ଘଡ଼େଇଙ୍କ ସମେତ ସମସ୍ତ ୱାର୍ଡ଼ସଭ୍ୟସଭ୍ୟା ମାନେ ପରିଚାଳନା କରିଥିଲେ ।



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): ଆଜି ସାରା ରାଜ୍ୟ ରେ ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ତଥା ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ର ଶୁଭାରମ୍ଭ ମାନ୍ୟବର ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାରା ଶୁଭ ଉଦ୍ଘାଟନ ଅଭାସି ମାଧ୍ୟମରେ ହୋଇ ଯାଇଛି ।ଏହି ଅବସରରେ ଆଜି ନବରଂଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ପଂଚାୟତ ,କୁର୍ମାକୋଟ ମେଘମାଳ ତୋଟା, ଇନ୍ଦ୍ରାବତୀ ପ୍ରୋଜେକ୍ଟ ଡାକ୍ତର ଖାନା, ଅଂଚଳଗୁମ୍ମା ହାଟ ପଦା ଓ ପାତ୍ରପୁଟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସର ରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ତଥା ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଶୁଭାରମ୍ଭ ହୋଇଛି। ଅଭାସି ମାଧ୍ୟମରେ ଉଦ୍ଘାଟନ କାର୍ଯ୍ୟକ୍ରମ ଭାରତ ସରକାର ଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାସ ନଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଜନ କଲ୍ୟାଣ ଯୋଜନା ର ଶୁଭାରମ୍ଭ କରିଛନ୍ତି । ରାଜ୍ୟ ସ୍ତରୀୟ ଉତ୍ସବ ରେ ଏହି ଯୋଜନା ର ଶୁଭାରମ୍ଭ କରାଯାଇଛି । ଏହା ମାଧ୍ୟମରେ ଜନସାଧାରଣ ଆର୍ଥିକ ଦୁର୍ବଳ ବର୍ଗର ଲୋକମାନଙ୍କୁ ଉଭୟ ସରକାରୀ ଓ ତାଲିକାଭୁକ୍ତ ଘରୋଇ ଡାକ୍ତର ଖାନା ମାନଙ୍କ ରେ ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ କ୍ଷ ଏହି ସ୍ୱାସ୍ଥ୍ୟ ଯୋଜନା ମଧ୍ୟରେ ମହିଳା ମାନଙ୍କୁ ୧୦ ଲକ୍ଷ ଓ ପୁରୁଷ ମାନଙ୍କୁ ୫ ଲକ୍ଷ ସହିତ ୭୦ ବର୍ଷ ବୟସ ତଦୃଦ୍ଧ ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯିବ ବୋଲି କହିଥିଲେ।

# ରାସ୍ତା ଶୋଚନୀୟ: ଲୋକ ହନ୍ତସନ୍ତ



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଗୋପାଳପୁର ଗ୍ରାମ ପଞ୍ଚାୟତ ଅଧୀନ ରାଜସ୍ୱ ଗ୍ରାମ ଦେଇ ବେଗୁନିଆଠାରୁ ଲୋଧାଚୁଆ ଯାଇଥିବା ପି. ଡ଼ବ୍ଲୁ. ଡି ପିଚୁରାସ୍ତା ମୁଗମଣ୍ଡା ମୁଖ୍ୟରାସ୍ତା ଠାରୁ ମୁଗମଣ୍ଡା ନୂଆସାହି, ଗ୍ରାମ ମଶାଣୀ ଦେଇ ବୋରିକ ଯାଇଥିବା ରାସ୍ତାରେ ଅଦିନିଆ ଅଳ୍ପ ବର୍ଷାରେ ବି ଜମି ଯାଉଛି ଖାଲେ ଖାଲେ ପାଣି କ୍ଷ ଗତକାଲି ରାତ୍ରିରେ ହୋଇଥିବା ବର୍ଷାରେ ରାସ୍ତାର ଅନେକ ଖାଲରେ ପାଣି ଜମି ରହୁଥିବାବେଳେ ରାସ୍ତା ଧୋଡା ଖାଇ ଗୋହି ହୋଇଯାଇଛି ତେବେ ବର୍ଷା ଦିନେ କେମିତି ଚଳୁଥିବେ ଲୋକ କିପରି ଯା ଆସ କରୁଥିବେ ପଥଚାରି ଏହି ଦୃଶ୍ୟ ମାନ ହୋଇଛି। ଏହି ରାସ୍ତା କାର୍ଯ୍ୟ ପାଇଁ ଗ୍ରାମ ସଭାରେ ଅନେକ ଥର ଯୋଡ଼ା ଯିବା ପାଇଁ ଓ ଆକ୍ସନ ପ୍ଲାନରେ ଯୋଡ଼ାଯାଇଛି। ଏବଂ ବାରମ୍ବାର ରାଜନେତା, ପ୍ରଶାସନଙ୍କ ଦୃଷ୍ଟି ଗୋଚର କରାଯାଇଥିଲେ ହେଁ ଏଯାବତ କାହାର ନଜର ନାହିଁ କ୍ଷ ଅବହେଳିତ ଅବସ୍ଥାରେ ପଡିରହିଛି ରାସ୍ତା କ୍ଷ ପ୍ରତି ଦିନ ଅନେକ ଲୋକ ବହୁ ଅସୁବିଧାରେ ଯାତାୟାତ କରୁଛନ୍ତି। ବର୍ଷା ଦିନ ପୂର୍ବରୁ ତୁରନ୍ତ ଏହି ରାସ୍ତା କାମ କରିବାକୁ ଗ୍ରାମବାସୀ ପ୍ରଶାସନ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

# କୋର୍ଟ ପରିସରରେ ଓକିଲଙ୍କ ମାରପିଟ୍

ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ କୋର୍ଟ ପରିସରରେ ଓକିଲଙ୍କ ମଧ୍ୟରେ ମାରପିଟ୍ ହୋଇଛି । ଯାହାକୁ ନେଇ ଟାଙ୍ଗୀ ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି। ପୂର୍ବ ଶତ୍ରୁତା କୁ ନେଇ ମନୋମାଳିନ୍ୟ ଥିବା ଏବଂ ସାମାନ୍ୟ କଥାକୁ ନେଇ କଥା କଟାକଟି ହେବା ପରେ ପରେ ମାରପିଟ୍ ହୋଇଥିଲା । ଉଭୟ ପକ୍ଷର ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ଟାଙ୍ଗୀ ଥାନା ନିରୀକ୍ଷକ କହିଛନ୍ତି । ସିନିୟର ଓ ଜୁନିଅର ମଧ୍ୟରେ ଏହି ଅପ୍ରୀତିକର ପରିସ୍ଥିତି ହୋଇଛି ବୋଲି ଟାଙ୍ଗୀ ଓକିଲ ସଂଘର ସଭାପତି ଓ ସମ୍ପାଦକ କହିଛନ୍ତି ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଧର୍ମେନ୍ଦ୍ର



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଗସ୍ତ ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ସହ ପାର୍ଶ୍ୱଦେବା ଦେବୀଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆସନ୍ତାକାଲି ଠାରୁ ପୁରୀରେ ବିଜେପିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଯୋଗଦେବେ ଧର୍ମେନ୍ଦ୍ର ପ୍ରଧାନ। ଆଜି ପ୍ରଥମେ ପୁରୀ ରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଥିଲେ ଏହାପରେ ଶ୍ରୀ ପ୍ରଧାନ ପୁରୀ କୋଣାର୍କ ରାସ୍ତାରେ ଥିବା ସ୍ୱାମୀନାରାୟଣ ମନ୍ଦିରକୁ ଯିବେ ସେଠାରେ ଆଜି ରାତ୍ରି ଯାପନ କରିବା ସହ ଦଳୀୟ ବୈଠକ ରେ ଯୋଗଦେବେ କ୍ଷ ଆସନ୍ତା କାଲି ବିଜେପି ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ।

# ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ

ଝରିଗାଁ (ଭାସ୍କର ନ୍ୟୁଜ୍) : ଓଡ଼ିଶା ରାଜ୍ୟବାସୀଙ୍କ ହିତ ଉଦ୍ଦେଶ୍ୟରେ ଆଜି କେନ୍ଦ୍ରମନ୍ତ୍ରୀ ଜେ ପି ନଡ୍ଡା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ରେ ଶୁଭାରମ୍ଭ କଟକ ବାଲିଯାତ୍ରା ପଡ଼ିଆରେ କରିଛନ୍ତି। ଏହି ଅବସରରେ ରାଜ୍ୟର ୧୨ ଟି ଜିଲ୍ଲା ରେ ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ବେଲଗାଁ, ଧୋଡ୍ରା, କୋଦଭାଟ୍ଟା, ଚଚା ଓ ଫୁପୁ ଗାଁରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ପାଇବାକୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପ୍ରକିୟା ଆରମ୍ଭ ହୋଇଛି। ଓଡ଼ିଶାରେ ଥିବା ଗରିବ ତଥା ଅତି ଗରିବ ପରିବାର ବର୍ଗଙ୍କ ପାଇଁ ଏହି ଆରୋଗ୍ୟ ଯୋଜନାରେ ପାଞ୍ଚ ଲକ୍ଷ ଟଙ୍କା ଚିକିତ୍ସା ଜନିତ ସହାୟତା ରାଶି ହିତାଧିକାରୀ ପାଇ ପାରିବେ। ମହିଳା ହିତାଧିକାରୀଙ୍କ କ୍ଷେତ୍ରରେ ଅତିରିକ୍ତ ପାଞ୍ଚ ଲକ୍ଷ ଟଙ୍କା ଚିକିତ୍ସା ରାଶି ପ୍ରଦାନ କରାଯିବ। ସେହିପରି ପରିବାରରେ ଥିବା ୭୦ ବର୍ଷରୁ ଉର୍ଦ୍ଧ ବୟସ୍କ ବୃଦ୍ଧ ଓ ବୃଦ୍ଧା ଙ୍କ ଦେୟମୁକ୍ତ ଚିକିତ୍ସା ରାଶି ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ।ପ୍ରଥମ ପର୍ଯ୍ୟାୟରେ ଝରିଗାଁ ବ୍ଲକର ବେଲଗାଁ, ଚଚା , ଧୋଡ୍ରା, କୋଦ ଭାଟ୍ଟା, ଫୁପୁଗାଁ ଆଦି ପାଞ୍ଚୋଟି ସ୍ଥାନରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କାର୍ଡ ବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଛି। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଅରବିନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହିତାଧିକାରୀଙ୍କୁ ଏ ବି ପି ଏମ ଜେ ଏ ୱାଇ ଏବଂ ଜି ଜେ ଏ ୱାଇ ର ନୂଆ ଏକକ କାର୍ଡ (ରେପ୍ଲିକଲ୍ କାର୍ଡ) ବିତରଣ କରାଯାଇଛି। ବେଲଗାଁ , ଧୋଡ୍ରା, କୋଦଭଟ୍ଟା , ଚଚା, ଓ ଫୁପୁଗାଁରେ ୧୦ ଜଣ ଲେଖାଏଁ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟକାର୍ଡ ବିତରଣ କରାଯାଇଛି। ଆରୋଗ୍ୟ ଯୋଜନାର ମାଗଣା ସ୍ୱାସ୍ଥ୍ୟ କାର୍ଡ ଶୁଭାରମ୍ଭ ଅବସରରେ ଝରିଗାଁ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ,ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ,ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ କୁମାର ପ୍ରଧାନ ଜିଲ୍ଲା, ବରିଷ୍ଠ ବିଜେପି ନେତା ତଥା ଚଚା ଜୋନର ମଣ୍ଡଳ ସଭାପତି ମହେଶ୍ୱର ତିୱାରୀ, ଚଚା ଜୋନର ସାଧାରଣ ସମ୍ପାଦକ ପ୍ରତାପ ଦୁରିଆ, ସମସ୍ତ ଜିଲ୍ଲା ପରିଷଦ ,ସମସ୍ତ ସରପଞ୍ଚ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ,ତହସିଲଦାର ସୁମନ୍ତ ପାତ୍ର, ଆଇଆଇସି ପ୍ରଦୀପ କୁମାର ଶବର,ବ୍ଲକ ଶିକ୍ଷାଧିକାରୀ ଜଗନ୍ନାଥ ଧରୁଆ,ଏ ଇ ବିନୀତ ମିଶ୍ର,ଆର ଡ଼ବ୍ଲୁ ଏସ ଏସ ଯନ୍ତ୍ରୀ ଲିଙ୍ଗରାଜ ବାଘ୍, ଡ଼ବ୍ଲ୍ୟୁ ଇ ଓ ଅମିତ୍ କୁମାର ନାୟକ ,ସି ଡ଼ି ପି ଓ ବିରୋଜା ମୋହିନୀ ପାଙ୍ଗି, ଜି ପି ଓ ଇଞ୍ଚାର୍ଜ୍ ରମେଶ ଚନ୍ଦ୍ର ହରିଜନ,ଅଗ୍ନିଶମ ବିଭାଗ ଅଧିକାରୀ ଭୋଳାନାଥ ମାଝୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ସ୍ଥାନର କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ବୈଠକ

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀ ମନ୍ଦିର ରେ ଭକ୍ତ ଙ୍କ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବୈଠକ ରେ ଆଲୋଚନା କରାଯାଇଥିଲା । ଏଥି ସହ ସେବାୟତ ଙ୍କ ଦର୍ଶନ ବ୍ୟବସ୍ଥା କୁ ନେଇ ମଧ ବିଶେଷ ଭାବେ ଆଲୋଚନା ହୋଇଛି ।ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧକ୍ଷତାରେ ବୈଠକ ହୋଇଥିଲା । ଚଳିତମାସ ଶେଷରେ ଧାଡି ଦର୍ଶନ ବ୍ୟବସ୍ଥା ଲାଗୁ କରିବାକୁ ଆଇନମନ୍ତ୍ରୀ କହିବା ପରେ ଏହାର ସଠିକ ପରିଚାଳନା ପାଇଁ କରାଯିବା ନେଇ ଆଲୋଚନା ହୋଇଥିଲା । ସେପଟେ ଖରାକୁ ଆଖି ଆଗରେ ରଖି ଭକ୍ତ ମାନଙ୍କର ଅନୁସାଙ୍ଗିକ ବ୍ୟବସ୍ଥା ସହ ପାନୀୟ ଜଳ, ଛାୟା ସେଡ ଉପରେ ମଧ କରାଯାଉଛି ଆଲୋଚନା ହୋଇଛି କ୍ଷବୈଠକରେ ପୁରୀ ,ଏସ୍ପି ଭିନୀତ ଅଗ୍ରୱାଲ, ନୀତି ପ୍ରଶାସକ ଙ୍କ ସମେତ ସେବାୟତ ଓ ମନ୍ଦିର ପ୍ରଶାସନର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଆସିକା ପାଇଁ ଗର୍ବ ଆଣିଲେ ବ୍ୟାଡମିଣ୍ଟନ୍ ଖେଳାଳି



ଆସିକା (ଭାସ୍କର ନ୍ୟୁଜ୍) : ଆସିକା ଇଣ୍ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ଦୁଇ ଛାତ୍ର ପ୍ରସିଦ୍ଧି ପ୍ରିୟା ଓ ଏସ ଆଶିଷ କୁମାର ଆଚାରୀ ବ୍ୟାଡ଼ମିଣ୍ଟନ ଖେଳାଳି ଓଡିଶା ସାଇ ରିଜିଓନାଲ ବ୍ୟାଡ଼ ମିଣ୍ଟନ ଏକାଡେମୀ ପାଇଁ ଚୟନ ହୋଇଛନ୍ତି। ଖେଳ ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ବାହାରିଥିବା ବିଜ୍ଞପ୍ତି ଅନୁଯାଇ ଦୁଇ ଖେଳାଳି ଆସନ୍ତା ୨୦ ତାରିଖ ରେ ଯୋଗଦାନ କରିବେ ଏହି ସାଇ ସ୍ପୋର୍ଟ୍ସ ଏକାଡେମୀ ବହୁ ଜାତୀୟ ଅନ୍ତର୍ଜାତୀୟ ଖେଳାଳୀ ତିଆରି କରିଥିବା ବେଳ ଏହି ଏକାଡେମୀରେ ସ୍ଥାନ ପାଇବା ଗର୍ବର ବିଷୟ ବୋଲି ମତ ପ୍ରକାଶ କରିଛନ୍ତି ଉଭୟଙ୍କ ବାପା ମାଁ। ଆସିକା ଅଞ୍ଚଳରେ କ୍ରୀଡାର ବିକାଶ ପାଇଁ ବିଜୁ ପଟ୍ଟନାୟକ ଏଣ୍ଡୋର ଷ୍ଟାଡିୟମରେ ଉଭୟ ଛାତ୍ର ଓ ଛାତ୍ରୀ ଖେଳ ପ୍ରଶିକ୍ଷଣ ନେଉଥିବା ବେଳେ ରାଜ୍ୟ ସ୍ତରୀୟ ଏକାଡେମୀ ରେ ଖେଳ ପାଇଁ ଚୟନ ତାଲିକାରେ ଆସିବା ନେଇ ଖୁସି ପ୍ରକାଶ କରିଛନ୍ତି ପ୍ରଶିକ୍ଷକ ଚନ୍ଦନ ବେହେରା,ବାବୁ ଗୌଡ। ଏହି ଏକାଡେମୀ ରେ ପାଠ ପଢ଼ିବ ସହ ଉନ୍ନତ ମାନା ଖାଇବା ପ୍ରଶିକ୍ଷଣ ମିଳିବ। ଆସିକା ଭଳି ଛୋଟିଆ ସହରରୁ ଦୁଇ ଜଣ ଏହି ଓଡ଼ିଆ ସାଇ ରିଜୋନେଲ୍ ବେଡବିଣ୍ଟନ ଏକାଡେମୀ ପାଇଁ ଚୟନ ହେବା ଖୁସିର ବିଷୟ ହୋଇଥିବା ବୋଲି କହିଛନ୍ତି ଯୁବ ନେତା ଦେବକାନ୍ତ ଶର୍ମା ଏହି ଖବର ପାଇବା ପାଇଁ କ୍ରୀଡ଼ାବିତ ସାଗର ସାବତ,ପ୍ରଶାନ୍ତ କୁମାର ମୁନି,ରାଜୀବ ରେଡ଼ି, ରଞ୍ଜିତ ପାତ୍ର,ତପନ ବେହେରା,ରବି ସ୍ୱାଇଁ, ଅନିଲ କୁମାର ପାଣିଗ୍ରାହୀ,ଖିରୋଧ ବେହେରା,ରତ୍ନାକର ଶୀୟ,କମଳେନ୍ଦୁ ହୋତା, ଅଶୋକ ବେହେରା, ଅରୁପା ନନ୍ଦ ଜେନା ପି. ଚୈତସିନ ଅଲ୍ଲୀ,ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଜଳ ସମସ୍ୟା ଅଭିଯୋଗ ହେଲେ ୭ଦିନ ଭିତରେ ସମାଧାନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଜଳ ସମସ୍ୟା ନେଇ ଅଭିଯୋଗ ହେଲେ ୭ ଦିନ ଭିତରେ ସମାଧାନ କରିବାକୁ ବିଭାଗକୁ ମନ୍ତ୍ରୀ ରବି ନାୟକ ନିର୍ଦ୍ଦେଶ ଦେଇଛନ୍ତି । ଖରା ସମୟରେ ସମସ୍ତଙ୍କ ସହଯୋଗ କାମନା କରୁଛି ବୋଲି ମନ୍ତ୍ରୀ କହିଛନ୍ତି । ବିଧାନସଭାର ଉତ୍ତରରେ ମୁଁ ଗୋଟେ ବର୍ଷ ସମୟ ମାଗିଛି । ୨୦୨୫ ମେଗା ପାଇପ ୱାଟର ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା କଥା ସେ କାମ ସମ୍ପୂର୍ଣ୍ଣ ହେବ। ବିଗତ ସରକାର ପାଣିର ସମସ୍ୟାକୁ ଦୃଷ୍ଟି ଦେଉନଥିଲେ। ଏ ସରକାର ସେ କାମ ଆରମ୍ଭ କରିସାରିଛନ୍ତି। ପୂର୍ବରୁ ୫ ଲକ୍ଷ ୨୦ ହଜାର ଟ୍ୟୁବୱେଲ ଥିଲା। ଏ ବର୍ଷ ନୂଆ ସରକାର ୨୧,୩୦୦ ଟ୍ୟୁବୱେଲ ବିଭିନ୍ନ ଜିଲ୍ଲାକୁ ଅନୁମୋଦନ କରିଛୁ। କାମ ପାଇଁ ମେସିନ ଗାଡି ଅଭାବ ଅଛି। କେମିତି ଟ୍ୟୁବୱେଲ ଶୀଘ୍ର ଖୋଲିବ ସେ ପାଇଁ କାମ କରୁଛୁ। ପାଣି ପାଇଁ ଯେଉଁ ସମସ୍ୟା ଗଣମାଧ୍ୟମ ରେ ପ୍ରକାଶ ହେଉଛି ୭ ଦିନ ଭିତରେ ସମସ୍ୟା ସମାଧାନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।.ସମସ୍ୟା ନେଇ ବ୍ଲକ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଲୋକଙ୍କୁ କହିଛନ୍ତି ମନ୍ତ୍ରୀ । ଯେଉଁଠି ନିର୍ଦ୍ଧାରିତ ସମୟ ଭିତରେ ଜଳ ପ୍ରକଳ୍ପ କାମ ସରିନି ସେଠି ସଂସ୍ଥା ଗୁଡିକ ଟ୍ୟାଙ୍କ ମାଧ୍ୟମରେ ପ୍ରତ୍ୟେକ ଗାଁକୁ ପାଣି ଦେବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# 'ଛେନାପୋଡ଼ ଦିବସ' ପାଳିବାକୁ ନବୀନଙ୍କ ଆହ୍ୱାନ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ସମସ୍ତେ ମିଶି ଖୁସିରେ 'ଛେନାପୋଡ଼ ଦିବସ' ପାଳିବାକୁ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ସୋସିଆଲ ମିଡିଆ ଏକ୍ସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ, 'ଛେନାପୋଡ଼' ଏକ ଆବେଗ, ପ୍ରତିଟି ଓଡ଼ିଆଙ୍କ ଏହା ପ୍ରତି ରହିଛି ଅହେତୁକ ଆଦର। ଆସନ୍ତୁ ଓଡ଼ିଶାର ପାରମ୍ପରିକ ମିଠା 'ଛେନାପୋଡ଼'କୁ ଆହୁରି ଲୋକାଦୃତ କରିବା, ସମସ୍ତେ ମିଶି ଖୁସିରେ 'ଛେନାପୋଡ଼ ଦିବସ' ପାଳିବାକୁ ଆହ୍ୱାନ ଦେଇଛନ୍ତି ନବୀନ ପଟ୍ଟନାୟକ।

# ଓଡ଼ିଶାର ଆଉ ୪ ଜିଲ୍ଲାରେ ଖୋଲିବ ନୂଆ ମେଡିକାଲ କଲେଜ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଗତ ୧୦ ମାସ ଭିତରେ ରାଜ୍ୟରେ ପର୍ଯ୍ୟାୟ କ୍ରମେ ଖାଲିଥିବା ଡ଼ାକ୍ତର, ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦିଆଯାଉଛି। ତିନିଟି ପର୍ଯ୍ୟାୟରେ ୪ ହଜାର ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀ ପଦବୀ ଏବେ ସୁଦ୍ଧା ପୂରଣ ହେଲାଣି । ଆଗାମୀ ଦିନରେ ୫ ହାଜର ୩୭୪ ଡାକ୍ତର, ଦନ୍ତ ଚିକିତ୍ସକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଚାଲିଛି । ଖୁବଶୀଘ୍ର ଏହି ପଦବୀ ଗୁଡିକରେ ନିଯୁକ୍ତି ଦିଆଯିବ । ସେହିପରି ଏବେ ରାଜ୍ୟରେ ୧୨ଟି ମେଡିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟକ୍ଷମ ହେଉଛି । ଆଉ କିଛି ଦିନ ମଧ୍ୟରେ ଆଉ ୨ଟି ମେଡିକାଲ କଲେଜ ଶୁଭ ଉଦ୍ଘାଟନ କରାଯିବ । ଚଳିତ ବର୍ଷ ବଜେଟରେ ଆଉ ୪ଟି ଜିଲ୍ଲାରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ବ୍ୟୟ ବରାଦ କରାଯାଇଛି। ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶୁକ୍ରବାର ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ଅବସରରେ ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି ଯେ ୨୪ ବର୍ଷରେ ଯେଉଁ କାମ ହୋଇପାରିନଥିଲା। ବିଜେପି ସରକାର ଆସିଲା ପରେ ୨୪ ମିନିଟରେ କରି ଦେଖାଇଲା। ଆଜି ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଏକ ଐତିହାସିକ ଦିନ। ଓଡ଼ିଶାର ବିକାଶ ଇତିହାସରେ ଆଜି ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇଛି। ୬ ବର୍ଷ ପୂର୍ବରୁ ରାଜନୈତିକ କାରଣରୁ ଆୟୁଷ୍ମାନ ଭାରତ ଯୋଜନା ଗତ ସରକାର ଲାଗୁ କରିନଥିଲେ। କିନ୍ତୁ ରାଜ୍ୟରେ ନୂଆ ବିଜେପି ସରକାର ଆସିବା ପରେ ଆଜି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଛି। ଓଡ଼ିଶା ବାହାରେ ମଧ ଏବେ ଉତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ଓଡ଼ିଆ ଲୋକ। ସରକାରୀ ଓ ବେସରକାରୀ ମେଡିକାଲରେ ସେବା ମିଳିବ। ୩ଟି ରାଜ୍ୟରେ ଲାଗୁ ହୋଇନଥିଲା ଆୟୁଷ୍ମାନ ଭାରତ ଯୋଜନା। ଗତକାଲି ଦିଲ୍ଲୀରେ ଲାଗୁ ହେଲା ଏବଂ ଆଜି ଓଡ଼ିଶାରେ ଲାଗୁ ହୋଇଛି । ଧନୀ ଗରିବ ନିର୍ବିଶେଷରେ ସମସ୍ତ ବରିଷ୍ଠ ନାଗରିକ ଏହି ଯୋଜନାରେ ଉପକୃତ ହେବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

# ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଶୁଭାରମ୍ଭ




ନବରଙ୍ଗପୁର (ଭାସ୍କର ନ୍ୟୁଜ) ଁ ସ୍ଥାନୀୟ ନବରଙ୍ଗପୁର ସହର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଡ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଝରି ଗାଁ ନରସିଂହ ଭତରା,ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ସନ୍ତୋଷ କୁମାର ପଣ୍ଡା, ଅଧ୍ୟକ୍ଷ,ପୌରପାଳିକା ନବରଙ୍ଗପୁର କୁନୁ ନାୟକ,ସମାଜ ସେବୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ।ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟ ସରକାର ସଦା ସର୍ବଦା ରାଜ୍ୟର ଅଧିବାସୀମାନଙ୍କ ପାଇଁ ସମ୍ପୂର୍ଣ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବାପାଇଁ ଦାୟିତ୍ୱବାନ ଅଛନ୍ତି ଏବଂ ଏହି ପ୍ରରିପ୍ରେକ୍ଷୀରେ ଏହି ଆୟୁଷ୍ମାନ ଯୋଜନା ସ୍ୱାସ୍ଥ ସେବା କୁ ଆଉ ଏକ ପାଦ ଆଗକୁ ନେବ ଓ ଲୋକେ ସମ୍ପୂର୍ଣ୍ଣ ମାଗଣା ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି କହିଥିଲେ। ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏବଂ ଝରି ଗାଁ ବିଧାୟକ ନରସିଂହ ଭତରା ଆଜିର ଦିନକୁ ଐତିହାସିକ ଦିନ କହି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ କିଭଳି ସଫଳ ଓ ସୂଚାର ରୂପେ କରାଯିବ ସେ ଦିଗରେ ଜିଲ୍ଲା ପ୍ରଶାସନ ତତ୍ପର ସହ କାର୍ଯ୍ୟ କରିବାକୁ କହିଥିଲେ।ଆଜିର ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟାଳୟ ଏବଂ ଉମରକୋଟ ସଦର ଡାକ୍ତରଖାନାକୁ ମିଶାଇ ୪୨ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ କରାଯାଉଛି। ଜିଲ୍ଲା ମୁଖ୍ୟାଳୟରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହେଉଥିବା ବେଳେ ଜିଲ୍ଲାର ଅନ୍ୟ ସ୍ଥାନ ମାନଙ୍କରେ ମଧ ହଜାରରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମରେ ଯୋଡିହେଇଛନ୍ତି। ଆଜି ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ ଟି ଆୟୁଶ୍ମାନ କାର୍ଡ ହିତାଧିକାରୀଂକୁ ପ୍ରଦାନ କରାଗଲା କ୍ଷ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ୧୦ ଜଣ ହିତାଧିକାରୀ ତପସ୍ୱିନୀ ଲଛମନ, ନରସିଂହ ହରିଜନ, ରମାରାଣି ରାଓ, ପ୍ରଫୁଲ୍ଲ ନାୟକ, ମୁକେଶ ଗୁପ୍ତା, ପି ଭାରତୀ ପଟ୍ଟନାୟକ, ମହମ୍ମଦ ମେହେତାବ,ଭି ନାଗ ଭୂଷଣ ରାଓ,ମଦନ ଯାନୀ, ମୁରଲୀ ବେହେରା ଙ୍କୁ ମଞ୍ଚରେ ମୁଖ୍ୟ ଅତିଥି କାର୍ଡ ପ୍ରଦାନ କରିଥିଲେ। ପର୍ଯ୍ୟାୟ କ୍ରମେ ସମସ୍ତ ହିତାଧିକାରୀଙ୍କୁ କାର୍ଡ ବିତରଣ କରାଯିବ। ଜିଲ୍ଲାର ୪୪୧ ଟି ସାଧାରଣ ଜନ ସେବା କେନ୍ଦ୍ର ଗୁଡିକ ସମ୍ପୃକ୍ତ ଅଂଚଳର ଆଶାକର୍ମୀ/ ବହୁମୁଖୀ ଜନସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ଗ୍ରାମ ସ୍ତରରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ କ୍ଷ ଜିଲ୍ଲାରେ ତିନୋଟି ହସ୍ପିଟାଲ୍ ଖ୍ରୀଷ୍ଟିଆନ ହସ୍ପିଟାଲ୍,ଇନ୍ଦ୍ରାବତୀ ଚକ୍ଷୁ ହସ୍ପିଟାଲ୍ ଏବଂ ସିମାଦ୍ରି ଚକ୍ଷୁ ହସ୍ପିଟାଲ୍ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଆୟୁଶ୍ମାନ କାର୍ଡ ସହ ଚିକିତ୍ସା ପାଇଁ ଅନୁବନ୍ଧିତ ଅଛନ୍ତି କ୍ଷ ଏହାସହିତ ସାରା ଦେଶରେ ୨୯୦୦୦ ଘରୋଇ ଏବଂ ସରକାରୀ ହସ୍ପିଟାଲ ଏହି ଯୋଜନାରେ ତାଲିକାଭୁକ୍ତ ଅଛନ୍ତି ନୂଆ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ବର୍ତ୍ତମାନର ସମସ୍ତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲରେ ନିଜର ଆଧାର କାର୍ଡ ସହିତ ବର୍ତ୍ତମାନର ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ କ୍ଷ ଏହି ପ୍ରରିପ୍ରେକ୍ଷୀରେ ହିତାଧିକାରୀଙ୍କ ସୁବିଧା ପାଇଁ ରାଜ୍ୟ ସ୍ତରରେ ଏକ କଲ୍ ସେଣ୍ଟର କରାଯାଇଛି କ୍ଷ ଏହି ଯୋଜନାକୁ ଲୋକଙ୍କ ନିକଟକୁ ଅଧିକରୁ ଅଧିକ ପହଞ୍ଚାଇବା ପାଇଁ ଜିଲ୍ଲାରେ ୪୨ ଟି ସଚେତନତା ରଥ ବୁଲି ଲୋକଙ୍କୁ ସଚେତନ କରାଇବ ଏବଂ ପଂଚାୟତ ସ୍ତରରେ ଆଜିଠାରୁ ଆସନ୍ତା୧୭.୪.୨୦୨୫ ପର୍ଯ୍ୟନ୍ତ ଲୋକଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଯିବ କ୍ଷ ଯେପରି ଲୋକମାନେ ଏହି ଯୋଜନାର ଲାଭ ଉଠାଇପାରିବେ।ସେଭଳି ଆୟୁଶ୍ମାନ ବାୟୋ ବନ୍ଦନା ଯୋଜନା କାର୍ଡ ରେ ୭୦ ବର୍ଷ ଏବଂ ୭୦ ବର୍ଷରୁ ଉର୍ଦ୍ଧ ବୟସ୍କ ଙ୍କୁ ଅନ୍ତର୍ଭୂକ୍ତ କରି ୭ ଦିନ ମଧ୍ୟରେ ନିଜ ଘରେ ଏହି କାର୍ଡ ବିତରଣ କରାଯିବ କ୍ଷ ହିତାଧିକାରୀ ଙ୍କ ସ୍ୱାସ୍ଥ୍ୟ ସେବା ସୁଚନାର୍ଥେ ଟୋଲ ଫ୍ରି ନଂ ୧୦୪ ଏବଂ ହେଲ୍ପ ଲାଇନ ନମ୍ବର ୧୪୫୫୫ ଉପଲବ୍ଧ ରହୁଛି। ଏହି ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଯାହା ଓଡିଶାର ସ୍ୱାସ୍ଥ୍ୟ ସେବାକୁ ଆହୁରି ଆଗକୁ ନେବା ସହ ଲୋକ ମାନଙ୍କୁ ଏକ ଉନ୍ନତ ଧରଣର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ନିଶ୍ଚିତ କରାଇବ କ୍ଷ ଏହି ଅବସରରେ କଟକ ସ୍ଥିତ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ସମସ୍ତେ ଦେଖିଥିଲେ।ଏହି କାର୍ଯ୍ୟକ୍ରମରେ ସହରର ବୁଦ୍ଧିଜୀବୀ, ସାମ୍ବାଦିକ , ଯୋଜନାର ହିତାଧିକାରୀ ଓ ପ୍ରଶାସନିକ ଅଧିକାରୀ,ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ନର୍ସିଂ କଲେଜ ଛାତ୍ରୀ ଉପସ୍ଥିତ ଥିଲେ।

## ଆୟୁଷ୍ମାନ କାର୍ଡ ବଣ୍ଟନର ଶୁଭାରମ୍ଭ

# ୧୩୮୫୪୧୫ ଜଣ ହିତାଧିକାରୀଙ୍କୁ ବଣ୍ଟା ହେବ କାର୍ଡ




ପୁରୀ (ଭାସ୍କର ନ୍ୟୁଜ) : ସମଗ୍ର ଓଡ଼ିଶାରେ ଆରମ୍ଭ ହୋଇଛି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ।ଏଥି ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ମଧ ଶୁଭାରମ୍ଭ ହୋଇଛି ।ପୁରୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହାତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାର ଶୁଭାରମ୍ଭ କରିବା ସହ ହିତାଧିକାରୀ ଙ୍କୁ କାର୍ଡ ବଣ୍ଟନ କରିଥିଲେ। ଟାଉନ ହଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସୂରଜ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡିଶା ପାଇଁ ଆଜି ଏକ ଐତିହାସିକ ଦିନ ବୋଲି କହିଥିଲେ ।ଓଡ଼ିଶାର ୧.୦୩ କୋଟି ପରିବାର ର ୩.୫ କୋଟି ହିତାଧିକାରୀ ଏଥିରେ ଉପକୃତ ହେଉଥିବା ବେଳେ ପୁରୀ ଜିଲ୍ଲାର ୧୩୮୫୪୧୫ ହିତାଧିକାରୀ ଏହା ଦ୍ୱାରା ଉପକୃତ ହେବେ ।ଦେଶର ବିଭିନ୍ନ ସ୍ଥାନରେ ଥିବା ୨୯ ହଜାର ହସପିଟାଲରେ ଏହି କାର୍ଡ ମାଧ୍ୟମରେ ଚିକିତ୍ସା ସୁବିଧା ପାଇ ପାରିବେ ।ପୁରୁଷ ହିତାଧିକାରୀଙ୍କ ପାଇଁ ୫ ଲକ୍ଷ, ମହିଳା ହିତାଧିକାରୀ ଅତିରିକ୍ତ ୫ ଲକ୍ଷ ଅର୍ଥାତ ୧୦ଲକ୍ଷ ର ଚିକିତ୍ସା ସୁବିଧା ପାଇ ପାରିବେ ।ସେହିପରି ୭୦ ବର୍ଷ ରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ଙ୍କୁ ଆର୍ଥିକ ବାଛ ବିଚାର ବିନା ୫ ଲକ୍ଷ ଟଙ୍କା ର ଚିକିତ୍ସା ସୁବିଧା ମିଳିବ ।ଆଜି ପ୍ରତୀକାତ୍ମକ ଭାବେ ୫ ଜଣ ହିତାଧିକାରୀ ଙ୍କୁ ଏଠାରେ କାର୍ଡ ବଣ୍ଟନ ହୋଇ ଥିବା ବେଳେ ଆସନ୍ତା କାଲି ଠାରୁ ହିତାଧିକାରୀଙ୍କ ଘରେ କାର୍ଡ ପ୍ରଦାନ ର ବ୍ୟବସ୍ଥା ହୋଇଛି ।ପୂର୍ବରୁ ପରିବାର ପିଛା ଗୋଟିଏ କାର୍ଡ ଥିବା ବେଳେ ଏବେ ସମସ୍ତ ହିତାଧିକାରୀ ଙ୍କୁ ଏହି କାର୍ଡ ଦିଆଯିବ ।ଯାହା ଫଳରେ ଦେଶର ଯେ କୌଣସି ସ୍ଥାନରେ ଏହି କାର୍ଡ ମାଧ୍ୟମରେ ଜଣେ ଚିକିତ୍ସା ସୁବିଧା ପାଇ ପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।ଅନ୍ୟତମ ଅତିଥି ଭାବେ ପୁରୀ ଲୋକ ସଭା ସାଂସଦ ଡା ସମ୍ବିତ ପାତ୍ର ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦି ଙ୍କ ର ଏହା ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ।ଦେଶର ପ୍ରତ୍ୟେକ ଲୋକ ଙ୍କୁ ନୀରୋଗ ଓ ସୁସ୍ଥ ରଖିବା ସଂକଳ୍ପ ନେଇ ଏହି ଯୋଜନା ଆରମ୍ଭ ହୋଇଛି ।ଏହାର ସୁଫଳ ସମସ୍ତ ହିତାଧିକାରୀ ପାଇବେ ବୋଲି ସେ କହିଥିଲେ ।ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଦୈନନ୍ଦିନ ଜୀବନରେ ନିଜକୁ ସୁସ୍ଥ ରଖିବା ପାଇଁ ଉଦ୍ୟମ କରିବା ସହ ଅସୁସ୍ଥ କ୍ଷେତ୍ରରେ ଏହି କାର୍ଡର ସହାୟତା ନେବା ଉପରେ ସେ ମତ ଦେଇଥିଲେ ।ହିତାଧିକାରୀ ମାନଙ୍କୁ କାର୍ଡ ବଣ୍ଟନ ସହ ଉପଯୋଗିତା ସମ୍ପର୍କରେ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରୂପଭାନୁ ମିଶ୍ର ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।ହିତାଧିକାରୀ ବାସନ୍ତୀ ବିଶୋଇ,ଗୋଲକ ମୁଦୁଲି,ମଧୁସୂଦନ ପଲେଇ, ମଞ୍ଜୁ ନାୟକ ଓ ସରୋଜିନୀ ବେୱା ଙ୍କୁ ଅତିଥି ମାନେ କାର୍ଡ ବଣ୍ଟନ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ଅତିଥି ମାନେ ଏହି କାର୍ଡ ବଣ୍ଟନ ସଚେତନତା ଉଦ୍ଦେଶ୍ୟ ରେ ଏକ ରଥର ଶୁଭାରମ୍ଭ କରିଥିଲେ ।ଜିଲ୍ଲାର ୫୧ ଟି ଯାକ ସ୍ଥାନରୁ ମଧ ଏହି ରଥର ଶୁଭାରମ୍ଭ ହୋଇଥିଲା ।ଏହା ୭ ଦିନ ଧରି ଜିଲ୍ଲାରେ ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମ ରେ ଡିପିଏମ ଟି. ନାରାୟଣ ରାଓ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।ଜିଲ୍ଲାର ୫୧ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ଏହି ବ୍ୟବସ୍ଥା ର ଶୁଭାରମ୍ଭ ସହ ୫ଜଣ ଲେଖାଏଁ ହିତାଧିକାରୀ ଙ୍କୁ କାର୍ଡ ବଣ୍ଟନ କରାଯାଇଛି ।କାର୍ଡ ନ ପାଇଥିଲେ ମଧ ହିତାଧିକାରୀ ନିଜର ଆଧାର କାର୍ଡ ଦର୍ଶାଇ ଚିକିତ୍ସା ସୁବିଧା ଆଜି ଠାରୁ ପାଇ ପାରିବେ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିଲେ।



# ଆମ କଳାହାଣ୍ଡି







## ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

# ଜିଲ୍ଲାର ୧୮ ବରିଷ୍ଠ କଳାକାର ହେଲେ ସମ୍ବର୍ଦ୍ଧିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନର ଦଶମ ଦିନରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, କଳାହାଣ୍ଡି ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଲୋକକଳା ଗ୍ରାମ ପରିଦର୍ଶନ, ଲୋକକଳା ପାଇଁ ଦିନଟିଏ ଓ ବରିଷ୍ଠ କଳାକାର ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଜିଲ୍ଲାର ଲୋକକଳା ଗ୍ରାମ ଛୁରିଆଗଡ଼ ପରିଦର୍ଶନରେ ଯାଇ କଳାଗ୍ରାମରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ପକ୍ଷ ପାଳନ ସମ୍ପର୍କରେ ଉଲ୍ଲେଖ କରି ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର ମାନଙ୍କୁ ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ଦ୍ଵାର ସମ୍ମାନିତ କରାଯାଇଥିଲା। ଏଥିରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୁନାଗଡ ଦେବାଶିଷ କର, ତହସିଲଦାର ସୁମି ସୋରେନ, ଶିକ୍ଷାବିତ୍ ଡ, ଅଜୟ କୁମାର ମିଶ୍ର, ଅଶୋକ କୁମାର ପଟ୍ଟନାୟକ, ଯୋଗଦେଇ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲ ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଜିଲ୍ଲାର ବରିଷ୍ଠ କଳାକାର ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ କୁଳପତି ମାଆ ମାଣିକେଶ୍ଵରୀ ବିଶ୍ଵବିଦ୍ୟାଳୟ କଳାହାଣ୍ଡି, ଡଃ ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ, ଭବାନୀପାଟଣା, ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡା ଅଜୟ କୁମାର ମିଶ୍ର, ସାଂସଦ କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ଭବାନୀପାଟଣା ବି ଡି ଓ, ଚନ୍ଦନ ଭୋଇ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ବିଶଦ୍ ଆଲୋଚନା କରି ଲୋକକଳା ପାଇଁ ଦିନଟିଏ ପାଳନ କାର୍ଯ୍ୟକ୍ରମର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୮ ଜଣ ବରିଷ୍ଠ କଳାକାର ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ।




# ବିଜେପିର ଗାଁକୁ ଚାଲ ଅଭିଯାନ

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେନ୍ଦୁପାଣି ଗାଁରେ ଗୁରୁବାର ସକାଳ ୧୧ ଟାରେ ବିଜେପିର ଗାଁକୁ ଚାଲ ଅଭିଯାନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଜେପି ଗୋଲାମୁଣ୍ଡା ମଣ୍ଡଳ ପ୍ରତିନିଧି ପ୍ରଦୀପ ପଣ୍ଡା, ମଣ୍ଡଳ ସଭାପତି ବୈଶାଖୁ କେତକୀ, ଯୁବ ନେତା ସମୀର ସାହୁ, ପୂର୍ବତନ ଜିଲ୍ଲାପରିଷଦ ବୃଷଭ ନାଏକ, ଗୋଲାମୁଣ୍ଡା ସମିତି ସଭ୍ୟା ପ୍ରତିନିଧି ସୁବାଷ ନାଏକ, ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ, ଅଗସ୍ତି ମାଝୀ ପ୍ରମୁଖ ମଞ୍ଚାସିନ ହୋଇଥିବା ବେଳେ ଏଥିରେ ଅଞ୍ଚଳର ଶତାଧିକ ବିଜେପି କର୍ମି ଉପସ୍ଥିତ ଥିଲେ। ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସବୁ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ପାଖକୁ ପହଞ୍ଚାଇ ଯୋଜନାର କିଭଳି ଲାଭବାନ ହେବେ ସେ ନେଇ ଗାଁ ଗାଁରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବ୍ଲକ ଅଧକ୍ଷ ପ୍ରକାଶ କରିଥିଲେ। ଏଥିରେ ବୁଥ୍ ସ୍ତରରେ ସଂଗଠନ ପର୍ବ ମାଧ୍ୟମରେ ନୂଆ କାର୍ଯ୍ୟକର୍ତ୍ତା ଯୋଡ଼ି ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା ।



## ବିଜେପିର ଜନ ସମାବେଶ ସହ ମିଶ୍ରଣ ପର୍ବ ପାଳିତ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କେସିଙ୍ଗା ନଗର ଓ ବ୍ଲକ ବିଜେପି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ସ୍ଥାନୀୟ ଏନ୍ଏସି ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବିଶାଳ ଜନସମାବେଶ ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଜନସମାବେଶରେ ରାଜ୍ୟ ଗଣଶିକ୍ଷା, ଅନୁସୂଚିତ ଜାତି/ଜନଜାତି, ସଂଖ୍ୟାଲଘୁ, ଭିନ୍ନକ୍ଷମ ସଶକ୍ତିକରଣ, ପଛୁଆ ଶ୍ରେଣୀ ବିକାଶ ଓ ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଅନାମ ନାଏକ, ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲ୍ଲା ବିଜେପି ସାଧାରଣ ସଂପାଦକ ସନ୍ତୋଷ ଦାଶ, କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, କେସିଙ୍ଗା ନଗର ସଭାପତି ମଗନ ସିନ୍ଦୁର ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମାନେ ମଞ୍ଚାସୀନ ଥିଲେ। ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗ ଦେଇ ବିଜେପି ୯ ମାସ କାଳ ସରକାରରେ ରହିବା ସମୟରେ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା ସହ ବିକଶିତ ଓଡିଶା ଗଠନରେ ସରକାରଙ୍କ ଭୂମିକା ଉପରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ର ଦେବା ସହ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏହି ସଭାରେ ଅନ୍ୟତମ ଅତିଥି ଭାବେ ରାଜ୍ୟସଭା ସାଂସଦ ଶ୍ରୀ କୁମାର ଯୋଗଦେଇ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକଶିତ ଭାରତ ଉପରେ କାର୍ଯ୍ୟକର୍ତ୍ତା ସହ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ସଭାର ପ୍ରାରମ୍ଭରେ ଜିଲ୍ଲା ବିଜେପି ସଭାପତି ଶ୍ରୀ ପୋଢ଼ ନିମନ୍ତ୍ରିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନୟନ ବିଷୟରେ କହିଥିଲେ। ଏହାପରେ କଶପଡା ଓ ବାଲସି ପଞ୍ଚାୟତର ସରପଞ୍ଚଙ୍କ ସହିତ ପ୍ରାୟ ୫୦ ଜଣ ବିଜେଡି ଓ କଂଗ୍ରେସ କର୍ମି ବିଜେପିରେ ମିଶିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଜିଲ୍ଲା ସାଧାରଣ ସଂପାଦକ ଜୟଶଙ୍କର ନାଏକ ମଞ୍ଚ ପରିଚାଳନା କରିଥିଲା ବେଳେ ଶେଷରେ ସାଧାରଣ ସଂପାଦକ ଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




## ରାଜସ୍ୱ ଗ୍ରାମ ମାନ୍ୟତାକୁ ନେଇ ଦୁଇ ଗାଁ ମଧ୍ୟରେ ତିକ୍ତତା

ନର୍ଲା, (ଭାସ୍କର ନ୍ୟୁଜ୍ ) : ସୂଚନା ଅନୁସାରେ ନର୍ଲା ବ୍ଲକ୍ ଅନ୍ତର୍ଗତ ବାଲସିଙ୍ଗା ପଞ୍ଚାୟତ ଅଧୀନରେ ରହିଛି ସାଲେପଡ଼ା ଗାଁ ଓ ବାଲସୀଙ୍ଗା ଗାଁ। ବାଲସିଙ୍ଗା ଗାଁ ପୂର୍ବରୁ ରାଜସ୍ୱ ଗାଁର ମାନ୍ୟତା ପାଇ ଥିବା ବେଳେ ସାଲେପଡା ଗାଁକୁ ଆଜି ଯାଏ ରାଜସ୍ୱ ଗାଁର ମାନ୍ୟତା ମିଳିନାହିଁ। କାରଣ ତାଙ୍କ ପାଖରେ ରାଜସ୍ୱ ଗାଁ ହେବା ପାଇଁ ଆବଶ୍ୟକୀୟ ଜମି ନାହିଁ, ଫଳରେ ବାଲସିଙ୍ଗା ଗାଁ ଲୋକଙ୍କ ଜମିକୁ ମିସାଇ ରାଜସ୍ୱ ଗାଁର ମାନ୍ୟତା ପାଇବାକୁ ଚେଷ୍ଟା କରୁଥିବା ଅଭିଯୋଗ କରୁଛନ୍ତି ବାଲସିଙ୍ଗା ଗ୍ରାମବାସୀ। ଉକ୍ତ ସମସ୍ୟାର ସମାଧାନ ପାଇଁ ନର୍ଲା ତହସିଲ୍ କାର୍ଯ୍ୟାଳୟରୁ ଦୁଇ ଗାଁ ଲୋକଙ୍କୁ ଡାକରା ହୋଇଥିଲା। ଉଭୟ ପକ୍ଷକୁ ନେଇ ବ୍ଲକ୍ ସମ୍ମେଳନ କକ୍ଷରେ ଏକ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ କୌଣସି ନିଷ୍କର୍ଷ ନ ବାହାରିବାରୁ ନର୍ଲା ତହସିଲ୍ ଦାର୍ ଉପରିସ୍ଥ ଅଧିକାରୀଙ୍କୁ ଜଣେଇବାକୁ ନିଷ୍ପତି ନେଇଥିବା ବେଳେ, ସେପଟେ ବାଲସିଙ୍ଗା ଗ୍ରାମବାସୀ ନିଜର ଜମିକୁ ସାଲେପଡ଼ାକୁ ଦେବୁନାହିଁ ବୋଲି ଜିଦ୍ ଧରି ବସିଛନ୍ତି। ତେବେ ସାଲେପଡ଼ା ଗ୍ରାମବାସୀଙ୍କ ରାଜସ୍ୱ ଗ୍ରାମ ମାନ୍ୟତାର ସ୍ୱପ୍ନ କେବେ ପୂରଣ ହେବ ତାହା ଆଗାମୀ ସମୟ କହିବ ।

# ମୃଦଙ୍ଗ ବାଦକ ଓ ମହିଳା କୀର୍ତ୍ତନ ଗାୟିକା ହେଲେ ପୁରସ୍କୃତ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ଗୁରୁବାର ଦିନ ଆମ ମହାନ ସଂସ୍କୃତି ଓ ପରମ୍ପରାର ଉତ୍ସବ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ, ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଜବାହର ଉଚ୍ଚ ବିଦ୍ୟାପୀଠ ବାଲସି ଠାରେ ପାଳିତ ହୋଇଯାଇଛି। ଏହି ସଭାରେ ପ୍ରଧାନ ଶିକ୍ଷକ ଅଭୟ କୁମାର ଦେବତା ସଭାପତିତ୍ୱ କରିଥିଲେ। ଉକ୍ତ ସଭାର ମୁଖ୍ୟ ଅତିଥୀ ଭାବରେ ଷ୍ଟେଟ ଆରପି ଶୁଭମ କୁମାର ଦାଶ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଗଜିନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ବାଲସି ଗ୍ରାମର ଦୁଇଜଣ କଳାକାର ଭାବରେ ମୃଦଙ୍ଗ ବାଦକ ଦୁରାନ୍ତ ଛତ୍ର ଓ ମହିଳା କୀର୍ତ୍ତନ ଗାୟିକା ରିଙ୍କି ସାହୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ହେମନ୍ତ ପଳେଇ ଓ ଶିକ୍ଷୟିତ୍ରୀ ସେଲିନ ମିଶ୍ର ସହଯୋଗ କରିଥିଲେ। ଶେଷରେ କ୍ରୀଡା ଶିକ୍ଷକ କୈବଲ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ହିନ୍ଦୀ ଶିକ୍ଷକ ଜୟଚନ୍ଦ୍ର ଭୋଇ ମଞ୍ଚ ପାରିଚାଳନା କରିଥିଲେ।



## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଥମ ଓଡ଼ିଆ ପକ୍ଷ - ୨୦୨୫ ଅବସରରେ ଯୁବ ଲେଖକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ ଶ୍ରୀ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଆନନ୍ଦ କୁମାର ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ, କେସିଙ୍ଗା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାର ଦିଗରେ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଆମେ ବଦ୍ଧପରିକର ହେବାର ଆବଶ୍ୟକତା ରହିଛି ବୋଲି ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ସଭାପତି ଶ୍ରୀ ଶିବ ପ୍ରସାଦ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ଏହି ଅବସରରେ ଶ୍ରୀ ରଞ୍ଜନ କୁମାର ପଣ୍ଡା, ଶ୍ରୀମତୀ ସଞ୍ଜୁକ୍ତା ପାଢୀ, ରୁବି ଚୌଧୁରୀ, ନବୀନ କୁମାର ନାଏକ, ଯାଦବେନ୍ଦ୍ର ସାହା , ଶ୍ରୀମତୀ କଳ୍ପନା ମାଝୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଜି.କ୍ରିଷ୍ଣା ରେଡ୍ଡୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ସାମ୍ବାଦିକଙ୍କ ପରଲୋକ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଆଉ ନାହାନ୍ତି ସାମ୍ବାଦିକ ରମେଶ ବେହେରା। ଗୁରୁବାର ଦିନ ୪୦ବର୍ଷୀୟ ରମେଶଙ୍କ ମୃତ୍ୟୁ ଘଟିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ତୁରନ୍ତ ସେଠାରୁ କଟକ ବଡ଼ ଡ଼ାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ନିର୍ଭିକ, ନିରପେକ୍ଷ ସାମ୍ବାଦିକ ରହିଥିବା ବେଳେ ଜଣେ ସମାଜ ସେବୀ ଓ ରାଜନୀତିଜ୍ଞ ଭାବେ ବେଶ ଜଣାଶୁଣା। ବର୍ତ୍ତମାନ ବିଜେପିର ଜଣେ ସକ୍ରିୟ କର୍ମୀ ଭାବେ ଅନେକ କାମ କରିଛନ୍ତି। ତାଙ୍କର ମୃତ୍ୟୁ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି। ଖବର ପ୍ରଘଟ ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ଛାଇ ଯାଇଛି। ତାଙ୍କ ମୃତ୍ୟୁରେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ଗଠନ କରିବା ଓ ଦୀର୍ଘଦିନ ଧରି ସଭାପତିତ୍ୱ ଦାୟିତ୍ୱରେ ରହି ଅନେକ କାର୍ଯ୍ୟକ୍ରମ କରି ସଂଘକୁ ଏକଜୁଟ କରିବାରେ ସଫଳ ହୋଇଥିଲେ। ତାଙ୍କ ପର ଲୋକରେ ସଂଘର ଅପୂରଣୀୟ କ୍ଷତି ହୋଇଥିବା ସାମ୍ବାଦିକ ତୁଳସୀ ଛତରିଆ, ନିକୁଞ୍ଜ ଚଳାନ, ରବି ଚଳାନ ପ୍ରମୁଖ କହିବା ସମେତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ନିଜ ଗାଁ ମଶାଣିରେ ଶେଷ କୃତ ସମ୍ପନ୍ନ ହୋଇଛି।

## ଗିରି ଗୋବର୍ଦ୍ଧନ ଜଙ୍ଗଲରେ ନିଆଁ




କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ଗ୍ରାମକୁ ଲାଗି ରହିଥିବା ଗିରି ଗୋବର୍ଦ୍ଧନ ଜଙ୍ଗଲରେ ଗୁରୁବାର କୌଣସି କାରଣରୁ ହଠାତ ନିଆଁ ଲାଗି ଚାରିଆଡ଼େ ବ୍ୟାପି ଯାଇଥିଲା। ଏହାଦେଖି ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ଆମପାଣି ଫରେଷ୍ଟ ସମେତ କୋକସରା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ବ୍ଲକ ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀ ଦିଗାମ୍ବର ଶବର, ହେମନ୍ତ ନାଏକ, ବାସୁଦେବ ଭୋଇ ପ୍ରମୁଖ ପହଞ୍ଚି ଜଙ୍ଗଲରେ ଲାଗିଥିବା ନିଆଁକୁ ସ୍ଥାନୀୟ ଯୁବକ ସଂଘ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଆୟତ୍ତ କରିଥିଲେ। ତେବେ କେତେ ଗଛ ନଷ୍ଟ ହୋଇଛି ତାହା ଜଣାପଡିନାହିଁ। ଅନ୍ୟପଟେ ଜଙ୍ଗଲ ତଳେ ଥିବା ଚାଷଜମିରେ ଧାନ ଚାଷ ମଧ୍ୟ ନଷ୍ଟ ହୋଇଥିବା ସ୍ଥାନୀୟ ଚାଷୀ ନୀଳମାଧବ ସାହୁ ଅଭିଯୋଗ କରିଛନ୍ତି। ତେବେ ଆମପାଣି ଫରେଷ୍ଟ କର୍ମଚାରୀଙ୍କୁ ଖବର ଦିଆଯାଇଥିଲେ ସୁଦ୍ଧା ବିଳମ୍ବରେ ପହଞ୍ଚିବାରୁ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଡୋକରୀ ଚଞ୍ଚରାରେ ଶ୍ରୀରାମ ନବମୀ ଉତ୍ସବ

# ଆକର୍ଷିତ କରୁଛି ଜଳପ୍ରପାତ, ଜମୁଛି ଲୋକଙ୍କ ଭିଡ଼

କୋକସରା, (ଭାସ୍କର ନ୍ୟୁଜ୍ ) : ପ୍ରକୃତି କୋଳରେ ନୈସର୍ଗିକ ଶୋଭାଶ୍ରୀ ବର୍ଦ୍ଧନ କରି ଶାନ୍ତ, କାନ୍ତ, କମନୀୟ ସମ୍ଭାର ତୋଳି ବସିଥିବା ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ଡୋକରୀ ଚଞ୍ଚରାପୀଠ ଶ୍ରୀରାମ ନବମୀ ଓ ଐତିହାସିକ ଗୁଡ଼ହାଣ୍ଡି ମହୋତ୍ସବ ପାଇଁ ଚଳଚଞ୍ଚଳ ହୋଇଉଠିଛି। ଶନିବାରଠାରୁ ନବଦିନ ବ୍ୟାପି ଚାଲିଥିବା ଏହି ମହୋତ୍ସବ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିବା ସହ ଏପ୍ରିଲ ୧୨ ତାରିଖ ଦିନ ଉଦ୍ଯାପିତ ହେବ। ଏହି ମହୋତ୍ସବ ପାଇଁ ପ୍ରତିଦିନ ହଜାର ହଜାର ଲୋକଙ୍କ ସମାଗମ ହେଉଥିବା ଦେଖିବାକୁ ମିଳୁଥିବାବେଳେ ଜୟ ଶ୍ରୀରାମ ଧ୍ୱନି ଓ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳିରେ ସମଗ୍ର ଅଞ୍ଚଳ ଭାବ ଭକ୍ତିରେ ଉଛୁଳି ପଡୁଛି। ଶ୍ରୀରାମ ନବମୀ ପୂଜା, ରାମ ଚରିତ ମାନସ, ଭୈରବ ପୂଜା, ଭୈରାଘୁମର ଦର୍ଶନ, ପ୍ରାକ୍ ଐତିହାସିକ ଯୁଗର ଶିଳା ଲିପି ଦର୍ଶନ, ଗୁଡହାଣ୍ଡି ପୂଜା, ଡୋକରୀ ଦେବୀ ପୂଜା, ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ସହ ବିଭିନ୍ନ କାର୍ଯ୍ୟକ୍ରମ ମହୋତ୍ସବ ମଧ୍ୟରେ ରହିଛି। ଏହି ମହୋତ୍ସବ ଭିତରେ ଡୋକରୀଦର ଓ ଭୈରାଘୁମର ଜଳ ପ୍ରପାତ ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ମନକୁ ବେଶ୍ ଆକୃଷ୍ଟ କରିପାରିଛି। ଏହା ସହ ପାହାଡ, ମନ୍ଦିର, ଜୀବଜନ୍ତୁ, ବୃକ୍ଷଲତା, ଅମର ଲିପି, ଗୁମ୍ଫା, ଗୁଡହାଣ୍ଡିର ଶିଳା ଲିପି ଅନେକ କିର୍ତ୍ତୀ ରାଜିରେ ପୂର୍ଣ୍ଣ ଯୌବନା ହୋଇଛି ଡୋକରୀ ଚଞ୍ଚରାପୀଠ। ଏହି ସବୁ ଦୃଶ୍ୟ ଦେଖିବାକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଓ ଶ୍ରଧାଳୁ ଭକ୍ତଙ୍କ ଭିଡ଼ ଜମିବାରେ ଲାଗୁଛି। ବର୍ତ୍ତମାନ ରାଜ୍ୟରେ ଗ୍ରୀଷ୍ମପ୍ରବାହ ବର୍ଦ୍ଧି ଚାଲିଥିବାବେଳେ ତତଲା କଡ଼େଇରେ ଭାଜି ହେଲାପରି ମନେ ହେଉଛି। ତେବେ ଏଠାରେ ଥିବା ଜଳପ୍ରପାତ ଭୈରାଘୁମର ପାଖକୁ ଗଲାପରେ ପ୍ରଚଣ୍ଡ ଗ୍ରୀଷ୍ମରେ ମଧ୍ୟ ଦେହ ଶୀତେଇ ଯାଉଛି। ତେଣୁ ଏଠାରେ ଶ୍ରଦ୍ଧାଳୁଙ୍କ ସମାଗମ ମଧ୍ୟ ଅସଂଖ୍ୟ, ଏହି ଝରଣାରେ ଶହସ୍ର ଲୋକେ ଦୂରଦୂରାନ୍ତରୁ ଆସି ଗାଧୋଇବାର ବେଶ୍ ମଜା ନେଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଏହି ସ୍ଥାନରେ ୭ଦିନ ବ୍ୟାପୀ ଶ୍ରୀରାମ ନବମୀ ଓ ଐତିହାସିକ ଗୁଡହାଣ୍ଡି ମହୋତ୍ସବ ଲାଗି ରହିଥିବାରୁ ପ୍ରତ୍ୟହ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳୁଛି। ଗୁରୁବାର ସକାଳୁ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଥିବାରୁ ପ୍ରବଳ ଲୋକଙ୍କ ସମାଗମ ଦେଖିବାକୁ ମିଳିଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ମହୋତ୍ସବକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନେ ଯେମିତି ପିଇବା ପାଣି ଲାଗି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେନେଇ ସ୍ୱେଚ୍ଛାସେବୀ ସଙ୍ଗଠନ କୋକସରା ବ୍ଲକ ତରଫରୁ ଲେମ୍ବୁ ଓ ଦହି ପାଣି ବଣ୍ଟନର ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳା ନିମନ୍ତେ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି(ଇଟିଜି) ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଆସନ୍ତା ଶନିବାର ଦିନ ଏହି ମହୋତ୍ସବ ଉଦ୍ଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ରହିଛି।



## ରାଶିଫଳ

**ଶନିବାର, ୧୨ ଏପ୍ରିଲ ୨୦୨୫**



**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ଆପଣଙ୍କ ମନରେ କାର୍ଯ୍ୟର ଚାପ ସତ୍ତ୍ୱେ, ଆପଣଙ୍କର ପ୍ରିୟ ଖୁସିର ମୁହୂର୍ତ୍ତ ଆଣିଦେବେ।



**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ।



**ମିଥୁନ:** ଧର୍ଯ୍ୟବାନ ହୁଅ, କାରଣ ଆପଣଙ୍କର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ। ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ। କୌଣସି ପ୍ରକାରର ବିନିଯୋଗ କରିବା ପୂର୍ବରୁ ସେହି ବ୍ୟକ୍ତିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରନ୍ତୁ।



**କର୍କଟ:** ଆପଣ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତାର ଅଭାବ ଆପଣଙ୍କୁ ଚାପ ଦେଇପାରେ। ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ । ତାଙ୍କୁ ଆଶ୍ଚର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ତାଙ୍କ ପାଇଁ ଏକ ସୁନ୍ଦର ଦିନରେ ପରିଣତ କରିବାକୁ ଚିନ୍ତା କରନ୍ତୁ।



**ସିଂହ:** ଘରର ପରିବେଶ ସୁଖଦ ହେବ । ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ । ଆଜି ଆପଣଙ୍କର ବ୍ୟକ୍ତିତ୍ୱର ଉନ୍ନତି ହୋଇପାରେ । ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି ।



**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ। ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ। ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ। ଆପଣ ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହୀ ହେବେ।



**ତୁଳା:** ଆଜି ଆପଣଙ୍କୁ ଆରାମ ଏବଂ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ।



**ବିଛା:** ଆଜି ଆପଣ ଚାପରୁ ମୁକ୍ତି ପାଇପାରିବେ। ଆପଣ ଆରାମ ଅନୁଭବ କରିବେ। ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ । ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ। ଘରେ ସମନ୍ୱୟ ରକ୍ଷା କରିବା ପାଇଁ ଏକାଠି କାମ କରନ୍ତୁ ।



**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ। ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ । ବୋଧହୁଏ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ । ଅନେକ ଲୋକଙ୍କ ପାଇଁ ଆଜିର ରୋମାଣ୍ଟିକ୍ ସନ୍ଧ୍ୟା ସୁନ୍ଦର ଉପହାର ଏବଂ ଫୁଲରେ ପରିପୂର୍ଣ୍ଣ ହେବ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ। କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକି ଯାଇପାରେ। ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ। ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ। ଯଦି ଆପଣ ଆଜି ପ୍ରକୃତରେ ଲାଭ ଚାହୁଁଛନ୍ତି ତେବେ ଅନ୍ୟମାନଙ୍କ ମତାମତକୁ ଭଲଭାବେ ଶୁଣନ୍ତୁ।



ଜ୍ୟୋତିର୍ବିତ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯